ISSN-0971-8397

# ଯୋଜନା

ଜୁଲାଇ ୨୦୧୯ | ବିକାଶମୂଳକ ମାସିକ ପତ୍ରିକା | ୨୨ ଟଙ୍କା

## ନାଗରିକ-କୈନ୍ଦ୍ରିକ ଇ-ସେବା

**ଇ-ସେବା ମାଧ୍ୟମରେ ନାଗରିକଙ୍କ ସଶକ୍ତିକରଣ**
ରବିଶଙ୍କର ପ୍ରସାଦ

**ଜିଆଇଏସ୍ ଦକ୍ଷ ନାଗରିକ ସେବା**
ବିନୟ ଠାକୁର

**ନଗଦ କାରବାରକୁ ବାସ୍ତବତାର ରୂପ ଦେବାର ଲକ୍ଷ୍ୟ**
ନରେନ୍ଦ୍ର ଯାଦବ

**ବିଶେଷ ପ୍ରସଙ୍ଗ**

**ଭାରତରେ ମେଟ୍ରୋ ରେଲ୍‌ର ବିକାଶ**
ଦୁର୍ଗାଶଙ୍କର ମିଶ୍ର

**ଫୋକସ୍**

**ଶାସନ ମୂଳରେ ଡିଜିଟାଲ ଭିତ୍ତିଭୂମି**
ନୀତା ବର୍ମା



# ନୀତି ଆୟୋଗରେ ପ୍ରଧାନମନ୍ତ୍ରୀଙ୍କ ସମ୍ବୋଧନ



> ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ ମନ୍ତ୍ର ପୂରଣ କରିବାରେ ନୀତି ଆୟୋଗର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ: ପ୍ରଧାନମନ୍ତ୍ରୀ

> ରାଜ୍ୟଗୁଡ଼ିକର ସହଯୋଗରେ ୨୦୨୪ ସୁଦ୍ଧା ଭାରତକୁ ୫ ଟ୍ରିଲିଅନ୍ ଡଲାର ଅର୍ଥନୀତି ଭାବେ ଗଢ଼ିବାର ଲକ୍ଷ୍ୟ ଏକ ଆହ୍ୱାନ ହୋଇଥିଲେ ମଧ୍ୟ ହାସଲ କରାଯାଇପାରିବ: ପ୍ରଧାନମନ୍ତ୍ରୀ

> ଆୟ ଓ ନିଯୁକ୍ତି ବୃଦ୍ଧି ପାଇଁ ରାଜ୍ୟଗୁଡ଼ିକ ରପ୍ତାନି ବୃଦ୍ଧି ଉପରେ ଧ୍ୟାନ ଦେବା ଉଚିତ୍: ପ୍ରଧାନମନ୍ତ୍ରୀ

> ନୂତନ ଭାବେ ଗଠିତ ଜଳଶକ୍ତି ମନ୍ତ୍ରଣାଳୟ ଜଳକୁ ନେଇ ଏକ ସାମଗ୍ରିକ ଦୃଷ୍ଟିଭଙ୍ଗୀ ସୃଷ୍ଟି କରିବାରେ ସହାୟକ ହେବ, ଜଳ ସଂରକ୍ଷଣ ଓ ପରିଚାଳନା ପାଇଁ ରାଜ୍ୟଗୁଡ଼ିକ ମଧ୍ୟ ସେମାନେ ନେଉଥିବା ପଦକ୍ଷେପଗୁଡ଼ିକୁ ସମାହିତ କରିପାରିବେ: ପ୍ରଧାନମନ୍ତ୍ରୀ

> କାର୍ଯ୍ୟଦକ୍ଷତା, ସ୍ୱଚ୍ଛତା ଓ ସେବା ଯୋଗାଣ ଆଧାରିତ ଏକ ଶାସନ ବ୍ୟବସ୍ଥା ଆଡ଼କୁ ଆମେ ବର୍ତ୍ତମାନ ଅଗ୍ରସର ହେଉଛୁ: ପ୍ରଧାନମନ୍ତ୍ରୀ

ଗତ ଜୁନ୍ ୧୫ ତାରିଖରେ ନୀତି ଆୟୋଗର ପଞ୍ଚମ  ପରିଚାଳନା ବୈଠକ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ରାଷ୍ଟ୍ରପତି ଭବନ ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜମ୍ମୁ-କାଶ୍ମୀରର ରାଜ୍ୟପାଳ, ୨୬ ଜଣ ମୁଖ୍ୟମନ୍ତ୍ରୀ, ଆଣ୍ଡାମାନ ଓ ନିକୋବର ଦ୍ୱୀପ ସମୂହର ଉପରାଜ୍ୟପାଳଙ୍କ ସମେତ ଆମନ୍ତ୍ରିତ ଅତିଥି ଭାବେ କେନ୍ଦ୍ରମନ୍ତ୍ରୀମାନେ ମଧ୍ୟ ଯୋଗ ଦେଇଥିଲେ। ନୀତି ଆୟୋଗର ଉପାଧ୍ୟକ୍ଷ, ସଦସ୍ୟବୃନ୍ଦ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଯୋଗ ଦେଇଥିଲେ।

ପ୍ରଧାନମନ୍ତ୍ରୀ କହିଥିଲେ ଯେ ଏହା ହେଉଛି ଟିମ୍ ଇଣ୍ଡିଆର ବୈଠକ ଏବଂ ରାଜ୍ୟମାନେ ନିଜ ନିଜର ବାସ୍ତବିକ ଦକ୍ଷତାକୁ ଚିହ୍ନଟ କରି ସକଳ ଘରୋଇ ଉତ୍ପାଦନ ଲକ୍ଷ୍ୟ ହାସଲ ପାଇଁ ଜିଲ୍ଲା ସ୍ତରରୁ କାର୍ଯ୍ୟ କରିବା ଆବଶ୍ୟକ।

ଜୁଲାଇ ୨୦୧୯

# ଯୋଜନା

ଯୁଗ୍ମନିର୍ଦ୍ଦେଶକ (ଉତ୍ପାଦନ): ଭି. କେ. ମିନା
ପ୍ରଚ୍ଛଦପଟ୍ଟ: ଗଜାନନ ପ୍ର. ଧୋପେ

ମୁଖ୍ୟ ସଂପାଦକ ଓ ନିର୍ଦ୍ଦେଶକ: ଶମୀମା ସିଦ୍ଦିକୀ
ସଂପାଦକ ଓ ଉପନିର୍ଦ୍ଦେଶକ: ଡକ୍ଟର ଗିରିଶ ଚନ୍ଦ୍ର ଦାଶ

ଷଡ଼ବିଂଶ ବର୍ଷ / ଦଶମ ସଂଖ୍ୟା

## ଏ ସଂଖ୍ୟାରେ...

| ବିଷୟ/ଲେଖକ | ପୃଷ୍ଠା |
|---|---|
| ସମ୍ପାଦକୀୟ | ୪ |
| ଇ-ସେବା ମାଧ୍ୟମରେ ନାଗରିକଙ୍କ ସଶକ୍ତିକରଣ<br>*ରବିଶଙ୍କର ପ୍ରସାଦ* | ୫ |
| ଜିଆଇଏସ୍ ଦକ୍ଷ ନାଗରିକ ସେବା<br>*ବିନୟ ଠାକୁର* | ୧୧ |
| ଡିଜିଟାଲ ପେମେଣ୍ଟସ୍ : ଭାରତରେ ସ୍ୱଳ୍ପ ନଗଦ କାରବାରକୁ ବାସ୍ତବତାର ରୂପ ଦେବାର ଲକ୍ଷ୍ୟ<br>*ନରେନ୍ଦ୍ର ଯାଦବ* | ୧୬ |
| ବିଶେଷ ପ୍ରସଙ୍ଗ:<br>ଭାରତରେ ମେଟ୍ରୋ ରେଲ୍‌ର ବିକାଶ<br>*ଦୁର୍ଗାଶଙ୍କର ମିଶ୍ର* | ୨୦ |
| ଫୋକସ୍:<br>ଶାସନ ମୂଳରେ ଡିଜିଟାଲ ଭିତ୍ତିଭୂମି<br>*ନୀତା ବର୍ମା* | ୨୭ |
| ଡିଜିଟାଲ ଅନ୍ତ୍ୟୋଦୟ<br>(ଡିଜିଟାଲ ପ୍ଲାଟଫର୍ମ ମାଧ୍ୟମରେ ବଞ୍ଚିତବର୍ଗଙ୍କ ଉତ୍ଥାନ)<br>*ଦୀପକ ଶର୍ମା, କାମିନୀ ମଲ୍ଲିକ ଓ ଜୟବର୍ଦ୍ଧନ* | ୩୨ |
| ମୁକ୍ତ ଫିନ୍‌ଟେକ୍ ପ୍ଲାଟ୍‌ଫର୍ମ ମାଧ୍ୟମରେ ନାଗରିକ ସେବାର ପୁନଃ ପରିକଳ୍ପନା<br>*ଚୌଧୁରୀ ଅଭିନବ ଗୁପ୍ତା* | ୩୬ |
| ଦୂର ଓ ମୁକ୍ତ ଶିକ୍ଷା ବ୍ୟବସ୍ଥାରେ ସୂଚନା ପ୍ରଯୁକ୍ତି<br>*ପ୍ରଦୀପ କୁମାର ଦାସ, ବସନ୍ତ କୁମାର ଦାସ* | ୪୦ |
| କୃଷି କ୍ଷେତ୍ରରେ ସୂଚନା ପ୍ରଯୁକ୍ତି ବିଦ୍ୟା ଉପଯୋଗ<br>*ନଟବର ଖୁଣ୍ଟିଆ* | ୪୩ |
| ଆପଣ ଜାଣନ୍ତି କି ? | ୪୮ |
| ସାମ୍ପ୍ରତୀକି | ୫୧ |

*Editor*
**YOJANA (ODIA)**
C/O : Public Relations Officer
CRPF, New Delhi

Website : www.publicationsdivision.nic.in
Email : odiayojana@gmail.com
Subscription & Business Queries :
pdjucir@gmail.com
Ph. : 011-26100207

ଯୋଜନାରେ ପ୍ରକାଶିତ ପ୍ରବନ୍ଧରେ ବ୍ୟକ୍ତ ବିଚାର ଲେଖକଙ୍କ ନିଜସ୍ୱ ଅଟେ । 'ଯୋଜନା' ହେଉଛି ପରିକଳ୍ପନା ଓ ଉନ୍ନୟନର ମାସିକ ମୁଖପତ୍ର । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ହେଉଥିଲେ ମଧ୍ୟ ଏହାର ପରିସର କେବଳ ସରକାରୀ ଦୃଷ୍ଟିକୋଣ ପ୍ରକାଶନରେ ସୀମାବଦ୍ଧ ନୁହେଁ ।

## ସମ୍ପାଦକୀୟ...

# ପରିବର୍ତ୍ତିତ ସେବା ଯୋଗାଣ ବ୍ୟବସ୍ଥା




ଭାରତୀୟ ଇତିହାସରେ ଏମିତି ଅନେକ ସରକାରଙ୍କ ଉଦାହରଣ ଅଛି ଯେଉଁମାନେ ନାଗରିକ ସେବା ପ୍ରଦାନକୁ ନେଇ ନିଜ କର୍ତ୍ତବ୍ୟ ସମ୍ପର୍କରେ ଅତ୍ୟନ୍ତ ସଚେତନ ଥିଲେ। ସେମାନେ ବିଭିନ୍ନ ଆଇନ୍ ଓ ଯୋଜନା ବଳରେ ସୁଶାସନ ପ୍ରତିଷ୍ଠା ପାଇଁ ଲଗାତାର ଉଦ୍ୟମ କରୁଥିଲେ। ତେବେ ସେହି ବ୍ୟବସ୍ଥାଗୁଡ଼ିକ ମୋଟାମୋଟି ଭାବେ ନଥିପତ୍ର ଓ ଦସ୍ତାବିଜ୍ ଉପରେ ପର୍ଯ୍ୟବସିତ ଥିଲା। ତେବେ ବର୍ତ୍ତମାନ ନାଗରିକ କୈନ୍ଦ୍ରିକ ଇ-ସେବା ବ୍ୟବସ୍ଥା ଅଗ୍ରାଧିକାର ପାଇଛି।

ନାଗରିକ କୈନ୍ଦ୍ରିକ ଇ-ସେବାର ଲକ୍ଷ୍ୟ ହେଉଛି ସମାଜକୁ ସଶକ୍ତ କରିବା ଓ ଅର୍ଥନୀତିରେ ପରିବର୍ତ୍ତନ ଆଣିବା। ଅଳ୍ପ ନଗଦ ବ୍ୟବହାର ପୂର୍ବକ ୟୁପିଆଇ, ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ୍, ସିଧାସଳଖ ଲାଭ ହସ୍ତାନ୍ତରଣ, ଡିଜିଟାଲ୍ ବ୍ୟବସ୍ଥା, ଆଧାର ଆଦି ସୁବିଧା ଉପଯୋଗ କରି ଆର୍ଥିକ ଅନ୍ତର୍ଭୁକ୍ତୀକରଣ ମାଧ୍ୟମରେ ନାଗରିକମାନେ କିଭଳି ବିନା ବିଳମ୍ବରେ ଅର୍ଥନୀତିରେ ନିଜର ଯୋଗଦାନକୁ ସୁନିଶ୍ଚିତ କରିପାରିବେ ତାହା ହିଁ ହେଉଛି ଇ-ସେବାର ଉଦ୍ଦେଶ୍ୟ। ବାସ୍ତବ ପକ୍ଷେ କାଗଜ, ଉପସ୍ଥିତି ଓ ନଗଦ ରହିତ ନୀତି ଆପଣେଇଥିବା ସରକାର ୟୁପିଆଇ, ଆଧାର ଓ ଭିମ୍ ଆଦି ମାଧ୍ୟମରେ ଦେଶର ଅର୍ଥନୀତିରେ ପରିବର୍ତ୍ତନ ଆଣିପାରିଛନ୍ତି। ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ଡିଜିଟାଲ୍ ବ୍ୟାଙ୍କିଙ୍ଗ୍‌ର ଦ୍ରୁତ ପ୍ରସାର ହୋଇଛି।

ଏହିଭଳି ନାଗରିକ କୈନ୍ଦ୍ରିକ ତଥା ପରିବର୍ତ୍ତନର ବାହକ କେତେକ ଡିଜିଟାଲ୍ ପ୍ଲାଟ୍‌ଫର୍ମ ହେଉଛି ଭିମ୍-ୟୁପିଆଇ, ଇ-ଏନ୍ଏଏମ୍, ଜିଏସ୍‌ଟିଏନ୍, ଡିଜି ଲକର୍, ଜିଇଏମ୍, ଇ-ହସ୍ପିଟାଲ୍, ମାଇଁ ଗଭ୍, ଉମଙ୍ଗ୍, ସ୍ୱୟଂ, ଜୀବନପ୍ରମାଣ ଓ ଏମ୍ଏସ୍‌ପି ଆଦି ବ୍ୟବସ୍ଥା। ଏସବୁର ମୂଳରେ ରହିଛି ସୂଚନା ଓ ପ୍ରଯୁକ୍ତିବିଦ୍ୟା ଯାହା ମାଧ୍ୟମରେ ଅର୍ଥନୀତି ଓ ନାଗରିକ ସେବା ଯୋଗାଣରେ ବ୍ୟାପକ ପରିବର୍ତ୍ତନ ଅଣାଯାଇ ପାରିଛି। ମୋବାଇଲ୍ ନେଟ୍‌ୱର୍କ, ଇଣ୍ଟରନେଟ୍ ଓ ବିଜୁଳି ଆଦିର ସମ୍ପ୍ରସାରଣ ଫଳରେ ଦୂରବର୍ତ୍ତୀ ଅଞ୍ଚଳର ଅବହେଳିତ ବର୍ଗ ମଧ୍ୟ ମୁଖ୍ୟସ୍ରୋତରେ ସାମିଲ୍ ହୋଇପାରିଛନ୍ତି। ଏହିଭଳି ଡିଜିଟାଲ୍ ବ୍ୟବସ୍ଥା ଯୋଗୁଁ ଭିନ୍ନକ୍ଷମମାନେ ମଧ୍ୟ ଯାତାୟାତଜନିତ ପ୍ରତିବନ୍ଧକ ସତ୍ତ୍ୱେ ସେମାନଙ୍କ ଆବଶ୍ୟକତା ଅନୁଯାୟୀ ବିଭିନ୍ନ ସେବା ଓ ସାମଗ୍ରୀ ପାଇପାରୁଛନ୍ତି।

ଶିକ୍ଷା କ୍ଷେତ୍ରରେ ମଧ୍ୟ ପ୍ରଯୁକ୍ତି ବିଦ୍ୟା ମାଧ୍ୟମରେ ଶ୍ରେଣୀକକ୍ଷଗୁଡ଼ିକ ଆଉ ଏକ ଘରକିଆ ହୋଇ ନରହି ସହଯୋଗୀ ସଂଚାର ବ୍ୟବସ୍ଥାକୁ ଆପଣେଇଛନ୍ତି। ଡିଜିଟାଲ୍ ଜ୍ଞାନ ବିତରଣ ଯୋଗୁଁ ବିଦ୍ୟାର୍ଥୀଙ୍କ ଭିତରେ ସୂକ୍ଷ୍ମ ଅନୁଶୀଳନ ଶକ୍ତି ବୃଦ୍ଧିପାଇଛି। ଏଥିରେ ଭୌଗୋଳିକ ସୀମା ବାଧକ ସାଜି ପାରିନାହିଁ। ସେହିଭଳି ଏହି ପ୍ରଯୁକ୍ତିବିଦ୍ୟାର ଉପଯୋଗ ମାଧ୍ୟମରେ କୃଷି କ୍ଷେତ୍ରରେ ମଧ୍ୟ ବ୍ୟାପକ ପରିବର୍ତ୍ତନ ପାଇଁ ପ୍ରୟାସ କରାଯାଉଛି। ଏହାଦ୍ୱାରା ଧାରଣକ୍ଷମ ଉତ୍ପାଦନ ଦକ୍ଷତା ହାସଲ ପାଇଁ ଲକ୍ଷ୍ୟ ରହିଛି। ଅନ୍ୟପକ୍ଷରେ ନାଗରିକଙ୍କୁ ସ୍ୱଚ୍ଛ ଓ ଦକ୍ଷ ସେବା ପ୍ରଦାନ ସୁନିଶ୍ଚିତ କରିବା ସକାଶେ ଭୌଗୋଳିକ ସୂଚନା ବ୍ୟବସ୍ଥା ବା ଜିଓଗ୍ରାଫିକ୍ ଇନ୍‌ଫର୍ମେସନ୍ ସିଷ୍ଟମ ମଧ୍ୟ ରହିଛି।

ନାଗରିକ କୈନ୍ଦ୍ରିକ ସେବା ବ୍ୟବସ୍ଥାରେ ଗୁଣବତ୍ତା, ଦକ୍ଷତା, ଉପଲବ୍ଧତା, ଯୋଗାଣ ଓ ଯୋଗାଯୋଗ ଆଦି ଉପରେ ଗୁରୁତ୍ୱ ଦିଆଯାଇଥାଏ। ସାମଗ୍ରୀ ଓ ସେବା ପ୍ରଦାନ ବ୍ୟବସ୍ଥାରେ ପ୍ରଯୁକ୍ତିବିଦ୍ୟାର ଏକ ବିଶେଷ ଭୂମିକା ରହିଛି। ଡିଜିଟାଲ୍ ଇଣ୍ଡିଆ କାର୍ଯ୍ୟକ୍ରମ ମାଧ୍ୟମରେ ନାଗରିକ କୈନ୍ଦ୍ରିକ ସେବା ପ୍ରଦାନ ଉପରେ ଗୁରୁତ୍ୱ ଦେଇ ସରକାର ଯେ କେବଳ ସେବା ପ୍ରଦାନ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିପାରିଛନ୍ତି ତା' ନୁହଁ ବରଂ ସରକାର ଓ ନାଗରିକଙ୍କ ମଧ୍ୟରେ ଏକ ସୁଦୃଢ଼ ସେତୁ ମଧ୍ୟ ସ୍ଥାପିତ କରିପାରିଛନ୍ତି।

# ଇ-ସେବା ମାଧ୍ୟମରେ ନାଗରିକଙ୍କ ସଶକ୍ତିକରଣ

ରବିଶଙ୍କର ପ୍ରସାଦ

୨୦୧୫ରେ ଆରମ୍ଭ ହୋଇଥିବା ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମ ପ୍ରଧାନମନ୍ତ୍ରୀଙ୍କ ପ୍ରଗତିବାଦୀ ଡିଜିଟାଲ ଲକ୍ଷ୍ୟ ସମୂହକୁ ପୂରଣ କରିବାରେ ଆଗେଇ ଚାଲିଛି। ସବୁ ଲୋକଙ୍କୁ ଡିଜିଟାଲ ଆକ୍‌ସେସ୍ ମିଳିବା, ସମସ୍ତଙ୍କୁ ଏହାର ଅନ୍ତର୍ଭୁକ୍ତ କରିବା, ଗ୍ରାମ ଓ ସହରାଞ୍ଚଳ ମଧ୍ୟରେ ଡିଜିଟାଲ ବ୍ୟବଧାନର ଦୂରୀକରଣ, ସମସ୍ତେ ଡିଜିଟାଲ ଦୃଷ୍ଟିରୁ ସଶକ୍ତ ହେବା, ଭାରତକୁ ଏକ ଜ୍ଞାନଭିତ୍ତିକ ସମାଜରେ ପରିଣତ କରି ଦେଶରେ ଡିଜିଟାଲ ଅର୍ଥନୀତି ପ୍ରବର୍ତ୍ତନ କରିବା ଆଦି ପ୍ରଧାନମନ୍ତ୍ରୀଙ୍କ ଲକ୍ଷ୍ୟ। ଅତଏବ ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମ ମାଧ୍ୟମରେ ସଶକ୍ତ ଓ ବ୍ୟାପକ ଭିତ୍ତିଭୂମି ସୃଷ୍ଟି କରାଯାଇ ସବୁ ନାଗରିକଙ୍କୁ ଏହାର ଉପଲବ୍ଧତା ଯୋଗାଇବା କାର୍ଯ୍ୟ ନିଶ୍ଚିତ ହୋଇଛି। ଏହା ଫଳରେ ସାରା ବିଶ୍ୱ ସହିତ ଭାରତ ଓ ଏହାର ନାଗରିକ ଡିଜିଟାଲ ସଂଯୋଗରେ ଯୋଡ଼ି ହେବାକୁ ଆରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମ ଯେଉଁ ଟେକ୍‌ନୋଲୋଜି ବ୍ୟବହାର କରୁଛି ତାହା ପରିବର୍ତ୍ତନକାରୀ, ସୁଲଭ ଓ ଧାରଣୀୟ। ଫଳରେ ଏହା ଲୋକାଦୃତ ହେଉଛି। ସ୍ୱଳ୍ପ ସମୟ ମଧ୍ୟରେ ଲୋକଙ୍କୁ ଉତ୍ତମଶାସନ ଓ ସେବା ସୁଚାରୁ ରୂପେ ଯୋଗାଇ ଦେବାକୁ ସରକାର ଅଙ୍ଗୀକାରବଦ୍ଧ। ଉତ୍ତମ ଓ ଦକ୍ଷ ଡିଜିଟାଲ ଭିତ୍ତିଭୂମି ପ୍ରସ୍ତୁତ କରିବା ପରେ ଭାରତ ଏ କ୍ଷେତ୍ରରେ ନାନାଦି ଡିଜିଟାଲ ସେବା ଯୋଗାଉଛି ଏବଂ ପରବର୍ତ୍ତୀ ପର୍ଯ୍ୟାୟ ବିକାଶ ଓ ଅଭିବୃଦ୍ଧି ପାଇଁ ପ୍ରସ୍ତୁତ ହେଉଛି। ଏହି ପର୍ଯ୍ୟାୟରେ ରହିଛି ବିପୁଳ ଆର୍ଥିକ ସୁବିଧାସୁଯୋଗ ଓ ଉଚ୍ଚମାନ ସୃଷ୍ଟି କରିବା ଏବଂ ନାଗରିକଙ୍କୁ ବିଭିନ୍ନ କ୍ଷେତ୍ରରେ ଗୋଟିଏ ପରେ ଗୋଟିଏ ନୂତନ ଡିଜିଟାଲ ଆପ୍ଲିକେଶନର ସୁବିଧାସୁଯୋଗ ଦେଇ ସେମାନଙ୍କୁ ସଶକ୍ତ କରିବା।




ବିଶ୍ୱର ଯେଉଁ କେତେକ ରାଷ୍ଟ୍ର ଦ୍ରୁତତମ ଡିଜିଟାଲ ନୀତି ଅବଲମ୍ବନ କରିଛନ୍ତି ସେଥିମଧ୍ୟରୁ ଭାରତ ଅନ୍ୟତମ। ସରକାରୀ ପ୍ରୟାସ, ବ୍ୟାବସାୟିକ ଅଭିନବତା, ନୂଆ ଡିଜିଟାଲ ଟେକ୍‌ନୋଲୋଜି ଓ ଆପ୍ଲିକେଶନ ତଥା ପୁଞ୍ଜିନିବେଶ ଆଦିର ସମାହାରରେ ଏହା ସମ୍ଭବ ହୋଇଛି। ନୂଆ ଡିଜିଟାଲ ଟେକ୍‌ନୋଲୋଜି ଓ ଆପ୍ଲିକେଶନର ସୁଫଳ ନାଗରିକ, ସମାଜ ତଥା ରାଷ୍ଟ୍ର ଜୀବନରେ ପ୍ରତିଫଳିତ ହେବାକୁ ଲାଗିଛି। ଭାରତ ଭଳି ଏକ ଦେଶର ସମାବେଶୀ ବିକାଶ କ୍ଷେତ୍ରରେ ଡିଜିଟାଲ ଟେକ୍‌ନୋଲୋଜିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଭାରତ ତାହାର ବିପୁଳ ଜନସଂଖ୍ୟାର ସଦୁପଯୋଗ କରିବାର ଶୀର୍ଷ ସୀମାରେ ରହିଛି। ଆମ ସରକାର ଉତ୍ତମ ଶାସନ ଓ ସେବା ଡିଜିଟାଲ ବ୍ୟବସ୍ଥାରେ ଲୋକଙ୍କୁ ଭଲଭାବରେ ଶସ୍ତାରେ ସ୍ୱଳ୍ପ ସମୟ ମଧ୍ୟରେ ଯୋଗାଇ ଦେବାକୁ ଅଙ୍ଗୀକୃତ। ଏହା କେବଳ ଅଭିନବତା ଓ ଟେକ୍‌ନୋଲୋଜି ଦ୍ୱାରା ହିଁ ସମ୍ଭବ।

ବର୍ତ୍ତମାନ ଭାରତର ଡିଜିଟାଲ ପରିବର୍ତ୍ତନ ପ୍ରକ୍ରିୟା ଏକ ଉଦାହରଣୀୟ ଅଭିବୃଦ୍ଧି ସ୍ଥିତିରେ ପହଞ୍ଚିଛି। ଏହାକୁ ପୁଞ୍ଜି କରି ଭାରତ ୨୦୨୫ ସୁଦ୍ଧା ପାଞ୍ଚ ଟ୍ରିଲିୟନ ଡଲାର ବିଶିଷ୍ଟ ଅର୍ଥନୀତିରେ ପରିଣତ ହେବାକୁ ଲକ୍ଷ୍ୟ ରଖିଛି। ଏହି ସାମର୍ଥ୍ୟକୁ ଉପଯୋଗ କରି ଇପ୍‌ସିତ ଲକ୍ଷ୍ୟ ହାସଲ କରିବା ପାଇଁ ଭାରତ ସରକାର ବିଭିନ୍ନ କୌଶଳାତ୍ମକ ପଦକ୍ଷେପ ଗ୍ରହଣ କରୁଛନ୍ତି। ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଲା ଟେକ୍‌ନୋଲୋଜିକୁ ପରିବର୍ତ୍ତନର ମୁଖ୍ୟ ମାଧ୍ୟମ କରିବା ଏବଂ ନୂଆ ନୂଆ ଟେକ୍‌ନୋଲୋଜିକୁ ପ୍ରୟୋଗ କରିବା।

ଗତ ପାଞ୍ଚବର୍ଷ ମଧ୍ୟରେ ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମକୁ ସମର୍ପିତ ଭାବେ କାର୍ଯ୍ୟକାରୀ




କରାଯାଉଛି । ସେଥିରେ ଡିଜିଟାଲ ଟୁଲସ୍ ଓ ଟେକ୍‌ନିକ୍‌ର ବ୍ୟବହାରକୁ ଗୁରୁତ୍ୱ ଦିଆଯାଉଛି । ଏହା ମାଧ୍ୟମରେ କାଗଜବିହୀନ (ପେପରଲେସ୍) ଉପସ୍ଥିତି ବିହୀନ (ପ୍ରେଜେନ୍ସ ଲେସ୍) ଓ ନଗଦ ବିହୀନ (କ୍ୟାସ୍‌ଲେସ୍) ସେବା ଯୋଗାଣ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକାରୀ ହେଉଛି । ଭାରତର ଏହି ଡିଜିଟାଲ ପ୍ରୟାସରେ ଆଧାର ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଛି । ଆଧାର ଡିଜିଟାଲ ପରିଚୟକୁ ଏକ ନୂଆ ରୂପ ଦେଇଛି ଯାହା ଅଦ୍ୱିତୀୟ, ଜୀବନବ୍ୟାପୀ ଏବଂ ଅନ୍‌ଲାଇନ୍‌ରେ ପ୍ରମାଣସିଦ୍ଧ । ଆଧାର ପରିଚାଳିତ ଡିଜିଲକର କାଗଜବିହୀନ ଶାସନକୁ ବାସ୍ତବ ରୂପ ଦେଇଛି । ନାଗରିକ ଆବଶ୍ୟକ କରୁଥିବା ସରକାରୀ ନଥିପତ୍ର ଏବେ ସେମାନଙ୍କୁ ଡିଜିଟାଲ ବ୍ୟବସ୍ଥାରେ ଯୋଗାଇ ଦିଆଯାଉଛି । ଆହୁରି ମଧ୍ୟ ବିଭିନ୍ନ ସେବା ପ୍ରଦାନ ପାଇଁ ବ୍ୟକ୍ତିବିଶେଷଙ୍କୁ ସମ୍ମତିଭିତ୍ତିରେ ସେମାନଙ୍କ ବ୍ୟକ୍ତିଗତ ଡାଟା ସେୟାର କରିବାର ବ୍ୟବସ୍ଥା ରହିଛି । ଡିଜିଟାଲ ଟ୍ରାନ୍‌ଜାକ୍‌ସନର ବୈଧତା ଓ ସତ୍ୟତା ନିର୍ଦ୍ଧାରଣ କରିବା ପାଇଁ ଆଧାର ଦକ୍ଷ ଇ-ସାଇନ୍ ସୁବିଧା କରାଯାଇଛି । ଫଳରେ ଇ-ଟ୍ରାନ୍‌ଜାକ୍‌ସନରେ ଲୋକଙ୍କ ବ୍ୟକ୍ତିଗତ ଉପସ୍ଥିତି ଦରକାର ପଡୁନାହିଁ । ଆଧାର ଏନାବଲ୍ଡ ପେମେଣ୍ଟ ସିଷ୍ଟମ (ଏଇପିଏସ୍) ବ୍ୟାଙ୍କିଙ୍ଗ୍ ସେବା ଓ ଡିଜିଟାଲ ପେମେଣ୍ଟକୁ ସୁବିଧା ଯୋଗାଉଛି । ଦେଶରେ ସରକାରୀ ଯୋଜନାଗୁଡ଼ିକ ପାଇଁ ଆଧାର ସର୍ବବୃହତ୍ ଡି-ଡୁପ୍ଲିକେଶନ ବ୍ୟବସ୍ଥା । ଡି-ଡୁପ୍ଲିକେଶନ ବ୍ୟବସ୍ଥାରେ କମ୍ପ୍ୟୁଟରରେ ଡାଟା ସଂରକ୍ଷିତ କରିବାବେଳେ ନକଲ ବା ଅନାବଶ୍ୟକ ତଥ୍ୟକୁ ହଟାଇ ଦିଆଯାଏ । ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତରଣ ବ୍ୟବସ୍ଥା (ଡିବିଟି)କୁ ଏହା ସଫଳ କରିବାରେ ସହାୟକ ହୋଇଛି । ଭାରତ ସରକାରଙ୍କର ୪୪୦ଟି ଯୋଜନାରେ ଏହା ମାଧ୍ୟମରେ ଲୋକଙ୍କୁ ସବ୍‌ସିଡି ଓ ଅନ୍ୟାନ୍ୟ ବାବଦ ଅର୍ଥ ସିଧାସଳଖ ବ୍ୟାଙ୍କ ଖାତାକୁ ଯୋଗାଇ ଦିଆଯାଉଛି । ଏହା ଫଳରେ ବାଟମାରଣା ଓ ଅପଚୟ ବନ୍ଦ ହେବାରୁ ସରକାର ୧,୪୧,୬୭୭ କୋଟି ଟଙ୍କା ବଞ୍ଚାଇବାରେ ସଫଳ ହୋଇଛନ୍ତି । ଡି-ଡୁପ୍ଲିକେସନ୍ ଟେକ୍‌ନୋଲୋଜିର ବ୍ୟବହାର ଫଳରେ ଭୂତ ବା ନକଲି ଉପଭୋକ୍ତା ଆପଣା ଛାଏଁ ତାଲିକାରୁ କଟିଯାଉଛନ୍ତି । ଡିବିଟି ବ୍ୟବସ୍ଥା ଏବେ ରନ୍ଧନଗ୍ୟାସ ସବ୍‌ସିଡି, ସାଧାରଣ ବଣ୍ଟନ ବ୍ୟବସ୍ଥା, ଏମ୍‌ଜି ନରେଗା, ସାର ସବ୍‌ସିଡି, ଜାତୀୟ ସାମାଜିକ ସୁରକ୍ଷା ଆଦି କାର୍ଯ୍ୟକ୍ରମରେ ପ୍ରଚଳିତ ।

ଦେଶରେ ଏପର୍ଯ୍ୟନ୍ତ ୧୨୩କୋଟି ଲୋକଙ୍କର ଆଧାର କାର୍ଡ ରହିଛି । ସେହିଭଳି ୩୬କୋଟି ଲୋକ ଜନଧନ ଯୋଜନାର ଅନ୍ତର୍ଭୁକ୍ତ ହୋଇଥିବାବେଳେ ୧୧୮କୋଟି ମୋବାଇଲ ଫୋନ୍ ସହ ସଂଯୁକ୍ତ । ଏହି ଜନଧନ, ଆଧାର ଓ ମୋବାଇଲ ଯାହା ଜାମଟ୍ରିନିଟି ନାମରେ ପରିଚିତ ତାହା ଡିଜିଟାଲ ଟ୍ରାନ୍‌ଜାକ୍‌ସନକୁ କ୍ରିୟାନ୍ୱିତ କରିବା ସହ ବିଭିନ୍ନ ନାଗରିକ ସେବା ପ୍ରଦାନରେ ସହାୟକ ହେଉଛି । ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଲା ଜନଧନ ଯୋଜନା ବ୍ୟାଙ୍କ ବ୍ୟବସ୍ଥାର ଅନ୍ତର୍ଭୁକ୍ତ ହୋଇ ନ ଥିବା ଲୋକଙ୍କୁ ସେ ସୁବିଧା ପ୍ରଦାନ କରିଛି । ଫଳରେ ବ୍ୟାଙ୍କ ସେବା ଓ ବିଭିନ୍ନ ସରକାରୀ ପେନ୍‌ସନ୍ (ଭତ୍ତା) ଓ ବୀମା ବ୍ୟବସ୍ଥାର ଲାଭ ନାଗରିକ ସହଜରେ ପାଇପାରୁଛନ୍ତି । ମୋବାଇଲ ସେବା ଫଳରେ ଗ୍ରାମାଞ୍ଚଳରେ ସରକାରୀ ସେବା ପହଞ୍ଚ ସହଜ ହୋଇଛି ଓ ଡିଜିଟାଲ ବିଭାଜନର ଅବସାନ ଘଟୁଛି ।

ସମଗ୍ର ଦେଶରେ ୨.୩ଲକ୍ଷ ଗ୍ରାମପଞ୍ଚାୟତରେ ୩.୪୭ଲକ୍ଷ ସାଧାରଣ ସେବା କେନ୍ଦ୍ର (ସିଏସ୍‌ସି) ଖୋଲାଯାଇ ଲୋକଙ୍କୁ ଡିଜିଟାଲ ସେବା ଯୋଗାଇ ଦିଆଯାଉଛି । ଏହା ମାଧ୍ୟମରେ ପ୍ରାୟ ୩୫୦ ପ୍ରକାର ସେବା ଗ୍ରାମାଞ୍ଚଳ ଲୋକେ ସ୍ୱଳ୍ପ ଖର୍ଚ୍ଚରେ ପାଉଛନ୍ତି । ଏହି ସବୁ କେନ୍ଦ୍ର ଗ୍ରାମାଞ୍ଚଳରେ ଉଦ୍ୟମିତାକୁ ପ୍ରୋତ୍ସାହିତ କରିବା ସହ ୧୨ ଲକ୍ଷ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି । ଏହାଦ୍ୱାରା ସମାଜର ଦୁର୍ବଳ, ବଞ୍ଚିତ, ଅନଗ୍ରସର ଏବଂ ମହିଳାମାନେ ଉପକୃତ ହେବା ସହ ଆର୍ଥିକ ଓ ସାମାଜିକ ଦୃଷ୍ଟିରୁ ସଶକ୍ତ ହୋଇପାରିଛନ୍ତି । ସିଏସ୍‌ସିଗୁଡ଼ିକ ମଧ୍ୟ 'ସ୍ତ୍ରୀ-ସ୍ୱାଭିମାନ' ପ୍ରୟାସ ଆରମ୍ଭ କରିଛନ୍ତି ଏବଂ ଏହା ମାଧ୍ୟମରେ ମହିଳାଙ୍କ ଋତୁକାଳୀନ ସ୍ୱାସ୍ଥ୍ୟରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଉଛି । ଏସବୁ କେନ୍ଦ୍ର ପକ୍ଷରୁ ୨୦୪ଟି ସାନିଟାରୀ ପ୍ୟାଡ୍ ନିର୍ମାଣ ୟୁନିଟ୍ ସ୍ଥାପନ କରାଯାଇଛି ।

ଡିଜିଟାଲ ଇଣ୍ଡିଆ ଇ-ଗଭର୍ଣ୍ଣାନ୍ସର ସଂଜ୍ଞାକୁ ଏକ ଉଚ୍ଚ ସୋପାନକୁ ନେଇଯାଇଛି । ଡିଜିଟାଲ ଇଣ୍ଡିଆ ତା'ର ଟେକ୍‌ନୋଲୋଜି ବ୍ୟବହାର ରଣକୌଶଳରେ ପରିବର୍ତ୍ତନ କରିଛି । ଆଗରୁ ଏହା ପ୍ରକଳ୍ପଭିତ୍ତିକ ଆଭିମୁଖ୍ୟ ଗ୍ରହଣ କରୁଥିବାବେଳେ ଏବେ ପ୍ଲାଟଫର୍ମ ଭିତ୍ତିକ ଆଭିମୁଖ୍ୟକୁ ଆପଣେଇଛି । ଏହି ବ୍ୟବସ୍ଥାରେ ପବ୍ଲିକ ଡିଜିଟାଲ ପ୍ଲାଟଫର୍ମଭିତ୍ତିକ ପରିବେଶ, ପରିତନ୍ତ୍ର ସୃଷ୍ଟି କରାଯାଇ ନାଗରିକମାନଙ୍କୁ ବିବିଧ ସେବା ଯୋଗାଇଦିଆଯାଉଛି । ବିଭିନ୍ନ ନୂତନ ନାଗରିକ କୈନ୍ଦ୍ରୀକ, ପରିବର୍ତ୍ତନକାରୀ ଡିଜିଟାଲ ପ୍ଲାଟଫର୍ମ ବିକଶିତ ହୋଇଛି । ସେଗୁଡ଼ିକ ମଧ୍ୟରେ ଭାରତ ଇଣ୍ଟରଫେସ୍ ଫର୍ ମନି, ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍ (ଭିମ-ୟୁପିଆଇ), ଗଭର୍ଣ୍ଣମେଣ୍ଟ ଇ-ମାର୍କେଟପ୍ଲେସ (ଜିଇଏମ୍), ଦ୍ରବ୍ୟ ଓ ସେବାକର ନେଟ୍‌ୱାର୍କ (ଜିଏସ୍‌ଟିଏନ୍), ଡିଜିଲକର୍, ଉମଙ୍ଗ, ଜୀବନ ପ୍ରମାଣ, ଇ-ହସ୍‌ପିଟାଲ, ମାଏଁ ଗଭ୍, ଇ-ନାମ୍, ସ୍ୱୟମ୍ ଏବଂ ଜାତୀୟ ବୃତ୍ତି ପୋର୍ଟାଲ (ଏନ୍‌ଏସ୍‌ପି) ଆଦି ଅନ୍ୟତମ ।

ନାଗରିକଙ୍କ ପାଇଁ ଉଦ୍ଦିଷ୍ଟ କେତେକ ସେବାପ୍ରଦାନକାରୀ ପ୍ରୟାସ ସମ୍ପର୍କରେ ନିମ୍ନରେ ସଂକ୍ଷେପରେ ଉଲ୍ଲେଖ କରାଯାଇଛି।

**ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର (ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତରଣ):**

- ଏହି ବ୍ୟବସ୍ଥାରେ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ସରକାରୀ ଲାଭ (ଅର୍ଥ) ସିଧାସଳଖ ପ୍ରେରଣ କରାଯାଉଛି।
- ମୋଟ୍ ୪୪୦ ସରକାରୀ ଯୋଜନା ଓ କାର୍ଯ୍ୟକ୍ରମକୁ ଏଥିରେ ସଂଯୁକ୍ତ କରାଯାଇଛି। ଏହି ବ୍ୟବସ୍ଥାରେ ମୋଟ୍ ୭,୩୩,୯୮୧କୋଟି ଟଙ୍କା ହିତାଧିକାରୀଙ୍କୁ ସିଧାସଳଖ ଯୋଗାଇ ଦିଆଯାଇଛି।

**ଡିଜି ଲକର:**

- ଏହା କାଗଜବିହୀନ ଶାସନ ପାଇଁ ଉଦ୍ଦିଷ୍ଟ। ପବ୍ଲିକ କ୍ଲାଉଡ୍‌ରେ ନାଗରିକଙ୍କୁ ବ୍ୟକ୍ତିଗତ ସ୍ଥାନ ଦେଇ ସେମାନଙ୍କର ଘରୋଇ ଓ ସରକାରୀ ନଥିପତ୍ର ଗଚ୍ଛିତ ରଖିବାର ସୁଯୋଗ ଦେଇଛି।
- ଡିଜିଲକରରେ ଏବେ ୩୫୨କୋଟିରୁ ଅଧିକ ନଥିପତ୍ର ଉପଲବ୍ଧ।
- ୨୦୦ ପ୍ରକାରରୁ ଅଧିକ ନଥିପତ୍ର ଏଥିରେ ଉପଲବ୍ଧ ହେଉଛି।
- ୨.୩କୋଟି ଲୋକ ଏବେ ଡିଜିଲକର ବ୍ୟବହାର କରୁଛନ୍ତି।
- ଏଥିରେ ୧୨୪ ଇସ୍ୟୁୟର ଓ ୩୪ ରିକ୍ୱେଷ୍ଟର ସଂସ୍ଥା ଏବେ ସକ୍ରିୟ।

**ଉମଙ୍ଗ:**

- ସରକାରୀ ସେବା ପାଇଁ ଏହା ଗୋଟିଏ ମୋବାଇଲ ଆପ୍ ଯୋଗାଇ ଦେଉଛି ଯାହା ବିଭିନ୍ନ ପ୍ରକାର ସରକାରୀ ଆପ୍ଲିକେସନ ଓ ଡାଟାବେସ୍ ସହ ସଂଯୁକ୍ତ।
- ୭୩ଟି ବିଭାଗ ଓ ୧୮ଟି ରାଜ୍ୟର ୩୬୨ ପ୍ରକାର ସେବା ଏହା ମାଧ୍ୟମରେ ଉପଲବ୍ଧ।
- ଏହାର ଡାଉନ୍‌ଲୋଡ୍ ସଂଖ୍ୟା ୧.୧ କୋଟିରୁ ଅଧିକ ଏବଂ ରେଟିଂ ୪.୫+ (ସର୍ବାଧିକ-୫)

**ଇ-ହସ୍‌ପିଟାଲ:**

- ୨୦ରୁ ଅଧିକ ହସ୍‌ପିଟାଲ ମ୍ୟାନେଜମେଣ୍ଟ ସିଷ୍ଟମ ମଡ୍ୟୁଲ୍ସ ମାଧ୍ୟମରେ ଏହା ଅଟୋମେସନ ସୁବିଧା ଯୋଗାଉଛି। ରୋଗୀଙ୍କ ପଞ୍ଜୀକରଣ, ଆଇପିଡି, ଫାର୍ମାସୀ ଓ ବ୍ଲଡ୍ ବ୍ୟାଙ୍କ ଆଦି ସମ୍ପର୍କରେ ଏହା ସୂଚନା ପ୍ରଦାନ କରୁଛି।
- ଇ-ହସ୍‌ପିଟାଲ ବ୍ୟବସ୍ଥା ସହ ୩୨୨ ହସ୍‌ପିଟାଲ ସଂଯୁକ୍ତ।
- ୯.୮ କୋଟି ରୋଗୀ ପଞ୍ଜୀକୃତ ହୋଇଛନ୍ତି।

**ଇ-ନାମ୍ :**

- ଦେଶର ୧୬ଟି ରାଜ୍ୟ ଓ ୨ଟି କେନ୍ଦ୍ରଶାସିତ ଅଞ୍ଚଳର ୫୮୫ କୃଷି ମଣ୍ଡି ଏହି ବ୍ୟବସ୍ଥାରେ ସଂଯୁକ୍ତ।
- ୧.୬୪ କୋଟି ଚାଷୀ ଓ ୧.୨ଲକ୍ଷ ବ୍ୟବସାୟୀ ଏହା ସହିତ ସଂପୃକ୍ତ।
- ଏଥିରେ ଡିଜଟାଲ ପେମେଣ୍ଟ ବ୍ୟବସ୍ଥା କରାଯାଇଛି ଓ ୭୦,୦୦୦ କୋଟି ଟଙ୍କାର କାରବାର ହୋଇଛି।

**ସ୍ୱୟମ୍:**

- ଏହା ଏକ ବିରାଟ ଅନ୍‌ଲାଇନ୍ ଯୁକ୍ତ ପାଠ୍ୟକ୍ରମ ପ୍ଲାଟଫର୍ମ। ଏହା ୨୦୦୦ରୁ ଅଧିକ ପ୍ରୋଗ୍ରାମ ଓ ବର୍ଗରେ ପାଠ୍ୟକ୍ରମ ଯୋଗାଉଛି।
- ପାଠ୍ୟକ୍ରମ ସମାପ୍ତ କରୁଥିବା ଛାତ୍ରଛାତ୍ରୀଙ୍କୁ ଏହା ମାନ୍ୟତା ପ୍ରଦାନ କରୁଛି ଯାହାକୁ ବିଶ୍ୱବିଦ୍ୟାଳୟ ସମୂହ ମଧ୍ୟ ମାନ୍ୟତା ଦେଉଛନ୍ତି।

**ଜାତୀୟ ବୃତ୍ତି ପୋର୍ଟାଲ (ନେଶନାଲ ସ୍କଲାରସିପ୍ ପୋର୍ଟାଲ):**

- ଏକକ ଅନ୍‌ଲାଇନ୍ ବ୍ୟବସ୍ଥାରେ ବିବିଧ ଜାତୀୟ ବୃତ୍ତି ପ୍ରଦାନ ଓ ତତ୍‌ସଂକ୍ରାନ୍ତ ତଥ୍ୟ ସମବେତ କରି ଛାତ୍ରଛାତ୍ରୀଙ୍କୁ ଯୋଗାଇବା ପାଇଁ ଏହା ଏକ ପୋର୍ଟାଲ। ଏଥିରେ ଅବେଦନ କରିବାର ବ୍ୟବସ୍ଥା, ସ୍କୁଲ କର୍ତ୍ତୃପକ୍ଷଙ୍କ ଦ୍ୱାରା ସେସବୁ ଆବେଦନର ଯାଞ୍ଚ ବ୍ୟବସ୍ଥା, କର୍ତ୍ତୃପକ୍ଷଙ୍କ ଦ୍ୱାରା ଅନୁମୋଦନ ଏବଂ ଡିବିଟି ବ୍ୟବସ୍ଥା ଦ୍ୱାରା ଛାତ୍ରଛାତ୍ରୀଙ୍କ ବ୍ୟାଙ୍କ ଖାତାକୁ ବୃତ୍ତିରାଶୀ ପ୍ରଦାନ ଆଦି ସବୁ ବ୍ୟବସ୍ଥା ଏଥିରେ ରହିଛି।
- ଏଥିରେ ୨୦ଟି ବୃତ୍ତି ଯୋଜନା ଅନ୍ତର୍ଭୁକ୍ତ।
- ୨୦୧୮-୧୯ରେ ଏହାଦ୍ୱାରା ୧.୦୮ କୋଟି ଛାତ୍ରଛାତ୍ରୀ ଉପକୃତ ହୋଇଛନ୍ତି।

**ପିଏମ୍‌ଜିଦିଶା:**

- ପ୍ରଧାନମନ୍ତ୍ରୀ ଗ୍ରାମୀଣ ଡିଜିଟାଲ ସାକ୍ଷରତା ଅଭିଯାନ ବା ପିଏମ୍‌ଜିଦିଶାର ଲକ୍ଷ୍ୟ ହେଲା ପ୍ରତ୍ୟେକ ପରିବାରରୁ ଅତି କମ୍‌ରେ ଜଣଙ୍କୁ ଡିଜିଟାଲ ସାକ୍ଷର କରିବା।
- ଗ୍ରାମାଞ୍ଚଳରେ ଡିଜିଟାଲ ସାକ୍ଷରତା ସମ୍ପର୍କରେ ୬କୋଟି ଲୋକଙ୍କୁ ତାଲିମ୍ ଦେବାର ଲକ୍ଷ୍ୟ।
- ଏଯାବତ୍ ୨.୨କୋଟି ଲୋକଙ୍କୁ ତାଲିମ ପ୍ରଦାନ କରାଯିବା ସହ ୧.୩ କୋଟିଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି।

**ଇଣ୍ଡିଆ ବିପିଓ ସ୍କିମ୍:**

ଛୋଟ ଛୋଟ ସହର (ଦ୍ୱିତୀୟ ଓ ତୃତୀୟ ଶ୍ରେଣୀର)ରେ ବିପିଓ ନିଯୁକ୍ତିକୁ ପ୍ରୋତ୍ସାହିତ କରିବା ପାଇଁ ଏହା ଏକ ଅନନ୍ୟ କାର୍ଯ୍ୟକ୍ରମ। ଏଥିପାଇଁ ୧୦୮ ସହରରେ ୨୭୬ ବିପିଓ ୟୁନିଟ୍‌କୁ ଅନୁମୋଦନ ମିଳିଛି।

- ଇତିମଧ୍ୟରେ ୫୧,୨୭୯ ଆସନ ଆବଣ୍ଟିତ ହୋଇଛି ଓ ୨୬,୩୩୧ କାର୍ଯ୍ୟ ଆରମ୍ଭ କରିଛି।
- ଏହା ମାଧ୍ୟମରେ ୩୦ ହଜାର ପ୍ରତ୍ୟକ୍ଷ ନିଯୁକ୍ତି ସୁବିଧା ସୃଷ୍ଟି କରାଯାଇପାରିଛି।

**ଜିଇଏମ୍:**

● ସାଧାରଣ ବ୍ୟବହୃତ ସାମଗ୍ରୀ ଓ ସେବା ପାଇବା ପାଇଁ ଏହା ଏକ ଇକମର୍ସ ପ୍ଲାଟଫର୍ମ।

● ଏହି ପ୍ଲାଟ୍‌ଫର୍ମରେ ୯.୫ ଲକ୍ଷ ଉତ୍ପାଦ / ସାମଗ୍ରୀ ବିକ୍ରି ପାଇଁ ଉପଲବ୍ଧ।

● ଏଥିରେ ୨.୩ ଲକ୍ଷ ବିକ୍ରେତା ଓ ସେବା ପ୍ରଦାନକାରୀ ସକ୍ରିୟ।

● ପ୍ରଥମ ଥର ପାଇଁ ଛୋଟଛୋଟ ସହରରୁ ଅନେକ ବିକ୍ରେତା ଏଥିରେ ସାମିଲ ହୋଇ ନିଜର ଜିନିଷପତ୍ର ବିକ୍ରିବଟା କରିବାରେ ସଫଳ ହୋଇଛନ୍ତି।

**ଡିଜିଟାଲ ପେମେଣ୍ଟ:**

ଭିମ୍-ୟୁପିଆଇ, ଭିମ୍-ଆଧାର, ଭାରତ କ୍ୟୁଆର୍‌କୋଡ୍, ନେଶନାଲ୍ ଇଲେକ୍‌ଟ୍ରୋନିକ୍ ଟୋଲ୍ କଲେକସନ୍ ଆଦି ଅନେକ ଅଭିନବ ଡିଜିଟାଲ ପେମେଣ୍ଟ ଟୁଲ୍ସ ଏହି ଯୋଜନାରେ ଇ-ସରକାରର ସୁଯୋଗ ଯୋଗାଉଛନ୍ତି।

● ଭିମ୍-ୟୁପିଆଇ ସମେତ ବିଭିନ୍ନ ପ୍ରକାର ଡିଜିଟାଲ ପେମେଣ୍ଟ ବ୍ୟବସ୍ଥାରେ କାରବାର ଅକ୍ଟୋବର ୨୦୧୬ରୁ ମାର୍ଚ୍ଚ୨୦୧୯ ମଧ୍ୟରେ ୮୦୦୦ ଗୁଣ ବଢ଼ିଛି।

**ଜୀବନପ୍ରମାଣ:**

● ଏହା ପେନ୍‌ସନ୍‌ଭୋଗୀଙ୍କୁ ସେମାନେ ଜୀବିତ ଥିବା ପ୍ରମାଣ ପତ୍ର ଦାଖଲରେ ସହାୟକ ହେଉଛି। ଯେକୌଣସି ସମୟରେ ଯେକୌଣସି ସ୍ଥାନରୁ ସେମାନେ ଡିଜିଟାଲ ବ୍ୟବସ୍ଥାରେ ଏହାକୁ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଇପାରିବେ।

● ଜୀବନ ପ୍ରମାଣକୁ ବ୍ୟବହାର କରି ୨.୫୮ଲକ୍ଷ ପେନ୍‌ସନ୍‌ଭୋଗୀ ସେମାନଙ୍କର ଜୀବିତ ପ୍ରମାଣପତ୍ର ପଠାଇସାରିଛନ୍ତି।

**ଇକୋର୍ଟ୍‌ସ ମିଶନମୋଡ୍ ପ୍ରୋଜେକ୍ଟ:**

● ସୁପ୍ରିମକୋର୍ଟ, ହାଇକୋର୍ଟ, ଜିଲା ଅଦାଲତ ଆଦିରେ ଅଟୋମେସନ୍‌କୁ ପ୍ରୋତ୍ସାହିତ କରିବା ପାଇଁ ଏହା ଉଦ୍ଦିଷ୍ଟ।

● ମାମଲାର ସ୍ଥିତି, ମାମଲା ତାଲିକା, ଅଦାଲତ ରାୟ ଓ କ୍ୟାଭିଏଟ ଆଦିର ତଥ୍ୟ ଏହା ମାଧ୍ୟମରେ ଡିଜିଟାଲ ବ୍ୟବସ୍ଥାରେ ମିଳିପାରିବ।

● ଜାତୀୟ ବିଚାରବିଭାଗୀୟ ଡାଟାଗ୍ରୀଡ୍ ମଧ୍ୟ କାର୍ଯ୍ୟକାରୀ ହେଉଛି। ସବୁ ସଂପୃକ୍ତ ଅଦାଲତରୁ ସଂଗୃହୀତ ତଥ୍ୟକୁ ଅନୁଶୀଳନ କରିବା ସହ ଅଦାଲତରେ ବିଭିନ୍ନ ମାମଲାର ସଂଖ୍ୟା, ସେଗୁଡ଼ିକର ସ୍ଥିତି ଆଦି ଡ୍ୟାସ୍‌ବୋର୍ଡରେ ଉପଲବ୍ଧ ହେଉଛି।

**ମାଁଏ ଗଭ୍:**

● ଏହା ଏକକ ଡିଜିଟାଲ ପ୍ଲାଟଫର୍ମ ପ୍ରଦାନ କରି ଦେଶରେ ସହଯୋଗଭିତ୍ତିକ ଶାସନ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରୁଛି। ଏଥିରେ ବିଭିନ୍ନ ସରକାରୀ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ନାଗରିକମାନେ ନିଜନିଜର ମତାମତ ଉପସ୍ଥାପନ କରିବାର ସୁଯୋଗ ପାଉଛନ୍ତି।

● ମାଏଁ ଗଭ୍‌ରେ ୮୦ଲକ୍ଷ ସକ୍ରିୟ ଅଂଶଗ୍ରହଣକାରୀ ଅବଦାନ ଦେଉଛନ୍ତି। ଆଠଶହ ଆଲୋଚନାରେ ୩୯ଲକ୍ଷ ମତାମତ ମିଳିଛି।

ଇଲେକ୍‌ଟ୍ରୋନିକ୍ ଟ୍ରାନ୍‌ଜାକସନ୍ ଆଗ୍ରିଗେସନ ଆଣ୍ଡ୍ ଆନାଲିସିସ୍ ଲେୟାର (ଇ-ଟାଲ) ତଥ୍ୟ ଅନୁସାରେ ୨୦୧୯ ଏପ୍ରିଲ ସୁଦ୍ଧା ଇଲେକ୍‌ଟ୍ରୋନିକ ସେବାର ପ୍ରତିଭୂତି ୩୭୦୨କୁ ବୃଦ୍ଧିପାଇଛି। ଏହି ସମୟ ମଧ୍ୟରେ ଦୈନିକ ହାରାହାରି ଭିତ୍ତିରେ ମୋଟ୍ ୯.୫ କୋଟି ଥର କାରବାର ହୋଇଛି। ଏଥିରୁ ସୂଚନା ମିଳୁଛି ଯେ ଡିଜଟାଲ ଇଣ୍ଡିଆର ବ୍ୟବହାର ଓ ଲୋକପ୍ରିୟତା ବଢ଼ିଛି।

ଛୋଟ ସହରରେ ଆରମ୍ଭ ହୋଇଥିବା ବିପିଓ ଆନ୍ଦୋଳନ ଯୋଗୁଁ ଆଞ୍ଚଳିକ ଅଭିବୃଦ୍ଧିରେ ଭାରସାମ୍ୟ ଆସିଛି। ଏହା ଦ୍ୱାରା ନିଯୁକ୍ତି ସୁବିଧା ସୃଷ୍ଟିହେବା ସହ ଦେଶର ଡିଜିଟାଲ ରୂପରେଖ ବଦଳିଛି। ଏହା ଆଉ ସହରଭିତ୍ତିକ ନ'ହୋଇ ଗ୍ରାମାଞ୍ଚଳରେ ବିସ୍ତାରିତ ହେବାକୁ ଲାଗିଛି। ଜମ୍ମୁ, ଶ୍ରୀନଗର, ସୋପୋର, ରାୟପୁର, ସାଗର, ମୋହାଲି, ଜୟପୁର, ଉନ୍ନାଓ, ସିଲିଗୁଡ଼ି, କୋହିମା, ଶିଲଂ, ଅରୋଭିଲ, ହୋସୁର ଓ ମଦୁରାଇ ଆଦି ସହରରେ ବିପିଓ ବେଶ୍ ଲୋକପ୍ରିୟ ହୋଇଛି। ବର୍ତ୍ତମାନ ସୁଦ୍ଧା ୨୭ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୯୭ଟି ଛୋଟ ସହରରେ ୨୨୨ଟି ବିପିଓ ୟୁନିଟ୍ କାର୍ଯ୍ୟ କରୁଛି। ଏହି ସବୁ ବିପିଓରେ ୧.୫ଲକ୍ଷ ନିଯୁକ୍ତି ସୃଷ୍ଟିର ସମ୍ଭାବନା ରହିଛି।

ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମ ଭାରତରେ ମୋବାଇଲ ଫୋନ୍ ନିର୍ମାଣ ଉଦ୍ୟୋଗର ବିକାଶରେ ସହାୟକ ହୋଇଛି। ୨୦୧୪ରେ ଦେଶରେ ମାତ୍ର ୨ଟି ମୋବାଇଲ୍ ତିଆରି କାରଖାନା ଥିବାବେଳେ ଏବେ ସେହି ସଂଖ୍ୟା ୨୬୮ରେ ପହଞ୍ଚିଛି। ଏସବୁ ଉଦ୍ୟୋଗ ମୋବାଇଲ ଫୋନ୍ ଓ ଏହାର ଯନ୍ତ୍ରାଂଶ ତିଆରି କରୁଛନ୍ତି। ଏହା ଫଳରେ ୬.୭ଲକ୍ଷ ଲୋକ ପ୍ରତ୍ୟେକ୍ଷ ଓ ପରୋକ୍ଷ ନିଯୁକ୍ତି ସୁବିଧା ପାଇଛନ୍ତି। ମୋବାଇଲ ହ୍ୟାଣ୍ଡସେଟ୍, ଏଲ୍‌ସିଡି / ଏଲ୍‌ଇଡି ଟିଭି ଏବଂ ଆଲୋକ ବିଚ୍ଛୁରିତ କରୁଥିବା ଡାୟୋଡ (ଏଲ୍‌ଇଡି) ଆଦି ସାମଗ୍ରୀର ଉତ୍ପାଦନ ଦେଶରେ ଉଲ୍ଲେଖନୀୟ ଭାବେ






ବଢ଼ିଛି । ଏହାଦ୍ୱାରା ଉଭୟ ମାନୁଫାକଚରିଙ୍ଗ ଉଦ୍ୟୋଗ ଓ କର୍ମନିଯୁକ୍ତି ପ୍ରୋତ୍ସାହିତ ହୋଇଛି ।

ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମରେ ଭାରତ ସରକାର ନିଜର ସିଦ୍ଧାନ୍ତ ଓ ବିଶ୍ୱାସରେ ଅଟଳ ରହିଛନ୍ତି । ଏଥିରେ ସମସ୍ତଙ୍କୁ ସାମିଲ କରିବା ସହ ଡିଜିଟାଲ ବିଶ୍ୱାସ ଓ ଡିଜିଟାଲ ଅଭିବୃଦ୍ଧିକୁ ଗୁରୁତ୍ୱ ଦିଆଯାଉଛି । ନିରନ୍ତର ଏ କ୍ଷେତ୍ରରେ କାର୍ଯ୍ୟକ୍ରମର ପୁନଃଗଠନ ଓ ପରିବର୍ତ୍ତନ କରାଯାଇ ଏହାକୁ ଅଧିକ ଲୋକାଭିମୁଖୀ ଓ ଅତ୍ୟାଧୁନିକ ଟେକ୍ନୋଲୋଜି ଭିତ୍ତିକ କରାଯାଉଛି । ଏ କ୍ଷେତ୍ରରେ ନୂଆନୂଆ ଯୋଜନା ହାତକୁ ନିଆଯାଉଛି । ଏ କ୍ଷେତ୍ରରେ ସରକାର ଯେଉଁ କେତେକ ନୂଆ ପ୍ରମୁଖ ଯୋଜନା କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି ସେଥିରେ ଅଛି ଇଣ୍ଡିଆ ଏଣ୍ଟରପ୍ରାଇଜ୍ ଆର୍କିଟେକ୍ଚର (ଇଣ୍ଡଇଏ), ନେଶନାଲ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ପ୍ରୋଗ୍ରାମ, ଓପନ୍ ଏପିଆଇ ପ୍ଲାଟଫର୍ମ, ଏମ୍ଇଆଇଟି ଷ୍ଟାର୍ଟ ଅପ୍ ହବ୍ ଓ ଜିଲାପାଇଁ ଜିଆଇଏସ୍ଭିତ୍ତିକ ଡିସିସନ୍ ସପୋର୍ଟ ସିଷ୍ଟମ୍ ।

**ଇଣ୍ଡିଆ (ଆଇନ୍‌ଡିଇଏ):**

ଏହାର ଉଦ୍ଦେଶ୍ୟ ହେଲା ଶ୍ରେଷ୍ଠତମ ଆର୍କିଟେକ୍ଚରାଲ ଗଭର୍ଣ୍ଣାନ୍ସ ବ୍ୟବସ୍ଥା ମାଧ୍ୟମରେ ନାଗରିକ ସେବା ଯୋଗାଇଦେବା । ଏଥିପାଇଁ ଆଇସିଟି ଭିତ୍ତିଭୂମିର ସର୍ବାଧିକ ଉପଯୋଗ ଓ ନୂତନ ଆଇଟି ଆପ୍ଲିକେଶନର ବିନିଯୋଗ ଉପରେ ଗୁରୁତ୍ୱ ଦିଆଯାଉଛି । ସେଥିପାଇଁ ଡିଜିଟାଲ ସର୍ଭିସ୍ ଷ୍ଟାଣ୍ଡାର୍ଡ (ଡିଏସ୍ଏସ୍) ସମ୍ପର୍କରେ ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି । ଏକ ଜାତୀୟ ସଫ୍ଟୱୟାର ପ୍ରଡକ୍ଟସ୍ ମିଶନର ପରିକଳ୍ପନା କରାଯାଇ



ଏକ ନୀତି ନିର୍ଦ୍ଧାରିତ ହୋଇଛି । ଏଥିରେ ୧୦ହଜାର ସଫ୍ଟଓୟାର ଟେକ୍ନୋଲୋଜି ଷ୍ଟାର୍ଟଅପ୍‌କୁ ସାମିଲ କରାଯାଇଛି । ଏହାଛଡ଼ା ଏକ ଲକ୍ଷ ଆଇଟି ବୃତ୍ତିଧାରୀଙ୍କ ଦକ୍ଷତା ବିକାଶ ପାଇଁ ଲକ୍ଷ୍ୟ ନିର୍ଦ୍ଧାରିତ ହୋଇଛି । ସବୁ ସାମାଜିକ କ୍ଷେତ୍ରରେ ଦେଖାଦେଉଥିବା ସମସ୍ୟାର ସମାଧାନ ପାଇଁ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଭଳି ନୂଆ ଟେକ୍ନୋଲୋଜିର ପ୍ରୟୋଗ ଉଦ୍ୟମ ଚାଲିଛି । ସ୍ୱାସ୍ଥ୍ୟସେବା, କୃଷି, ଶିକ୍ଷା, ସ୍ମାର୍ଟସିଟି, ପରିବହନ, ସାଇବର ନିରାପତ୍ତା, ଉର୍ଜା, ଅର୍ଥ ଏବଂ ଭାରତୀୟ ଭାଷା ସମୂହ କ୍ଷେତ୍ରରେ ଏକ ନୂଆ ଜାତୀୟ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି । ଏହା 'ହବ୍ ଆଣ୍ଡ ସ୍ପୋକ୍' ଢାଞ୍ଚାରେ କାର୍ଯ୍ୟକାରୀ ହେବ । ଅର୍ଥାତ୍ ଏଥିରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ କେନ୍ଦ୍ର ହବ୍ ଏବଂ ଉତ୍କର୍ଷ କେନ୍ଦ୍ର ଓ ଷ୍ଟାର୍ଟଅପ୍‌ଗୁଡ଼ିକ ସ୍ପୋକ୍ ଭଳି କାର୍ଯ୍ୟ କରିବେ । ବିଶେଷଜ୍ଞମାନେ ଏ କ୍ଷେତ୍ରରେ ନିୟୋଜିତ ହୋଇ ବିଭିନ୍ନ ସମସ୍ୟାର ସମାଧାନ ସୂତ୍ର ବାହାର କରିବେ ।



**ଏମ୍‌ଇଆଇଟିୱାଇ ଷ୍ଟାର୍ଟଅପ୍ ହବ୍ (ଏମ୍‌ଏସ୍‌ଏଚ୍):**

ଇଲେକଟ୍ରୋନିକ୍ସ ଓ ଆଇଟି ମନ୍ତ୍ରଣାଳୟ ଆନୁକୂଲ୍ୟରେ ସ୍ଥାପିତ ହବ୍‌ଗୁଡ଼ିକ ଟେକ୍ନୋଲୋଜି ଇନୋଭେସନ, ଷ୍ଟାର୍ଟଅପ୍ ଓ ବୌଦ୍ଧିକ ସମ୍ପତ୍ତି ସୃଷ୍ଟିକୁ ପ୍ରୋତ୍ସାହିତ କରିବେ । ସବୁ ପ୍ରକାର ଟେକ୍ନୋଲୋଜି ଷ୍ଟାର୍ଟଅପ୍ ପାଇଁ ଏମ୍‌ଏସ୍‌ଏଚ୍ ସାହାଯ୍ୟ ସହଯୋଗ ସିଧାସଳଖ ଯୋଗାଇବ ।

ଏହି ମନ୍ତ୍ରଣାଳୟ ପକ୍ଷରୁ ନିକଟରେ ଭାରତର ଟ୍ରିଲିୟନ ଡଲାର ଡିଜିଟାଲ ସୁଯୋଗ ସଂକ୍ରାନ୍ତ ଏକ ରିପୋର୍ଟ ପ୍ରକାଶ କରାଯାଇଛି । ନୂଆ ଟେକ୍ନୋଲୋଜିର ବିକାଶ, ଏହାକୁ ଲୋକାଭିମୁଖୀ କରିବା ସହ ଭାରତୀୟ ଅର୍ଥନୀତିକୁ ଡିଜିଟାଲ ଅର୍ଥନୀତିରେ ପରିଣତ କରିବା ପାଇଁ ଏହା କାର୍ଯ୍ୟସୂଚୀ ପ୍ରସ୍ତୁତ କରିଛି । ଏଥିପାଇଁ ସରକାରୀ ପ୍ରୟାସରେ ୯ଟି ନିର୍ଦ୍ଦିଷ୍ଟ କ୍ଷେତ୍ର ଚିହ୍ନଟ ହୋଇଛି ।

ଭାରତରେ ଅନେକ ସମସ୍ୟା ଓ ପ୍ରତିବନ୍ଧକ ରହିଛି । ସେସବୁର ସଫଳ ମୁକାବିଲା କରିବାକୁ ନୂଆ ଟେକ୍ନୋଲୋଜି ଅପାର ସୁଯୋଗ ସୃଷ୍ଟି କରିଛି । ଭାରତକୁ ଏକ ନ୍ୟାୟୋଚିତ, ସମାବେଶୀ ଓ ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ ଏହି ନୂଆ ଟେକ୍ନୋଲୋଜିର ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ସରକାର ଏହାର ଉପଯୋଗ କରୁଛନ୍ତି । ଭାରତର ଡିଜିଟାଲ ପରିବର୍ତ୍ତନର କାହାଣୀ ଆଇସିଟି ପରିଚାଳିତ ବିକାଶର ଗାଥା । ସ୍ୱଳ୍ପ ମୂଲ୍ୟରେ ଲୋକଙ୍କୁ ଅତ୍ୟାଧୁନିକ ଟେକ୍ନୋଲୋଜିର ଲାଭ ଯୋଗାଇ ସେମାନଙ୍କ ସମସ୍ୟା ସମାଧାନ କରିବା ପାଇଁ ସରକାର ଉଦ୍ୟମରତ । ଏହାଦ୍ୱାରା ନିରନ୍ତର ବିକାଶ ସହ ସମାଜ ଓ ଦେଶ ସମୃଦ୍ଧ ହେବା ସହ ବିକାଶର ସୁଫଳରେ ସମସ୍ତେ ଭାଗୀଦାର ହୋଇପାରିବେ ।

ଡିଜିଟାଲ ଟେକ୍ନୋଲୋଜିର ଲାଭ ଆଉ ସ୍ୱଚ୍ଛଳବର୍ଗରେ ସୀମିତ ହୋଇ ରହିନାହିଁ । ଏହା ସାଧାରଣ ଜନତାଙ୍କୁ ଉପକୃତ କରିବା ସହ ଏକ ସଶକ୍ତ ସମାଜ ନିର୍ମାଣରେ ସହାୟକ ହୋଇଛି । ଟେକ୍ନୋଲୋଜିର ଶକ୍ତି କେତେ ଏହା ପ୍ରଦର୍ଶନ କରିବାରେ ସଫଳତା ହାସଲ କରିଛି । ନାଗରିକଙ୍କୁ ସେମାନଙ୍କ ଆବଶ୍ୟକତା ପୂରଣ ଓ ସରକାରୀ ସେବା ଯୋଗାଣ କ୍ଷେତ୍ରରେ ଅତ୍ୟାଧୁନିକ ଟେକ୍ନୋଲୋଜିର ଲାଭ ଯୋଗାଇ ଦେବାକୁ ସରକାର ଅଙ୍ଗୀକୃତ । ଏହାଦ୍ୱାରା ସମାଜ ଓ ନାଗରିକଙ୍କ କଲ୍ୟାଣ ସାଧିତ ହେବା ସହ ଦେଶ ସମୃଦ୍ଧ ତଥା ବିକଶିତ ହୋଇପାରିବ ।

**ଲେଖକ ହେଉଛନ୍ତି ଭାରତ ସରକାରଙ୍କ ଆଇନ୍, ନ୍ୟାୟ, ଯୋଗାଯୋଗ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗ ମନ୍ତ୍ରୀ ।**

**Email ID: mljoffice@gov.in**

# ଜିଆଇଏସ୍ ଦକ୍ଷ ନାଗରିକ ସେବା

ବିନୟ ଠାକୁର

**ସ୍ଥା**ନ ଆଧାରିତ ସୂଚନା ଡିଜିଟାଲ ଅର୍ଥନୀତିର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ଏହା ବିକାଶମୂଳକ କାର୍ଯ୍ୟର ଯୋଜନା ଓ ରୂପାୟନଗତ ତଦାରଖ ବ୍ୟବସ୍ଥାକୁ ସହଜ କରିବା ସହ ନାଗରିକ ସେବା ପ୍ରଦାନ କ୍ଷେତ୍ରରେ ସ୍ୱଚ୍ଛତା, ଦକ୍ଷତା ଓ ସମୟାନୁବର୍ତ୍ତିତା ରକ୍ଷା କରିବାରେ ସହାୟକ ହୋଇଥାଏ । ଭୌଗୋଳିକ ସୂଚନା ବ୍ୟବସ୍ଥା ବା ଜିଆଇଏସ୍‌କୁ ବିକାଶମୂଳକ ଯୋଜନାରେ ଏକ ସହାୟକ ବ୍ୟବସ୍ଥାଭାବେ ଗ୍ରହଣ କରାଯାଇଛି । ଡିଜିଟାଲ ଇଣ୍ଡିଆ ଯୋଜନାରେ କାର୍ଯ୍ୟକାରୀ ହେଉଥିବା ଇ-କ୍ରାନ୍ତି କାର୍ଯ୍ୟକ୍ରମର ଏହା ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ଡିଜିଟାଲ ଇଣ୍ଡିଆରେ ଜିଆଇଏସ୍‌କୁ ତୋଳି ରଖିବା ପାଇଁ ଇଲେକଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ (ଏମ୍‌ଇଟି) ୨୦୧୫ରେ ଜିଓଇନଫରମେଟିକ୍ସ ନେଶନାଲ ସେଣ୍ଟର ଆରମ୍ଭ କରିଥିଲା । ଏହା ଇ-ଗଭର୍ଣ୍ଣାନ୍ସର ଏକ ପ୍ରମୁଖ ଉପବ୍ୟବସ୍ଥା । ଜିଆଇଏସ୍ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ସହ ଏହା ସରକାରୀ କାର୍ଯ୍ୟ, ଶିକ୍ଷା, ପରିବେଶ, ଖଣିଜ ସମ୍ପଦ ଠାବ ଓ ଉତ୍ତୋଳନ ଏବଂ ବ୍ୟାବସାୟ ଆଦି କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତିଶୀଳ ଭୂମିକା ନିର୍ବାହ କରୁଛି ।

ନ୍ୟାସ୍‌ନାଲ ଜିଓ ଇନ୍‌ଫରମେଟିକ୍ସ ସେଣ୍ଟର (ଏନ୍‌କଗ୍) (https://ncog.gov.in) ଏକକ ଉତ୍ସଭିତ୍ତିକ ଏକ ପ୍ଲାଟ୍‌ଫର୍ମ ଯାହା ମାଧ୍ୟମରେ ଶେୟାରିଂ, ସହଯୋଗ (କୋଲାବରେସନ), ସ୍ଥାନ ଆଧାରିତ (ଲୋକେସନ୍ ବେସ୍‌ଡ) ତଥ୍ୟାବଳୀ ବିଶ୍ଳେଷଣ କରିହେଉଛି । ଏହା ବ୍ୟତୀତ ଏହି ବ୍ୟବସ୍ଥା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ



ଯୋଜନାର ରୂପାୟନ କ୍ଷେତ୍ରରେ ସହାୟତା ଯୋଗାଉଛି ।

ସୁଶାସନ ପାଇଁ ଯେଉଁସବୁ ସହାୟକ ବ୍ୟବସ୍ଥାର ଆବଶ୍ୟକତା ରହିଛି ସେସବୁ ପୂରଣ କରିବାରେ ଜିଆଇଏସ୍‌ର ସାମର୍ଥ୍ୟ ରହିଛି । ଏହା ବିଭିନ୍ନ ଲୋକକଲ୍ୟାଣକାରୀ, ବିକାଶମୂଳକ ଓ ସେବାଯୋଗାଣକାରୀ କାର୍ଯ୍ୟକ୍ରମର ସଫଳ ତଦାରଖ କରିବାକୁ ସମର୍ଥ । କାର୍ଯ୍ୟକ୍ରମ ରୂପାୟନ କ୍ଷେତ୍ରରେ ରହିଯାଉଥିବା ତ୍ରୁଟିକୁ ଠାବ କରିବା ସହ ପ୍ରତିକାର ପାଇଁ ଏହା ସୂଚନା ଦେଇଥାଏ । ସମ୍ବଳର ଆବଣ୍ଟନ ଏବଂ ପରିଚାଳନା ମଧ୍ୟ ଏହା ସଫଳତାର ସହ କରେ । ସରକାରଙ୍କର ବିଭିନ୍ନ କାର୍ଯ୍ୟକ୍ରମ ଯଥା ଭୂମିସୂଚୀ ବ୍ୟବସ୍ଥା, ଖଣି ପର୍ଯ୍ୟବେକ୍ଷଣ ଓ ତଦାରଖ, ଶିଳ୍ପ ସୂଚନା ବ୍ୟବସ୍ଥା, ସାମାଜିକ ଲାଭ ପରିଚାଳନା ବ୍ୟବସ୍ଥା ଆଦି ଯେତେସବୁ ସରକାରୀ କାର୍ଯ୍ୟକ୍ରମ ଓ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି ସେଥିରେ ଜିଆଇଏସ୍‌ର ଦକ୍ଷତା ଓ ଅବଦାନ ପ୍ରମାଣିତ ହୋଇଛି ।

ଏବେ ୨୧୦ରୁ ଅଧିକ ୱେବ୍ ଆପ୍ଲିକେସନ ଓ ୩୦ ମୋବାଇଲ ଆପ୍ଲିକେସନ ୨୩ଟି କେନ୍ଦ୍ରୀୟ ମନ୍ତ୍ରଣାଳୟ / ବିଭାଗ / ସଂସ୍ଥା ଏବଂ ୧୮ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଜାତୀୟ ଜିଓ ଇନଫରମେଟିକ୍ସ କେନ୍ଦ୍ର ଅଧୀନରେ କାର୍ଯ୍ୟକ୍ଷମ ହେବାର ବିଭିନ୍ନ ପର୍ଯ୍ୟାୟରେ ରହିଛି ।

**ଗୁରୁତ୍ୱପୂର୍ଣ୍ଣ ଜାତୀୟ ଜିଓ-ଇନ୍‌ଫରମେଟିକ୍ସ ସେଣ୍ଟର (ଏନ୍‌କଗ୍):**

**ଆକାଙ୍କ୍ଷୀ ଜିଲାସମୂହ:** ଭାରତରେ ଯେଉଁ ୧୧୭ଟି ଅନଗ୍ରସର ଜିଲା ଚିହ୍ନଟ ହୋଇଛି ସେସବୁର ସମନ୍ୱିତ ବିକାଶ ପାଇଁ ଜିଆଇଏସ୍ ଭିତ୍ତିକ ଯୋଜନା ପ୍ରସ୍ତୁତ କରାଯାଇ ତାହାର ରୂପାୟନ ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି । ବିକାଶ କାର୍ଯ୍ୟକ୍ରମର ନିୟମିତ ତଦାରଖ ସହିତ ସେ ଅଞ୍ଚଳର ଲୋକଙ୍କ ବିଭିନ୍ନ ସାମାଜିକ-ଆର୍ଥିକ ସୂଚକାଙ୍କ ସଂଗ୍ରହ କରାଯାଇ ସେଥିରେ ଉନ୍ନତି ଆଣିବାରେ ସରକାରୀ କାର୍ଯ୍ୟକ୍ରମ କିପରି ସହାୟକ ହେଉଛି ତାହାର ବିଶ୍ଳେଷଣାତ୍ମକ ତଥ୍ୟ ନିର୍ଣ୍ଣୟ କରାଯାଉଛି । ଏହି ବ୍ୟବସ୍ଥା ମାଧ୍ୟମରେ ଆଞ୍ଚଳିକ ବୈଷମ୍ୟ ଦୂର ଏବଂ ଦାରିଦ୍ର୍ୟ ଦୂରୀକରଣ ପାଇଁ ମଧ୍ୟ ପ୍ରୟାସ ଅବ୍ୟାହତ ରହିଛି ।

- ଏହି ପୋର୍ଟାଲରେ ଯେଉଁସବୁ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ତଥ୍ୟ ଉପଲବ୍ଧ ହେଉଛି ସେଗୁଡ଼ିକ ହେଲା ଭୌଗୋଳିକ ସ୍ଥିତି ଓ ନକ୍ସା, ଜନସଂଖ୍ୟା ଓ ତତ୍‌ସଂକ୍ରାନ୍ତ ତଥ୍ୟାବଳୀ, ଲୋକେ ପାଉଥିବା ଜନଗଣନାଭିତ୍ତିକ ସୁବିଧାସୁଯୋଗ, ଶିକ୍ଷା, ଉର୍ଜା, ଆର୍ଥିକ, ସ୍ୱାସ୍ଥ୍ୟ, ପୁଷ୍ଟିସାଧନଗତ ତଥ୍ୟ, ଜଙ୍ଗଲ ତଥ୍ୟାବଳୀ, ଭିତ୍ତିଭୂମି, ଜଳସମ୍ପଦ ଓ ପ୍ରାଣୀ ସମ୍ପଦଜନିତ ତଥ୍ୟ ।

**ଶିଳ୍ପ ସୂଚନା ବ୍ୟବସ୍ଥା (ଆଇଆଇଏସ୍):** ଶିଳ୍ପ ପାର୍କ, ଶିଳ୍ପାଞ୍ଚଳ, ଶିଳ୍ପ ପୁଞ୍ଜ ଆଦିର ନକ୍ସାଙ୍କନ ଜିଆଇଏସ୍ ମ୍ୟାପିଂ ବ୍ୟବସ୍ଥାରେ କରାଯାଉଛି । ମାନୁଫାକଚରିଙ୍ଗ୍ କ୍ଲଷ୍ଟର ନିର୍ମାଣ ପାଇଁ ଡିପିଆଇଆଇଟି ଏହି ବ୍ୟବସ୍ଥାର ଉପଯୋଗ କରୁଛି । ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ତାହାର ନୀତି ନିର୍ଦ୍ଧାରଣ ଓ ଯୋଜନା କାର୍ଯ୍ୟକାରିତାରେ ଏହାର ସହାୟତା ନେଉଛି । ଏସବୁ ତଥ୍ୟକୁ ବିଚାରକୁ ନେଇ ଯୋଜନା ପ୍ରସ୍ତୁତ କରାଯିବା ସହ ପୁଞ୍ଜି ନିବେଶ ନିଷ୍ପତ୍ତି ଗ୍ରହଣ କରାଯାଉଛି ।

- ଏହି ବ୍ୟବସ୍ଥା ଆଧାରରେ ଆଠଟି କେନ୍ଦ୍ରୀୟ ମନ୍ତ୍ରଣାଳୟ ଓ ୩୧ଟି ରାଜ୍ୟରେ ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟର ସବିଶେଷ ଡାଟାବ୍ୟାଙ୍କ ଏବେ ଉପଲବ୍ଧ ।
- କ୍ୱେରୀ ବିଲଡର ସହାୟତାରେ ଉନ୍ନତ ଆନାଲିଟିକ୍ସର ଉପଯୋଗ କରାଯାଇ ବିଭିନ୍ନ ସଂପୃକ୍ତ ପକ୍ଷ ଓ ନିବେଶକଙ୍କୁ ତଥ୍ୟାବଳୀ ଯୋଗାଇ ଦିଆଯାଉଛି ।
- ବ୍ୟାବହାରିକ ଓ ଯଥାର୍ଥ ନିଷ୍ପତ୍ତି ଗ୍ରହଣ ପାଇଁ ଇଣ୍ଟରଆକ୍ଟିଭ୍ ମ୍ୟାନେଜମେଣ୍ଟ ସିଷ୍ଟମ ଡ୍ୟାସ୍‌ବୋର୍ଡର ବ୍ୟବହାର କରାଯାଉଛି ।
- ଜମିର ପ୍ଲଟୱାରୀ ସବିଶେଷ ବିବରଣୀ ଯଥା ଉପଲବ୍ଧ ଜମି, ବ୍ୟବହାର, କର୍ମଚାରୀଙ୍କ ସଂଖ୍ୟା ଆଦି ତଥ୍ୟ ସଂଗ୍ରହ କରାଯାଇ ଜମିର ସର୍ବାଧିକ ଉପଯୋଗ ଉପରେ ଗୁରୁତ୍ୱ ଦିଆଯାଉଛି । ଏହାକୁ ହିସାବକୁ ନେଇ କେନ୍ଦ୍ର / ରାଜ୍ୟ ସରକାରମାନେ ଶିଳ୍ପ ପାଇଁ ଉଦ୍ଦିଷ୍ଟ ଜମିର ସର୍ବାଧିକ ଉପଯୋଗ କରୁଛନ୍ତି ।
- ଜିଲାସ୍ତରରେ ଚାହିଦାକୁ ଦେଖି ଶିଳ୍ପ ପାଇଁ ଉଦ୍ଦିଷ୍ଟ ଜମିର ଉପଯୋଗ କରାଯାଉଛି । ଏହା ଫଳରେ ଶିଳ୍ପ ପାଇଁ ଜମି ଯୋଗାଣ ଓ ଚାହିଦା ମଧ୍ୟରେ ଭାରସାମ୍ୟ ରକ୍ଷା କରାଯାଇପାରୁଛି ।
- କେଉଁ ସ୍ଥାନରେ କିପରି ଶିଳ୍ପପୁଞ୍ଜି ପ୍ରତିଷ୍ଠା






ହେଲେ ସୁବିଧା ହେବ ସେଥିପାଇଁ ଏହା ସାହାଯ୍ୟରେ ଅଞ୍ଚଳ ଚିହ୍ନଟ ହୋଇ ତାହାକୁ ବିଭିନ୍ନ ଶିଳ୍ପ ପାଇଁ ଚିହ୍ନଟ କରାଯାଉଛି।

● ନୂଆ ଭିତ୍ତିଭୂମି ପ୍ରତିଷ୍ଠା ପାଇଁ ସଂପୃକ୍ତ ଅଞ୍ଚଳର ଭୂମି, ପରିବହନ ସୁବିଧା, ସହରାଞ୍ଚଳ ଭିତ୍ତିଭୂମି, କୃଷି, ଉଦ୍ୟାନକୃଷି ଓ ଅନ୍ୟାନ୍ୟ କ୍ଷେତ୍ରକୁ ଚିହ୍ନଟ କରାଯାଇ ନିଷ୍ପତ୍ତି ନିଆଯାଉଛି।

**ଖଣି ତଦାରଖ ବ୍ୟବସ୍ଥା (ଏମ୍‌ଏସ୍‌ଏସ୍):** ଖଣି କ୍ଷେତ୍ରର ତଦାରଖ ଓ ତଥ୍ୟ ସଂଗ୍ରହ ପାଇଁ ଏକ ସ୍ୱତନ୍ତ୍ର ପୋର୍ଟାଲ ଓ ମୋବାଇଲ ଆପ୍ ପ୍ରସ୍ତୁତ ହୋଇଛି। ଏହା ଉଭୟ ସରକାରୀ କର୍ମଚାରୀ ଓ ନାଗରିକଙ୍କ ପାଇଁ ଉପଲବ୍ଧ। ବେଆଇନ୍ ଖଣି ଖନନ ଓ ଖଣିଜ ପଦାର୍ଥ ଉତ୍ତୋଳନକୁ ରୋକିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଦୂର ସମ୍ବେଦୀ ବ୍ୟବସ୍ଥା ମାଧ୍ୟମରେ ସ୍ୱୟଂକ୍ରିୟଭାବେ ଖଣି ଅଞ୍ଚଳର ଖନନ ଓ ଅନ୍ୟାନ୍ୟ କାର୍ଯ୍ୟ ସମ୍ପର୍କରେ ତଥ୍ୟ ସଂଗୃହୀତ ହେଉଛି।

● ଲିଜ୍ ଦିଆଯାଇଥିବା ଖଣି ଅଞ୍ଚଳର ଖସଡ଼ା ମାନଚିତ୍ର ଜିଓ ନିର୍ଦ୍ଦେଶିତ ହୋଇଛି ଏବଂ ଏହା ଉପଗ୍ରହ (ସାଟେଲାଇଟ୍) ମାନଚିତ୍ରରେ ସ୍ପଷ୍ଟ ପ୍ରତିଫଳିତ ହେଉଛି। ଫଳରେ ଲିଜ୍‌ଧାରୀଙ୍କୁ ମିଳିଥିବା ଜମିର ଆୟତନ ସାଟେଲାଇଟ୍ ଚିତ୍ରରୁ ଜାଣିହେଉଛି। ସେହି ଲିଜ୍ ଜମି ବାହାରେ ଖଣି ଖନନ କାର୍ଯ୍ୟ ବେଆଇନ୍ ଭାବେ ହେଲେ ତାହା ସାଟେଲାଇଟ୍ ଚିତ୍ରରୁ ଧରାପଡ଼ିଯାଉଛି। ଲିଜ୍ ଅଞ୍ଚଳର ଚତୁଃସୀମାରେ ୫୦୦ ମିଟରର ଏକ ବଫର ଇଲାକା ରଖାଯାଇଛି। ସେଇ ବଫର ଇଲାକାରେ ଖନନ କାର୍ଯ୍ୟକୁ ବେଆଇନ୍ କରାଯାଇଛି। ମୋବାଇଲ୍ ଆପ୍ ବ୍ୟବହାରକାରୀ ଖଣି ଅଧିକାରୀମାନେ ଲିଜ୍ ଅଞ୍ଚଳର ଖନନ କାର୍ଯ୍ୟ ତଦାରଖ କରିବାବେଳେ ବେଆଇନ୍ ଖନନକୁ ଧରିବା ସହଜ ହେଉଛି।

**ଏହି ପ୍ରକଳ୍ପର କେତେକ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି ହେଲା :** ଏହାଦ୍ୱାରା ଦେଶର ମୋଟ୍ ୩୨୮୦ ଖଣି (ଉତ୍ତୋଳନ ଓ ଖନନ ସ୍ଥିତିରେ ଥିବା ୧୬୮୯ ଖଣି ସମେତ)ର ମାନଚିତ୍ର ପ୍ରସ୍ତୁତ ହୋଇଛି। ଏହି ପ୍ରୋଜେକ୍ଟରେ ମୋଟ୍ ୪୭୮ଟି ଟ୍ରିଗର୍ସ (ପ୍ରକ୍ରିୟା)ର ବ୍ୟବସ୍ଥା ଅଛି। ତାହା ମାଧ୍ୟମରେ ୪୧୬ଟି ଖଣି ତଦାରଖ କାର୍ଯ୍ୟ ସମ୍ପନ୍ନ ହୋଇଛି। ସେଥିରେ ୫୯ଟି ପ୍ରାମାଣିକ ଓ ଆଇନସମ୍ମତ ଖଣିରେ କୌଣସି ବେଆଇନ୍ ଖନନ ହୋଇ ନ ଥିବା ପ୍ରମାଣିତ ହୋଇଛି। ଏହା ସହିତ ୩୯ଟି ବେଆଇନ୍ ଖଣି ଖନନ ସଂକ୍ରାନ୍ତ ସାଧାରଣ ଅଭିଯୋଗର ମଧ୍ୟ ତଦନ୍ତ ହୋଇଛି। ଏହାଦ୍ୱାରା ଖଣି ଖନନ ଜନିତ ଦୁର୍ନୀତି ନିୟନ୍ତ୍ରଣରେ ରହିଛି। ଏହା ମଧ୍ୟ ଖଣି କ୍ଷେତ୍ରରେ ସ୍ୱଚ୍ଛତା ରକ୍ଷାରେ ସହାୟକ ହେଉଛି।

**ଉତ୍ତରପୂର୍ବାଞ୍ଚଳ ଏବଂ ହିମାଳୟ ରାଜ୍ୟ ସମୂହ ପାଇଁ ଶିଳ୍ପ ବିକାଶ ଯୋଜନା (ଏନ୍‌ଇଆଇଡିଏସ୍) ଓ (ଆଇଡିଏସ୍):**

ଉତ୍ତରପୂର୍ବାଞ୍ଚଳ ଶିଳ୍ପ ବିକାଶ ଯୋଜନା (ଏନ୍‌ଇଆଇଡିଏସ୍) ଓ ହିମାଳୟ ସଂଲଗ୍ନ ରାଜ୍ୟଗୁଡ଼ିକର ଶିଳ୍ପ ବିକାଶ ଯୋଜନା (ଆଇଡିଏସ୍) ପାଇଁ ଦୁଇଟି ୱେବ୍‌ପୋର୍ଟାଲ ପ୍ରସ୍ତୁତ ହୋଇଛି। ଶିଳ୍ପ ସ୍ଥାପନ, କଞ୍ଚାମାଲ ସଂଗ୍ରହ, ଉତ୍ପାଦିତ ସାମଗ୍ରୀ ପ୍ରେରଣ, ଶିଳ୍ପ ସଂକ୍ରାନ୍ତ ବ୍ୟବସାୟ ଓ ଅନ୍ୟାନ୍ୟ ତଥ୍ୟାବଳୀ ଏହି ଦୁଇ ୱେବ୍‌ସାଇଟରୁ ଉପଲବ୍ଧ। ଏସବୁ ରାଜ୍ୟ ସମୂହରେ ଶିଳ୍ପ ଏବଂ ଉଦ୍ୟୋଗ ସ୍ଥାପନ ପାଇଁ ଆଗ୍ରହୀ ବ୍ୟକ୍ତିବିଶେଷ ଓ ନିବେଶକ ଏହି ୱେବ୍‌ସାଇଟ୍ ମାଧ୍ୟମରେ ଆବେଦନ କରି ନିଜର ପ୍ରକଳ୍ପ ସ୍ଥାପନ ଲକ୍ଷ୍ୟରେ ଆଗେଇପାରିବେ।

● ବିଭିନ୍ନ ପ୍ରକାର ପୁଞ୍ଜି, ସୁଧ, ବୀମା, ପରିବହନ ଆଦି ପାଇଁ କ୍ଲେମ୍ ଫର୍ମ ତିଆରି ହୋଇଛି।




ଅନ୍‌ଲାଇନ୍‌ରେ ଆବେଦନକାରୀ ଯେପରି ନିଜର କ୍ଲେମ୍ ସହଜରେ ଉପସ୍ଥାପିତ କରି ପ୍ରାପ୍ୟ ପାଇପାରିବେ ସେଥିପାଇଁ ସୁବିଧା କରାଯାଇଛି।

**ସାମାଜିକ ଲାଭ ପରିଚାଳନା ବ୍ୟବସ୍ଥା (ଏସ୍‌ବିଏମ୍‌ଏସ୍):**

● ଏହା ଏକ ଅନ୍‌ଲାଇନ୍ ପ୍ଲାଟ୍‌ଫର୍ମ (ୱେବ୍‌ବେସ୍‌ଡ ଆପ୍ଲିକେସନ)। ସାମାଜିକ ନ୍ୟାୟ ମନ୍ତ୍ରଣାଳୟ ପକ୍ଷରୁ ଏହା ବିକଶିତ ହୋଇଛି। ଏହି ବ୍ୟବସ୍ଥାରେ ତଫସିଲଭୁକ୍ତ ଜାତି, ଉପଜାତି, ଅନଗ୍ରସରବର୍ଗ ଓ ସଫେଇ କର୍ମଚାରୀମାନଙ୍କୁ ବିଭିନ୍ନ ସରକାରୀ ଯୋଜନାର ଆର୍ଥିକ ଲାଭ ସିଧାସଳଖ ଯୋଗାଇଦିଆଯାଉଛି।

● ଏସ୍‌ବିଏମ୍‌ଏସ୍ ୱେବ୍‌ପୋର୍ଟାଲ ୨୦୧୯ ଫେବୃଆରୀ ୨୭ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିଲା। ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ଦ୍ୱାରା ଏହା ପ୍ରସ୍ତୁତ କରାଯାଇଛି।

● ଏହି ବ୍ୟବସ୍ଥାରେ ସରକାର ଦେଉଥିବା ସବ୍‌ସିଡି ଜନିତ ଆର୍ଥିକ ଲାଭ ସିଧାସଳଖ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଯାଉଛି ଓ ଏହାର ବାଟମାରଣା ଆଶଙ୍କା ଦୂର ହୋଇଛି। ଏହାଛଡ଼ା ସମ୍ପୃକ୍ତ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ଏନ୍‌ଏସ୍‌ଏଫ୍‌ଡିସି, ଏନ୍‌ବିସିଏଫ୍‌ଡିସି ଓ ଏନ୍‌ଏସ୍‌କେଏଫ୍‌ଡିସି) ଭଳି ଜାତୀୟ ନିଗମ ଯେଉଁ ଅଣବ୍ୟାଙ୍କ ସଂଯୁକ୍ତ ଯୋଜନାରେ ଲାଭ ନେଉଛନ୍ତି ତାହା ମଧ୍ୟ ହିତାଧିକାରୀଙ୍କ ନିକଟରେ ଏବେ ବିନା ବାଧା ଓ ବାଟମାରଣାରେ ପହଞ୍ଚୁଛି।

● ଏହି ବ୍ୟବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ ହେଲା ହିତାଧିକାରୀଙ୍କୁ ଦିଆଯାଉଥିବା ସରକାରୀ ଆର୍ଥିକ ଲାଭ ଓ ସବ୍‌ସିଡି ଇଲେକଟ୍ରୋନିକ୍ସ ବ୍ୟବସ୍ଥାରେ ସିଧାସଳଖ ସେମାନଙ୍କ ବ୍ୟାଙ୍କ ଖାତାକୁ ଯାଉଛି। ଦ୍ୱିତୀୟତଃ ହିତାଧିକାରୀ ଅନ୍‌ଲାଇନ୍ ବ୍ୟବସ୍ଥାରେ ଆବେଦନ, ଆପତ୍ତି ଅଭିଯୋଗ ନିଜ ଆବେଦନର ସ୍ଥିତି ଆଦି ସମ୍ପର୍କରେ ଏସ୍‌ଏମ୍‌ଏସ୍ ଓ ନିଜ ସିଷ୍ଟମ ମାଧ୍ୟମରେ ତଥ୍ୟ ପାଇପାରୁଛନ୍ତି। ସେହିଭଳି ଆବେଦନକାରୀଙ୍କ ଆପତ୍ତି ଅଭିଯୋଗ ଶୁଣି ପ୍ରତିକାର ବ୍ୟବସ୍ଥା କରିବା ପାଇଁ ଜିଲା, ପ୍ରଦେଶ, ମନ୍ତ୍ରଣାଳୟ ଓ ନିଗମସ୍ତରରେ ଅଧିକାରୀଗଣ ଅଛନ୍ତି ଏବଂ ସେମାନେ ନିଜ ଡ୍ୟାସ୍‌ବୋର୍ଡରୁ ଆବେଦନ ଓ ରିପୋର୍ଟ ସଂଗ୍ରହ କରି ପ୍ରତିକାର ବ୍ୟବସ୍ଥା କରୁଛନ୍ତି।

**ଭାରତର ଭୌଗୋଳିକ ସଂକେତ (ଜିଆଇଏସ୍):**

● ଭାରତୀୟ ଭୌଗୋଳିକ ସଂକେତ ବ୍ୟବସ୍ଥା ବା ଜିଆଇଏସ୍‌ର କାମ ହେଲା ଦେଶର ସବୁ ଜିଆଇର ମାନଚିତ୍ରୀକରଣ (ମ୍ୟାପିଙ୍ଗ) ଏବଂ ପ୍ରୋତ୍ସାହନ ଦେବା ଏବଂ ସବୁ ପଞ୍ଜୀକୃତ ୟୁଜର୍ସଙ୍କୁ ମ୍ୟାଚିଙ୍ଗ କରି ଏହି ପ୍ରକଳ୍ପରେ ଅନ୍ତର୍ଭୁକ୍ତ କରିବା। ଇତିମଧ୍ୟରେ ୨୭୮ ପଞ୍ଜୀକୃତ ଜିଆଇର ମ୍ୟାପିଂ କାର୍ଯ୍ୟଶେଷ ହୋଇଛି। ସବୁ ମାନୁଫାକଚରିଙ୍ଗ, ସବୁ ସାମଗ୍ରୀର ମୌଳିକ ତଥ୍ୟ, ସେସବୁର ସାଂସ୍କୃତିକ ଗୁରୁତ୍ୱ, ଐତିହ୍ୟ, ଇତିହାସ, ବିଶେଷତ୍ୱ ଆଦିର ତଥ୍ୟାବଳୀ ଜିଆଇକୃତ ହୋଇ ଡିଜିଟାଲ ଆକାରରେ ଉପଲବ୍ଧ ହେଉଛି।

● ଦ୍ରବ୍ୟ, ସାମଗ୍ରୀ ଓ ଅନ୍ୟାନ୍ୟ ବିଷୟବସ୍ତୁର ନାମ, ବର୍ଣ୍ଣନା, ଇତିହାସ, ଭୌଗୋଳିକ ଉତ୍ପତ୍ତିସ୍ଥଳ, ଉତ୍ପାଦନ ପ୍ରକ୍ରିୟା ଓ ବିଶେଷତ୍ୱ ସମ୍ବଳିତ ଜିଆଇ ସମ୍ପୃକ୍ତ ତଥ୍ୟ ପୋର୍ଟାଲରୁ ମଧ୍ୟ ମିଳୁଛି।

**କେନାଲର ମାନଚିତ୍ରଣ ଓ ନକ୍ସାକରଣ, ଫସଲ ହୋଇଥିବା ଅଞ୍ଚଳର ପର୍ଯ୍ୟବେକ୍ଷଣ ଓ ଜଳାଶୟ ସ୍ଥିତି ଅନୁଧ୍ୟାନ:**

● ଦେଶରେ ଜଳସେଚନର ବିକାଶ ପାଇଁ ବ୍ୟବହୃତ ସବୁ କେନାଲଗୁଡ଼ିକର ପରିଚାଳନା ଓ କାର୍ଯ୍ୟକାରୀ ହେଉଥିବା ନୂତନ କେନାଲ ପ୍ରକଳ୍ପର କାର୍ଯ୍ୟ ତଦାରଖ ପାଇଁ ସେସବୁର ମାନଚିତ୍ରକରଣ

ସୁଶାସନ ପାଇଁ ଯେଉଁସବୁ ସହାୟକ ବ୍ୟବସ୍ଥାର ଆବଶ୍ୟକତା ରହିଛି ସେସବୁ ପୂରଣ କରିବାରେ ଜିଆଇଏସ୍‌ର ସାମର୍ଥ୍ୟ ରହିଛି। ଏହା ବିଭିନ୍ନ ଲୋକକଲ୍ୟାଣକାରୀ, ବିକାଶମୂଳକ ଓ ସେବାଯୋଗାଣକାରୀ କାର୍ଯ୍ୟକ୍ରମର ସଫଳ ତଦାରଖ କରିବାକୁ ସମର୍ଥ। କାର୍ଯ୍ୟକ୍ରମ ରୂପାୟନ କ୍ଷେତ୍ରରେ ରହିଯାଉଥିବା ତ୍ରୁଟିକୁ ଠାବ କରିବା ସହ ପ୍ରତିକାର ପାଇଁ ଏହା ସୂଚନା ଦେଇଥାଏ। ସମ୍ବଳର ଆବଣ୍ଟନ ଏବଂ ପରିଚାଳନା ମଧ୍ୟ ଏହା ସଫଳତାର ସହ କରେ। ସରକାରଙ୍କର ବିଭିନ୍ନ କାର୍ଯ୍ୟକ୍ରମ ଯଥା ଭୂମିସୂଚୀ ବ୍ୟବସ୍ଥା, ଖଣି ପର୍ଯ୍ୟବେକ୍ଷଣ ଓ ତଦାରଖ, ଶିକ୍ଷା ସୂଚନା ବ୍ୟବସ୍ଥା, ସାମାଜିକ ଲାଭ ପରିଚାଳନା ବ୍ୟବସ୍ଥା ଆଦି ଯେତେସବୁ ସରକାରୀ କାର୍ଯ୍ୟକ୍ରମ ଓ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି ସେଥିରେ ଜିଆଇଏସ୍‌ର ଦକ୍ଷତା ଓ ଅବଦାନ ପ୍ରମାଣିତ ହୋଇଛି। ଏବେ ୨୧୦ରୁ ଅଧିକ ୱେବ୍ ଆପ୍ଲିକେସନ ଓ ୩୦ ମୋବାଇଲ ଆପ୍ଲିକେସନ ୨୩ଟି କେନ୍ଦ୍ରୀୟ ମନ୍ତ୍ରଣାଳୟ / ବିଭାଗ / ସଂସ୍ଥା ଏବଂ ୧୮ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଜାତୀୟ ଜିଓ ଇନ୍‌ଫରମେଟିକ୍ସ କେନ୍ଦ୍ର ଅଧୀନରେ କାର୍ଯ୍ୟକ୍ଷମ ହେବାର ବିଭିନ୍ନ ପର୍ଯ୍ୟାୟରେ ରହିଛି।

ଓ ନକ୍ସାକରଣ କାର୍ଯ୍ୟ କରାଯାଉଛି। ଏହାଛଡ଼ା କ୍ଷୁଦ୍ର ସେଚପ୍ରକଳ୍ପର ସ୍ଥିତି ନିର୍ଦ୍ଧାରଣ ଏବଂ ଅଚଳ ସେଚ ପ୍ରକଳ୍ପଗୁଡ଼ିକୁ ଚିହ୍ନଟ କରି ସେସବୁ ମରାମତି ତଥା ନବୀକରଣ ପାଇଁ ମଧ୍ୟ ଏହି ଟେକ୍‌ନୋଲୋଜି ବ୍ୟବହୃତ ହେଉଛି।

– ଏପର୍ଯ୍ୟନ୍ତ ତ୍ୱରିତ ଜଳସେଚନ ସୁବିଧା ଯୋଗାଣ କାର୍ଯ୍ୟକ୍ରମରେ ଦେଶର ୧୦୬ ସେଚ ପ୍ରକଳ୍ପର ମାନଚିତ୍ରକରଣ କାର୍ଯ୍ୟ ଶେଷ ହୋଇଛି। ଏହି ମାନଚିତ୍ର ମାଧ୍ୟମରେ କେନାଲ ପରିଚାଳନା କାର୍ଯ୍ୟ ସୁସଂହତ ହୋଇପାରିଛି।

– ୨୦୦ ରୁ ଅଧିକ ଜଳାଶୟ ଓ ଜଳଉତ୍ସର ଆର୍‌ଆର୍‌ଆର୍ ମ୍ୟାପିଂ କରାଯାଇ ସେସବୁର ସ୍ଥିତି ଅନୁଧ୍ୟାନ ଓ ଜଳ ପରିଚାଳନା କାର୍ଯ୍ୟ ସମ୍ଭବ ହୋଇଛି।

**ଦିଲ୍ଲୀ ପୁଲିସ:**

ଦିଲ୍ଲୀ ପୁଲିସର ସର୍ଭେ ଓ ତଥ୍ୟ ସଂଗ୍ରହ ପାଇଁ ଏକ ମୋବାଇଲ ଆପ୍ ବିକଶିତ ହୋଇଛି। ଏହା ମାଧ୍ୟମରେ ରାଜଧାନୀ ଦିଲ୍ଲୀ ଏହାର ନିକଟବର୍ତ୍ତୀ ଅଞ୍ଚଳର ରାସ୍ତାଘାଟରେ ଥିବା ଦୁର୍ଘଟଣାପ୍ରବଣ ସ୍ଥାନ ନିରୂପଣ, ଭିଡ଼ ନିୟନ୍ତ୍ରଣ କାର୍ଯ୍ୟ କରାଯାଉଛି। ଏକ ସିଙ୍ଗଲ ମୋବାଇଲ ପ୍ଲାଟଫର୍ମ ମାଧ୍ୟମରେ ଦିଲ୍ଲୀ ପୁଲିସ ନାଗରିକଙ୍କ ପାଇଁ ଉଦ୍ଦିଷ୍ଟ ନିଜର ୪୦ରୁ ଊର୍ଦ୍ଧ୍ୱ ସେବା କାର୍ଯ୍ୟ ଜନସାଧାରଣଙ୍କୁ ଯୋଗାଇଦେଉଛି।

● ନାଗରିକମାନେ ମଧ୍ୟ ଏହି ଆପ୍‌ରୁ ବିପଦପୂର୍ଣ୍ଣ ସ୍ଥାନ, ଭିଡ଼ଥିବା ରାସ୍ତାଘାଟ ଓ ଛକ, ଦିଗନିର୍ଣ୍ଣୟ ଓ ଅନ୍ୟାନ୍ୟ ସୂଚନା ପାଉଛନ୍ତି। ଅଚଳ ଲାଇଟ୍ ପୋଷ୍ଟ, ସିଗ୍‌ନାଲ ପୋଷ୍ଟ, ଖରାପ ରାସ୍ତା ଏବଂ ଅବରୋଧ ହେଉଥିବା ରାସ୍ତାକୁ ତତ୍‌କାଳ ଗମନାଗମନ ଉପଯୋଗୀ କରିବାକୁ ଇଞ୍ଜିନିୟରମାନେ ଏହି ଆପ୍‌ରୁ ତଥ୍ୟ ସଂଗ୍ରହ କରି ତୁରନ୍ତ ଘଟଣାସ୍ଥଳକୁ ଯାଉଛନ୍ତି।

● ଏହି ମୋବାଇଲ ମାଧ୍ୟମରେ ନାଗରିକମାନେ ପୁଲିସକୁ ଜରୁରୀକାଳୀନ ସହାୟତା ଓ ସାହାଯ୍ୟ ମାଗିପାରୁଛନ୍ତି ଏବଂ ଏସ୍‌ଓଏସ୍ ପଠାଇବାରେ ସଫଳ ହେଉଛନ୍ତି। ଫଳରେ ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିବାକୁ ସକ୍ଷମ ହେଉଛି। ଦିଲ୍ଲୀରେ ଥିବା ୨୦୦ରୁ ଅଧିକ ସମସ୍ତ ଥାନା ଇତିମଧ୍ୟରେ ଏହି ମୋବାଇଲ ବ୍ୟବସ୍ଥା ସହ ସଂପୃକ୍ତ।

**ସିଏମ୍‌ଏସ୍‌ଏମ୍‌ଏସ୍ (କୋଇଲା ଖଣି ତଦାରଖ ଓ ପରିଚଳନା ବ୍ୟବସ୍ଥା):**

● କୋଇଲା ମନ୍ତ୍ରଣାଳୟ ପାଇଁ ଏକ ସ୍ୱତନ୍ତ୍ର ୱେବ୍‌ପୋର୍ଟାଲ ପ୍ରସ୍ତୁତ ହୋଇଛି। ଏହା ମାଧ୍ୟମରେ ମନ୍ତ୍ରଣାଳୟର ଅଧିକାରୀ ସ୍ୱୟଂକ୍ରିୟ ଦୂରସଂବେଦୀ ବ୍ୟବସ୍ଥାରେ ଖଣିର ସ୍ଥିତିକୁ ଦେଖିପାରୁଛନ୍ତି। ଫଳରେ ବେଆଇନ୍ ଖନନ ଓ ଖଣିଜ ଚୋରିକୁ ନିୟନ୍ତ୍ରିତ କରାଯାଇପାରୁଛି।

● ଏହି ପ୍ରକଳ୍ପର ଏକ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି ହେଲା ଖଣି ପ୍ରହରୀ ମୋବାଇଲ ଆପ୍‌ର ବିକାଶ। ବେଆଇନ୍ କୋଇଲା ଚୋରି ଓ କୋଇଲା ଉତ୍ତୋଳନକୁ ରୋକିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଏହାର ସୁଫଳ ମଧ୍ୟ ମିଳିଲାଣି। ଜନସାଧାରଣ ମଧ୍ୟ ଏହି ଆପ୍ ମାଧ୍ୟମରେ ବେଆଇନ୍ କୋଇଲା ଉତ୍ତୋଳନ ଓ ଚୋରି ସମ୍ପର୍କରେ ପୁଲିସ ଓ କର୍ତ୍ତୃପକ୍ଷଙ୍କୁ ଖବର ଦେଇପାରୁଛନ୍ତି। ଜନସାଧାରଣ ଦେଇଥିବା ୧୦୪ ବେଆଇନ୍ କୋଇଲା ଖନନ ଓ ଚୋରି ଅଭିଯୋଗ ମଧ୍ୟରୁ ୧୨ଟି ସତ୍ୟ ବୋଲି ଜଣାପଡ଼ିଛି ଏବଂ ଏଥିରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ଦେଶର ୮୬୯ଟି କୋଇଲା ଖଣି (୧୦୦%) ଏହି ପ୍ରକଳ୍ପରେ ମ୍ୟାପିଂ ହୋଇଛି। ଏବେ ଏନ୍‌ସିଓଜି ପ୍ଲାଟ୍‌ଫର୍ମ ସରକାରୀ ଭୂମି ସୂଚନା ସେବା ବ୍ୟବସ୍ଥା, ଜାତୀୟ ସାଂସ୍କୃତିକ ଅଭିଯାନ ମିଶନରେ ଐତିହ୍ୟ ସ୍ଥଳଗୁଡ଼ିକର ମ୍ୟାପିଂ, ସ୍କୁଲ ସୂଚନା ସେବା, କଠିନ ବର୍ଯ୍ୟବସ୍ତୁ ପରିଚାଳନା ବ୍ୟବସ୍ଥା, ନିରାପତ୍ତା ରକ୍ଷା ପାଇଁ ଉଦ୍ଦିଷ୍ଟ ବିଭିନ୍ନ ସଂସ୍ଥାଙ୍କ ଆଭ୍ୟନ୍ତରୀଣ ପରିଚାଳନା ବ୍ୟବସ୍ଥା ଓ ରାଷ୍ଟ୍ରୀୟ ବାଳସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଆଦିରେ ମଧ୍ୟ ବ୍ୟବହୃତ ହେଉଛି।

ଏହା ସହିତ ବ୍ଲକ୍ ଚେନ୍, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ, ମେସିନ୍ ଲର୍ଣ୍ଣିଂ, ଆଇଓଟି, ବିଗ୍ ଡାଟା ଆନାଲିଟିକ୍ସ ଆଦି ନୂଆ ଟେକ୍‌ନୋଲୋଜିକୁ ଜିଆଇଏସ୍ ସହ ସଂପୃକ୍ତ କରିବାକୁ କାର୍ଯ୍ୟ ଚାଲିଛି। ବିକାଶମୂଳକ ଯୋଜନାକୁ ତ୍ୱରାନ୍ୱିତ କରିବା ପାଇଁ ଏହା କରାଯାଉଛି। ଏହା ଫଳରେ ନାଗରିକ କୈନ୍ଦ୍ରିକ ସେବାର ତ୍ୱରିତ ଯୋଗାଣ, ସେବା ପ୍ରଦାନ ଓ ସୁଶାସନ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ।

**ଲେଖକ ହେଉଛନ୍ତି ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରଣାଳୟ ଅଧିନସ୍ଥ ଜାତୀୟ ଇ-ଗଭର୍ଣ୍ଣାନ୍ସ ବିଭାଗର ନିର୍ଦ୍ଦେଶକ।**
**Email ID: vinay@gov.in**

# ଡିଜିଟାଲ ପେମେଣ୍ଟସ୍ : ଭାରତରେ ସ୍ୱଳ୍ପ ନଗଦ କାରବାରକୁ ବାସ୍ତବତାର ରୂପ ଦେବାର ଲକ୍ଷ୍ୟ

ନରେନ୍ଦ୍ର ଯାଦବ

ଭାରତ ପାରମ୍ପରିକ ଭାବେ ଏକ ନଗଦଭିତ୍ତିକ ସମାଜ ଏବଂ ଏଠାରେ ସବୁ କାରବାରରେ ପ୍ରାୟତଃ ନଗଦ ଅର୍ଥ ବ୍ୟବହୃତ ହୋଇଥାଏ। ତିନିଟି କାରଣ ପାଇଁ ଭାରତରେ ନଗଦ କାରବାରର ପ୍ରାଧାନ୍ୟ ଅଧିକ। ସେଗୁଡ଼ିକ ହେଲା -

୧) ଦେୟ ଗ୍ରହଣ (ପେମେଣ୍ଟ ଆକ୍‌ସେସ୍ ପ୍ଲାନ୍ଟ) ବ୍ୟବସ୍ଥାର ଅଭାବ

୨) ଅଧିକାଂଶ ଲୋକ ବ୍ୟାଙ୍କରେ ଜମାଖାତା କେବଳ ଅର୍ଥ ସଞ୍ଚୟ ପାଇଁ ଖୋଲନ୍ତି ଓ ସେ ଆକାଉଣ୍ଟକୁ ଅନ୍ୟ କୌଣସି କାରବାର ବା ଦେଣନେଣ ପାଇଁ କ୍ୱଚିତ୍ ବ୍ୟବହାର କରନ୍ତି।

୩) ନଗଦଭିତ୍ତିକ ନେଣଦେଣରେ ଖର୍ଚ୍ଚ ପଡ଼ି ନ ଥାଏ ଓ ଏହା ସହଜ। ତା' ଛଡ଼ା କିଏ କାହାକୁ କେଉଁ ବାବଦରେ କେତେ ଟଙ୍କା ଦେଲା ଓ କିଏ କେତେ ପାଇଲା ତାହା ଦୁଇ ପକ୍ଷ ବ୍ୟତୀତ ଅନ୍ୟମାନେ ଜାଣିବାର ସୁଯୋଗ ନ ଥାଏ।



କିଛି ବର୍ଷ ପୂର୍ବ ପର୍ଯ୍ୟନ୍ତ ଆମ ବ୍ୟବସାୟୀ ଓ କ୍ରେତାମାନେ କାର୍ଡଭିତ୍ତିକ ପେମେଣ୍ଟର ସୁବିଧା ଉପଯୋଗ କରୁଥିଲେ ଯାହା ଡିଜିଟାଲ ପେମେଣ୍ଟର ଏକମାତ୍ର ମାଧ୍ୟମ ଥିଲା। ୨୦୧୬ ନଭେମ୍ବର ପର୍ଯ୍ୟନ୍ତ ମାତ୍ର ୧୫ ଲକ୍ଷ ବ୍ୟବସାୟୀ ୪୦ରୁ ଅଧିକ ବ୍ୟାଙ୍କ ଦ୍ୱାରା ଯୋଗାଇଦିଆଯାଇଥିବା 'ପିଓଏସ୍' ମାଧ୍ୟମରେ ଏହି କାରବାର କରୁଥିଲେ। ଏହାର ଅର୍ଥ ଭାରତର ମୋଟ୍ ୬କୋଟି ବ୍ୟବସାୟୀଙ୍କ ମଧ୍ୟରୁ ମାତ୍ର ୨.୫ ଶତାଂଶଙ୍କ ନିମନ୍ତେ କାର୍ଡ ମାଧ୍ୟମରେ ଦେୟ ପାଇବାର ବିକଳ୍ପ ଥିଲା। ଅବଶିଷ୍ଟ ନିରୋଳା ନଗଦ କାରବାର ଉପରେ ନିର୍ଭର କରୁଥିଲେ। କ୍ୟୁଆର୍ କୋଡ଼୍‌ଭିତ୍ତିକ ପେମେଣ୍ଟ ବ୍ୟବସ୍ଥା ଆସିବା ପରେ ଏହି ସ୍ଥିତି ନାଟକୀୟ ଭାବେ ବଦଳିଗଲା। ଏବେ ୧.୨କୋଟିରୁ ଅଧିକ ବ୍ୟବସାୟୀ କ୍ୟୁଆର୍ କୋଡ଼ର ଅଧିକାରୀ ଏବଂ ସେମାନେ ସେମାନଙ୍କ ଗ୍ରାହକଙ୍କଠାରୁ ପ୍ରାପ୍ୟ ସେମାନଙ୍କ ୱାଲେଟ୍ ବା ବ୍ୟାଙ୍କ ଆକାଉଣ୍ଟରୁ ସହଜରେ ଡିଜିଟାଲ ବ୍ୟବସ୍ଥାରେ ପାଇପାରୁଛନ୍ତି। କ୍ୟୁଆର କୋଡ୍ ପେମେଣ୍ଟ ବ୍ୟବସ୍ଥାରେ ପିଓଏସ୍, ଇଣ୍ଟରନେଟ୍ ସଂଯୋଗ ଓ ଅନ୍ୟାନ୍ୟ ରକ୍ଷଣାବେକ୍ଷଣ ବ୍ୟବସ୍ଥାରେ ଥିବା ପାରମ୍ପରିକ ଖର୍ଚ୍ଚଜନିତ ଦେୟ ବ୍ୟବସ୍ଥା ନାହିଁ। ଫଳରେ ଦେୟ ବିନା ଖର୍ଚ୍ଚ ଓ ବିନା ଝମେଲାରେ ପ୍ରାପକ ନିକଟରେ ପହଞ୍ଚିଥାଏ। ଏଥିପାଇଁ ଏହାର ଲୋକପ୍ରିୟତା ବଢୁଛି। ମୋବାଇଲ ଓ ଇଣ୍ଟରନେଟ୍ ଟେକ୍‌ନୋଲୋଜିର ନିରନ୍ତର ପ୍ରଗତି ଫଳରେ ସ୍ମାର୍ଟ ଫୋନ୍ ବ୍ୟବହାରକାରୀଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଏହା ସାହାଯ୍ୟରେ କ୍ରେତା ବା ଗ୍ରାହକ ସିଧାସଳଖ ବ୍ୟବସାୟୀଙ୍କ ଆକାଉଣ୍ଟକୁ ପ୍ରାପ୍ୟ ପ୍ରଦାନ କରିପାରୁଛନ୍ତି। ବ୍ୟବସାୟୀଙ୍କୁ ଏଥିପାଇଁ ଦାମିକା ମେସିନ୍ ରଖିବାକୁ ପଡୁନାହିଁ। ଭାରତରେ ବ୍ୟାଙ୍କ ଆକାଉଣ୍ଟଧାରୀଙ୍କ ସଂଖ୍ୟା ୧୦୦ କୋଟିରୁ ଅଧିକ ଓ ଡେବିଟ୍ କାର୍ଡ ବ୍ୟବହାରୀଙ୍କ ସଂଖ୍ୟା ୯୦କୋଟିରୁ ବେଶୀ। ପ୍ରତି ପରିବାରର ଅତିକମ୍‌ରେ ଗୋଟିଏ ବ୍ୟାଙ୍କ ଆକାଉଣ୍ଟ ରହିଛି। ଜନଧନ ମିଶନ ପରେ




ଏହି ଆକାଉଣ୍ଟ ପ୍ରତ୍ୟେକ ପରିବାର ପାଇଁ ନିଶ୍ଚିତ ହୋଇଛି । ତେବେ ଡିଜିଟାଲ ପେମେଣ୍ଟ ପାଇଁ ବ୍ୟାଙ୍କ ଆକାଉଣ୍ଟ ବ୍ୟବହାର କରୁଥିବା ଲୋକଙ୍କ ସଂଖ୍ୟା ୫କୋଟିରୁ କମ୍ । ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ଟଙ୍କା ଦେଣନେଣକୁ ଅନେକ ଲୋକ ଜଟିଳ, ସମସ୍ୟାବହୁଳ ଓ ବିପଦପ୍ରବଣ ବୋଲି ମନେ କରନ୍ତି । ଏହି ଗ୍ରାହକଙ୍କ ପାଇଁ ୱାଲେଟ୍ ବେଶ୍ ଲୋକପ୍ରିୟ କାରଣ ସେମାନେ ନିଜ ମୋବାଇଲ ନମ୍ବରକୁ ଅଥେଣ୍ଟିକେଟ୍ କରି ସହଜରେ ଏକ ୱାଲେଟ୍ ପ୍ରସ୍ତୁତ କରିପାରିବେ । ଏହା ଫଳରେ ୱାଲେଟରେ ଯେତିକି ଟଙ୍କା ରହିବ ତା'ର ମୂଳ ବ୍ୟାଙ୍କ ଆକାଉଣ୍ଟ ସହ ପୃଥକ୍ ହୋଇ ଗଣ୍ୟ ହେବ । ଯଦି କାରବାରରେ କୌଣସି ତ୍ରୁଟି ବିଚ୍ୟୁତି ହୁଏ ତେବେ ତାହା କେବଳ ୱାଲେଟରେ ଥିବା ଅର୍ଥକୁ ପ୍ରଭାବିତ କରିବ ଏବଂ ବ୍ୟାଙ୍କ ଆକାଉଣ୍ଟକୁ ସ୍ପର୍ଶ କରିବ ନାହିଁ ।

କେୱାଇସି ଭଳି ନିୟନ୍ତ୍ରଣ ବ୍ୟବସ୍ଥା ସତ୍ତ୍ୱେ ୱାଲେଟ୍ ବ୍ୟବହାରକାରୀଙ୍କ ସଂଖ୍ୟା ନିରନ୍ତର ବଢ଼ିବାରେ ଲାଗିଛି । ୟୁପିଆଇର ପ୍ରବର୍ତ୍ତନ ପରେ ଯେଉଁ ଲୋକମାନେ ସିଧାସଳଖ ନିଜର ବ୍ୟାଙ୍କ ଆକାଉଣ୍ଟରୁ ପ୍ରାପ୍ୟ ଦେବାକୁ ଆଗ୍ରହୀ ସେମାନଙ୍କ ପାଇଁ ବ୍ୟବସ୍ଥା ଅଧିକ ସହଜ ଓ ସରଳ ହୋଇଛି । ମୋଟ ଉପରେ ବ୍ୟାଙ୍କ, ଡେବିଟ୍କାର୍ଡ, କ୍ରେଡିଟ୍ କାର୍ଡ ସହିତ ୱାଲେଟ ଓ ୟୁପିଆଇ ଡିଜିଟାଲ ପେମେଣ୍ଟ ବ୍ୟବସ୍ଥାକୁ ପ୍ରସାରିତ କରିବାରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରୁଛି ।

ସମସ୍ତଙ୍କ ଦ୍ୱାରା ଗୃହୀତ ଏବଂ ବ୍ୟବହୃତ ହେବାର ସାର୍ବଜନୀନ ମହତ୍ୱ ନଗଦ ଅର୍ଥ ବା ଟଙ୍କାର ରହିଛି । ଏହା ତାହାର ଅନ୍ତର୍ନିହିତ ବିଶେଷତ୍ୱ । ତେବେ ବିତ୍ତ ପରିଚାଳନା ଜନିତ ଭିତ୍ତିଭୂମି ପାଇଁ ଖର୍ଚ୍ଚ ମଧ୍ୟ ପଡ଼ିଥାଏ । ଅର୍ଥାତ୍ ଟଙ୍କା ଛପାଇବା, ପଠାଇବା, ଦବାନବା ବା ଅର୍ଥ ପରିଚାଳନା ପାଇଁ ଖର୍ଚ୍ଚ ଲାଗେ । ସେଇଭଳି ବିଭିନ୍ନ ବିଲ୍ ସଂଗ୍ରହ କେନ୍ଦ୍ର ପ୍ରତିଷ୍ଠା, ଏଟିଏମ୍ ସ୍ଥାପନ ଓ ଟଙ୍କା ଜମା ମେସିନ୍ ଓ କ୍ୟାସ୍କାଉଣ୍ଟର ଲଗାଇବା ପାଇଁ ମଧ୍ୟ ଅର୍ଥ ଖର୍ଚ୍ଚ କରିବାକୁ ପଡ଼େ । ଏସବୁ କେବଳ ନଗଦ ଅର୍ଥ କାରବାର ପାଇଁ ଉଦ୍ଦିଷ୍ଟ । ଅତଏବ ନଗଦ କାରବାରକୁ ଯଥେଷ୍ଟ ହ୍ରାସ କରି ଡିଜିଟାଲ ବ୍ୟବସ୍ଥାରେ ଟଙ୍କା ଦବାନବା କଲେ ଏସବୁ ଖର୍ଚ୍ଚ ଯଥେଷ୍ଟ ହ୍ରାସ ପାଇବ । ଟଙ୍କାର ମାଲିକ ଅଜ୍ଞେୟ । ଥରେ ହାତରୁ ପଇସା ଗଲେ ତାହା କେଉଁଠି ରହିଲା ବା କା ପାଖକୁ ଗଲା ତାକୁ ଠାବ କରିବା କଷ୍ଟ । ଡିଜିଟାଲ ବ୍ୟବସ୍ଥାରେ କିନ୍ତୁ ସେ ସମ୍ଭାବନା ନାହିଁ । ଟଙ୍କା କେଉଁଠୁ ଆସିଲା ବା କେଉଁଠିକୁ, କାପାଖକୁ ଗଲା ତାହାର ସମସ୍ତ ତଥ୍ୟ ରହେ ଏବଂ ଆବଶ୍ୟକ ସ୍ଥଳେ ତାହା ଠାବ ହୋଇପାରେ । ପି ୨ ଏମ୍ (ପର୍ସନ ଟୁ ମର୍ଚ୍ଚାଣ୍ଟ) ଡିଜିଟାଲ ପେମେଣ୍ଟ ବ୍ୟବସ୍ଥାର କେନ୍ଦ୍ରରେ ଏକ ନିରପେକ୍ଷ ପକ୍ଷ ରହିଛି ଯାହା ମଧ୍ୟସ୍ଥତା କରିବା ସହ ବିବାଦ ସମାଧାନ କରିଥାଏ । ପ୍ରାପ୍ୟ ପ୍ରଦାନରେ ଠକେଇ, ଖରାପ ସାମଗ୍ରୀ ଯୋଗାଣ ଓ ଅନ୍ୟାନ୍ୟ ବିବାଦର ସମାଧାନ ଏହି ପକ୍ଷ ଦ୍ୱାରା ହୋଇଥାଏ ଏବଂ କ୍ଷତିଗ୍ରସ୍ତ ପକ୍ଷଙ୍କୁ ନ୍ୟାୟ ଦିଆଯାଏ । ଏହି ବ୍ୟବସ୍ଥାରେ ଟଙ୍କା ପୈଠ କରିଥିବା ପ୍ରାପକ ତାର ଦେୟ ବ୍ୟବସାୟୀ/ବିକ୍ରେତା ପାଖରେ ପହଞ୍ଚିଲା କି ନାହିଁ ତାହା ଯଦି ଜାଣି ନ'ପାରେ ତାହାର ମଧ୍ୟ ଅନୁସନ୍ଧାନ ବ୍ୟବସ୍ଥା ରହିଛି । ମୋଟାମୋଟି ଭାବେ ଏହି ବ୍ୟବସ୍ଥାରେ ଟଙ୍କା ଦେଣନେଣକୁ ସରଳ, ସହଜ ଏବଂ ଠକେଇ ମୁକ୍ତ କରିବାର ବନ୍ଦୋବସ୍ତ କରାଯାଇଛି ।

ସମାଜର ସବୁବର୍ଗର ଲୋକଙ୍କୁ ଆର୍ଥିକ ବ୍ୟବସ୍ଥାରେ ସାମିଲ କରିବାକୁ ଭାରତ ସରକାର ଗୁରୁତ୍ୱ ଦେଇ ସେ ଦିଗରେ କାର୍ଯ୍ୟ କରୁଛନ୍ତି । ଲୋକେ ମଧ୍ୟ ନିଜର ଦୈନନ୍ଦିନ ଜୀବନରେ ଅର୍ଥ ନେଣଦେଣ ପାଇଁ ବିଭିନ୍ନ ପ୍ରକାର ଆର୍ଥିକ ମାର୍ଗ ଓ ଉପାୟ ଅବଲମ୍ବନ କରୁଛନ୍ତି । ସରକାରଙ୍କ ଆର୍ଥିକ ସମାବେଶୀ ପ୍ରକ୍ରିୟାରେ ଚାରିଟି ବିଷୟ ପ୍ରତି ଗୁରୁତ୍ୱ ଦିଆଯାଇଛି । ସେସବୁ ହେଲା, ପେମେଣ୍ଟ (ଦେଣ), କ୍ରେଡିଟ୍

(ଋଣ), ନିବେଶ (ଇନ୍‌ଭେଷ୍ଟମେଣ୍ଟ) ଓ ଇନ୍‌ସୁରାନ୍ସ ବା ବୀମା। କେବଳ ଉପଯୁକ୍ତ ଟେକ୍‌ନୋଲୋଜି ହିଁ ଏହାକୁ ସଫଳ ଭାବେ କାର୍ଯ୍ୟକାରୀ କରି ଲୋକଙ୍କୁ ଆର୍ଥିକ ଦୃଷ୍ଟିରୁ ସମାବେଶୀ କରିପାରିବ। ଜେଏଏମ୍ ଟ୍ରିନିଟି (ଜନଧନ, ଆଧାର ଓ ମୋବାଇଲ ଏହି ତ୍ରିମୂର୍ତ୍ତିର ସମାହାର) ବାସ୍ତବରେ ଭାରତରେ ଡିଜିଟାଲ ବିପ୍ଳବକୁ ନୂଆ ରୂପ ଦେଇଛି ଏବଂ ଏହା ମାଧ୍ୟମରେ ସମାଜର ବଞ୍ଚିତ, ଉପେକ୍ଷିତ ଓ ଅନଗ୍ରସର ବର୍ଗ ଆର୍ଥିକ ମୁଖ୍ୟ ଧାରାରେ ସାମିଲ ହୋଇଛନ୍ତି। ଜନଧନ ଯୋଜନାରେ ପ୍ରତ୍ୟେକ ପରିବାର ପାଇଁ ଗୋଟିଏ ବ୍ୟାଙ୍କ ଆକାଉଣ୍ଟ ଖୋଲିବାର ବ୍ୟବସ୍ଥା ସୁନିଶ୍ଚିତ କରାଯାଇଛି। ବିଭିନ୍ନ ସରକାରୀ ଯୋଜନାରେ ଲୋକଙ୍କୁ ଯୋଗାଇ ଦିଆଯାଉଥିବା ଆର୍ଥିକ ଲାଭ ବା ସବ୍‌ସିଡି ବାବଦ ଅର୍ଥ ସିଧାସଳଖ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଯାଉଛି। ଏହା ଫଳରେ ମଧ୍ୟସ୍ଥ ବ୍ୟବସ୍ଥା ଓ ଟଙ୍କା ହେରଫେର ଆଶଙ୍କା ଦୂର ହୋଇଛି। ଦେଶର ଗରିବ ଲୋକମାନେ ଏବେ ଡିଜିଟାଲ ଟ୍ରାନ୍‌ଜାକ୍‌ସନ କରିବାକୁ ସମର୍ଥ। ସେମାନେ ଏକ 'ଏକାଉଣ୍ଟ ହିଷ୍ଟ୍ରୀ' (ଜମା ଖାତା ସମ୍ବନ୍ଧିତ ତଥ୍ୟାବଳୀ) ପ୍ରସ୍ତୁତ କରି ବ୍ୟାଙ୍କ ଓ ଅନ୍ୟାନ୍ୟ ବିତ୍ତୀୟ ଅନୁଷ୍ଠାନରେ ତାହାକୁ ଉପସ୍ଥାପନ କଲେ ତାହାକୁ ବିଚାରକୁ ନେଇ ସେମାନେ ଋଣ ପାଇବାକୁ ଯୋଗ୍ୟ କି ନୁହେଁ ତାହା ବ୍ୟାଙ୍କମାନେ ନିର୍ଦ୍ଧାରଣ କରିବେ। ଏହାଦ୍ୱାରା ଗରିବ ଲୋକମାନେ ଆଉ ପୂର୍ବଭଳି ସାହୁକାରଙ୍କଠାରୁ ଚଡ଼ା ହାରରେ କରଜ ଆଣି ସର୍ବସ୍ୱାନ୍ତ ହେବେ ନାହିଁ। ଅର୍ଥନୀତି ଉପରେ ଏହି ଦୃଢ଼ ଡିଜିଟାଲ ପେମେଣ୍ଟ ଭିତ୍ତିଭୂମିର ବିଭିନ୍ନ ପ୍ରକାର ଅନୁକୂଳ ପ୍ରଭାବ ପଡୁଛି। ନିଜର ଟ୍ରାନ୍‌ଜାକ୍‌ସନ ବିବରଣ ଭିତ୍ତିରେ ବ୍ୟବହାରକାରୀ ଋଣ କରିବାର ସୁଯୋଗ ପାଇପାରୁଛି।

ଜଣେ ନାଗରିକ ପାଇଁ ଡିଜିଟାଲ ପେମେଣ୍ଟ ବିଭିନ୍ନ ପ୍ରକାର ସୁବିଧାସୁଯୋଗ ଯୋଗାଉଛି। ବିଭିନ୍ନ ସେବା ପାଇଁ ବିଲ୍ ପୈଠ, ଟ୍ରେନ୍/ ବସ୍/ସିନେମା ଟିକେଟ୍ ବୁକିଂ, ପିଲାଙ୍କ ସ୍କୁଲ କଲେଜର ଦେୟ ପୈଠ ଆଦି ମାଧ୍ୟମରେ ସହଜରେ କରାଯାଇପାରୁଛି ଯେଉଁଠି ଧାଡ଼ିରେ ଛିଡ଼ା ହୋଇ କାଉଣ୍ଟରରେ ନଗଦ ଟଙ୍କା ଦାଖଲ କରିବାର ଆବଶ୍ୟକତା ନାହିଁ। ସେହିଭଳି ନଗଦ ଦେୟ ପୈଠବେଳେ ଖୁଚୁରା ଜନିତ ସମସ୍ୟାର ଅବସାନ ଡିଜିଟାଲ ପେମେଣ୍ଟ ଘଟାଇଛି। ବଟନ ଦବାଇବା ମାତ୍ରେ ଋଣ ଓ ପରିଶୋଧ ଏବଂ ଦେଣନେଣ ସଂକ୍ରାନ୍ତ ସବୁ ତଥ୍ୟ ସବିଶେଷ ଡିଜିଟାଲ ଟ୍ରାନ୍‌ଜାକ୍‌ସନ ବ୍ୟବସ୍ଥାରେ ଉପଲବ୍ଧ ହେଉଛି।

ଅନ୍‌ଲାଇନ୍ ବ୍ୟବସ୍ଥାରେ ନିରାପତ୍ତା ବା ସୁରକ୍ଷା ସବୁଠୁ ଗୁରୁତ୍ୱପୂର୍ଣ୍ଣ, ଏଥିରେ ସମସ୍ତ ପ୍ରକାର ପେମେଣ୍ଟ ମାଧ୍ୟମ ପାଇଁ ଭାରତ ସରକାର ୨ ଫ୍ୟାକ୍ଟର ଅଥେଣ୍ଟିକେସନ୍‌କୁ ବାଧ୍ୟତାମୂଳକ କରିଛନ୍ତି। ଏଥିରେ କଷ୍ଟମର ପାଇଁ ନିଜର ୟୁଜର ନେମ୍ ଓ ପାସ୍‌ୱାର୍ଡ ଭଳି ଦୁଇଟି ବ୍ୟବସ୍ଥା ଅନିବାର୍ଯ୍ୟ ହୋଇଛି ଯାହା 'ନୋ ସମ୍‌ଥିଙ୍ଗ' ଓ 'ହାଭ୍ ସମ୍‌ଥିଙ୍ଗ୍' ଭାବେ ପରିଚିତ। ମୋବାଇଲ ଫୋନ୍‌ରେ ଓଟିପି ଭଳି ଏହି ବାର୍ତ୍ତା ପହଞ୍ଚିଥାଏ। ଏହାକୁ ପାଳନ କଲେ ଡିଜିଟାଲ କାରବାର ଅଧିକ ନିରାପଦ ହୁଏ ଏବଂ ହ୍ୟାକରଙ୍କୁ ଆକାଉଣ୍ଟ ହ୍ୟାକ୍ କରିବାର ଅବକାଶ ମିଳେନାହିଁ। ଭାରତ ବିଶ୍ୱର ଖୁବ୍ କମ୍ ଦେଶ ମଧ୍ୟରେ ଅନ୍ୟତମ ଯେଉଁଠି ଡିଜିଟାଲ ପେମେଣ୍ଟରେ ୨ ଫ୍ୟାକ୍ଟର ଅଥେଣ୍ଟିକେସନ ବ୍ୟବସ୍ଥା ଅତିରିକ୍ତ ନିରାପତ୍ତା ବ୍ୟବସ୍ଥା ଭାବେ ଯୋଗାଇ ଦିଆଯାଉଛି। ଯେଉଁ ପେମେଣ୍ଟର ପରିମାଣ ସ୍ୱଳ୍ପ ସେଠାରେ ଭାରତ ସରକାର ଅତିରିକ୍ତ ଫ୍ୟାକ୍ଟର ଅଥେଣ୍ଟିକେସନ ନିୟମକୁ କୋହଳ କରିଛନ୍ତି। ୨୦୦୦ ଟଙ୍କା ପର୍ଯ୍ୟନ୍ତ ପେମେଣ୍ଟ ବ୍ୟବସ୍ଥାରେ ଏହା ଲାଗୁହେଉନାହିଁ। ଆକାଉଣ୍ଟକୁ କେତେ ଟଙ୍କା ଆସିଲା ଓ କେତେଟଙ୍କା କଟିଲା ତାହାର ସୂଚନା ମୋବାଇଲ ଯୋଗେ ଉପଲବ୍ଧ ହେଉଥିବାରୁ ଆକାଉଣ୍ଟଧାରୀଙ୍କୁ ହିସାବ ରଖିବା ସହଜ ହେଉଛି।

ଡିଜିଟାଲ ଟ୍ରାନ୍‌ଜାକ୍‌ସନ ନିରାପତ୍ତାର ଦୁଇଟି ଦିଗ ରହିଛି। ଗୋଟିଏ ବୈଷୟିକ (ଟେକ୍‌ନୋଲୋଜି) ଗତ ଓ ଅନ୍ୟଟି ବ୍ୟବହାରକାରୀଙ୍କ ଆର୍ଥିକ ସାକ୍ଷରତାଜନିତ। ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଓ ମେସିନ ଲର୍ଣ୍ଣିଂ ଭଳି ଅତ୍ୟାଧୁନିକ ଟେକ୍‌ନୋଲୋଜି ଡିଜିଟାଲ ପେମେଣ୍ଟକୁ ଅଧିକ ସୁରକ୍ଷିତ ଓ ନିରାପଦ କରିଛି। ସେହିଭଳି ନୂଆନୂଆ ସାଇବର ଅପରାଧ,

କିଛି ବର୍ଷ ପୂର୍ବ ପର୍ଯ୍ୟନ୍ତ ଆମ ବ୍ୟବସାୟୀ ଓ କ୍ରେତାମାନେ କାର୍ଡଭିତ୍ତିକ ପେମେଣ୍ଟର ସୁବିଧା ଉପଯୋଗ କରୁଥିଲେ ଯାହା ଡିଜିଟାଲ ପେମେଣ୍ଟର ଏକମାତ୍ର ମାଧ୍ୟମ ଥିଲା। ୨୦୧୬ ନଭେମ୍ବର ପର୍ଯ୍ୟନ୍ତ ମାତ୍ର ୧୫ ଲକ୍ଷ ବ୍ୟବସାୟୀ ୪୦ରୁ ଅଧିକ ବ୍ୟାଙ୍କ ଦ୍ୱାରା ଯୋଗାଇଦିଆଯାଇଥିବା 'ପିଓଏସ୍' ମାଧ୍ୟମରେ ଏହି କାରବାର କରୁଥିଲେ। ଏହାର ଅର୍ଥ ଭାରତର ମୋଟ୍ ୬କୋଟି ବ୍ୟବସାୟୀଙ୍କ ମଧ୍ୟରୁ ମାତ୍ର ୨.୫ ଶତାଂଶଙ୍କ ନିମନ୍ତେ କାର୍ଡ ମାଧ୍ୟମରେ ଦେୟ ପାଇବାର ବିକଳ୍ପ ଥିଲା। ଅବଶିଷ୍ଟ ନିରୋଳା ନଗଦ କାରବାର ଉପରେ ନିର୍ଭର କରୁଥିଲେ। କ୍ୟୁଆର୍ କୋଡ୍‌ଭିତ୍ତିକ ପେମେଣ୍ଟ ବ୍ୟବସ୍ଥା ଆସିବା ପରେ ଏହି ସ୍ଥିତି ନାଟକୀୟ ଭାବେ ବଦଳିଗଲା। ଏବେ ୧.୨କୋଟିରୁ ଅଧିକ ବ୍ୟବସାୟୀ କ୍ୟୁଆର୍ କୋଡ୍‌ର ଅଧିକାରୀ ଏବଂ ସେମାନେ ସେମାନଙ୍କ ଗ୍ରାହକଙ୍କଠାରୁ ପ୍ରାପ୍ୟ ସେମାନଙ୍କ ୱାଲେଟ୍ ବା ବ୍ୟାଙ୍କ ଆକାଉଣ୍ଟରୁ ସହଜରେ ଡିଜିଟାଲ ବ୍ୟବସ୍ଥାରେ ପାଇପାରୁଛନ୍ତି। କ୍ୟୁଆର କୋଡ୍ ପେମେଣ୍ଟ ବ୍ୟବସ୍ଥାରେ ପିଓଏସ୍, ଇଣ୍ଟରନେଟ୍ ସଂଯୋଗ ଓ ଅନ୍ୟାନ୍ୟ ରକ୍ଷଣାବେକ୍ଷଣ ବ୍ୟବସ୍ଥାରେ ଥିବା ପାରମ୍ପରିକ ଖର୍ଚ୍ଚଜନିତ ଦେୟ ବ୍ୟବସ୍ଥା ନାହିଁ। ଫଳରେ ଦେୟ ବିନା ଖର୍ଚ୍ଚ ଓ ବିନା ଝମେଲାରେ ପ୍ରାପକ ନିକଟରେ ପହଞ୍ଚିଥାଏ। ଏଥିପାଇଁ ଏହାର ଲୋକପ୍ରିୟତା ବଢୁଛି। ମୋବାଇଲ ଓ ଇଣ୍ଟରନେଟ୍ ଟେକ୍‌ନୋଲୋଜିର ନିରନ୍ତର ପ୍ରଗତି ଫଳରେ ସ୍ମାର୍ଟ ଫୋନ୍ ବ୍ୟବହାରକାରୀଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଏହା ସାହାଯ୍ୟରେ କ୍ରେତା ବା ଗ୍ରାହକ ସିଧାସଳଖ ବ୍ୟବସାୟୀଙ୍କ ଆକାଉଣ୍ଟକୁ ପ୍ରାପ୍ୟ ପ୍ରଦାନ କରିପାରୁଛନ୍ତି।

ହ୍ୟାକିଂ, ଠକେଇକୁ ଧରିବା ଏବଂ ତୁରନ୍ତ ଏହାର ପ୍ରତିକାର କରିବାକୁ ନୂଆ ଟେକ୍‌ନୋଲୋଜି ବିକଶିତ ହେଉଛି। ସରକାର ଆର୍ଥିକ ସାକ୍ଷରତା ବଢ଼ାଇ ଲୋକଙ୍କୁ ଡିଜିଟାଲ ଟ୍ରାନଜାକ୍‌ସନ ସମ୍ପର୍କରେ ଅବଗତ ଓ ଅଭ୍ୟସ୍ତ କରିବାକୁ ନାନା ପ୍ରକାର ଅଭିଯାନ ଡିଜିଟାଲ ସାକ୍ଷରତା କାର୍ଯ୍ୟକ୍ରମ ମାଧ୍ୟମରେ ହାତକୁ ନେଇଛନ୍ତି। ଏଥିରେ ନିଜର ବ୍ୟାଙ୍କ ଆକାଉଣ୍ଟର ନିରାପତ୍ତା, ଏହାର ବ୍ୟବହାର, ପାସ୍‌ୱାର୍ଡ ଗୁପ୍ତ ରଖିବା, ଓଟିପି ବିଷୟରେ କାହାରିକୁ ତଥ୍ୟ ନ ଦେବା ଆଦି ବିଷୟରେ ସଚେତନ କରାଯାଉଛି।

ଡିଜିଟାଲ ପେମେଣ୍ଟ ସମ୍ପର୍କରେ ଆଲୋଚନା କରିବାବେଳେ ସର୍ବାଧିକ ଗୁରୁତ୍ୱ ରଖୁଛି ବ୍ୟବହାରକାରୀ (ୟୁଜରର୍ସ)ଙ୍କ ଗୋପନୀୟତା ବା ଏକାନ୍ତତା। ବ୍ୟାଙ୍କ ଓ ଆର୍ଥିକ ସେବା ଉଦ୍ୟୋଗ ବ୍ୟକ୍ତିଗତ ତଥ୍ୟ (ଡାଟା) ସୁରକ୍ଷା ବିଲ୍‌ର ଅନୁମୋଦନକୁ ଆଗ୍ରହର ସହିତ ଅପେକ୍ଷା କରିଛି। ଏହି ବିଲ୍ ଏବେ ସଂସଦର ବିଚାରାଧୀନ। ବ୍ୟକ୍ତିବିଶେଷଙ୍କ ବ୍ୟକ୍ତିଗତ ତଥ୍ୟ ସରକାର ଓ ବିଭିନ୍ନ ବ୍ୟକ୍ତିବିଶେଷଙ୍କ ଦ୍ୱାରା କିପରି ଦେଶ ବିଦେଶରେ ପ୍ରକ୍ରିୟାକୃତ ହେଉଛି ବା ହେବା କଥା ଏହି ବିଲ୍ ସେ ସମ୍ପର୍କରେ ନୂଆ ମାର୍ଗଦର୍ଶନ ଦେବା ସହ ନିୟମ ପ୍ରସ୍ତୁତ କରିବ। ପେମେଣ୍ଟ ଡାଟା ଓ ଡିଜିଟାଲ ଡାଟା ସଂକ୍ରାନ୍ତ ଯେକୌଣସି ତଥ୍ୟ ବ୍ୟକ୍ତିର ଏକାନ୍ତତା ଓ ଗୋପନୀୟତା ସହିତ ଜଡ଼ିତ ଓ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆମ ମତରେ ଏ ସଂକ୍ରାନ୍ତ ସମସ୍ତ ତଥ୍ୟ ଭାରତରେ ଥିବା ସର୍ଭର / ସିଷ୍ଟମରେ ଗଚ୍ଛିତ ହୋଇ ରହିବା ଆବଶ୍ୟକ ଏବଂ ଏହା ବିଦେଶକୁ ଯିବା ଅନୁଚିତ। ଆଧାରର ସାମ୍ବିଧାନିକ ବୈଧତା ଉପରେ ସୁପ୍ରିମକୋର୍ଟ ନିଜର ରାୟ ୨୦୧୮ ସେପ୍ଟେମ୍ବର ୨୬ରେ ଦେବାବେଳେ ମଧ୍ୟ ଏ ସମ୍ପର୍କରେ ଉଲ୍ଲେଖ କରିଥିଲେ। ସର୍ବୋଚ୍ଚ ଅଦାଲତ ଲୋକଙ୍କ ବ୍ୟକ୍ତିଗତ



ତଥ୍ୟାବଳୀକୁ ସୁରକ୍ଷିତ କରିବାକୁ ତୁରନ୍ତ ଦୃଢ଼ ବ୍ୟବସ୍ଥା ଗ୍ରହଣ କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅତି ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ ଡାଟା କେବଳ ଭାରତରେ ଗଚ୍ଛିତ ହୋଇ ରହିଲେ ଡାଟା ସୁରକ୍ଷା ଆଇନ ସୁଦୃଢ଼ ହେବ ଏବଂ ସମ୍ପୃକ୍ତ ଆଇନ ସଫଳତାର ସହ କାର୍ଯ୍ୟକାରୀ ହୋଇପାରିବ।

ଡିଜିଟାଲ ପେମେଣ୍ଟରେ ଅଭିନବତାକୁ ଭାରତ ସରକାର ପ୍ରୋତ୍ସାହିତ କରିବା ଆବଶ୍ୟକ। ଡିଜିଟାଲ ପେମେଣ୍ଟ ଗ୍ରହଣ କରିବାର ଭିତ୍ତିଭୂମିକୁ ମଧ୍ୟ ବଢ଼ାଇବାକୁ ପଡ଼ିବ। ଏକ ନିର୍ଦ୍ଦିଷ୍ଟ ମାଧ୍ୟମରେ ସୀମାବଦ୍ଧ ନ ହୋଇ ବିଭିନ୍ନ ନୂଆ ସୁରକ୍ଷିତ ମାଧ୍ୟମରେ ଡିଜିଟାଲ ପେମେଣ୍ଟ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯିବାର ଆବଶ୍ୟକତା ରହିଛି। ସେହିଭଳି ବ୍ୟବସାୟୀ/ମର୍ଚ୍ଚାଣ୍ଟମାନଙ୍କୁ ସମସ୍ତ ପ୍ରକାର ଡିଜିଟାଲ ପେମେଣ୍ଟ ଗ୍ରହଣ କରିବାକୁ ବାଧ କରାଯିବା ଉଚିତ। ଏହାଦ୍ୱାରା ଏହି କାରବାରର ପରିସର ଓ ମାଧ୍ୟମ ସଂପ୍ରସାରିତ ହେବ।

ଡିଜିଟାଲ ପେମେଣ୍ଟର ପ୍ରଚାର ଓ ପ୍ରସାର ବୃଦ୍ଧିର ରାସ୍ତା ହେଲା ଏହି ବ୍ୟବସ୍ଥା ଉପରେ ଜନବିଶ୍ୱାସ ବୃଦ୍ଧି କରିବା। ଉଭୟ କ୍ରେତା ବିକ୍ରେତା ଏହି ମାଧ୍ୟମରେ କାରବାର ନେଇ ସନ୍ତୁଷ୍ଟ ନ'ହେଲେ ଏହା ସଫଳ ହେବ ନାହିଁ। ବିଶ୍ୱାସ ବଢ଼ାଇବାକୁ ହେଲେ ଏହି ବ୍ୟବସ୍ଥାର ସ୍ୱଚ୍ଛତା, ଉତ୍ତରଦାୟିତ୍ୱ, ନିରାପତ୍ତା, ସଚେତନତା ବୃଦ୍ଧି, ଶିକ୍ଷା, ବ୍ୟବହାରଜନିତ ସ୍ୱଳ୍ପଖର୍ଚ୍ଚ ଏବଂ ସମୟୋଚିତ ଭାବେ ଆପତ୍ତି ଅଭିଯୋଗର ଶୁଣାଣି କରି ପକ୍ଷଙ୍କୁ ନ୍ୟାୟ ପ୍ରଦାନ ଆଦି ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ। ଭାରତ ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁସାରେ ବିଭିନ୍ନ ବ୍ୟାଙ୍କ ଓ ବିତ୍ତୀୟ ଅନୁଷ୍ଠାନ ଏଥିପାଇଁ ବିଭିନ୍ନ ପଦକ୍ଷେପ ନେଉଛନ୍ତି ଯାହା ବିଶ୍ୱାସ ବଢ଼ାଇବାରେ ସହାୟକ ହେଉଛି। ଏ କ୍ଷେତ୍ରରେ ଆହୁରି ଅଧିକ କିଛି କରିବାର ଅଛି। ଏହା ନିଶ୍ଚିତ ଯେ ସଚେତନତା ଓ ବିଶ୍ୱାସ ବୃଦ୍ଧି ଏବଂ ଟେକ୍‌ନୋଲୋଜିର ନିରନ୍ତର ବିକାଶ ବିନା ଡିଜିଟାଲ ପେମେଣ୍ଟ ବ୍ୟବସ୍ଥା ସଫଳ ହେବ ନାହିଁ। ଭାରତ ଏ ଦିଗରେ ଆଗେଇ ଚାଲିଛି। ସ୍ୱଳ୍ପ ନଗଦ କାରବାରର ଲକ୍ଷ୍ୟ ହାସଲ କରିବା ଭାରତ ପାଇଁ ଆଉ ବେଶୀ ଦିନ ନୁହେଁ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ।

**ଲେଖକ ହେଉଛନ୍ତି ପେଟିଏମ୍ ପେମେଣ୍ଟ୍ସ ବ୍ୟାଙ୍କ୍ ଲିମିଟେଡ୍‌ର ଉପାଧ୍ୟକ୍ଷ।**

**Email ID: narendra@paytmbank.com**

ବିଶେଷ ପ୍ରସଙ୍ଗ

# ଭାରତରେ ମେଟ୍ରୋ ରେଲ୍‌ର ବିକାଶ

ଦୁର୍ଗାଶଙ୍କର ମିଶ୍ର

ଭାରତରେ ସହରାୟନ ପ୍ରକ୍ରିୟା ଅତ୍ୟନ୍ତ ଦ୍ରୁତଗତିରେ ଚାଲିଛି। ୨୦୧୧ ଜନଗଣନା ରିପୋର୍ଟ ଅନୁସାରେ ଦେଶର ମୋଟ୍ ଜନସଂଖ୍ୟାର ୩୧ ଶତାଂଶ ଏବେ ସହରରେ ବସବାସ କରୁଛନ୍ତି। ୨୦୩୧ ସୁଦ୍ଧା ଏହି ସଂଖ୍ୟା ୪୦ ପ୍ରତିଶତକୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଉଛି। ତଦନୁସାରେ ଏହି ସମୟରେ ଦେଶର ସହରାଞ୍ଚଳ ଜନସଂଖ୍ୟା ପ୍ରାୟ ୬୦ କୋଟିରେ ପହଞ୍ଚିବ। ଏହି ଧାରା ଜାରି ରହିଲେ ୨୦୫୧ ବେଳକୁ ଭାରତରେ ୮୦ଭାଗ ଲୋକ ସହରାଞ୍ଚଳରେ ରହୁଥିବେ। ଏବେ ଦେଶର ଜିଡିପିର ୬୫ ଭାଗ ଅର୍ଥ ସହରାଞ୍ଚଳରୁ ଆସୁଛି ଏବଂ ୨୦୩୦ ସୁଦ୍ଧା ଏହା ୭୫ ଶତାଂଶରେ ପହଞ୍ଚିବ ବୋଲି ହିସାବ କରାଯାଇଛି।




ଏହି ଦ୍ରୁତ ସହରାୟନ ଯୋଗୁଁ ଗମନାଗମନ ଓ ପରିବହନ ବ୍ୟବସ୍ଥାରେ ଘରୋଇ ପରିବହନକାରୀ ଏକଚାଟିଆ ଅଧିକାର ଜାହିର କରୁଛନ୍ତି। ସହର ବଢ଼ିବା ସହ ସଡ଼କ, ରାସ୍ତା, ସେତୁ, ଫ୍ଲାଏଓଭର ଓ ଅନ୍ୟାନ୍ୟ ସହାୟକ ଭିତ୍ତିଭୂମିର ବିକାଶ ଅପରିହାର୍ଯ୍ୟ ହୋଇଛି। ୧୯୫୧ଠାରୁ ଦେଶରେ ଘରୋଇ ବାହନର ପଞ୍ଜୀକରଣ ଅଭିବୃଦ୍ଧି ବାର୍ଷିକ ୧୦.୯ ହାରରେ ବଢ଼ିଚାଲିଛି। ତେବେ ସାଧାରଣ ପରିବହନ ବ୍ୟବସ୍ଥାରେ ସରକାରୀ ବାହନର ଅଭିବୃଦ୍ଧି ହାର ବଢ଼ିବା ପରିବର୍ତ୍ତେ ଏହି ସମୟରେ ହ୍ରାସ ପାଇଛି। ଦେଶରେ ଜନ ପରିବହନ କ୍ଷେତ୍ରରେ ଯେତେ ଗାଡ଼ି ଚାଲିଛି ସେଥିରେ ସରକାରୀ ଯାନର ଅଂଶ ମାତ୍ର ୧ ଶତାଂଶ। ଏହା ଫଳରେ ଘରୋଇ ବସ୍ ସେବାର ଦ୍ରୁତ ସଂପ୍ରସାରଣ ହୋଇଛି। ସବୁ ସହରରେ ଘରୋଇ ବସ୍, ମିନିବସ୍, ମାଇକ୍ରୋ ବସ୍ ସେବାର ପ୍ରାବଲ୍ୟ ବଢ଼ିଛି। ଦଶ ଲକ୍ଷରୁ ଅଧିକ ଲୋକ ବସବାସ କରୁଥିବା ସହରଗୁଡ଼ିକରେ ଏହା ଅଧିକ। ଏସବୁ ସହରରେ ୨୦୦୧ରେ ମୋଟ୍ ପଞ୍ଜୀକୃତ ଘରୋଇ ପରିବହନ ଯାନ ସଂଖ୍ୟା ୨୪ ଶତାଂଶ ଥିବାବେଳେ ୨୦୧୫ରେ ଏହା ୩୧.୫କୁ ବୃଦ୍ଧି ପାଇଛି।

ସହର ବଜାରରେ ଲୋକ ସଂଖ୍ୟା ଓ ଯାନବାହନ ସଂଖ୍ୟା ବଢ଼ିଲେ ପରିଣାମ ଯାହା ହେବା କଥା ତାହା ହେଉଛି। ଭିଡ଼, ପ୍ରଦୂଷଣ, ଅପରିଷ୍କାର ପରିବେଶ, ସଡ଼କ ଦୁର୍ଘଟଣା, ବିପୁଳ ଇନ୍ଧନ ବ୍ୟବହାର, ଭିଡ଼ ଯୋଗୁଁ ଯାତ୍ରା ସମୟ ବିଳମ୍ବିତ ହେବା ସ୍ୱାଭାବିକ। ୨୦୧୭ ଓ ୧୮ ମଧ୍ୟରେ ସହରାଞ୍ଚଳର ଭିଡ଼ ସମସ୍ୟା ଯୋଗୁଁ ସାତଟି ପ୍ରମୁଖ ନଗରୀରେ ଯାନ ସମୂହଙ୍କ ଯାତ୍ରା ସମୟ ନିର୍ଦ୍ଧାରିତ ବେଗଠାରୁ ହାରାହାରି ତିନି କିମି ହ୍ରାସ ପାଇଛି। ବୋଷ୍ଟନ କନ୍‌ସଲଟିଂ ଗ୍ରୁପ୍ (ବିସିଜି)ର ଅନୁଧ୍ୟାନ ଅନୁସାରେ ଭିଡ଼ ସମୟରେ ଦିଲ୍ଲୀ, କଲକାତା, ମୁମ୍ବଇ ଓ ଚେନ୍ନଇ ମହାନଗରୀରେ ଯେଉଁ ଇନ୍ଧନ ଅତିରିକ୍ତ ଭାବେ ପୋଡୁଛି ଦେଶର ଅର୍ଥନୀତି ଉପରେ ତାହାର ବାର୍ଷିକ ପ୍ରଭାବ ୧.୪୭ଲକ୍ଷ କୋଟି। ଅର୍ଥାତ୍ ଯାନବାହନ ସ୍ୱାଭାବିକ

ଭାବେ ଚଳାଚଳ କରୁଥିଲେ ଉପରୋକ୍ତ ମୂଲ୍ୟର ଇନ୍ଧନ ସଞ୍ଚୟ ହୋଇପାରିଥାନ୍ତା।

**ଜାତୀୟ ସହରାଞ୍ଚଳ ପରିବହନ ନୀତି ୨୦୦୬:**

ସହରାଞ୍ଚଳରେ ଗମନାଗମନର ସୁବିଧାକୁ ସୁବ୍ୟବସ୍ଥିତ କରିବା ସହ ଭବିଷ୍ୟତ ପାଇଁ ଏକ ସ୍ୱଷ୍ଟ ମାର୍ଗଦର୍ଶନ ଦେବାକୁ ଭାରତ ସରକାର ୨୦୦୬ରେ ଜାତୀୟ ସହରାଞ୍ଚଳ ପରିବହନ ନୀତି (ଏନ୍‌ୟୁଟିପି) ପ୍ରସ୍ତୁତ କରିଥିଲେ। ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସହରାଞ୍ଚଳରେ ଅଧିକ ଲୋକ ବସବାସ କରୁଥିବାରୁ ଏବଂ ଜନସଂଖ୍ୟା ଦ୍ରୁତଗତିରେ ବଢୁଥିବାରୁ ପରିବହନ ବ୍ୟବସ୍ଥା ଜନକୈନ୍ଦ୍ରୀକ ଓ ଲୋକାଭିମୁଖୀ ହେବା ଆବଶ୍ୟକ। ଅତଏବ ଏହି ନୀତିରେ ସହରାଞ୍ଚଳରେ ଉଭୟ ଜନ ଓ ସାମଗ୍ରୀ ପରିବହନ ଅଗ୍ରାଧିକାର ଲାଭ କରିଛି। ସହରାଞ୍ଚଳଗୁଡ଼ିକ ଆର୍ଥିକ ଅଭିବୃଦ୍ଧିର ଇଞ୍ଜିନ ହୋଇଥିବାରୁ ଏକବିଂଶ ଶତାବ୍ଦୀର ବିକାଶ ଯାତ୍ରାରେ ସହରାଞ୍ଚଳର ସୁବ୍ୟସ୍ଥିତ ପରିବହନ ବ୍ୟବସ୍ଥା ଓ ସହରଗୁଡ଼ିକ ମଣିଷର ବାସ ଉପଯୋଗୀ ହେବା ଏକାନ୍ତ ଅପରିହାର୍ଯ୍ୟ। ଯାତ୍ରୀ ଓ ମାଲ୍ ପରିବହନ ସହିତ ସହରାଞ୍ଚଳରେ କିପ୍ରକାର ଯାନବାହନ ଚଳାଚଳ କରିବା ଆବଶ୍ୟକ ତାହା ମଧ୍ୟ ଗୁରୁତ୍ୱ ରଖେ। କାରଣ ଏହା ସହିତ ସହରାଞ୍ଚଳର ସୁରକ୍ଷା ଓ ନିରାପତ୍ତା ଜଡ଼ିତ। ତେଣୁ ଏକ ନିରାପଦ, ସୁନିଶ୍ଚିତ, ତ୍ୱରିତ, ଆରାମଦାୟକ, ବିଶ୍ୱସ୍ତ, ନିରନ୍ତର ତଥା ସୁଲଭ ପରିବହନ ବ୍ୟବସ୍ଥା ଅପରିହାର୍ଯ୍ୟ। ସହରଗୁଡ଼ିକ ଯେତିକି ଯାନବାହନ ଚଳାଚଳକୁ ସମ୍ଭାଳି ପାରିବ ତା’ଠାରୁ ଅଧିକ ଯାନ ଚଳାଚଳ କରିବା ଗ୍ରହଣୀୟ ନୁହେଁ। ସହରରେ ଚାକରିବାକିରି, ଶିକ୍ଷା, ସ୍ୱାସ୍ଥ୍ୟସେବା, ମନୋରଞ୍ଜନ, ବାଣିଜ୍ୟିକ ସୁବିଧା ସୁଯୋଗମାନ ଥିବାରୁ ବାହାରୁ ଅନେକ ଲୋକ ଆସିଥାନ୍ତି। ସେହିଭଳି ସହର ମଧ୍ୟରେ ବିଭିନ୍ନ କାମରେ ଲୋକେ ଗୋଟିଏ ସ୍ଥାନରୁ ଅନ୍ୟସ୍ଥାନକୁ ଯିବା ଆସିବା କରିଥାନ୍ତି। ଏସବୁ ବାସ୍ତବତାକୁ ଦୃଷ୍ଟିରେ ରଖି ନୂଆ ପରିବହନ ନୀତି ପ୍ରସ୍ତୁତ କରାଯାଇଛି।

**ଭାରତରେ ମେଟ୍ରୋ ରେଲ୍‌ର ସ୍ଥିତି:**

ଜାତୀୟ ସହରାଞ୍ଚଳ ପରିବହନ ନୀତି (ଏନ୍‌ୟୁଟିପି) ଅନୁସାରେ ସହରାଞ୍ଚଳର ଯାତ୍ରୀ ପରିବହନ ସମସ୍ୟାର ସମାଧାନ ପାଇଁ ଦେଶରେ ଗଣତ୍ୱରିତ ପରିବହନ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି। ଏହାର ସରଳ ଅର୍ଥ ହେଲା ଏକ ସମୟରେ ଅଧିକ ଲୋକଙ୍କୁ ନିରାପଦ ଭାବେ ତ୍ୱରିତ ପରିବହନ ବ୍ୟବସ୍ଥା ଯୋଗାଇଦେବା। ଏହା କେବଳ ସହରାଞ୍ଚଳର ଲୋକଙ୍କ ପରିବହନ ବ୍ୟବସ୍ଥାକୁ ସହଜ କରିନାହିଁ, ଏହା ମଧ୍ୟ ସହରାଞ୍ଚଳର ଆର୍ଥିକ ଅଭିବୃଦ୍ଧି ଏବଂ ନାଗରିକଙ୍କ ଜୀବନର ମାନ ଉପରେ ଅନୁକୂଳ ପ୍ରଭାବ ପକାଇଛି। ଏହି ବ୍ୟବସ୍ଥା ମଧ୍ୟରେ ମେଟ୍ରୋରେଲ୍ ଅନ୍ୟତମ।

୧୯୮୪ରେ କଲକାତାରେ ମେଟ୍ରୋ ରେଲ ପକ୍ଷରୁ ପ୍ରଥମେ ବ୍ୟାବସାୟିକ ସେବା ଆରମ୍ଭ ହୋଇଥିଲା। ଏହି ବ୍ୟବସ୍ଥାରେ ୨୭.୩୯କି.ମି. ରେଳପଥ ନିର୍ମାଣ ପାଇଁ ୧୦ବର୍ଷ ସମୟ ଲାଗିଥିଲା। ଏହା ପରେ ୨୦୦୨ ଡିସେମ୍ବରରେ ରାଜଧାନୀ ନୂଆଦିଲ୍ଲୀରେ ମେଟ୍ରୋରେଲ୍ ସେବା ଆରମ୍ଭ ହେଲା ଓ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀ ଏହାକୁ ଉଦ୍‌ଘାଟନ କରିଥିଲେ। ମାତ୍ର ୮.୪୦କି.ମି. ପଥରେ ଏହି ସେବା ଆରମ୍ଭ ହୋଇଥିଲା। ଏହାର ସଫଳତା ପରେ ଦେଶର ଅନ୍ୟାନ୍ୟ ପ୍ରମୁଖ ସହରରେ ମେଟ୍ରୋ ରେଲ୍‌ର ପ୍ରସାର ଆରମ୍ଭ ହେଲା। ୨୦୧୧ ଅକ୍ଟୋବରରେ ବେଙ୍ଗାଲୁରୁ ମେଟ୍ରୋ ରେଲ୍ ସେବା ଆରମ୍ଭ ହୋଇଥିଲା। ଏହା ପରେ ପରେ ମୁମ୍ବଇ, ଗୁରୁଗ୍ରାମ ଓ ଚେନ୍ନଇ ଆଦି ସହରରେ ମାସ୍ ଟ୍ରାଞ୍ଜିଟ୍ ସିଷ୍ଟମ କାର୍ଯ୍ୟକ୍ଷମ ହୋଇଛି।

ଗତ କେଇ ବର୍ଷ ମଧ୍ୟରେ ଭାରତରେ ମେଟ୍ରୋ ରେଲ୍ ବ୍ୟବସ୍ଥାର ଉଲ୍ଲେଖନୀୟ ଅଗ୍ରଗତି ଘଟିଛି। ୨୦୦୨ ପୂର୍ବରୁ ଦେଶରେ କଲକାତା ମହାନଗରୀରେ କେବଳ ମାତ୍ର ୨୭ କି.ମି. ମେଟ୍ରୋ ପଥ ଥିଲା। ୨୦୦୨ରୁ ୨୦୦୯ ମଧ୍ୟରେ ଦେଶରେ ଆଉ ୭୫ କି.ମି. ମେଟ୍ରୋ ଟ୍ରେନ୍ ଲାଇନ୍ ନିର୍ମିତ ହେଲା। ତେବେ ଏହି ନୂତନ ପଥ କେବଳ ଦିଲ୍ଲୀ ନଗରୀରେ ତିଆରି ହୋଇଥିଲା। ୨୦୦୯ ରୁ ୧୪ ମଧ୍ୟରେ ଦିଲ୍ଲୀ, ବେଙ୍ଗାଲୁରୁ, ମୁମ୍ବଇ ଓ ଗୁରୁଗ୍ରାମରେ ଆଉ ୧୪୭ କି.ମି. ମେଟ୍ରୋ ରେଳପଥ ନିର୍ମିତ ହେବା ଫଳରେ ଦେଶରେ ଏ ଧରଣର ପଥର ଦୈର୍ଘ୍ୟ ୨୪୯ କି.ମି.ରେ ପହଞ୍ଚିଥିଲା।

୨୦୧୪ ଠାରୁ ମେଟ୍ରୋର ପ୍ରସାର ସମଗ୍ର ଦେଶରେ ଦ୍ରୁତତର ହୋଇଛି। ଏ ଯାଏ ରାଜଧାନୀ ନୂଆ ଦିଲ୍ଲୀ ସମେତ ନଏଡ଼ା, ଗ୍ରେଟର ନଏଡ଼ା, ଫରିଦାବାଦ, ଗାଜିଆବାଦ, ବାହାଦୁରଗଡ଼, ବଲ୍ଲଭଗଡ଼, ଗୁରୁଗ୍ରାମ, କଲକାତା, ବେଙ୍ଗାଲୁରୁ, ମୁମ୍ବଇ, ହାଇଦରାବାଦ, କୋଚି, ଲକ୍ଷ୍ନୌ, ଅହମଦାବାଦ, ଗାନ୍ଧିନଗର, ନାଗପୁର ଓ ଜୟପୁର ଆଦି ୧୮ଟି ନଗରୀରେ ମୋଟ୍ ୬୫୭ କି.ମି. ରେଳପଥରେ ମେଟ୍ରୋ ଚଳାଚଳ କରୁଛି।



ଏବେ ୮୦୦କି.ମି. ମେଟ୍ରୋ ରେଳ ଓ ୮୩କି.ମି. ଆଞ୍ଚଳିକ ର୍ୟାପିଡ୍ ରେଲ୍ ଟ୍ରାଞ୍ଜିଟି ସିଷ୍ଟମ ଦେଶର ବିଭନ୍ନ ସହରରେ ନିର୍ମାଣାଧୀନ ଅବସ୍ଥାରେ ଅଛି। ଏସବୁ ଦିଲ୍ଲୀ, ମୁମ୍ବଇ, ବେଙ୍ଗାଲୁରୁ, କୋଚି, ହାଇଦରାବାଦ, ଲକ୍ଷ୍ନୌ, ଚେନ୍ନଇ, ନାଗପୁର, ଅହମଦାବାଦ, ଗାନ୍ଧିନଗର ଓ କଲକାତାରେ ପରିବର୍ଦ୍ଧିତ କାର୍ଯ୍ୟକ୍ରମ ମାଧ୍ୟମରେ କାର୍ଯ୍ୟକାରୀ ହେଉଛି। ଏହାଛଡ଼ା ପାଟନା, ପୁଣେ, ଆଗ୍ରା, କାନପୁର, ଭୋପାଳ, ଇନ୍ଦୋର୍, ସୁରତ ଓ ମିରଟରେ ମଧ୍ୟ ନୂଆ ମେଟ୍ରୋ ଲାଇନ୍ ତିଆରି ହେଉଛି।

ଦିଲ୍ଲୀ-ମିରଟ୍ ଆରଆରଟିଏସ୍ କରିଡରକୁ ଏକ ଦ୍ୱରିତ ଏବଂ ବିଶ୍ୱସନୀୟ ପରିବହନ ପଥ ଭାବେ ନିର୍ମାଣ କରାଯାଉଛି। ଏଥିରେ ଯାତ୍ରୀ ପରିବହନ କ୍ଷମତା ଅଧିକ ରଖାଯାଇଛି। ଏସବୁ ଅଞ୍ଚଳ ଶିଳ୍ପସମୃଦ୍ଧ ଓ ଘନ ଆବାଦୀଯୁକ୍ତ ହୋଇଥିବାରୁ ଚାହିଦାକୁ ଦେଖି ଏହା କରାଯାଉଛି। ଦେଶରେ ଏହା ଏ ଧରଣର ପ୍ରଥମ ପ୍ରକଳ୍ପ। ଏହା ସହିତ ଦିଲ୍ଲୀ-ଅଲୱାର ଓ ଦିଲ୍ଲୀ ପାନିପତ୍ ମଧ୍ୟରେ ଏଭଳି ଆଉ ଦୁଇଟି କରିଡର ନିର୍ମାଣ କରାଯିବାର ପରିକଳ୍ପନା ରହିଛି ଯାହାର ଲମ୍ବ ୨୯୦ କି.ମି.।

**ମେଟ୍ରୋ ବ୍ୟବସ୍ଥାର ସାଂପ୍ରତିକ ସମସ୍ୟା:**

ଯେକୌଣସି ନୂଆ ପ୍ରୟାସରେ ସମସ୍ୟା ଆସେ। ମେଟ୍ରୋ ରେଲ୍ କ୍ଷେତ୍ରରେ ମଧ୍ୟ ତାହା ରହିଛି। ଏସବୁ ସମସ୍ୟାଗୁଡ଼ିକ ବିଷୟରେ ନିମ୍ନରେ ଉଲ୍ଲେଖ କରାଯାଇଛି।

୧- ମେଟ୍ରୋରେଲ୍ ବ୍ୟୟବହୁଳ ଓ ଏଥିପାଇଁ ପ୍ରଚୁର ପୁଞ୍ଜିର ଆବଶ୍ୟକତା ରହିଛି। କେନ୍ଦ୍ର, ରାଜ୍ୟ ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଏଥିପାଇଁ ବିପୁଳ ପୁଞ୍ଜି ନିବେଶ କରିବାକୁ ପଡ଼ିଥାଏ।

୨- ଭାରତରେ ଏହା ଏକ ନୂଆ ବ୍ୟବସ୍ଥା ହୋଇଥିବାରୁ ଏଥିପାଇଁ ଦେଶରେ ଉପଲବ୍ଧ ଟେକ୍ନୋଲୋଜି ବିଶେଷ ଉନ୍ନତ ନୁହେଁ। ଫଳରେ ନିର୍ମାଣ ଓ ପରିବହନଜନିତ ଖର୍ଚ୍ଚ ଅଧିକ ପଡୁଛି।

୩- ଏହା ସହରର ଶେଷ ସୀମାକୁ ସ୍ପର୍ଶ କରିପାରୁ ନ ଥିବାରୁ ସବୁ ଲୋକେ ଏହାର ସୁବିଧା ପାଉନାହାନ୍ତି। ଏହା କେବଳ ନିର୍ଦ୍ଦିଷ୍ଟ କେତେକ ଅଞ୍ଚଳ ମଧ୍ୟରେ ସୀମିତ ହୋଇରହୁଛି।

୪- ମେଟ୍ରୋ ଷ୍ଟେସନକୁ ସଂଯୋଗ କରୁଥିବା ରାସ୍ତା ଓ ପାର୍କିଂ ସ୍ଥଳର ସୁବିଧା ଭଲ ନୁହେଁ। ଆଲୋକ ଓ ନିରାପତ୍ତା ବ୍ୟବସ୍ଥାର ଅଭାବ ଯାତ୍ରୀଙ୍କ ପାଇଁ ଅସୁବିଧା ସୃଷ୍ଟି କରୁଛି।

୫- କେତେକ ସ୍ଥାନରେ ମେଟ୍ରୋରେଲ ପରିବହନ ପାଇଁ ଯାତ୍ରୀଙ୍କ ମଧ୍ୟରେ ଆଗ୍ରହର ଅଭାବ ପରିଲକ୍ଷିତ ହେଉଛି ଯାହା ଏହାର ଚାହିଦା କମାଉଛି।

**ସମସ୍ୟାର ସମାଧାନ:**

ମେଟ୍ରୋ ବ୍ୟବସ୍ଥା ସମ୍ମୁଖୀନ ହେଉଥିବା ସମସ୍ୟାର ସମାଧାନ ପାଇଁ ଭାରତ ସରକାର ନିମ୍ନଲିଖିତ ପ୍ରୟାସମାନ ଆରମ୍ଭ କରିଛନ୍ତି।

**ମେଟ୍ରୋ ରେଳ ନୀତି ୨୦୧୭ :**

ଭାରତ ସରକାର ୨୦୧୭ରେ ସମଗ୍ର ଦେଶ ପାଇଁ ଏକ ମେଟ୍ରୋ ରେଳ ନୀତି ପ୍ରସ୍ତୁତ କରିଛନ୍ତି। ଏଥିରେ ରାଜ୍ୟସରକାରମାନେ ବ୍ୟବସ୍ଥିତ ତଥା ପୂର୍ଣ୍ଣାଙ୍ଗ ମେଟ୍ରୋରେଳ ପ୍ରକଳ୍ପର ଯୋଜନା ପ୍ରସ୍ତୁତ କରି କେନ୍ଦ୍ର ସରକାରଙ୍କୁ ଦେବାକୁ କୁହାଯାଇଛି। ଏହି ପ୍ରକଳ୍ପ ପାଇଁ ସରକାରୀ-ବେସରକାରୀ ଅଂଶୀଦାର ଓ ଅନ୍ୟାନ୍ୟ ଆର୍ଥିକ ଢାଞ୍ଚା ରହିଛି। ମୋଟାମୋଟି ଏହି ନୀତିରେ ଏକ ଗ୍ରହଣଯୋଗ୍ୟ ଓ ବାସ୍ତବବାଦୀ ମେଟ୍ରୋ ପ୍ରକଳ୍ପ ନିର୍ମାଣ ପରିବେଶ ସୃଷ୍ଟି କରିବାର ବ୍ୟବସ୍ଥା ରହିଛି।

**ଆର୍ଥିକ ଦିଗ:** ବିଶ୍ୱବ୍ୟାପୀ ମେଟ୍ରୋ ରେଳ ପ୍ରକଳ୍ପଗୁଡ଼ିକ ଆର୍ଥିକ ଦୃଷ୍ଟିରୁ କ୍ଷତିକାରକ ସାବ୍ୟସ୍ତ ହୋଇଛି। ଏହିସବୁ ପ୍ରକଳ୍ପର ବିପୁଳ ଖର୍ଚ୍ଚ ତୁଳନାରେ ଯାତ୍ରୀଙ୍କଠାରୁ ଯେଉଁ ଭଡ଼ା ଆଦାୟ କରାଯାଉଛି ତାହା ଆଦୌ ଲାଭଜନକ ହେଉନାହିଁ। ତେଣୁ ପୁଞ୍ଜି ନିବେଶ ପାଇଁ ବିକଳ୍ପ ବ୍ୟବସ୍ଥା ଗୁରୁତ୍ୱବହନ କରୁଛି। ୨୦୧୭ରେ ପ୍ରସ୍ତୁତ ଭ୍ୟାଲ୍ୟୁ କ୍ୟାପଚର୍ ଫାଇନାନ୍ସ (ଭିସିଏଫ୍) ବ୍ୟବସ୍ଥା ଏହି ପ୍ରକଳ୍ପ ପାଇଁ ଏକ ବିକଳ୍ପ ଅର୍ଥ ଲଗାଣ ଢାଞ୍ଚା ଯୋଗାଇଦେଇଛି। ଏଥିରେ ଟ୍ରାନ୍ସଫରେବଲ୍ ଡେଭେଲପ୍‌ମେଣ୍ଟ ରାଇଟସ୍ (ଟିଡିଆର୍‌ଏସ୍), ବେଟରମେଣ୍ଟ ଲେଭି, ଭୂମି ବା ଜମି ବ୍ୟବହାର ପାଇଁ ଫି ବ୍ୟବସ୍ଥା, ଲ୍ୟାଣ୍ଡ ପୁଲିଂ (ଜମି ଆହରଣ) ବ୍ୟବସ୍ଥା, ଖାଲି ଜମି ଉପରେ ଟିକସ ଲଗାଇବା ଆଦି ପ୍ରସ୍ତାବ ରହିଛି। ଏହି ସବୁ କ୍ଷେତ୍ରରୁ ଅର୍ଥ ଆଣି ମେଟ୍ରୋ ପ୍ରକଳ୍ପରେ ଖର୍ଚ୍ଚ କରିବାର ବ୍ୟବସ୍ଥା






## ହାଇଲାଇଟ୍ସ:

- ଆସନ୍ତୁ ନଗରୀକରଣକୁ ଏକ ସୁଯୋଗ ଭାବେ ବିଚାର କରିବା। ସହରାଞ୍ଚଳର କାୟା ଓ ଜନସଂଖ୍ୟା ବୃଦ୍ଧି ଯାହା ଏକଦା ଏକ ସମସ୍ୟାଥିଲା ସେ ସମୟ ଗଲାଣି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ (ଜୁନ୍-୨୫,୨୦୧୬)
- ଆମେ ଏକ ସମୟରେ ବାସ କରୁଛେ ଯେଉଁଠି ସଂଯୋଗର ଗୁରୁତ୍ୱ ଯଥେଷ୍ଟ ଅଧିକ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ।
- ମେଟ୍ରୋ ରେଲ୍‌ନୀତି ସଂସ୍କାର ଆଧାରିତ। ଏହାକୁ ଅଧିକ ଯାତ୍ରୀ ଅନୁକୂଳ କରିବାକୁ ଉଦ୍ୟମ ହେଉଛି।

*ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ*

କରାଯାଇଛି।

**ମେଟ୍ରୋର ବିଭିନ୍ନ କ୍ଷେତ୍ରର ମାନକୀକରଣ:** ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରିବା ପାଇଁ ୨୦୧୭ରେ ଶିଳ୍ପ ପ୍ରୋତ୍ସାହନ ଓ ଆଭ୍ୟନ୍ତରୀଣ ବାଣିଜ୍ୟ ବିଭାଗ ଡିପିଆଇଆଇଟି ପବ୍ଲିକ୍ ପ୍ରୋକିଓରମେଣ୍ଟ ନିର୍ଦ୍ଦେଶ ଜାରି କରିଥିଲା। ଏହାର ଉଦ୍ଦେଶ୍ୟ ଥିଲା ମେଟ୍ରୋ ପ୍ରକଳ୍ପଗୁଡ଼ିକରେ ଲୋକଙ୍କୁ ସାମିଲ କରି ମେକ୍ ଇନ୍ ଇଣ୍ଡିଆକୁ ସଫଳ କରିବା। ଏହି ନିର୍ଦ୍ଦେଶକୁ ସହରାଞ୍ଚଳ ଗୃହନିର୍ମାଣ ଓ ଆବାସ ମନ୍ତ୍ରଣାଳୟ ପ୍ରଥମ ମନ୍ତ୍ରଣାଳୟ ଭାବେ କାର୍ଯ୍ୟକାରୀ କରିଛି। ମେଟ୍ରୋ ରେଲ ପ୍ରକଳ୍ପରେ ବ୍ୟବହୃତ ବିଭିନ୍ନ ସାମଗ୍ରୀ ଯାହା ଦେଶରେ ନିର୍ମିତ ହେଉଛି ତାହା କିଣି ବ୍ୟବହାର କରିବାକୁ ମନ୍ତ୍ରଣାଳୟ ଉଦ୍ୟମ କରୁଛି। ୨୦୨୩ ସୁଦ୍ଧା ମେଟ୍ରୋ ପ୍ରକଳ୍ପରେ ବ୍ୟବହୃତ ଟ୍ରେନ୍‌ର ଡବା, ଇଞ୍ଜିନ୍, ସିଗ୍‌ନାଲିଂ ବ୍ୟବସ୍ଥା, ଟେଲିକମ୍ ବ୍ୟବସ୍ଥାର ୫୦ଶତାଂଶ ସାମଗ୍ରୀ ଦେଶୀ ଉତ୍ପାଦକଙ୍କଠାରୁ କିଣିବାର ବ୍ୟବସ୍ଥା କରାଯାଇଛି। ଏହାଛଡ଼ା ମେଟ୍ରୋ ପ୍ରକଳ୍ପର ୮୦ଭାଗ ସିଭିଲ ନିର୍ମାଣ କାର୍ଯ୍ୟ ଓ ୫୦ଭାଗ ବୈଦ୍ୟୁତିକ ଉପକରଣ କ୍ରୟ ଦେଶ ଭିତରର ଠିକାଦାର, ବ୍ୟବସାୟୀ ଓ ଉତ୍ପାଦକଙ୍କ ଦ୍ୱାରା ସମ୍ପନ୍ନ କରିବାର ନୀତି ଚୂଡ଼ାନ୍ତ ହୋଇଛି। ଦେଶରେ ବିଦେଶୀ ପୁଞ୍ଜି ନିବେଶ ପାଇଁ ଏକ ଅନୁକୂଳ ବାତାବରଣ ସୃଷ୍ଟି ଉଦ୍ଦେଶ୍ୟରେ ସରକାର ସବୁ ମେଟ୍ରୋ ନିଗମକୁ ନିର୍ଦ୍ଦେଶାବଳୀ ପଠାଇ ତଦନୁସାରେ କାର୍ଯ୍ୟକରିବାକୁ ପରାମର୍ଶ ଦେଇଛନ୍ତି। ଏହି ନିର୍ଦ୍ଦେଶାବଳୀ ଅନୁସାରେ ପ୍ରକଳ୍ପ ପାଇଁ ଆବଶ୍ୟକ ପଡୁଥିବା ଟ୍ରେନ୍ (ଡବା ଓ ଇଞ୍ଜିନ୍) ପାଇଁ ଟେଣ୍ଡର ଡାକିବା ବେଳେ ସଂପୃକ୍ତ ସାମଗ୍ରୀର ୭୫ଭାଗ ଭାରତରେ ତିଆରି ହୋଇଥିବା ଆବଶ୍ୟକ ସର୍ତ୍ତାବଳୀ ଅପରିହାର୍ଯ୍ୟ। ଏସବୁ ସାମଗ୍ରୀ ଭାରତର ପ୍ରତିଷ୍ଠିତ ସଂସ୍ଥା କିମ୍ବା ସହଯୋଗ ଭିତ୍ତିରେ ନିର୍ମିତ ସଂସ୍ଥାଦ୍ୱାରା ଉତ୍ପାଦିତ ହୋଇଥିବା ଆବଶ୍ୟକ।

ସ୍ୱଦେଶୀ କାରିଗରୀ ଓ ଜ୍ଞାନକୌଶଳର ଉପଯୋଗ ତଥା ଭାରତରେ ଉତ୍ପାଦିତ ସାମଗ୍ରୀର



ବ୍ୟବହାରକୁ ଅଗ୍ରାଧିକାର ଦେଇ ସରକାର ମେଟ୍ରୋ ପ୍ରକଳ୍ପ ବ୍ୟୟ ହ୍ରାସ କରିବାକୁ ପ୍ରୟାସ କରୁଛନ୍ତି। ସେଥିପାଇଁ ଭାରତୀୟ ସାମଗ୍ରୀଗୁଡ଼ିକର ମାନ ନିର୍ଦ୍ଧାରଣ ବ୍ୟବସ୍ଥା ମଧ୍ୟ କରାଯାଇଛି। ସେହି ମାନରୁ କମ୍ ମାନର କୌଣସି ସାମଗ୍ରୀ ମେଟ୍ରୋନିଗମ କିଣିବେ ନାହିଁ। ଏବେ ପ୍ରତିଯୋଗିତାମୂଳକ ବଜାରରେ ଉତ୍ତମମାନ ବିଶିଷ୍ଟ ସାମଗ୍ରୀର ମୂଲ୍ୟ କ୍ରେତାର କ୍ରୟ ଶକ୍ତି ମଧ୍ୟରେ ନ'ରହିଲେ ତାହା ତିଷ୍ଠିବା କଥା। ସେ ଦୃଷ୍ଟିରୁ ଉତ୍ପାଦିତ ସାମଗ୍ରୀ ସମୂହର ମାନକୀକରଣ ଉପରେ ଗୁରୁତ୍ୱ ଦିଆଯାଉଛି। ଏହା ଫଳରେ ଦେଶୀ ଉତ୍ପାଦକଙ୍କୁ ପ୍ରୋତ୍ସାହନ ମିଳୁଛି।

**ଟ୍ରାଞ୍ଜିଟ୍‌ଭିତ୍ତିକ ବିକାଶ (ଟିଓଡି):**

୨୦୧୭ରେ ଭାରତ ସରକାର ଜାତୀୟ ଟ୍ରାଞ୍ଜିଟ୍ ଓରିଏଣ୍ଟେଡ୍ ଡେଭେଲପମେଣ୍ଟ ନୀତି ବା ଟିଓଡି ପ୍ରବର୍ତ୍ତନ କରିଥିଲେ। ସବୁ ସୁବିଧା ଥିବା ସୁସଂହତ ଅଭିବୃଦ୍ଧି କେନ୍ଦ୍ରର ଭିତ୍ତିଭୂମି ନିର୍ମାଣରେ ପରିବହନ ବ୍ୟବସ୍ଥାର ପରିକଳ୍ପନାବେଳେ ଭୂମିର ବ୍ୟବହାର ଏଥିରେ ଗୁରୁତ୍ୱ ପାଇଛି। ଏହି ଅଭିବୃଦ୍ଧି କେନ୍ଦ୍ରଗୁଡ଼ିକର ୫୦୦ ରୁ ୮୦୦ମିଟର ଦୂରତ୍ୱରେ ଥିବା ଜମି ଯାହା ସଡ଼କ ନିର୍ମାଣ ଓ ସରକାରୀ ପରିବହନ ଭିତ୍ତିଭୂମି ଦ୍ୱାରା ସିଧାପ୍ରଭାବିତ ହେବ ସେସବୁ ଯାଗାରେ ଘରୋଇ ଗାଡ଼ି ମାଲିକାନା ସଂଖ୍ୟା ହ୍ରାସ ଓ ଜମି ଉପଯୋଗକୁ ଯୁକ୍ତିଯୁକ୍ତ କରିବାର ବ୍ୟବସ୍ଥା ରହିଛି।

ଏହି ଟିଓଡି ବ୍ୟବସ୍ଥା ତିନି ସ୍ତରରେ କାର୍ଯ୍ୟକାରୀ ହେଉଛି। ସେଗୁଡ଼ିକ ହେଲା ଷ୍ଟେସନ ସ୍ତରୀୟ ଟିଓଡି, ଅଞ୍ଚଳଭିତ୍ତିକ ଟିଓଡି ଓ ସହରସ୍ତରୀୟ ଟିଓଡି। ଷ୍ଟେସନସ୍ତରୀୟ ଟିଓଡି ଏବେ ଅହମଦାବାଦ, କୋଚି ଓ ସୁରଟରେ କାର୍ଯ୍ୟକାରୀ ହେଉଛି। ଦିଲ୍ଲୀ, ଭୋପାଳ, ମୁମ୍ବଇ ଓ ରାୟପୁରରେ ଅଞ୍ଚଳଭିତ୍ତିକ ଓ ନୂଆ ରାୟପୁର ଏବଂ ନବୀ ମୁମ୍ବଇରେ ସହରଭିତ୍ତିକ ଟିଓଡିକୁ କାର୍ଯ୍ୟକାରୀ କରାଯାଉଛି।

**ନେଶନାଲ କମନ୍ ମୋବିଲିଟି କାର୍ଡ (ଏନ୍‌ସିଏମ୍‌ସି):**

ସହରାଞ୍ଚଳ ଆବାସ ମନ୍ତ୍ରଣାଳୟ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ଏହି କାର୍ଯ୍ୟକ୍ରମ ମେଟ୍ରୋରେଲ ଓ ଅନ୍ୟ ପରିବହନ ବ୍ୟବସ୍ଥାରେ ନିର୍ବିଘ୍ନ ଯାତ୍ରା ସୁବିଧା ଯୋଗାଇଦେବାକୁ ଉଦ୍ଦିଷ୍ଟ। ଏହାଛଡ଼ା ଦେଶର ବିଭିନ୍ନ ଅଞ୍ଚଳର ଲୋକେ ସହରବଜାରକୁ ଆସି ଯେପରି ନିରାପଦରେ ଶୀଘ୍ର ନିଜନିଜର ଘରକୁ ଫେରିପାରିବେ ସେଥିପାଇଁ ମଧ୍ୟ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ପ୍ରଚଳିତ କାର୍ଡ ଗମନାଗମନ ଆବଶ୍ୟକତା ପୂରଣ ପାଇଁ ଉଦ୍ଦିଷ୍ଟ। କାର୍ଡ ବ୍ୟବହାରକାରୀ ଏହା ମାଧ୍ୟମରେ ଟିକଟ କିଣିବା ସହିତ ଗନ୍ତବ୍ୟସ୍ଥଳର ଆଖପାଖରେ ଥିବା ଦୋକାନରୁ ଆବଶ୍ୟକ ଜିନିଷପତ୍ର କିଣିପାରିବେ। ଏଥିପାଇଁ ଅନ୍ୟାନ୍ୟ କାର୍ଡର ବ୍ୟବହାର ଦରକାର ନାହିଁ। କାର୍ଡରେ ଗଚ୍ଛିତ ଅର୍ଥକୁ ବ୍ୟବହାରକାରୀ ନିଜର ଆବଶ୍ୟକତା ଅନୁସାରେ ଖର୍ଚ୍ଚ କରିପାରିବେ। ଏନ୍‌ସିଏମ୍‌ସି ଏକ ଓପନ୍ ଲୁପ୍ କାର୍ଡ। ଏହାର ଅର୍ଥ ସାରା ଦେଶ ଭ୍ରମଣ କରିବା ପାଇଁ କାର୍ଡଧାରୀ ଏହାକୁ ବ୍ୟବହାର କରିପାରିବେ ଓ ଏହା ଡିଜିଟାଲ ଟେକ୍‌ନୋଲୋଜିରେ ପ୍ରସ୍ତୁତ।

ଏନ୍‌ସିଏମ୍‌ସି ବ୍ୟବସ୍ଥାର ପ୍ରଦର୍ଶନ ପାଇଁ ଦିଲ୍ଲୀ ମେଟ୍ରୋ ରେଳ କର୍ପୋରେସନ ପକ୍ଷରୁ କେତେକ ଷ୍ଟେସନରେ ଜଣେ ଲେଖାଏଁ ପାଇଲଟ୍ ମୁତୟନ କରାଯାଇଛି। ୨୦୧୯ ଜାନୁଆରୀ ୩୧ରେ ଆରମ୍ଭ ହୋଇଥିବା ଏହି ବ୍ୟବସ୍ଥାରେ ସମ୍ପୃକ୍ତ ପାଇଲଟ୍‌ମାନେ ହାର୍ଡଓୟାରର ବିଶ୍ୱସନୀୟତାକୁ ବଢ଼ାଇବା ସହ ସଫ୍ଟଓୟାର ବ୍ୟବସ୍ଥାକୁ ମଧ୍ୟ ସୁସଂହତ କରୁଛନ୍ତି। ଏନ୍‌ସିଏମ୍‌ସି କାର୍ଡ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ୨୦୧୯ମାର୍ଚ୍ଚ ୪ ତାରିଖରେ ଦେଶବ୍ୟାପୀ ପ୍ରବର୍ତ୍ତିତ ହୋଇଥିଲା। ଏହି ବ୍ୟବସ୍ଥା ଡେବିଟ୍ ଓ କ୍ରେଡିଟ୍ କାର୍ଡ ଉପକରଣର ସ୍ୱଦେଶୀକରଣ ଏବଂ ତାହାର ଉତ୍ପାଦନକୁ ପ୍ରୋତ୍ସାହିତ କରିବ। ଏନ୍‌ସିଏମ୍‌ସି କାର୍ଡ ସ୍ୱଦେଶୀକରଣ ପ୍ରକ୍ରିୟାର ମାନ ନିର୍ଦ୍ଧାରଣରେ ମଧ୍ୟ ସହାୟକ ହେବ। ଏହା ଫଳରେ ଭାରତୀୟ ଟ୍ରାଞ୍ଜିଟ ସିଷ୍ଟମ କ୍ଷେତ୍ରରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆସିବ।

ମେଟ୍ରୋର ପ୍ରବେଶ ଓ ପ୍ରସ୍ଥାନ ଦ୍ୱାର ଏକ ସ୍ୱୟଂକ୍ରିୟ ଭଡ଼ା ଆଦାୟ ବ୍ୟବସ୍ଥା ଦ୍ୱାରା ଇଲେକଟ୍ରୋନିକ୍ ପଦ୍ଧତିରେ ପରିଚାଳିତ। ଏହା



ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରିବା ପାଇଁ ୨୦୧୭ରେ ଶିଳ୍ପ ପ୍ରୋତ୍ସାହନ ଓ ଆଭ୍ୟନ୍ତରୀଣ ବାଣିଜ୍ୟ ବିଭାଗ ଡିପିଆଇଆଇଟି ପବ୍ଲିକ୍ ପ୍ରୋକିଓରମେଣ୍ଟ ନିର୍ଦ୍ଦେଶ ଜାରି କରିଥିଲା। ଏହାର ଉଦ୍ଦେଶ୍ୟ ଥିଲା ମେଟ୍ରୋ ପ୍ରକଳ୍ପଗୁଡ଼ିକରେ ଲୋକଙ୍କୁ ସାମିଲ କରି ମେକ୍ ଇନ୍ ଇଣ୍ଡିଆକୁ ସଫଳ କରିବା। ଏହି ନିର୍ଦ୍ଦେଶକୁ ସହରାଞ୍ଚଳ ଗୃହନିର୍ମାଣ ଓ ଆବାସ ମନ୍ତ୍ରଣାଳୟ ପ୍ରଥମ ମନ୍ତ୍ରଣାଳୟ ଭାବେ କାର୍ଯ୍ୟକାରୀ କରିଛି। ମେଟ୍ରୋ ରେଲ ପ୍ରକଳ୍ପରେ ବ୍ୟବହୃତ ବିଭିନ୍ନ ସାମଗ୍ରୀ ଯାହା ଦେଶରେ ନିର୍ମିତ ହେଉଛି ତାହା କିଣି ବ୍ୟବହାର କରିବାକୁ ମନ୍ତ୍ରଣାଳୟ ଉଦ୍ୟମ କରୁଛି। ୨୦୨୩ ସୁଦ୍ଧା ମେଟ୍ରୋ ପ୍ରକଳ୍ପରେ ବ୍ୟବହୃତ ଟ୍ରେନ୍‌ର ଡବା, ଇଞ୍ଜିନ୍, ସିଗ୍‌ନାଲିଂ ବ୍ୟବସ୍ଥା, ଟେଲିକମ୍ ବ୍ୟବସ୍ଥାର ୫୦ଶତାଂଶ ସାମଗ୍ରୀ ଦେଶୀ ଉତ୍ପାଦକଙ୍କଠାରୁ କିଣିବାର ବ୍ୟବସ୍ଥା କରାଯାଇଛି। ଏହାଛଡ଼ା ମେଟ୍ରୋ ପ୍ରକଳ୍ପର ୮୦ଭାଗ ସିଭିଲ ନିର୍ମାଣ କାର୍ଯ୍ୟ ଓ ୫୦ଭାଗ ବୈଦ୍ୟୁତିକ ଉପକରଣ କ୍ରୟ ଦେଶ ଭିତରର ଠିକାଦାର, ବ୍ୟବସାୟୀ ଓ ଉତ୍ପାଦକଙ୍କ ଦ୍ୱାରା ସମ୍ପନ୍ନ କରିବାର ନୀତି ଚୂଡ଼ାନ୍ତ ହୋଇଛି। ଦେଶରେ ବିଦେଶୀ ପୁଞ୍ଜି ନିବେଶ ପାଇଁ ଏକ ଅନୁକୂଳ ବାତାବରଣ ସୃଷ୍ଟି ଉଦ୍ଦେଶ୍ୟରେ ସରକାର ସବୁ ମେଟ୍ରୋ ନିଗମକୁ ନିର୍ଦ୍ଦେଶାବଳୀ ପଠାଇ ତଦନୁସାରେ କାର୍ଯ୍ୟକରିବାକୁ ପରାମର୍ଶ ଦେଇଛନ୍ତି। ଏହି ନିର୍ଦ୍ଦେଶାବଳୀ ଅନୁସାରେ ପ୍ରକଳ୍ପ ପାଇଁ ଆବଶ୍ୟକ ପଡୁଥିବା ଟ୍ରେନ୍ (ଡବା ଓ ଇଞ୍ଜିନ୍) ପାଇଁ ଟେଣ୍ଡର ଡାକିବା ବେଳେ ସଂପୃକ୍ତ ସାମଗ୍ରୀର ୭୫ଭାଗ ଭାରତରେ ତିଆରି ହୋଇଥବା ଆବଶ୍ୟକ ସର୍ତ୍ତାବଳୀ ଅପରିହାର୍ଯ୍ୟ। ଏସବୁ ସାମଗ୍ରୀ ଭାରତର ପ୍ରତିଷ୍ଠିତ ସଂସ୍ଥା କିମ୍ବା ସହଯୋଗ ଭିତ୍ତିରେ ନିର୍ମିତ ସଂସ୍ଥାଦ୍ୱାରା ଉତ୍ପାଦିତ ହୋଇଥିବା ଆବଶ୍ୟକ।




ମେଟ୍ରୋରେଲର ନିଜସ୍ୱ ବ୍ୟବସ୍ଥା ନୁହେଁ ଏବଂ କେତେକ ବିଦେଶୀ ସଂସ୍ଥା / କମ୍ପାନୀ ଦ୍ୱାରା ଏହା ଏକଚାଟିଆ ଭାବେ କାର୍ଯ୍ୟକାରୀ ହେଉଛି। ଫଳରେ ଏସବୁ ସଂସ୍ଥା ସେବା ପ୍ରଦାନ ନାମରେ ମନଇଚ୍ଛା ଲାଭ ଉଠାଉଛନ୍ତି। ଏହାର ଅବସାନ ଘଟାଇ ଦେଶୀ ଜ୍ଞାନକୌଶଳରେ ଏହି ବ୍ୟବସ୍ଥା ପରିଚାଳନା ପାଇଁ ଭାରତ ଇଲେକ୍‌ଟ୍ରୋନିକ୍ସ ସି-ଡ୍ୟାକ୍ ସହଯୋଗରେ ଏକ ନୂଆ ମେଟ୍ରୋ ଗେଟ୍‌ର ଡିଜାଇନ୍ ପ୍ରସ୍ତୁତ କରି ତାହାର ପରୀକ୍ଷା କରିଛି। ଏହି ନୂଆ ବ୍ୟବସ୍ଥାଟିର ଆନ୍ତର୍ଜାତିକ ମାନ ନିର୍ଦ୍ଧାରଣ ପାଇଁ ଏହାକୁ ଫ୍ରାନ୍ସ ପଠାଯାଇଛି। ଫ୍ରାନ୍ସର ଏମ୍‌ଭିକୋ ସଂସ୍ଥା ଏହାକୁ ପରୀକ୍ଷା କରି ପ୍ରମାଣପତ୍ର ଦେବ। ଏହା ଫଳରେ ମେଟ୍ରୋରେଲ ପ୍ରକଳ୍ପର ଖର୍ଚ୍ଚ ହ୍ରାସ ପାଇବା ସହ ଭାରତ ଏ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବ। ଏହା ମଧ୍ୟ ଇଣ୍ଟର-ଅପରେଟିବିଲିଟି ବ୍ୟବସ୍ଥାକୁ ସୁଗମ କରିବ। ଏହି ଦେଶୀ ବ୍ୟବସ୍ଥାକୁ ପ୍ରଧାନମନ୍ତ୍ରୀ ୨୦୧୯ମାର୍ଚ୍ଚ ୪ ତାରିଖରେ ଉଦ୍‌ଘାଟନ କରିବା ସହ ଏହାର ନାମ ରଖିଛନ୍ତି 'ସ୍ୱାଗତ'।

**ଏକୀକୃତ ମେଟ୍ରୋପଲିଟାନ୍ ଟ୍ରାନ୍ସପୋର୍ଟ ସିଷ୍ଟମ (ଉମ୍‌ଟା):**

ସହରାଞ୍ଚଳର ପରିବହନ ବ୍ୟବସ୍ଥା ବିଭିନ୍ନ ସଂସ୍ଥାଙ୍କଦ୍ୱାରା ପରିଚାଳିତ ହେଉଛି। ସେମାନଙ୍କ ମଧ୍ୟରେ ସମନ୍ୱୟ ନଥାଏ ଓ ସେମାନେ ସ୍ୱାଧୀନ ଭାବେ କାର୍ଯ୍ୟ କରିଥାନ୍ତି। ଅତଏବ ସେସବୁର ନିୟନ୍ତ୍ରଣ ଓ ସମନ୍ୱୟ ପାଇଁ 'ଉମ୍‌ଟା' ଭଳି ଏକକ ସଂଗଠନର ଆବଶ୍ୟକତା ରହିଛି। ଉମ୍‌ଟା ସେହି କାର୍ଯ୍ୟଟି କରୁଛି। ଏହା ରୁଟ୍ (ପଥ), ଟାଇମ୍ ଟେବୁଲ, ଭଡ଼ା ନିର୍ଦ୍ଧାରଣ, ତଦାରଖ ଏବଂ ଇଣ୍ଟରମୋଡାଲ ଇଣ୍ଟିଗ୍ରେସନ ଓ ସମନ୍ୱୟ ଭଳି ସହରାଞ୍ଚଳ ପରିବହନ କ୍ଷେତ୍ରରେ ବିଭିନ୍ନ କାର୍ଯ୍ୟ ସମ୍ପାଦନ କରୁଛି। ଉମ୍‌ଟା ବ୍ୟବସ୍ଥା ଦେଶର ବିଭିନ୍ନ ନଗରୀରେ କାର୍ଯ୍ୟକାରୀ କରିବା ପାଇଁ ଏକ ବିଲ୍ ସରକାର ପ୍ରସ୍ତୁତ କରିଛନ୍ତି।

**ମଲ୍ଟିମୋଡାଲ ଇଣ୍ଟିଗ୍ରେସନ:**

ଜାତୀୟ ସହରାଞ୍ଚଳ ପରିବହନ ନୀତି-୨୦୦୬ ସହରଗୁଡ଼ିକରେ ବାଧାରହିତ ସହଜ ଓ ଶସ୍ତା ପରିବହନ ସୁବିଧା ସୃଷ୍ଟି କରିବା ପାଇଁ ମଲ୍ଟିମୋଡାଲ ଇଣ୍ଟିଗ୍ରେସନ (ବିବିଧ ସମନ୍ୱୟ) ବ୍ୟବସ୍ଥା ସୃଷ୍ଟି କରିବାକୁ ସୁପାରିସ କରିଛି। ସେସମ୍ପର୍କରେ ସହରାଞ୍ଚଳ ବିକାଶ ମନ୍ତ୍ରଣାଳୟ ନିମ୍ନଲିଖିତ ପଦକ୍ଷେପମାନ ଗ୍ରହଣ କରିଛି।

୧) ସହରବ୍ୟାପୀ ମଲ୍ଟିମୋଡାଲ ଇଣ୍ଟିଗ୍ରେଟେଡ୍ ଟ୍ରାନ୍ସପୋର୍ଟ ଯୋଜନା ପାଇଁ ଟୁଲ୍‌କିଟ୍।

୨) ଟ୍ରାଫିକ୍ ପରିଚାଳନା ଓ ସୂଚନା ନିୟନ୍ତ୍ରଣ (ଟିଏମ୍‌ଆଇସିସି) ପରିଚାଳନାର ତଥ୍ୟାବଳୀ ପ୍ରସ୍ତୁତି।

୩) ଗୁରୁଗ୍ରାମର ର୍‌ୟାପିଡ୍ ମେଟ୍ରୋ ରେଲକୁ ଦିଲ୍ଲୀ ମେଟ୍ରୋ ଷ୍ଟେସନ ସହ ସଂଯୋଗୀକରଣ ଓ ଏଥିପାଇଁ

୯୦ମିଟରର ଫ୍ଲାଇଓଭର ନିର୍ମାଣ।

୪) ନଏଡ଼ା-ଗ୍ରେଟର୍ ନଏଡ଼ା ମେଟ୍ରୋରେଲକୁ ସେକ୍ଟର-୭୧ରେ ସ୍କାଏୱାକ୍ ଓ ଚଲାପଥ ମାଧ୍ୟମରେ ଦିଲ୍ଲୀ ମେଟ୍ରୋ ସହ ସଂଯୁକ୍ତ କରାଯାଇଛି। ଦିଲ୍ଲୀ ମେଟ୍ରୋର ବିଭିନ୍ନ କରିଡରକୁ ସୁଗମ କରାଯାଇ ଯାତ୍ରୀଙ୍କ ନିମନ୍ତେ ମେଟ୍ରୋ ଟ୍ରେନ୍ ଅଦଳବଦଳ ସୁବିଧା ଯୋଗାଇଦିଆଯାଇଛି।

୫) ମେଟ୍ରୋ ଷ୍ଟେସନକୁ ସହଜ ଯାତାୟାତ ପାଇଁ ବସ୍, ଅଟୋ, ଇ-ରିକ୍ସା, ପବ୍ଲିକ୍ ବାଇସାଇକଲ ସେୟାରିଂ ଭଳି ଫିଡର ସେବା ଯୋଗାଣ ବ୍ୟବସ୍ଥା କରାଯାଇଛି। ଏହି ସେବା ମୁଖ୍ୟତଃ ଦିଲ୍ଲୀ, ବେଙ୍ଗାଲୁରୁ, ଭୋପାଳ ଆଦି ନଗରୀର ମେଟ୍ରୋ ସେବାରେ ଉପଲବ୍ଧ ହେଉଛି।

୬) ଭଡ଼ା କ୍ଷେତ୍ରରେ ସମନ୍ୱୟ ରଖିବା ପାଇଁ କୋଚି-୧ କାର୍ଡ ପ୍ରବର୍ତ୍ତନ କରାଯାଇଛି ଯାହା ସବୁ ପରିବହନ ବ୍ୟବସ୍ଥା ଦ୍ୱାରା ଗୃହୀତ ହୋଇଛି। ଦିଲ୍ଲୀ, ଅହମଦାବାଦ ଓ ବେଙ୍ଗାଲୁରୁରେ ମଧ୍ୟ ଅନୁରୂପ ବ୍ୟବସ୍ଥା କରାଯାଇଛି। ଏହି ଏମ୍ଏସ୍ଆରଡିଏ ବ୍ୟବସ୍ଥାରେ କାର୍ଡଧାରୀ ସଂପୃକ୍ତ ମେଟ୍ରୋ, ସହର ତଳି ଟ୍ରେନ୍ ଓ ବସ୍‌ରେ ଯାତାୟତ କରିବାର ସୁଯୋଗ ପାଉଛନ୍ତି। ଏହା ମୁମ୍ବଇରେ କାର୍ଯ୍ୟକାରୀ ହୋଇଛି।

**ଭାରତରେ ମେଟ୍ରୋ ବ୍ୟବସ୍ଥାର ଭବିଷ୍ୟତ:**

ଭାରତରେ ଏବେ ୫୩ଟି ସହରାଞ୍ଚଳ ରହିଛି ଯାହାର ଲୋକସଂଖ୍ୟା ପ୍ରତ୍ୟେକ ୧୦ଲକ୍ଷରୁ ଅଧିକ (୨୦୧୧ ଜନଗଣନା)। ସେଥିମଧ୍ୟରୁ ୧୮ଟି ସହରରେ ଏବେ ମେଟ୍ରୋ ରେଲ ଚାଲିଛି। ଏହାଛଡ଼ା ଅନ୍ୟ ୯ଟି ସହରରେ ମେଟ୍ରୋ ରେଲ ସେବା ନିର୍ମାଣର ବିଭିନ୍ନ ପର୍ଯ୍ୟାୟରେ ରହିଛି। ଅବଶିଷ୍ଟ ସହରଗୁଡ଼ିକ ମେଟ୍ରୋ ଭଳି ଦ୍ରୁତ ଗଣପରିବହନକାରୀ ସେବା ପ୍ରବର୍ତ୍ତନ କରିବାକୁ ବ୍ୟଗ୍ର। କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଓ ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ପରିବହନ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବାକୁ ସବୁ ନଗର ପ୍ରଶାସନ ଓ ସରକାର ଆଗ୍ରହୀ।

> ୧୯୮୪ରେ କଲକାତାରେ ମେଟ୍ରୋ ରେଲ ପକ୍ଷରୁ ପ୍ରଥମେ ବ୍ୟାବସାୟିକ ସେବା ଆରମ୍ଭ ହୋଇଥିଲା। ଏହି ବ୍ୟବସ୍ଥାରେ ୨୭.୩୯କି.ମି. ରେଳପଥ ନିର୍ମାଣ ପାଇଁ ୧୦ବର୍ଷ ସମୟ ଲାଗିଥିଲା। ଏହା ପରେ ୨୦୦୨ ଡିସେମ୍ବରରେ ରାଜଧାନୀ ନୂଆଦିଲ୍ଲୀରେ ମେଟ୍ରୋରେଲ୍ ସେବା ଆରମ୍ଭ ହେଲା ଓ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀ ଏହାକୁ ଉଦ୍‌ଘାଟନ କରିଥିଲେ। ମାତ୍ର ୮.୪୦କି.ମି. ପଥରେ ଏହି ସେବା ଆରମ୍ଭ ହୋଇଥିଲା। ଏହାର ସଫଳତା ପରେ ଦେଶର ଅନ୍ୟାନ୍ୟ ପ୍ରମୁଖ ସହରରେ ମେଟ୍ରୋ ରେଲ୍‌ର ପ୍ରସାର ଆରମ୍ଭ ହେଲା। ୨୦୧୧ ଅକ୍ଟୋବରରେ ବେଙ୍ଗାଲୁରୁ ମେଟ୍ରୋ ରେଲ୍ ସେବା ଆରମ୍ଭ ହୋଇଥିଲା। ଏହା ପରେ ପରେ ମୁମ୍ବଇ, ଗୁରୁଗ୍ରାମ ଓ ଚେନ୍ନଇ ଆଦି ସହରରେ ମାସ୍ ଟ୍ରାଞ୍ଜିଟ୍ ସିଷ୍ଟମ କାର୍ଯ୍ୟକ୍ଷମ ହୋଇଛି। ଗତ କେଇ ବର୍ଷ ମଧ୍ୟରେ ଭାରତରେ ମେଟ୍ରୋ ରେଲ୍ ବ୍ୟବସ୍ଥାର ଉଲ୍ଲେଖନୀୟ ଅଗ୍ରଗତି ଘଟିଛି। ୨୦୦୨ ପୂର୍ବରୁ ଦେଶରେ କଲକାତା ମହାନଗରୀରେ କେବଳ ମାତ୍ର ୨୭ କି.ମି. ମେଟ୍ରୋ ପଥ ଥିଲା। ୨୦୦୨ରୁ ୨୦୦୯ ମଧ୍ୟରେ ଦେଶରେ ଆଉ ୭୫ କି.ମି. ମେଟ୍ରୋ ଟ୍ରେନ୍ ଲାଇନ୍ ନିର୍ମିତ ହେଲା। ତେବେ ଏହି ନୂତନ ପଥ କେବଳ ଦିଲ୍ଲୀ ନଗରୀରେ ତିଆରି ହୋଇଥିଲା।

ଏବେ ମେଟ୍ରୋ ସିଷ୍ଟମ ମେଟ୍ରୋ ରେଲ୍‌ୱେ (କନ୍‌ଷ୍ଟ୍ରକସନ୍ ୱାର୍କ) ଆଇନ ୧୯୭୮ ଓ ମେଟ୍ରୋ ଟ୍ରେନ୍ ଚଳାଚଳ ଓ ରକ୍ଷଣାବେକ୍ଷଣ ଆଇନ୍ ୨୦୦୨ ଦ୍ୱାରା ପରିଚାଳିତ। ତେବେ ୨୦୧୭ର ମେଟ୍ରୋ-ରେଲ୍ ନୀତି ଫଳରେ ଏ କ୍ଷେତ୍ରରେ ଏକ ନୂଆ ଆଇନର ଆବଶ୍ୟକତା ଦେଖାଦେଇଛି ଏବଂ ସେଥିପାଇଁ ସରକାର ଏକ ବିଲ୍ ପ୍ରସ୍ତୁତ କରିଛନ୍ତି। ଏଥିରେ ବର୍ତ୍ତମାନର ଦୁଇଟି ମେଟ୍ରୋ ଆଇନକୁ ମିଶାଇ ଏକ ନୂଆ ଆଇନ୍ ଆଣିବାର ପ୍ରୟାସ କରାଯାଇଛି। ଏହି ନୂଆ ବିଲ୍ ଆଇନରେ ପରିଣତ ହେଲେ ମେଟ୍ରୋରେଲ୍ କ୍ଷେତ୍ରରେ ଅଂଶୀଦାର ହେବାକୁ ଘରୋଇ କ୍ଷେତ୍ରଙ୍କ ପାଇଁ ସୁଯୋଗ ମିଳିବ। ଏହା ମଧ୍ୟ ମେଟ୍ରୋ ରେଲ୍ ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ କ୍ଷମତା ହସ୍ତାନ୍ତର କରିବାର ସୁଯୋଗ ଦେବ। ନୂଆ ଆଇନ ବଳରେ ଏହି ପ୍ରକଳ୍ପ ପାଇଁ ଜମି ହରାଉଥିବା ବା କ୍ଷତିଗ୍ରସ୍ତ ହେଉଥିବା ଲୋକଙ୍କୁ ଉପଯୁକ୍ତ କ୍ଷତିପୂରଣ ଏବଂ ଥଇଥାନ ସୁଯୋଗ ମିଳିବ। ଭୂମି ଅଧିଗ୍ରହଣ ବ୍ୟବସ୍ଥା ଅଧିକ ସ୍ୱଚ୍ଛ ହେବା ସହିତ ଆଇନଗତ ଜଟିଳତା ଦୂର ହେବ। ନୂଆ ଆଇନରେ ଏକ ସ୍ଥାୟୀ ମେଟ୍ରୋରେଲ୍ ଫେୟାର ରେଗୁଲେଟରୀ ଅଥରିଟି ଗଠନ କରାଯିବ ଯାହା ଭଡ଼ା ନିର୍ଦ୍ଧାରଣ ଓ ସଂଶୋଧନ ପାଇଁ ଅଧିକୃତ ହେବ।

ଆଏ-ମେଟ୍ରୋ (ଭାରତୀୟ ମେଟ୍ରୋରେଲ୍ ଅର୍ଗାନାଇଜେସନ ସୋସାଇଟି) ନାମକ ଏକ ସଂଗଠନ ୨୦୧୮ରେ ଗଠିତ ହୋଇଛି। ଏହା ଏ କ୍ଷେତ୍ରରେ ବିଭିନ୍ନ ବିଚାର, କୌଶଳ, ବୁଦ୍ଧି ଓ ଅଭିଜ୍ଞତା ଆଦାନପ୍ରଦାନର ଏକ ମଞ୍ଚ। କମ୍ପାନୀ କମ୍ପାନୀ ମଧ୍ୟରେ ଜ୍ଞାନକୌଶଳ, ଅଭିଜ୍ଞତା, ସହଯୋଗ ଓ ପରିକଳ୍ପନା ଆଦାନପ୍ରଦାନରେ ଏହା ସହାୟକ ହେବ। ସବିଶେଷ ଟେକ୍‌ନୋଲୋଜି ବ୍ୟବହାର କରି ଯାତ୍ରୀଙ୍କୁ ଉତ୍କୃଷ୍ଟ ସେବା ଯୋଗାଇବା ଦିଗରେ ଏହା ମଧ୍ୟ କାର୍ଯ୍ୟ କରିବ।

ଲେଖକ କେନ୍ଦ୍ର ସହରାଞ୍ଚଳ ବିକାଶ ମନ୍ତ୍ରଣାଳୟର ସଚିବ।
Email ID: secyurban@nic.in




ଫୋକସ୍

# ଶାସନ ମୂଳରେ ଡିଜିଟାଲ ଭିତ୍ତିଭୂମି

ନୀତା ବର୍ମା

ଭାରତ ସରକାର ଶାସନର ବିଭିନ୍ନ କ୍ଷେତ୍ରରେ ଟେକ୍ନୋଲୋଜିର ବ୍ୟବହାରକୁ ଅଗ୍ରାଧିକାର ଦେଉଛନ୍ତି ଏବଂ ଏ କ୍ଷେତ୍ରରେ ବେଶ୍ ଆଗରେ ରହିଛନ୍ତି। ୧୯୮୦ ଦଶକର ଉପଗ୍ରହ ଭିତ୍ତିକ ଯୋଗାଯୋଗ ବ୍ୟବସ୍ଥା ହେଉ କିମ୍ବା ଇଣ୍ଟରନେଟ୍ ପ୍ରବର୍ତ୍ତନ ପୂର୍ବର ଇଲେକ୍ଟ୍ରୋନିକ୍ ମ୍ୟାସେଜିଂ କିମ୍ବା ଏବେକାର ଭିଡିଓ କନ୍ଫରେନ୍ସ ମାଧ୍ୟମରେ ସରକାରୀ କାର୍ଯ୍ୟକ୍ରମ ରୂପାୟନର ତଦାରଖ ବ୍ୟବସ୍ଥା ହେଉ ସବୁବେଳେ ଭାରତ ଏ କ୍ଷେତ୍ରରେ ଆଗୁଆ ରହିଛି। ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରଣାଳୟ ସହ ସଂଯୁକ୍ତ ଜାତୀୟ ଇନ୍ଫର୍ମେଟିକ୍ସ ସେଣ୍ଟର (ଏନ୍ଆଇସି) ଦେଶବ୍ୟାପୀ ନେଟ୍ୱାର୍କ ସ୍ଥାପନ (ଏନ୍ଆଇସିନେଟ) ସଂଯୋଗ ସ୍ଥାପନ ଓ ଅତ୍ୟାଧୁନିକ ଭିତ୍ତିଭୂମି ଯୋଗାଣ କ୍ଷେତ୍ରରେ ସରକାରଙ୍କ ସହିତ ନିବିଡ଼ ଭାବେ ମିଶି କାର୍ଯ୍ୟକରୁଛି। ଏହା ମଧ୍ୟ ଡାଟାସେଣ୍ଟର ଓ ଭିଡିଓ କନ୍ଫରେନ୍ସିଂ ସୁବିଧା ଯୋଗାଇଦେଉଛି। ଜାତୀୟ ଇ-ଗଭର୍ଣ୍ଣାନ୍ସ ଯୋଜନା ମାଧ୍ୟମରେ ସରକାରୀ ଡିଜିଟାଲ ଭିତ୍ତିଭୂମି ବ୍ୟବସ୍ଥାର ନିର୍ମାଣ ଓ ସୁଦୃଢ଼ୀକରଣକୁ ଅଧିକ ମଜବୁତ୍ କରାଯାଉଛି। ଡିଜିଟାଲ ଇଣ୍ଡିଆ ଭାରତ ସରକାରଙ୍କର ଏକ ଧ୍ୱଜାଧାରୀ (ଫ୍ଲାଗସିପ୍) କାର୍ଯ୍ୟକ୍ରମ। ଏହା ଫଳରେ ନୂତନ ଟେକ୍ନୋଲୋଜି ବ୍ୟବହାର ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଥିବା ବେଳେ ଏହା ମାଧ୍ୟମରେ ନାଗରିକଙ୍କୁ ସେବା ଯୋଗାଣ ଏବଂ ସେମାନଙ୍କ ସହ ଯୋଗସୂତ୍ର ସ୍ଥାପନ କ୍ଷେତ୍ରର ନୂଆ ଉଦାହରଣ ସୃଷ୍ଟି ହୋଇଛି। ଭାରତ ସରକାର ଗ୍ରହଣ କରିଥିବା ବିଭିନ୍ନ ଡିଜିଟାଲ ଭିତ୍ତିଭୂମି ଓ ଏହାର ବିଶେଷତ୍ୱ ସମ୍ପର୍କରେ ନିମ୍ନରେ ଆଲୋଚନା କରାଯାଇଛି।

**ପ୍ୟାନ୍ ଇଣ୍ଡିଆ ନେଟ୍ୱାର୍କ:**

ଏନ୍ଆଇସିନେଟ୍ ବା ସର୍ବଭାରତୀୟ ଯୋଗାଯୋଗ ନେଟ୍ୱାର୍କ ବ୍ୟବସ୍ଥାଟି କେବଳ ସରକାରୀ ବ୍ୟବହାର

ପାଇଁ ଉଦ୍ଦିଷ୍ଟ। ୧୯୮୦ ଦଶକରୁ ଏହି ବ୍ୟବସ୍ଥା ଆରମ୍ଭ ହୋଇ ସମୟକ୍ରମେ ଏଥିରେ ବିବର୍ତ୍ତନ ଘଟିଚାଲିଛି। ଭୌଗୋଳିକ ସଂପ୍ରସାରଣ, ଅତ୍ୟାଧୁନିକ ଟେକ୍‌ନୋଲୋଜି, ଥ୍ରୁପୁଟ୍ (ଏକ ବ୍ୟବସ୍ଥା ବା ପ୍ରକ୍ରିୟା ମାଧ୍ୟମ ଦେଇ ଗତି କରୁଥିବା ସାମଗ୍ରୀ ସମୂହ), ବିଶ୍ୱସନୀୟତା ଓ ନିରାପତ୍ତା ଆଦି ସବୁ କ୍ଷେତ୍ରରେ ଏହା ସଂପ୍ରସାରିତ ଓ ବିକଶିତ ହୋଇ ଚାଲିଛି। ଏବେ ଏହା ଦେଶର ପ୍ରତ୍ୟେକ ଭାଗରେ ଥିବା ସରକାରୀ ଅଫିସକୁ ସଂଯୋଗ କରୁଥିବାବେଳେ ଫାଇବର ଅପ୍ଟିକ୍ସ, କପର କେବଲ, ଭିସାଟ୍, ରେଡିଓ ଫ୍ରିକ୍ୱେନ୍ସି ଆଦିକୁ ସଂଯୋଗର ମାଧ୍ୟମ କରିଛି। ଏନ୍‌ଆଇସିନେଟ୍ ଏବେ ସବୁ ସରକାରୀ ଯୋଗାଯୋଗର ମୂଳରେ ରହିଛି। ଏହା ମାଧ୍ୟମରେ ସରକାରରୁ ସରକାର, ସରକାରରୁ ନାଗରିକ ଏବଂ ସରକାରରୁ ବ୍ୟବସାୟୀ/ କାରବାରକାରୀଙ୍କ ମଧ୍ୟରେ ଯୋଗସୂତ୍ର ସ୍ଥାପନ କରାଯାଉଛି।

**ନେସ୍‌ନାଲ ନଲେଜ ନେଟ୍‌ୱାର୍କ (ଏନ୍‌କେଏନ୍):**

ଏହା ଆଉ ଏକ ଗୁରୁତ୍ୱପୂର୍ଣ୍ଣ ସଂଯୋଗ ବ୍ୟବସ୍ଥା ଯାହା ମଲ୍ଟି ଗିଗାବିଟ୍ ନେଟ୍‌ୱାର୍କ ସୁବିଧା ଯୋଗାଉଛି। ଏହା ୧୦ ଜି ଆଧାରିତ। ଦେଶର ଅଗ୍ରଣୀ ଗବେଷଣା ପ୍ରତିଷ୍ଠାନ ଶିକ୍ଷାନୁଷ୍ଠାନଗୁଡ଼ିକୁ ଏହା ହାଇସ୍ପିଡ୍ ନେଟ୍ ସଂଯୋଗ ଯୋଗାଉଛି। ଜାତୀୟ ଶିକ୍ଷାଗବେଷଣା ନେଟ୍‌ୱାର୍କ (ଏନ୍‌ରେନ୍)ରେ ନିରନ୍ତର ବିକାଶରେ ଏନ୍‌କେଏନ୍ ଏକ ଉଲ୍ଲେଖନୀୟ ଭୂମିକା ନିର୍ବାହ କରୁଛି। ଦେଶର ୧୬୨୯ରୁ ଅଧିକ ଅନୁଷ୍ଠାନ, ୫କୋଟି ଛାତ୍ରଛାତ୍ରୀ, ଗବେଷକ, ଶିକ୍ଷକ ଏହି ନେଟ୍‌ୱାର୍କ ସହ ସଂଯୁକ୍ତ।

**ଡାଟା ସେଣ୍ଟର (ଇ-ଗଭର୍ଣ୍ଣାନ୍ସ ଆପ୍ଲିକେଶନ ହୋଷ୍ଟ):**

ଜନସାଧାରଣଙ୍କୁ ନାନା ପ୍ରକାର ସେବା ଓ ସୁବିଧା ତୁରନ୍ତ ଯୋଗାଇ ସେମାନଙ୍କ ସମସ୍ୟା ସମାଧାନ କରିବା ଡାଟା ସେଣ୍ଟରଗୁଡ଼ିକର ଲକ୍ଷ୍ୟ। ତାହାକୁ ନଜରରେ ରଖି ଏନ୍‌ଆଇସି ଦିଲ୍ଲୀ, ହାଇଦରାବାଦ, ଭୁବନେଶ୍ୱର ଓ ପୁଣେରେ ବୃହତ୍ ଡାଟା ସେଣ୍ଟରମାନ ପ୍ରତିଷ୍ଠା କରିଛି। ଏହା ଇ-ଗଭର୍ଣ୍ଣାନ୍ସ ଆପ୍ଲିକେସନ, ୱେବପୋର୍ଟାଲ ଓ ୱେବ୍‌ସାଇଟଗୁଡ଼ିକୁ ଦୃଢ଼, ସହଜ, ନମନୀୟ ଓ ନିରାପଦ ସଂଯୋଗ ବ୍ୟବସ୍ଥା ତଥା ଭିତ୍ତିଭୂମି ଯୋଗାଉଛି। ମିନି ଡାଟା ସେଣ୍ଟରଗୁଡ଼ିକ ମାଧ୍ୟମରେ ପ୍ରାଦେଶିକ ସ୍ତରରେ ରାଜ୍ୟମାନଙ୍କୁ ଇ-ଗଭର୍ଣ୍ଣାନ୍ସ ସୁବିଧାସୁଯୋଗ ଯୋଗାଇ ଦିଆଯାଉଛି। ଡାଟା ସେଣ୍ଟରରୁ ୧୦ହଜାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଇ-ଗଭର୍ଣ୍ଣାନ୍ସ ପ୍ରୋଜେକ୍ଟକୁ ନେସ୍‌ନାଲ କ୍ଲାଉଡ୍ ପାଇଁ ହୋଷ୍ଟିଂ ସପୋର୍ଟ ମଧ୍ୟ ଯୋଗାଇ ଦିଆଯାଉଛି ଯାହା ମଧ୍ୟରେ ରହିଛି ଇ-ପ୍ରୋକ୍ୟୁରମେଣ୍ଟ, ପବ୍ଲିକ୍ ଫାଇନାନ୍ସିଆଲ ମନିଟରିଂ ସିଷ୍ଟମ୍, ଇ-ଲେଖା, ଇ-ପଞ୍ଚାୟତ, ଆଧାରଭିତ୍ତିକ ବାୟୋମେଟ୍ରିକ୍ସ ଆଟେଣ୍ଡାନ୍ସ ବ୍ୟବସ୍ଥା, ଭିସା, ବିଦେଶୀଙ୍କୁ ଦିଆଯାଇଥିବା ରେଜିଷ୍ଟ୍ରେସନ୍, ଟ୍ରାକିଂ ବ୍ୟବସ୍ଥା, ସାଧାରଣ ବଣ୍ଟନ ବ୍ୟବସ୍ଥା, ନେସ୍‌ନାଲ ପୋର୍ଟାଲ ଅଫ୍ ଇଣ୍ଡିଆ, ଜୀବନ ପ୍ରମାଣ, ଇ-କୋର୍ଟ, ଡିଜିଟାଲ ଲକର, ଇ-କାଉନସେଲିଂ, ଜାତୀୟ କୃଷି ବଜାର, ଭ୍ରାମ୍ୟମାଣ ସାର ଯୋଗାଣ ଓ ପରିଚାଳନା ବ୍ୟବସ୍ଥା, ସାଇବର ସ୍ୱଚ୍ଛତା କେନ୍ଦ୍ର, ଡିଜିଟାଲ ଇଣ୍ଡିଆ ପୋର୍ଟାଲ, ଜାତୀୟ ପରିବହନ ପ୍ରକଳ୍ପ, ମାନବ ସମ୍ବଳ ପରିଚାଳନା ବ୍ୟବସ୍ଥା ଓ ଅନେକ ସରକାରୀ ୱେବ୍‌ସାଇଟ୍।

ଇ-ଗଭର୍ଣ୍ଣାନ୍ସ ସେବାର ଚାହିଦାର ଆବଶ୍ୟକତା ଦୃଷ୍ଟିରୁ ଡିଜିଟାଲ ଭିତ୍ତିଭୂମିକୁ ପ୍ରସ୍ତୁତ କରି ଯଥାଶୀଘ୍ର ଲୋକଙ୍କୁ ସେବା ଯୋଗାଇବା ଗୁରୁତ୍ୱପୂର୍ଣ୍ଣ। ତେଣୁ ଏଥିପାଇଁ କ୍ଲାଉଡ୍ ଭିତ୍ତିକ ପରିବେଶ ସୃଷ୍ଟି କରି ଭର୍ଚୁଆଲ ଟେକ୍‌ନୋଲୋଜି ଠିକଣା ସମୟରେ ଉପଯୋଗ କରିବାର ଆବଶ୍ୟକତା ରହିଛି। ଡାଟା ସେଣ୍ଟରରୁ କ୍ଲାଉଡ୍ କମ୍ପ୍ୟୁଟିଙ୍ଗ୍ ସୁବିଧା ଯୋଗାଣ ବ୍ୟବସ୍ଥା ଯେତେ ଶୀଘ୍ର ହେବ ଲୋକଙ୍କୁ ସେତେ ଶୀଘ୍ର ଇ-ସେବା ଯୋଗାଇ ଦିଆଯାଇପାରିବ। ମେଘରାଜ ବ୍ୟବସ୍ଥାରେ ୨୦୧୪ରେ ନେସ୍‌ନାଲ କ୍ଲାଉଡ୍ ସେବା ଆରମ୍ଭ ହୋଇଥିଲା। ଏହା ଫଳରେ ସରକାରଙ୍କ ଇ-ପ୍ରଶାସନ ସେବାରେ ବିକାଶ, ତ୍ୱରିତ ସେବା ଯୋଗାଣ, ସେବାର ଉତ୍ତମ ମାନ ରକ୍ଷା, ଦୁର୍ଲଭ ସମ୍ବଳର ଏକୀକରଣ ତଥା ଇଣ୍ଟର ଅପରେଟିବିଲିଟି ଇଣ୍ଟିଗ୍ରେସନ ବ୍ୟବସ୍ଥା ସୁନିଶ୍ଚିତ ହୋଇପାରିଛି।

**ନିର୍ଦ୍ଦେଶ ଓ ନିୟନ୍ତ୍ରଣ (କମାଣ୍ଡ ଓ କଂଟ୍ରୋଲ) ବ୍ୟବସ୍ଥା:**

ଡିଜିଟାଲ ଇଣ୍ଡିଆ ପ୍ରୟାସର ସଂପ୍ରସାରଣ ସହିତ ବିଗତ ଦିନରେ ଏହାର ବିନିଯୋଗ ମଧ୍ୟ ବହୁଳ ଭାବେ ହୋଇଛି। ଫଳରେ ସ୍ୱତନ୍ତ୍ର ସେଣ୍ଟରମାନ ଖୋଲିବାର ଆବଶ୍ୟକତା ପଡ଼ିଛି। କାରଣ ଏହାଦ୍ୱାରା ରାଷ୍ଟ୍ରବ୍ୟାପୀ ଆଇସିଟି ଭିତ୍ତିଭୂମିର ସଫଳ ତଦାରଖ, ପରିଚାଳନା ଓ ସବୁ ପ୍ରକାର ଗୁରୁତ୍ୱପୂର୍ଣ୍ଣ ସେବା ଯୋଗାଣ ଅପରିହାର୍ଯ୍ୟ ହୋଇଛି। ଏହାକୁ ଦୃଷ୍ଟିରେ ରଖି ଜାତୀୟ



କମାଣ୍ଡ ଓ କଣ୍ଟ୍ରୋଲ ସେଣ୍ଟରମାନ ପ୍ରତିଷ୍ଠା କରାଯାଇଛି । ଏହାଦ୍ୱାରା ଏନ୍‌ଆଇସିର ଆଇସିଟି ଭିତ୍ତିଭୂମି ଅଧିକ ଦକ୍ଷ ଓ କାର୍ଯ୍ୟକ୍ଷମ ହୋଇପାରିଛି ।

**ନେସ୍‌ନାଲ କ୍ଲାଉଡ୍ (ମେଘରାଜ):**

କ୍ଲାଉଡ୍ କମ୍ପ୍ୟୁଟିଂ ସୁବିଧାର ଲାଭ ଉଠାଇବା ପାଇଁ ଭାରତ ସରକାର ମେଘରାଜ ନାମରେ ୨୦୧୪ରେ ଏକ ନୂଆ ପ୍ରୟାସ ଆରମ୍ଭ କରିଥିଲେ । ପୂର୍ବରୁ ଡିଜିଟାଲ ଭିତ୍ତିଭୂମି ପ୍ରତ୍ୟେକ ପ୍ରୋଜେକ୍ଟ କ୍ଷେତ୍ରରେ ମାତ୍ରାଧିକ ସମୟ ସାପେକ୍ଷ ଥିଲା । ଏକ ନିଶ୍ଚିତ କ୍ଲାଉଡ୍ ଇନ୍‌ଫ୍ରାଷ୍ଟ୍ରକ୍‌ଚର ବ୍ୟବସ୍ଥା ସ୍ଥାପନ ହେବା ପରେ ଏ କ୍ଷେତ୍ରରେ ଡିଜିଟାଲ ଇନ୍‌ଫ୍ରାଷ୍ଟ୍ରକ୍‌ଚର ପ୍ରୋଭିଜନିଂ ପାଇଁ ଯେଉଁ ଅଧିକ ସମୟ ଲାଗୁଥିଲା ତାହା ଅନେକାଂଶରେ ଦୂରୀଭୂତ ହୋଇଛି । ଅତ୍ୟଧିକ ଭିଡ଼ ସମୟରେ ଚାହିଁବା ମାତ୍ରେ ସେବା ଯୋଗାଣ ଏବେ ସମ୍ଭବ ହେଉଛି ।




GI Cloud Architecture

ସରକାରଙ୍କ କ୍ଲାଉଡ୍ ଭିତ୍ତିକ ସେବା ପ୍ରଦାନକାରୀ ପ୍ଲାଟଫର୍ମ ମଧ୍ୟ ଆଉ କେତେକ ଅସୁବିଧା ଦୂର କରିବାରେ ସଫଳ ହୋଇଛି । ଏହାଦ୍ୱାରା ଉପଲବ୍ଧ ଭିତ୍ତିଭୂମିର ସର୍ବାଧିକ ଉପଯୋଗ କରାଯାଇପାରୁଛି । ଏହା ତୁରନ୍ତ ସେବା ପ୍ରଦାନରେ ସଫଳ ହେବା ସହ, ବ୍ୟୟହ୍ରାସ, ନିରାପତ୍ତା ରକ୍ଷା, ସେବାରେ ମାନ ରକ୍ଷା, ଉତ୍ତମ ପରିଚାଳନା, ପୁନଃବ୍ୟବହାର ଓ ରକ୍ଷଣାବେକ୍ଷଣ ଦୃଷ୍ଟିରୁ ସଫଳ ହୋଇଛି ।

ସ୍ୱଚ୍ଛ ଭାରତ ଅଭିଯାନ, ମାଏଁ ଗଭ୍, ଇ-ହସପିଟାଲ, ଜାତୀୟ ଛାତ୍ରବୃତ୍ତି, ଇ-ପରିବହନ ଆଦି ବିଭିନ୍ନ ସରକାରୀ ପ୍ରୟାସ ଓ ଯୋଜନା ଏହାଦ୍ୱାରା ସଫଳତାର ସହ କାର୍ଯ୍ୟକାରୀ ହେଉଛି ।

**ଭୂସ୍ଥାନିକ (ଜିଓ ସ୍ପାସିଆଲ୍) ଟେକ୍‌ନୋଲୋଜି:**

ଭୌଗୋଳିକ ସୂଚନା ବ୍ୟବସ୍ଥା (ଜିଆଇଏସ୍) ବିଭିନ୍ନ ଇ-ଗଭର୍ଣ୍ଣାନ୍ସ ସେବାର ଆକ୍‌ସେସିବିଲିଟିରେ ଉନ୍ନତି ଆଣିଛି । ଏହା ସ୍ଥାନ ବା ଲୋକେସନ ଭିତ୍ତିକ ଆକ୍‌ସେସ୍, ଭିଜୁଆଲ ଗ୍ୟାପ୍ ଆନାଲିସିସ୍ ଓ ବାସ୍ତବ ଅନ୍‌ସାଇଟ୍ ରିପ୍ରେଜେଣ୍ଟେସନ ଭଳି ବିଭିନ୍ନ ସୁବିଧା ଯୋଗାଉଛି । ସଫଳ ସେବା ପ୍ରଦାନ ପାଇଁ ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମରେ ଜିଓ ସ୍ପିସିଆଲ୍ ଟେକ୍‌ନୋଲୋଜିର ବ୍ୟାପକ ବ୍ୟବହାର ହେଉଛି ।

**ଭାରତ ମ୍ୟାପ୍‌ସ** – ଏହା ଏକ ବହୁସ୍ତରୀୟ ଜିଆଇଏସ୍ ପ୍ଲାଟ୍‌ଫର୍ମ / ୱେବ୍ ସର୍ଭିସ । ଏଥିରେ ବାଧାରହିତ ଭାବେ ସମଗ୍ର ଦେଶର ମାନଚିତ୍ର, ଉପଗ୍ରହ ଚିତ୍ର ଓ ମିଶ୍ରିତ ମାନଚିତ୍ର ଯୋଗାଇଦିଆଯାଉଛି । ଏସବୁ ବିଶ୍ୱସ୍ତରୀୟ ଜିଓ ସ୍ପାସିଆଲ୍‌ମାନ ରକ୍ଷା କରୁଛି । ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମର ଏହା ଏକ ଅତ୍ୟାବଶ୍ୟକ ଅଙ୍ଗ । କେନ୍ଦ୍ର / ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଏହା ସାହାଯ୍ୟରେ ସ୍ଥାନଭିତ୍ତିକ ନାଗରିକ ସେବା ଯୋଗାଇଦେଉଛନ୍ତି ।

ଏମ୍‌ଜିନରେଗା କାର୍ଯ୍ୟକ୍ରମର ରୂପାୟନ କ୍ଷେତ୍ରରେ ଏହାକୁ ବିଶେଷ ଭାବେ ବ୍ୟବହାର କରାଯାଉଛି । ଆଖପାଖରେ କେଉଁଠି କାମ ମିଳୁଛି ତାହା ଜାଣିବାକୁ ଏମ୍‌ଜିନରେଗାର ଶ୍ରମିକମାନେ ଜିଆଇଏସ୍‌କୁ ବ୍ୟବହାର କରୁଛନ୍ତି । ଏଥିରୁ କାର୍ଯ୍ୟସ୍ଥଳୀର ସ୍ଥିତି, ଦୂରତ୍ୱ, ଯିବାଆସିବାର ସୁବିଧା, କାର୍ଯ୍ୟର ସ୍ୱଚ୍ଛତା, ମଜୁରି ଏବଂ ଅନ୍ୟାନ୍ୟ ତଥ୍ୟ ମିଳୁଛି । ଏହା ମଧ୍ୟ ଜିଓ ପୋର୍ଟାଲକୁ ତଥ୍ୟ ପ୍ରେରଣ କରି ନାଗରିକଙ୍କ ସୂଚନା ଆବଶ୍ୟକତା ପୂରଣ କରୁଛି । ଏହି ତଥ୍ୟ ଆଧାରରେ ଏମ୍‌ଜିନରେଗା କାର୍ଯ୍ୟର ସାମାଜିକ ସମୀକ୍ଷା କରିହେଉଛି । କାମର ସ୍ଥିତି, ମାନ, ଅର୍ଥ ବିନିଯୋଗ ସଂକ୍ରାନ୍ତ ଖବର ନାଗରିକ ଏଥିରୁ ପାଉଛନ୍ତି ।

**ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତରଣ (ଡିବିଟି):**

ସାର୍ବଜନିକ ବିତ୍ତ ପ୍ରବନ୍ଧନ ବ୍ୟବସ୍ଥା (ପିଏଫ୍‌ଏମ୍‌ଏସ୍) ସବୁ ବ୍ୟାଙ୍କ ସହ ଇଲେକ୍‌ଟ୍ରୋନିକ ସଂଚାର ମାଧ୍ୟମରେ ସଂଯୁକ୍ତ । ଅତଏବ ସରକାରୀ ପାଣ୍ଠିର ପ୍ରେରଣ, ହିତାଧିକାରୀଙ୍କ ପାଇଁ ଉଦ୍ଦିଷ୍ଟ ଅର୍ଥ, ତାହାର ପ୍ରେରଣ ଏବଂ ଏହା ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଗଲା କି ନାହିଁ ତାହା ଏଥିରୁ ଜାଣି ହେଉଛି । ଫଳରେ ଏଥିରେ ବାଟମାରଣା ବା ଅର୍ଥର ଦୁରୁପଯୋଗ ସମ୍ଭାବନା ନାହିଁ । ଆଗରୁ ସରକାରୀ ଅର୍ଥ ହସ୍ତାନ୍ତରଣ ବିଭିନ୍ନ ସ୍ତର ଓ ପର୍ଯ୍ୟାୟ ଦେଇ ଯାଉଥିବାରୁ ହିତାଧିକାରୀଙ୍କ ପାଖରେ ପହଞ୍ଚିବାକୁ ଅତି ବିଳମ୍ବ ହେଉଥିଲା । ଡିବିଟି ବ୍ୟବସ୍ଥା ପ୍ରବର୍ତ୍ତନ ହେବା ପରେ ନୂଆ ଟେକ୍‌ନୋଲୋଜି ସେ ଅସୁବିଧା ଦୂର କରିବାରେ ସଫଳ ହୋଇଛି । ଡିବିଟିରେ ଅର୍ଥ ପ୍ରଦାନ ବ୍ୟବସ୍ଥା ଆଧାର ଓ ଅଣ ଆଧାର ଏପରି ଦୁଇ ଭାଗରେ ବିଭକ୍ତ । ତେଣୁ

ଯେଉଁମାନଙ୍କର ଆଧାର ଭିତ୍ତିକ ସୁବିଧା ନାହିଁ ସେମାନେ ମଧ୍ୟ ପ୍ରାପ୍ୟ ପାଇବାରେ ଆଉ ବିଳମ୍ବ ଘଟୁନାହିଁ। ଅନ୍‌ଲାଇନ୍ ପେମେଣ୍ଟ ସମଗ୍ର ପ୍ରକ୍ରିୟାକୁ କେବଳ ସହଜ କରିନାହିଁ ବରଂ ଅର୍ଥ ଦେଣନେଣ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ସ୍ୱଚ୍ଛ ଓ ନିର୍ଭରଯୋଗ୍ୟ କରିଛି। ଏବେସୁଦ୍ଧା ଡିବିଟି ବ୍ୟବସ୍ଥାରେ ମୋଟ୍ ୭,୩୮,୭୬୨ କୋଟି ଟଙ୍କା ବିଭିନ୍ନ ହିତାଧିକାରୀଙ୍କୁ ଯୋଗାଇ ଦିଆଯାଇଛି। ବିଭିନ୍ନ ସରକାରୀ ଯୋଜନାର ରୂପାୟନ ପ୍ରକ୍ରିୟା ଉପରେ ମଧ୍ୟ ଏହାର ସିଧାସଳଖ ପ୍ରଭାବ ପଡ଼ିଛି। ସ୍ୱଚ୍ଛଭାରତ ମିଶନ୍ ପ୍ଲାଟ୍‌ଫର୍ମ ବ୍ୟାପକ ଭାବେ ଡିବିଟି ଟେକ୍‌ନୋଲୋଜି ବ୍ୟବହାର କରି ହିତାଧିକାରୀଙ୍କୁ ସିଧାସଳଖ ଆର୍ଥିକ ଲାଭ ଯୋଗାଉଛି।

**ଇ-ମେଲ୍ ସେବା:**

୧୯୮୦ ଦଶକରେ ଭାରତ ସରକାର ପ୍ରଥମେ ଘ୪୦୦ ଇମେଲ ସେବା ପ୍ରବର୍ତ୍ତନ କରିଥିଲେ। ସବୁସ୍ତରରେ ଏକ ଓପନ୍ ସୋର୍ସ ଭିତ୍ତିକ ନିରାପଦ ଏକୀକୃତ ମ୍ୟାସେଜିଂ ପ୍ଲାଟଫର୍ମ ଯୋଗାଇବା ଥିଲା ଏହାର ଉଦ୍ଦେଶ୍ୟ। କାଳକ୍ରମେ ଇମେଲ ସେବାର ବିକାଶ ଘଟିଲା ଏବଂ ଏହା ବିଶେଷ ଆଦୃତ ହେଲା। ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମରେ ଭାରତ ସରକାର ସବୁ ସରକାରୀ ଯୋଗାଯୋଗରେ ନିରାପଦ ଇ-ମେଲ ପ୍ରେରଣ ବ୍ୟବସ୍ଥାକୁ ନିଶ୍ଚିତ କରିଛନ୍ତି। ଏବେ ଇ-ମେଲ୍ ସେବାରେ ଜିଓ ଫେନ୍ସିଂ, ଡିଭାଇସ୍ ମ୍ୟାପିଂ, ଆଡାପ୍‌ଟିଭ୍ ଅଥେଣ୍ଟିକେସନ ଭଳି ଆଧୁନିକ ନିରାପତ୍ତା ବ୍ୟବସ୍ଥା ରହୁଛି। ଆଜିକା ତାରିଖରେ ୨୫ଲକ୍ଷ ୟୁଜର ଆଇଡି ଓ ୨୦୦୦ ଆପ୍ଲିକେସନ୍ ଇ-ମେଲ୍ ସର୍ଭିସ୍ ବ୍ୟବହାର କରୁଛନ୍ତି। ନାଗରିକଙ୍କ ସୁବିଧା ପାଇଁ ଏସ୍‌ଏମ୍‌ଏସ୍ ସେବା ଆରମ୍ଭ କରାଯାଇଛି ଯାହା ଠିକଣା ସମୟରେ ଲୋକଙ୍କ କାମରେ ଲାଗୁଛି। ଏବେ ଦୈନିକ ପ୍ରାୟ ୧୫ ଲକ୍ଷ ଏସ୍‌ଏମ୍‌ଏସ୍ ପ୍ରେରଣ କରାଯାଉଥିବାବେଳେ ପ୍ରାୟ ୨୨୦୦ ଆପ୍ଲିକେସନ ଏସ୍‌ଏମ୍‌ଏସ୍ ସେବା ସହ ସଂଯୁକ୍ତ।

**ଭିଡିଓ କନ୍‌ଫରେନ୍ସିଂ:**

୧୯୯୫ଠାରୁ ଏନ୍‌ଆଇସି ଭିଡିଓ କନ୍‌ଫରେନ୍ସିଂ ସେବା ଯୋଗାଇଆସୁଛି। ଏହା ମାଧ୍ୟମରେ ଶାସନ ଓ ସଂଯୋଗ ଅଧିକ ନିକଟତର ହୋଇଛି। ଏବେ ଦେଶରେ ୧୮୫୨ରୁ ଅଧିକ ଭିଡିଓ କନ୍‌ଫରେନ୍ସିଂ ସାଇଟ୍ କାର୍ଯ୍ୟ କରୁଛି। ଏହା ସରକାରୀ କାର୍ଯ୍ୟ ଓ ପ୍ରକ୍ରିୟା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛି। ସରକାରଙ୍କ ସବୁ କ୍ଷେତ୍ରରେ ଏବେ ଭିଡିଓ କନ୍‌ଫରେନ୍ସ ବ୍ୟବସ୍ଥାର ଉପଯୋଗ କରାଯାଉଛି। କେନ୍ଦ୍ର-ରାଜ୍ୟ, ରାଜ୍ୟ-ଜିଲା, ଜିଲା-ଉପଜିଲା, ସରକାର-ସର୍ବସାଧାରଣ ପ୍ରତ୍ୟେକ କ୍ଷେତ୍ରରେ ଏହା ପ୍ରତ୍ୟକ୍ଷ ଯୋଗାଯୋଗ ଓ ସମ୍ପର୍କର ଏକ ନୂଆ ମାଧ୍ୟମ ହୋଇଛି। ଅତ୍ୟାଧୁନିକ ଟେକ୍‌ନୋଲୋଜି ଏହି ବ୍ୟବସ୍ଥାକୁ ସହଜ କରିଛି। ଯେକୌଣସି ସ୍ଥାନରେ, ଯେକୌଣସି ସମୟରେ, ବିଭିନ୍ନ ପକ୍ଷଙ୍କ ସହ ଯୋଗାଯୋଗ ରକ୍ଷା କରବାରେ ତ୍ରୁଟିଶୂନ୍ୟ ଭିଡିଓ କନ୍‌ଫରେନ୍ସ ବ୍ୟବସ୍ଥା ଉପଲବ୍ଧ ହେଉଛି। ଏହା ଫଳରେ ଉଭୟ ସମୟ ଓ ଅର୍ଥ ଯଥେଷ୍ଟ ସଂଚୟ ହେଉଛି।

**ସାଇବର ସିକ୍ୟୁରିଟି:**

ଏବେ ଡିଜିଟାଲ ଭିତ୍ତିଭୂମି ପାଇଁ ସାଇବର ନିରାପତ୍ତା ସବୁଠୁ ଅଧିକ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଛି। ବିଶେଷ କରି ସରକାରୀ କ୍ଷେତ୍ରରେ ଏହି ନିରାପତ୍ତା ଅଧିକ ଗୁରୁତ୍ୱ ରଖେ। ସେଥିପାଇଁ ସରକାର ଏକ ଉତ୍ସର୍ଗୀକୃତ ଟିମ୍ ଗଠନ କରିଛନ୍ତି ଯାହା ସାଇବର ସିକ୍ୟୁରିଟି ଉପରେ ନଜର ରଖିଛି। ଏହି ନିରାପତ୍ତା କେବଳ ନେଟ୍‌ୱାର୍କ ସେବାରେ ସୀମିତ ନୁହେଁ। ଉପଯୋଗ ଜନିତ ନିରାପତ୍ତା ପ୍ରତି ମଧ୍ୟ ଆବଶ୍ୟକ ଦୃଷ୍ଟି ଦେବା ଜରୁରୀ ହୋଇଛି। ସାଇବର ଆକ୍ରମଣରୁ ସରକାରୀ ଯୋଗାଯୋଗ ଓ ବ୍ୟବହାରକୁ ସୁରକ୍ଷିତ ରଖିବା ପାଇଁ ଦେଶର ବିଭିନ୍ନ ସ୍ଥାନରେ ଉତ୍କର୍ଷ କେନ୍ଦ୍ର (ଏକ୍ସେଲେନ୍ସ ସେଣ୍ଟର) ମାନ ଖୋଲାଯାଇଛି।

ଏସବୁ ପଦକ୍ଷେପ ସତ୍ତ୍ୱେ ସାଇବର ଆକ୍ରମଣର ସଂଖ୍ୟା ବଢ଼ୁଛି ଓ ନୂଆ ଅତି ଉନ୍ନତ କୌଶଳ ଉପଯୋଗ କରି ସାଇବର ଆତଙ୍କବାଦୀ ଆକ୍ରମଣ କରୁଛନ୍ତି। ତାହାକୁ ଦୃଷ୍ଟିରେ ରଖି କମ୍ପ୍ୟୁଟର ଏମରଜେନ୍ସି ରେସ୍‌ପନ୍ସ ଟିମ୍ (ଏନ୍‌ଆଇସି-ସିଇଆର୍‌ଟି) ଗଠିତ ହୋଇଛି। ଏହି ଗ୍ରୁପ୍ ସରକାରୀ ୱେବ୍‌ସାଇଟ, ଇମେଲ, ବିଭିନ୍ନ ସେବାର ଅନୁଶୀଳନ, ପର୍ଯ୍ୟବେକ୍ଷଣ କରିବା ସହ ସମ୍ଭାବ୍ୟ ସାଇବର ଆକ୍ରମଣକୁ ପ୍ରତିହତ କରିବା ଦିଗରେ କାର୍ଯ୍ୟ କରୁଛି। ଅଣ ସରକାରୀ କ୍ଷେତ୍ରରେ ସାଇବର ନିରାପତ୍ତା ପାଇଁ ସଂପୃକ୍ତ ପକ୍ଷଙ୍କ ସହ ଏନ୍‌ଆଇସି-ସିଇଆର୍‌ଟି ମଧ୍ୟ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରୁଛି। ଏନ୍‌ଆଇସି-ସିଇଆର୍‌ଟି ସିଇଆର୍‌ଟି-ଇନ୍ ସହ ନିବିଡ଼ ସମ୍ପର୍କ ରଖି ତା' ନିର୍ଦ୍ଦେଶରେ ସାଇବର ନିରାପତ୍ତା କ୍ଷେତ୍ରରେ କାର୍ଯ୍ୟ କରିଆସୁଛି। ସିଆର୍‌ଟି-ଇନ୍ କମ୍ପ୍ୟୁଟର ନିରାପତ୍ତା କ୍ଷେତ୍ରରେ ଜାତୀୟ ନୋଡାଲ ଏଜେନ୍ସି ଭାବେ ଦାୟିତ୍ୱ ତୁଲାଉଛି।

**ଡିଜିଟାଲ ପ୍ଲାଟ୍‌ଫର୍ମ:**

ସରକାରୀ କ୍ଷେତ୍ରରେ ଉପଲବ୍ଧ କ୍ଲାଉଡ୍ ଇନ୍‌ଫ୍ରାଷ୍ଟ୍ରକ୍‌ଚର ଜାତୀୟ ସ୍ତରରେ ବହୁ ଡିଜିଟାଲ ପ୍ଲାଟ୍‌ଫର୍ମ ସୃଷ୍ଟି କରିଛି, ଯାହା ଗୋଟିଏ ଦେଶ ଗୋଟିଏ ପ୍ଲାଟ୍‌ଫର୍ମ ନାମରେ ପରିଚିତ। ଏହି ପ୍ଲାଟଫର୍ମ ସମୂହ ଆନ୍ତଃ ସଂଯୋଗ, ନିର୍ବିଘ୍ନ ସମନ୍ୱୟ ଓ କ୍ରିୟାନ୍ୱୟନ ମାଧ୍ୟମରେ ଏକ ଦୃଢ଼ ସେବା ପ୍ରଦାନ ବ୍ୟବସ୍ଥା କରିଛନ୍ତି। ଏହାଦ୍ୱାରା ଯାନବାହନ, ଘର, ଶୌଚାଳୟ, ରେଶନ କାର୍ଡ ଆଦିର ଏକ ଜାତୀୟ ପଞ୍ଜିକା (ନେସ୍‌ନାଲ ରେଜିଷ୍ଟର) ପ୍ରସ୍ତୁତି ସହଜ ହୋଇଛି। ଏକ ସ୍ଥିର, ସୁଦୃଢ଼, ବିଶ୍ୱସନୀୟ ଓ ବିଶ୍ୱସ୍ତରୀୟ ଡିଜିଟାଲ ଭିତ୍ତିଭୂମିର ସହାୟତାରେ ଭାରତ ସରକାର ଏନ୍‌ଆଇସି ଓ ଅନ୍ୟାନ୍ୟ ସଂପୃକ୍ତ ପକ୍ଷଙ୍କ ସହ ମିଶି ବିଭିନ୍ନ ସେବା ସଫଳତାର ସହ ଆରମ୍ଭ କରିଛନ୍ତି। ସେଥି ମଧ୍ୟରେ ରହିଛି-ଇ-ଅଫିସ୍, ଇ-ଟ୍ରାନ୍ସପୋର୍ଟ ଓ ଇ-ହସ୍‌ପିଟାଲ ଆଦି। ଉତ୍ତମ ଆଇଟି ଭିତ୍ତିଭୂମି ଯୋଗୁଁ ଉତ୍ତମ ସେବା ଯୋଗାଣ ମଧ୍ୟ ସୁନିଶ୍ଚିତ ହୋଇଛି। ଇ-ଟ୍ରାନ୍ସପୋର୍ଟ କ୍ଷେତ୍ରରେ ଏହା ଉଲ୍ଲେଖନୀୟ ଭାବେ ପ୍ରତିଫଳିତ। ଏଥିରେ ଏନ୍‌ଆଇସି ଡିଜାଇନ୍ ଓ ବିକାଶ ପ୍ରକ୍ରିୟା ପ୍ରସ୍ତୁତି କରିବା ସହ ଏହାର ରକ୍ଷଣାବେକ୍ଷଣ କାର୍ଯ୍ୟ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ କରୁଛି। ଏହା ଫଳରେ ଜି୨ଜି, ଜି୨ବି, ଜି୨ସି ସେବା ସଂପ୍ରସାରିତ ହେବା ସହିତ ନାଗରିକ,

ପରିବହନକାରୀ, ଯାନବିକ୍ରେତା, ନିର୍ମାଣ, ପୁଲିସ, ନିରାପତ୍ତା ରକ୍ଷାକାରୀ ସଂସ୍ଥା, ବ୍ୟାଙ୍କ, ବୀମା କମ୍ପାନୀ, ବିଭିନ୍ନ ସରକାରୀ ବିଭାଗ ଉପକୃତ ହେଉଛନ୍ତି। ଟିକସ ପ୍ରଦାନ, ନିର୍ଦ୍ଦିଷ୍ଟ ପ୍ରମାଣପତ୍ର ପାଇବା ଓ ଅନ୍ୟାନ୍ୟ ସମସ୍ୟା ଦୂର କରିବା ପାଇଁ ଲୋକଙ୍କୁ ଆଉ ଆରଟିଓ ଅଫିସ ଦୌଡ଼ିବାକୁ ପଡୁନାହିଁ।

**ଇ-ଚାଲାଣ :**

ନୂଆ ନାଗରିକଭିତ୍ତିକ ସେବା ଯଥା ମୋବାଇଲଭିତ୍ତିକ ଟ୍ରାଫିକ୍ ସମ୍ବନ୍ଧୀୟ କାର୍ଯ୍ୟ ଇ-ଚାଲାଣ ମାଧ୍ୟମରେ କରାଯାଇପାରୁଛି। 'ଏମ୍ ପରିବହନ' ଆପ୍ ଦ୍ୱାରା ମୋବାଇଲ ଭିତ୍ତିକ ସେବା ଯୋଗାଣ ସଫଳତାର ସହ ଚାଲିଛି। ଏହି ଆପ୍‌କୁ ୪୦ଲକ୍ଷ ବ୍ୟବହାରକାରୀ ଡାଉନ୍‌ଲୋଡ୍ କରିଛନ୍ତି।

**ଇ-ୱେ ବିଲ୍:**

ଇ-ୱେବିଲ୍ ବ୍ୟବସ୍ଥା ଦ୍ରବ୍ୟ ଓ ସେବାକର (ଜିଏସ୍‌ଟି) ସଫଳତାର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ବର୍ଷକ ମଧ୍ୟରେ ୫୫୬୭ ଲକ୍ଷରୁ ଅଧିକ ଇ-ୱେବିଲ୍ ଜେନରେଟ୍ ହୋଇଛି ଓ ସେଥିମଧ୍ୟରୁ ୧୭୨ ଲକ୍ଷର ଯାଞ୍ଚ କରାଯାଇଛି। ଏହାଦ୍ୱାରା ମାଲ, ପ୍ରେରକ, ପ୍ରାପକ ଓ ଟିକସ ପ୍ରଦାନକାରୀ ଗୋଟିଏ ମଞ୍ଚ (ପ୍ଲାଟଫର୍ମ)ରେ ରହିପାରିଛନ୍ତି।

ଗ୍ରାମ୍ୟ ଉନ୍ନୟନ ପାଇଁ ସରକାର ଟେକ୍‌ନୋଲୋଜିର ଉପଯୋଗ କରିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା 'ଗ୍ରାମୀଣ', ଏମ୍‌ଜିନରେଗା, ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ, ଦୀନଦୟାଲ ଉପାଧ୍ୟାୟ ଗ୍ରାମିଣ କୌଶଲ୍ୟ ଯୋଜନା, ଦୀନ ଦୟାଲ ଅନ୍ତ୍ୟୋଦୟ ଯୋଜନା, ଜାତୀୟ ଗ୍ରାମିଣ ଜୀବିକା ମିଶନ ଆଦି ୧୦ଟି କେନ୍ଦ୍ରୀୟ ଯୋଜନାର କାର୍ଯ୍ୟକ୍ରମ ସମ୍ପର୍କରେ ଆଇସିଟି ଟେକ୍‌ନୋଲୋଜି ବିକଶିତ କରିଛି। ଏହାଦ୍ୱାରା ସବୁ ଗାଁ, ପଞ୍ଚାୟତ, କାର୍ଯ୍ୟକାରୀ ହେଉଥିବା ସବୁ ସରକାରୀ ଯୋଜନା, ଲୋକଙ୍କର ସାମାଜିକ, ଆର୍ଥିକ ସ୍ଥିତି ଓ ଅନ୍ୟାନ୍ୟ ତଥ୍ୟାବଳୀ ସହଜରେ ମିଳୁଛି।

> ଜନସାଧାରଣଙ୍କୁ ନାନା ପ୍ରକାର ସେବା ଓ ସୁବିଧା ତୁରନ୍ତ ଯୋଗାଇ ସେମାନଙ୍କ ସମସ୍ୟା ସମାଧାନ କରିବା ଡାଟା ସେଣ୍ଟରଗୁଡ଼ିକର ଲକ୍ଷ୍ୟ। ତାହାକୁ ନଜରରେ ରଖି ଏନ୍‌ଆଇସି ଦିଲ୍ଲୀ, ହାଇଦରାବାଦ, ଭୁବନେଶ୍ୱର ଓ ପୁଣେରେ ବୃହତ୍ ଡାଟା ସେଣ୍ଟରମାନ ପ୍ରତିଷ୍ଠା କରିଛି। ଏହା ଇ-ଗଭର୍ଣ୍ଣାନ୍ସ ଆପ୍ଲିକେସନ, ୱେବପୋର୍ଟାଲ ଓ ୱେବ୍‌ସାଇଟଗୁଡ଼ିକୁ ଦୃଢ଼, ସହଜ, ନମନୀୟ ଓ ନିରାପଦ ସଂଯୋଗ ବ୍ୟବସ୍ଥା ତଥା ଭିତ୍ତିଭୂମି ଯୋଗାଉଛି। ମିନି ଡାଟା ସେଣ୍ଟରଗୁଡ଼ିକ ମାଧ୍ୟମରେ ପ୍ରାଦେଶିକ ସ୍ତରରେ ରାଜ୍ୟମାନଙ୍କୁ ଇ-ଗଭର୍ଣ୍ଣାନ୍ସ ସୁବିଧାସୁଯୋଗ ଯୋଗାଇ ଦିଆଯାଉଛି। ଡାଟା ସେଣ୍ଟରରୁ ୧୦ହଜାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଇ-ଗଭର୍ଣ୍ଣାନ୍ସ ପ୍ରୋଜେକ୍ଟକୁ ନେସ୍‌ନାଲ କ୍ଲାଉଡ୍ ପାଇଁ ହୋଷ୍ଟିଂ ସପୋର୍ଟ ମଧ୍ୟ ଯୋଗାଇ ଦିଆଯାଉଛି ଯାହା ମଧ୍ୟରେ ରହିଛି ଇ-ପ୍ରୋକ୍ୟୁରମେଣ୍ଟ, ପବ୍ଲିକ୍ ଫାଇନାନ୍ସିଆଲ ମନିଟରିଂ ସିଷ୍ଟମ୍, ଇ-ଲେଖା, ଇ-ପଞ୍ଚାୟତ, ଆଧାରଭିତ୍ତିକ ବାୟୋମେଟ୍ରିକ୍ସ ଆଟେଣ୍ଡାନ୍ସ ବ୍ୟବସ୍ଥା, ଭିସା, ବିଦେଶୀଙ୍କୁ ଦିଆଯାଇଥିବା ରେଜିଷ୍ଟ୍ରେସନ୍, ଟ୍ରାକିଂ ବ୍ୟବସ୍ଥା, ସାଧାରଣ ବଣ୍ଟନ ବ୍ୟବସ୍ଥା, ନେସ୍‌ନାଲ ପୋର୍ଟାଲ ଅଫ୍ ଇଣ୍ଡିଆ, ଜୀବନ ପ୍ରମାଣ, ଇ-କୋର୍ଟ, ଡିଜିଟାଲ ଲକର, ଇ-କାଉନସେଲିଂ, ଜାତୀୟ କୃଷି ବଜାର, ଭ୍ରାମ୍ୟମାଣ ସାର ଯୋଗାଣ ଓ ପରିଚାଳନା ବ୍ୟବସ୍ଥା, ସାଇବର ସ୍ୱଚ୍ଛତା କେନ୍ଦ୍ର, ଡିଜିଟାଲ ଇଣ୍ଡିଆ ପୋର୍ଟାଲ, ଜାତୀୟ ପରିବହନ ପ୍ରକଳ୍ପ, ମାନବ ସମ୍ବଳ ପରିଚାଳନା ବ୍ୟବସ୍ଥା ଓ ଅନେକ ସରକାରୀ ୱେବ୍‌ସାଇଟ୍।

**ଭବିଷ୍ୟତ କାର୍ଯ୍ୟପନ୍ଥା:**

ଏନ୍‌ଆଇସି ନିରନ୍ତର ଭାବେ ନୂଆ ଟେକ୍‌ନୋଲୋଜି ବିକଶିତ କରିବା ସହ ଏହାର କାର୍ଯ୍ୟ ଓ ସଫଳତାର ମୂଲ୍ୟାୟନ କରୁଛି। ଏହାଛଡ଼ା ଡିଜିଟାଲ ଭିତ୍ତିଭୂମିର ବିକାଶ ଧାରାବାହିକ ଭାବେ ଚାଲିଛି। ଏହି ପ୍ରକ୍ରିୟାକୁ ଆହୁରି ସୁଦୃଢ଼, ଉନ୍ନତ ଓ ବେଗଗାମୀ କରିବାକୁ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ, ଆଇଓଟି, ଏଜ୍ କମ୍ପ୍ୟୁଟିଙ୍ଗ ଆଦିକୁ ଉପଯୋଗ କରିବା ଉଦ୍ୟମ ଅବ୍ୟାହତ ରହିଛି।

କେନ୍ଦ୍ର ଓ ପ୍ରାଦେଶିକ ସରକାର ସ୍ତରରେ ଶାସନର ଆବଶ୍ୟକତା ପୂରଣ ପାଇଁ ଏନ୍‌ଆଇସି ଅଦ୍ୱିତୀୟ ସ୍ଥିତିରେ ରହିଛି। ଜିଲା, ଉପଜିଲା ସହିତ କାର୍ଯ୍ୟନିର୍ବାହୀ, ନ୍ୟାୟପାଳିକା ଓ ବିଧାନପାଳିକା ସ୍ତରରେ ମଧ୍ୟ ଏହା ଡିଜିଟାଲ ଟେକ୍‌ନୋଲୋଜିର ସୁବିଧା ଯୋଗାଇଦେଉଛି। ସର୍ବୋପରି ଲୋକଙ୍କୁ ସରକାରୀ ଯୋଜନାର ସୁଫଳ ପହଞ୍ଚାଇବାରେ ଏହା ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଛି। ଉତ୍ତମ ଡିଜିଟାଲ ଭିତ୍ତିଭୂମି ଯୋଗୁଁ ଏହା ସମ୍ଭବ ହୋଇଛି।

ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ପ୍ରବର୍ତ୍ତନ ସହ ଡାଟା ଆନାଲିସିସ୍ ପାଇଁ ଉତ୍କର୍ଷ କେନ୍ଦ୍ର ଓ ବ୍ଲକ୍ ଚେନ୍ ପ୍ରତିଷ୍ଠା କରିବାକୁ ଆରମ୍ଭ ହୋଇଥିବା ଉଦ୍ୟମ ନିଶ୍ଚିତ ସ୍ୱାଗତଯୋଗ୍ୟ। ତେବେ ଏଥିପାଇଁ ସରକାରୀ ଭିତ୍ତିଭୂମିର ଭବିଷ୍ୟତ ପ୍ରସ୍ତୁତି ବିଶେଷ ଗୁରୁତ୍ୱ ରଖେ। ନୂଆ ଟେକ୍‌ନୋଲୋଜିକୁ ବ୍ୟବହାର କରିବା ପାଇଁ ସବୁବେଳେ ଉତ୍ତମ ଭିତ୍ତିଭୂମିର ଆବଶ୍ୟକତା ରହିଛି।

**ଲେଖିକା ହେଉଛନ୍ତି ରାଷ୍ଟ୍ରୀୟ ଇନଫର୍ମେଟିକ୍ସ କେନ୍ଦ୍ରର ମହାନିର୍ଦ୍ଦେଶକ।**

**Email ID: dg@nic.in**

# ଡିଜିଟାଲ ଅନ୍ତ୍ୟୋଦୟ

## (ଡିଜିଟାଲ ପ୍ଲାଟଫର୍ମ ମାଧ୍ୟମରେ ବଞ୍ଚିତବର୍ଗଙ୍କ ଉତ୍‌ଥାନ)

ଦୀପକ ଶର୍ମା, କାମିନୀ ମଲ୍ଲିକ ଓ ଜୟବର୍ଦ୍ଧନ



ଆଧୁନିକ ଗଣତାନ୍ତ୍ରିକ ନୂତନ ଭାରତ (ନ୍ୟୁଇଣ୍ଡିଆ)ର ସାମ୍ପ୍ରତିକ ଉପଲବ୍ଧି ସମଗ୍ର ବିଶ୍ୱରେ ସ୍ୱୀକୃତି ଲାଭ କରିଛି। ବିଶ୍ୱବାଣିଜ୍ୟ କ୍ଷେତ୍ରରେ ସୃଷ୍ଟି ହୋଇଥିବା ଉତ୍ତେଜନା ଯୋଗୁଁ ଚୀନର ଅର୍ଥନୈତିକ ଅଭିବୃଦ୍ଧି ମାନ୍ଦା ହୋଇଥିବାବେଳେ ଭାରତର ଜିଡିପି ଅଭିବୃଦ୍ଧି ବଢୁଛି। ଆର୍ଥିକ ସହଯୋଗ ଓ ବିକାଶ ପ୍ରତିଷ୍ଠାନ (ଓଇସିଡି)ର ତଥ୍ୟ ଅନୁସାରେ ୨୦୨୦ସୁଦ୍ଧା ଭାରତର ଅଭିବୃଦ୍ଧି ହାର ୭.୫% ରହିବ ବୋଲି ଆକଳନ କରାଯାଇଛି। ୨୦୧୯ରେ ଏହା ୭.୨୫% ଥିଲା। ଐତିହାସିକ ଦୃଷ୍ଟିରୁ ଦେଖିଲେ ଭାରତର ଏହି ବିକାଶ ଉଦାହରଣୀୟ। ୧୯୪୭ରେ ଭାରତର ଯେଉଁ ସ୍ଥିତି ଥିଲା ସେଥିରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଛି। ଏକ ଅତ୍ୟାଚାରୀ ଔପନିବେଶବାଦୀ ଶାସନ ବ୍ୟବସ୍ଥାରୁ ମୁକ୍ତ ହେବା କ୍ଷଣି ଦେଶ ବିଭାଜନ ଜନିତ ଗୁରୁତର ସମସ୍ୟା ଭାରତକୁ ସାମ୍ନା କରିବାକୁ ପଡ଼ିଥିଲା। ସ୍ୱାଧୀନ ଭାରତ ବିଭିନ୍ନ ଧର୍ମ, ଭାଷା, ସଂପ୍ରଦାୟ, ଅଞ୍ଚଳକୁ ନେଇ ଗଠିତ ହେଲା ଯେଉଁଥିରେ ବିବିଧତାର ଏକ ସ୍ୱଷ୍ଟ ବିଶେଷତ୍ୱ ରହିଲା। ଏହା ଏପରି ଏକ ଦେଶ ଯେଉଁଠି ୨୪ରୁ ଅଧିକ ଭାଷା ଓ ଶତାଧିକ ଉପଭାଷା ପ୍ରଚଳିତ। ଏସବୁ ବିବିଧତା ଓ ଅନେକ ଆହ୍ୱାନକୁ ନେଇ ଭାରତ ଖୁବ୍‌କମ୍ ସମୟରେ ଦ୍ରୁତ ବିକାଶର ଲକ୍ଷ୍ୟ ରଖି ଆଗେଇ ଚାଲିଛି ଏବଂ ସେଥିରେ ଅନେକାଂଶରେ ସଫଳ ହୋଇଛି।

କୌଣସି ବାଛବିଚାର ନ ରଖି ଜନସାଧାରଣଙ୍କୁ ସର୍ବୋତ୍କୃଷ୍ଟ ସେବା ଯୋଗାଇଦେବା ପାଇଁ ଦେଶରେ ଡିଜିଟାଲ ଅଭିଯାନ ଆକ୍ରମଣାତ୍ମକ ନୀତିରେ ଆରମ୍ଭ କରାଯାଇଥିଲା। ଡିଜିଟାଲ ଟେକ୍‌ନୋଲୋଜି ସ୍ୱାଭାବତଃ ଭେଦଭାବମୁକ୍ତ ଓ ଏହା ସମସ୍ତଙ୍କ ପାଇଁ ସମାନ। ତେଣୁ ଏହା ଉପରେ ଭାରତର ଗୁରୁତ୍ୱ ଯଥାର୍ଥ। ସରକାର ଲୋକଙ୍କ କଲ୍ୟାଣ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ବଞ୍ଚିତ ବର୍ଗଙ୍କ ମୌଳିକ ଆବଶ୍ୟକତା ପୂରଣ ନିମନ୍ତେ ବିଭିନ୍ନ କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରାଯିବା ସହ ସେମାନଙ୍କୁ ଆବଶ୍ୟକ ସୁବିଧାସୁଯୋଗ ଯୋଗାଇ ସମର୍ଥ, ସବଳ କରିବାକୁ ପ୍ରୟାସ ଜାରି ରହିଛି। ଏହା ସରକାରଙ୍କର ଦାୟିତ୍ୱ ଏବଂ ତାହା ସରକାର ଅବଶ୍ୟ କରୁଛନ୍ତି।

ଜନମଙ୍ଗଳ ରାଷ୍ଟ୍ରର ଦାୟିତ୍ୱ ହେଲା ପ୍ରତ୍ୟେକ ନାଗରିକର ମୌଳିକ ପାର୍ଥିବ ଆବଶ୍ୟକତା ପୂରଣ କରିବା। ସମାଜବାଦୀ ରାଷ୍ଟ୍ରର ଯେଉଁ ଆଦର୍ଶ ଓ ବିଚାର ରହିଛି ସେଥିରେ ଦେଶ ସମସ୍ତଙ୍କ ପାଇଁ ସାମାଜିକ, ଆର୍ଥିକ ଓ ରାଜନୈତିକ ନ୍ୟାୟ ନିଶ୍ଚିତ କରିବାକୁ ଅଙ୍ଗୀକୃତ। ଅତଏବ ଦେଶର ନାଗରିକ ବଞ୍ଚିବା ପାଇଁ ଯଦି ସର୍ବନିମ୍ନ ମୌଳିକ ସୁବିଧା ସୁଯୋଗ ନ' ପାଆନ୍ତି ତେବେ ରାଷ୍ଟ୍ର ତା'ର ଲକ୍ଷ୍ୟ ପୂରଣରେ ବିଫଳ ହୋଇଛି ବୋଲି ଧରିନେବାକୁ ହେବ। ଲୋକେ ଯଦି ଭୋକ ଉପାସ, ଦାରିଦ୍ର୍ୟ, ବ୍ୟାଧି, ଦମନ ଓ ଦାସତ୍ୱ ମଧ୍ୟରେ ରହନ୍ତି ଏବଂ ସମସ୍ତ ପ୍ରକାର ସୁବିଧାସୁଯୋଗରୁ ବଞ୍ଚିତ

ହୁଅନ୍ତି ତେବେ ସେମାନଙ୍କର ରାଷ୍ଟ୍ରର ନାଗରିକ ହିସାବରେ କୌଣସି ମର୍ଯ୍ୟାଦା ରହିବ ନାହିଁ।

ଏସବୁ ସମସ୍ୟାରୁ ଅନେକର ସମାଧାନ ଟେକ୍‌ନୋଲୋଜି ବା ପ୍ରଯୁକ୍ତି ଦ୍ୱାରା ସମ୍ଭବ। ଭାରତ ଭଳି ଏକ ଦେଶରେ ସମାବେଶୀ (ଇନ୍‌କ୍ଲୁସିଭ) ବିକାଶ ଓ ଅଭିବୃଦ୍ଧି ପାଇଁ ଡିଜିଟାଲ ଟେକ୍‌ନୋଲୋଜିର ଭୂମିକା ବିଶେଷ ଗୁରୁତ୍ୱପୂର୍ଣ୍ଣ। ଜାତିସଂଘ ଜନସଂଖ୍ୟା ପାଣ୍ଠି ରିପୋର୍ଟ ଅନୁସାରେ ଭାରତରେ ବିଶ୍ୱର ସବୁଠୁ ଅଧିକ ଯୁବବର୍ଗର ଲୋକ ଅଛନ୍ତି ଯେଉଁମାନଙ୍କ ବୟସ ୧୦ ରୁ ୨୪ବର୍ଷ ମଧ୍ୟରେ। ସେମାନଙ୍କ ସଂଖ୍ୟା ୩୫ କୋଟିରୁ ଅଧିକ। ଯୁବବର୍ଗର ଆଶା ଆକାଂକ୍ଷା ଅଧିକ ଏବଂ ସେମାନେ ମଧ୍ୟ ଅଧିକ ଅଭିଳାଷୀ। ତାହାକୁ ଦୃଷ୍ଟିରେ ରଖି ସରକାର ଡିଜିଟାଲ ଟେକ୍‌ନୋଲୋଜି ପ୍ରବର୍ତ୍ତନ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ଏହା ଫଳରେ ଗତ ଦୁଇ ଦଶନ୍ଧି ମଧ୍ୟରେ ଭାରତର ପ୍ରଗତି ବେଶ୍ ଉତ୍ସାହଜନକ ହୋଇଛି ଓ ବିକାଶ ସୋପାନରେ ଦେଶ ଅନେକ ପାହାଚ ଆଗକୁ ବଢ଼ିଛି।

ଟେକ୍‌ନୋଲୋଜିର ବ୍ୟବହାର କରି ଏକ ନୂଆ ପଦ୍ଧତି ପ୍ରସ୍ତୁତ ହୋଇଛି ଯାହା 'ଆଧାର' ନାମରେ ପରିଚିତ। ଏହି ବ୍ୟବସ୍ଥାରେ ଜଣେ ବ୍ୟକ୍ତିର ପରିଚୟ ନିର୍ଭୁଲ ଭାବେ ନିର୍ଣ୍ଣୟ କରିହେବ। ଏହି ବ୍ୟବସ୍ଥାରେ ଜାଲିଆତି କିମ୍ବା ଅନ୍ୟାନ୍ୟ ଅସାଧୁ ଉପାୟ ଅବଲମ୍ବନ କରି କୌଣସି ବ୍ୟକ୍ତି ଖସିଯାଇପାରିବ ନାହିଁ କିମ୍ବା ଏକାଧିକ ପରିଚୟ ଦେଇପାରିବ ନାହିଁ। ନାଗରିକଙ୍କ ପରିଚୟର ପ୍ରମାଣୀକରଣ ପାଇଁ ଗତ ଦଶନ୍ଧିରେ ଏକ ଅଦ୍ୱିତୀୟ ଅନୁପମ ପରିଚୟ ନିର୍ଦ୍ଧାରଣ ବ୍ୟବସ୍ଥା ବାହାର କରିବାର ଉଦ୍ୟମ ଆରମ୍ଭ ହୋଇଥିଲା। ଏହା ପଛରେ ଯେଉଁ ବୃହତ୍ତର ଉଦ୍ଦେଶ୍ୟ ନିହିତ ଥିଲା ତାହା ହେଲା ଭାରତକୁ ଡିଜିଟାଲ ଦୃଷ୍ଟିରୁ ଏକ ସଶକ୍ତ, ସକ୍ଷମ ସମାଜରେ ପରିବର୍ତ୍ତିତ କରି ଜ୍ଞାନ ଅର୍ଥନୀତିର ପ୍ରବର୍ତ୍ତନ କରିବା। ୨୦୧୫ରେ ସରକାର ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ସେବା ପ୍ରଦାନ / ଯୋଗାଣ କ୍ଷେତ୍ରରେ ନାଗରିକ କୈନ୍ଦ୍ରିକ ଦୃଷ୍ଟିକୋଣ ରଖି ସର୍ବଶେଷ ଓ ସର୍ବାଧୁନିକ ଟେକ୍‌ନୋଲୋଜିର ବ୍ୟବହାର କରିବାକୁ ସରକାର ନୀତି ପ୍ରସ୍ତୁତ କରି

> ପିଏଫ୍‌ଏମ୍‌ଏସ୍ ଯୋଜନାର ପ୍ରବର୍ତ୍ତନ ଦ୍ୱାରା ମା'ମାନଙ୍କୁ ଚେକ୍ ଓ ସରକାରୀ ଲାଭ ପାଇବାକୁ ବାରମ୍ବାର ଡାକ୍ତରଖାନା ଓ ଅନ୍ୟ ଦପ୍ତରକୁ ଦୌଡ଼ିବାକୁ ପଡୁନାହିଁ। ହିତାଧିକାରୀଙ୍କ ବ୍ୟାଙ୍କ ଓ ଆକାଉଣ୍ଟିଂ ବ୍ୟବସ୍ଥା ସୁସଂହତ ହୋଇଥିବାରୁ ଏହା ମୋର ପ୍ରଶାସନିକ କାର୍ଯ୍ୟର ବୋଝକୁ ହାଲ୍‌କା କରିଛି।
>
> **ଡାକ୍ତର କୃଷ୍ଣକୁମାର, ମେଡିକାଲ ଅଫିସର - ବିହିଟା।**
>
> ସନ୍ତାନ ଜନ୍ମ ପରେ ମୁଁ ମୋ ଜେବିଏସ୍‌ୱାଇ ପ୍ରୋତ୍ସାହନ ରାଶି ଏଥର ସିଧାସଳଖ ମୋ ବ୍ୟାଙ୍କ ଆକାଉଣ୍ଟରୁ ପାଇଲି। ମୋ ବ୍ୟାଙ୍କ ଆକାଉଣ୍ଟ ସମ୍ବନ୍ଧୀୟ ତଥ୍ୟ ମୁଁ ଆଶାକର୍ମୀଙ୍କୁ ଦେଇଥିଲି। ମାସକ ମଧ୍ୟରେ ଟଙ୍କା ଆସିଗଲା। ତେବେ ମୋ ପ୍ରଥମ ସନ୍ତାନ ଜନ୍ମବେଳେ ଏହି ଟଙ୍କା ପାଇବା ପାଇଁ ମୋତେ ବେଶ୍ ଧାଁ ଦୌଡ଼ କରିବାକୁ ପଡ଼ିଥିଲା। ଦୁଇ ମାସ ପରେ ମୋତେ ଚେକ୍ ମିଳିଥିଲା। ଏଥର କିନ୍ତୁ ଆଗଭଳି ଅସୁବିଧା ନ ଥିଲା।
>
> **ପୁଷ୍ପ ଦେବୀ, ଜେବିଏସ୍‌ୱାଇ ହିତାଧିକାରୀ, ଗ୍ରା-ମଧୁପୁର, ବିହିଟା।**

କାର୍ଯ୍ୟ କରିବା ପରେ ଶାସନର ଆଭିମୁଖ୍ୟ ଉଲ୍ଲେଖନୀୟ ଭାବେ ବଦଳିଯାଇଛି। ଡିଜିଟାଲ ଇଣ୍ଡିଆ ପ୍ରୋଗ୍ରାମ ଆରମ୍ଭ ହେବା ପରେ ଏହା ଆଧାରକୁ ପ୍ରେରଣା ଯୋଗାଇଲା। ଏହାଫଳରେ ୧୨୩ କୋଟି ଭାରତୀୟ ଆଧାର ତଥ୍ୟାବଳୀର ଅନ୍ତର୍ଭୁକ୍ତ ହୋଇପାରିଛନ୍ତି। ଆଧାର ଏକ ୧୨ଅଙ୍କ ବିଶିଷ୍ଟ ସଂଖ୍ୟା ଯାହା ଭାରତୀୟ ନାଗରିକଙ୍କୁ ଏକ ଅନୁପମ ପରିଚୟ ଦେଇଛି। ଏହା ଦେଶର ସମସ୍ତ ନାଗରିକଙ୍କ ପରିଚୟ ଭାବେ ଗୃହୀତ ହୋଇଥିବାବେଳେ ଏହା କିନ୍ତୁ ନାଗରିକତାର ପ୍ରମାଣପତ୍ର ମାନ୍ୟତା ଏଯାଏ ପାଇନାହିଁ। ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି) ବ୍ୟବସ୍ଥାରେ ଆଧାର ପ୍ରମୁଖ ମାଧ୍ୟମ ହୋଇଛି। ତା' ମାଧ୍ୟମରେ ଲୋକଙ୍କ ଜମା ଖାତାକୁ ସିଧାସଳଖ ସରକାରୀ ଲାଭ ଜନିତ ଆର୍ଥିକ ରାଶି ଯାଉଛି। ଆଧାର ବ୍ୟବସ୍ଥାର ଲକ୍ଷ୍ୟ ସରକାରୀ ଲାଭ ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବା ଓ ଏହାର ସମ୍ଭାବ୍ୟ ବାଟମାରଣା ବା ଦୁରୁପଯୋଗକୁ ବନ୍ଦ କରିବା। ଆଧାର ବ୍ୟବସ୍ଥା ମଧ୍ୟ ନକଲି ପରିଚୟ, ଠକେଇ ଓ ଜାଲିଆତିର ସମ୍ଭାବନାକୁ ଆପାତତଃ ଦୂର କରିପାରିଛି।

ଜନଧନ ବ୍ୟାଙ୍କ ଆକାଉଣ୍ଟ, ମୋବାଇଲ ଫୋନ୍ ଓ ଡିଜିଟାଲ ପରିଚୟର ସମାହାର (ଜେଏଏମ୍) ଦ୍ୱାରା ଗରିବ ଲୋକମାନେ ସରକାରୀ ଲାଭ ସିଧାସଳଖ ପାଇବାକୁ ସକ୍ଷମ ହେଉଛନ୍ତି। ଏବାବଦ ଅର୍ଥ ସିଧାସଳଖ ସେମାନଙ୍କ ବ୍ୟାଙ୍କ ଖାତାକୁ ଯାଉଛି। ଆଧାରଭିତ୍ତିକ ଡିବିଟି ବ୍ୟବସ୍ଥାରେ ୪୩୯ ସରକାରୀ ଯୋଜନାର ପ୍ରତ୍ୟକ୍ଷ ଲାଭ ବାବଦରେ ହିତାଧିକାରୀଙ୍କୁ ଏ ପର୍ଯ୍ୟନ୍ତ ୭.୪୩ ଲକ୍ଷ କୋଟି ଟଙ୍କା ପ୍ରଦାନ କରାଯାଇଛି। ୨୦୧୯ ମାର୍ଚ୍ଚ ସୁଦ୍ଧା ଏବାବଦରେ ସରକାର ୧.୪୧ ଲକ୍ଷ କୋଟି ଟଙ୍କା ସଞ୍ଚୟ କରିବାରେ ସମର୍ଥ ହୋଇଛନ୍ତି ଯାହା ଅନ୍ୟଥା ଅପବ୍ୟୟ ହୋଇଥାନ୍ତା। କାରଣ ଅନେକ ଠକ ଲୋକ ନ'କଲି ଓ ଜାଲ ପ୍ରମାଣପତ୍ର ଦେଇ ପୂର୍ବରୁ ଏସବୁ ଟଙ୍କା ସରକାରଙ୍କଠାରୁ ଠକି ନେଉଥିଲେ। ସଂକ୍ଷେପରେ କହିଲେ ଆଧାରଭିତ୍ତିକ ଡିବିଟି ସରକାରୀ ବ୍ୟବସ୍ଥାର ଦକ୍ଷତା, ସଫଳତା, ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ବୃଦ୍ଧି କରିବା ସହ ଶାସନତନ୍ତ୍ର ଉପରେ ଜନଆସ୍ଥାକୁ ଦୃଢ଼ୀଭୂତ କରିଛି।

ମିଳିତ ଜାତିସଂଘ ତାହାର ଏକ ରିପୋର୍ଟରେ ଭାରତର ଆଧାର କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିଛି। ଏହାଦ୍ୱାରା ଦେଶର ଦରିଦ୍ର ଓ ବଞ୍ଚିତ ଲୋକଙ୍କୁ ସରକାରୀ ଯୋଜନାର ସୁଫଳ ଯୋଗାଇ ସେମାନଙ୍କୁ ସମାବେଶୀ ଓ ବିକାଶ ପ୍ରକ୍ରିୟାରେ ସାମିଲ କରିବାରେ ଭାରତ ସଫଳ ହୋଇଛି ବୋଲି ଏହି ରିପୋର୍ଟରେ କୁହାଯାଇଛି।

ଡିଜିଟାଲ ଟେକ୍ନୋଲୋଜି ମାଧ୍ୟମରେ ଅବହେଳିତ ଓ ବଞ୍ଚିତ ବର୍ଗର ଲୋକଙ୍କ ଉତ୍ଥାନ ପାଇଁ ସରକାର ବିଭିନ୍ନ ଉଦ୍ୟମ କରୁଛନ୍ତି। ଦେଶର ୨୩କୋଟି ୧୯ଲକ୍ଷ ଡିଜିଟାଇଜଡ୍ ରେସନକାର୍ଡଧାରୀଙ୍କୁ ଉଚିତ ମୂଲ୍ୟରେ ଖାଉଟି ସାମଗ୍ରୀ, ବାର୍ଦ୍ଧକ୍ୟ ଓ ଅନ୍ୟାନ୍ୟ ଭତ୍ତା ଯୋଗାଇ ଦିଆଯାଉଛି। ସେହିଭଳି ୧.୯୯ କୋଟି ଡିଜିଟାଲ ଲାଇଫ୍ ସାର୍ଟିଫିକେଟଧାରୀଙ୍କୁ ଛାତ୍ରବୃତ୍ତି ଯୋଗାଇ ଦିଆଯାଉଥିବାବେଳେ ଅନ୍ଲାଇନ୍ ଆବେଦନ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ବୃତ୍ତି ଯୋଗାଣର ବ୍ୟବସ୍ଥା କରାଯାଇଛି। ୨୦୧୮-୧୯ ଆର୍ଥିକ ବର୍ଷରେ ଛାତ୍ରବୃତ୍ତି ବାବଦରେ ଡିଜିଟାଲ ମାଧ୍ୟମରେ ୨୧୨୮କୋଟି ଟଙ୍କା ବଣ୍ଟନ କରାଯାଇଥିଲା। ଏହାଛଡ଼ା ଏମ୍ଜିନରେଗା ଯୋଜନାରେ ୧୩.୧୪ କୋଟି ଶ୍ରମଜୀବୀଙ୍କୁ ଜବ୍ କାର୍ଡ ପ୍ରଦାନ କରାଯାଇଥିବାବେଳେ ସେଥିମଧ୍ୟରୁ ୭.୨୫ କୋଟିଙ୍କୁ ଚଳିତ ଆର୍ଥିକ ବର୍ଷରେ ଡିବିଟି ମାଧ୍ୟମରେ ମଜୁରି ଯୋଗାଇ ଦିଆଯାଇଛି।

ଜାତୀୟ ଡିଜିଟାଲ ପ୍ଲାଟଫର୍ମରେ ଆଧାର, ଡିବିଟି, ୟୁପିଆଇ ଭିମ୍, ଜୀବନ ପ୍ରମାଣ, ଡିଜିଟାଲ ଲକର ଭଳି ବିଭିନ୍ନ ଆଧୁନିକ ସେବା ଓ ବ୍ୟବସ୍ଥା ଯୋଗାଇଦିଆଯାଇଛି। ସାମାଜିକ ସ୍ତରରେ ଏସବୁର ଉତ୍ତମ ପ୍ରବାହ ଅନୁଭୂତ ହେଉଛି।

ଏକ ଆକଳନ ଅନୁସାରେ ଭାରତରେ ମାତ୍ର ୧୦ଭାଗ ଲୋକ ଇଂରାଜୀ କହିପାରନ୍ତି। ତେଣୁ ଭାଷାଗତ ପ୍ରତିବନ୍ଧକ ଯୋଗୁଁ ଦେଶର ଏକ ବିରାଟ ସଂଖ୍ୟକ ଜନତା ଟେକ୍ନୋଲୋଜିର ସୁଫଳରୁ ବଞ୍ଚିତ ହେଉଛନ୍ତି। ଇଣ୍ଟରନେଟ୍ ଓ ଡିଜିଟାଲ ଟେକ୍ନୋଲୋଜିରେ ସ୍ଥାନୀୟ ଅଞ୍ଚଳର ଭାଷା ବ୍ୟବହୃତ ହୋଇପାରିଲେ ଏହା ଅଧିକ ଲୋକଙ୍କ କାମରେ ଲାଗିବ। ଏବେ ଭାରତରେ ସାଇବର ସ୍ପେସ୍ ଭାରତୀୟ ଭାଷା ସୂଚୀରେ ୧୫ଟି ଭାଷା ରହିଛି। ଖୁବ୍ଶୀଘ୍ର ଅବଶିଷ୍ଟ ଭାରତୀୟ ଭାଷା ଇଣ୍ଟରନେଟ୍ରେ ଉପଲବ୍ଧ ହେବ।

ପ୍ରଧାନମନ୍ତ୍ରୀ ଡିଜିଟାଲ ସାକ୍ଷରତା ଅଭିଯାନ ବିଶ୍ୱର ସର୍ବବୃହତ ସରକାରୀ ଉଦ୍ୟମ ଭାବେ ପ୍ରଶଂସିତ ହୋଇଛି। ଏହାର ପ୍ରମୁଖ ଲକ୍ଷ୍ୟ ହେଲା ସହର ଓ ଗ୍ରାମାଞ୍ଚଳ ମଧ୍ୟରେ ଯେଉଁ ଡିଜିଟାଲ ବ୍ୟବଧାନ ରହିଛି ତାହା ଦୂର କରିବା। ଏହି ଯୋଜନାରେ ପ୍ରତ୍ୟେକ ପରିବାରରୁ ଜଣଙ୍କୁ ଏପରି ମୋଟ୍ ୬କୋଟି ଗ୍ରାମାଞ୍ଚଳ ଲୋକଙ୍କୁ ଡିଜିଟାଲ ସାକ୍ଷର କରିବାର ଲକ୍ଷ୍ୟ ରଖାଯାଇଛି। ସେଥିମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୨.୨୧ କୋଟି ଲୋକଙ୍କୁ ସାକ୍ଷର କରାଯାଇସାରିଲାଣି। କମନ୍ ସର୍ଭିସ୍ ସେଣ୍ଟରଗୁଡ଼ିକୁ ଇଣ୍ଟରନେଟ୍ ସଂଯୋଗ ଦିଆଯାଉଛି। ଏହା ଫଳରେ ଲୋକେ ଘର ପାଖରେ ସରକାରୀ, ଘରୋଇ ଓ ସାମାଜିକ ସେବା ପାଇବାର ସୁଯୋଗ ପାଉଛନ୍ତି। ଏହିସବୁ ଗ୍ରାମାଞ୍ଚଳ ସେବାକେନ୍ଦ୍ର ୩୫୦ରୁ ଅଧିକ ଡିଜିଟାଲ ସେବା ଯୋଗାଉଛନ୍ତି। ଡିଜିଟାଲ ସେବା ପୋର୍ଟାଲରେ ପିଏମ୍ଏୱାଇ, ଏଫ୍ଏସ୍ଏସ୍ଏଆଇ, ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ, ସ୍ୱଚ୍ଛଭାରତ ଅଭିଯାନ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଆଦିକୁ ଯୋଡ଼ା ଯାଇଛି। ନିକଟରେ ସାଧାରଣ ସେବା କେନ୍ଦ୍ରଗୁଡ଼ିକୁ ପ୍ରଧାନମନ୍ତ୍ରୀ ଶ୍ରମଯୋଗୀ ମାନ୍-ଧନ ଯୋଜନା କାର୍ଯ୍ୟକାରୀ କରିବାକୁ ଚିହ୍ନଟ କରାଯାଇଛି। ଏହି କେନ୍ଦ୍ର ମାଧ୍ୟମରେ ଏଣିକି ଅସଂଗଠିତ କ୍ଷେତ୍ରର ଶ୍ରମିକ, ରାସ୍ତାରେ ବେପାର କରୁଥିବା ବ୍ୟବସାୟୀ, ବୁଲା ବେପାରୀ, ଘରୋଇ ଶ୍ରମିକ, ଆବର୍ଜନା ଗୋଟାଳି, ମଧ୍ୟାହ୍ନଭୋଜନ ପ୍ରସ୍ତୁତକାରୀ, ବୋଝ ବୋହୁଥିବା ଲୋକ, ଇଟାଭାଟି ଶ୍ରମିକ, ରିକ୍ସାବାଲା, ଲୁଗାସଫା କରୁଥିବା ଲୋକ, ଭୂମିହୀନ ଶ୍ରମିକ, ବିଡ଼ି ଶ୍ରମିକ, ନିର୍ମାଣ ଶ୍ରମିକ, କୃଷି ଶ୍ରମିକ, ବୁଣାକାର ଓ ଚର୍ମକାର ଆଦିଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରାଯିବ।

ସାଧାରଣ ସେବାକେନ୍ଦ୍ର (ସିଏସ୍ସି) ମଧ୍ୟ ସରକାରଙ୍କ ଧ୍ୱଜାଧାରୀ ସାକ୍ଷରତା କାର୍ଯ୍ୟକ୍ରମ ପିଏମ୍ଜିଦିଶା, ଡିଜିପେ, ଅନ୍ଲାଇନ୍ ବ୍ୟାଙ୍କିଂ, ଆଧାରଭିତ୍ତିକ ପେମେଣ୍ଟ ବ୍ୟବସ୍ଥା ଆଦିକୁ କାର୍ଯ୍ୟକାରୀ କରିବା ଦାୟିତ୍ୱ ପାଇଛି। ଦେଶରେ ଥିବା ସିଏସ୍ସିର ବିରାଟ ସଂଯୋଗ ବ୍ୟବସ୍ଥାରେ ୩.୪୫ଲକ୍ଷ କେନ୍ଦ୍ର ରହିଛି। ଏହାଦ୍ୱାରା ପ୍ରାୟ ୧୧ଲକ୍ଷ ଲୋକ ନିଯୁକ୍ତି ସୁଯୋଗ ପାଇଛନ୍ତି ଯେଉଁଥିରେ ଅନେକ ମହିଳା ଅଛନ୍ତି। ସିଏସ୍ସିଗୁଡ଼ିକ ଆଜିକାଲି ସାମାଜିକ

ମୁଁ ଦେଖୁଛି ଆମ ଗାଁରେ ପ୍ରଧାନମନ୍ତ୍ରୀ ଗ୍ରାମିଣ ଡିଜିଟାଲ ସାକ୍ଷରତା ଅଭିଯାନ ଯୋଗୁଁ ଡିଜିଟାଲ ସାକ୍ଷରତା ବଢ଼ୁଛି। ଆଗରୁ ଗାଁର ବୟସ୍କ ଲୋକମାନେ ଏ ବିଷୟରେ କିଛି ବୁଝିପାରୁ ନ ଥିଲେ। ଏବେ ପେନ୍ସନ୍ ଜନିତ ସମସ୍ୟାମାନ ଟେକ୍ନୋଲୋଜି ଦ୍ୱାରା ସମାଧାନ ହୋଇପାରୁଛି। ଏକଥା ଗୌତମବୁଦ୍ଧ ନଗରୀରୁ ପ୍ରଧାନମନ୍ତ୍ରୀଙ୍କୁ କହିଛନ୍ତି - ଜିତେନ୍ଦ୍ର ଶୋଲାଙ୍କି।

- ମୁଁ ସିଏସ୍ସି ସହିତ ସଂପୃକ୍ତ। ଏହା କିପରି କାମ କରୁଛି ଓ କିପରି ଏକ ନୂଆ ପରିଚୟ ନେଉଛି ତାହା ଏବେ ମୁଁ ଦେଖୁଛି। ଆପଣ ଏ ଯେଉଁ ଭଲ କାମ କରିଛନ୍ତି ସେଥିପାଇଁ ମୁଁ ଆପଣଙ୍କର ଦୀର୍ଘ ଜୀବନ କାମନା କରୁଛି। ମୋ କେନ୍ଦ୍ରରେ ବିଭିନ୍ନ ପ୍ରକାର ସରକାରୀ ଓ ଅନ୍ୟ ସେବା ଲୋକଙ୍କୁ ଯୋଗାଇ ଦିଆଯାଉଛି। ମହିଳାମାନେ ମଧ୍ୟ ଏଠାକୁ ଆସି ଡାକ୍ତରଙ୍କୁ ଡାକିବା ସହ ଅନ୍ୟାନ୍ୟ ସେବା ପାଉଛନ୍ତି। ଏକଥା ପ୍ରଧାନମନ୍ତ୍ରୀଙ୍କୁ କହିଛନ୍ତି ମିଶ୍ରା ହସ୍ମି।

- ଭିମ୍ ଆପ୍ସର ବ୍ୟବହାର ମୁଁ ଶିଖିବା ପରେ ମୋ ଜୀବନ ସହଜ ହୋଇଛି। - ମୀନୁ, ଯମୁନାନଗର, ହରିୟାଣା।

- ମୋର କିଛି ରୋଜଗାର ନ ଥିଲା। ଏକ ସିଏସ୍ସିରେ କାମ ମିଳିବା ପରେ ରୋଜଗାରର ସୁବିଧା ପାଇଛି। ଏହି କେନ୍ଦ୍ରର କାର୍ଯ୍ୟରେ ଗାଁର ବୟସ୍କ ଲୋକ ତଥା ଗ୍ରାମବାସୀ ଖୁସୀ। - ମହାରାଷ୍ଟ୍ରର ଗୋଣ୍ଡିଆ ଜିଲାର ଜଣେ ଯୁବକ।

- ଆଗରୁ ମୋତେ ମୋ ମଜୁରି ପାଇବାକୁ ୨୫ କି.ମି. ଚାଲିବାକୁ ପଡୁଥିଲା। ସିଏସ୍ସି ସେ ଦୁଃଖ ଲାଘବ କରିଛି। ଏବେ ମୋ ପରିବାର ବେଶ୍ ଖୁସୀ। - ଗୋଣ୍ଡିଆରୁ ଶାନ୍ତା ଜୀ।

***ଉତ୍ସ - ଡିଜିଟାଲ ଇଣ୍ଡିଆର ହିତାଧିକାରୀଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତାଲାପ***

ପରିବର୍ତ୍ତନର ଏଜେଣ୍ଟ ଭାବେ କାର୍ଯ୍ୟ କରୁଛନ୍ତି। କେବଳ ସାମାଜିକ କ୍ଷେତ୍ର ନୁହେଁ ଆର୍ଥିକ କ୍ଷେତ୍ରରେ ଏହି କେନ୍ଦ୍ରଗୁଡ଼ିକ ଲୋକଙ୍କୁ ଏକାଠି କରି କେହି ଯେପରି ବାଦ ନ'ପଡ଼ନ୍ତି ସେଥିପାଇଁ ଉଦ୍ୟମ କରୁଛି।

ଡିଜିଟାଲ ପେମେଣ୍ଟ ମାଧ୍ୟମରେ ସ୍ୱଳ୍ପ ମୂଲ୍ୟରେ ସେବା ମିଳେ ଏବଂ ଏହାଦ୍ୱାରା କ୍ଷୁଦ୍ର ଓ ମଧ୍ୟମ ଶିଳ୍ପୋଦ୍ୟୋଗୀଙ୍କୁ ଇ-କମର୍ସ ସୁବିଧା ଉପଲବ୍ଧ ହୋଇଥାଏ। ଅନେକ ଆତ୍ମନିଯୁକ୍ତ ବ୍ୟକ୍ତି ଯେଉଁମାନଙ୍କର ଭଲ ଆୟ ଉତ୍ସ ରହିଛି ସେମାନେ ବ୍ୟାଙ୍କ ଋଣ ପାଇବାକୁ ପାରମ୍ପରିକ ବ୍ୟାଙ୍କ ତନଖି ବ୍ୟବସ୍ଥାରେ ଯୋଗ୍ୟ ବିବେଚିତ ହୁଅନ୍ତି ନାହିଁ। ତାହାର କାରଣ ହେଲା ବ୍ୟାଙ୍କର ଏହି ନୀତି ପୁରୁଣାକାଳିଆ ଓ ଅତ୍ୟନ୍ତ ଜଟିଳ। ଏଥିରେ ଯେଉଁ କ୍ରେଡିଟ୍ ସ୍କୋରିଂ ସର୍ତ୍ତ ସବୁ ରହିଛି ତାହା ବର୍ତ୍ତମାନ ସମୟ ପାଇଁ ଅନୁକୂଳ ନୁହେଁ। ଅତଏବ ଡିଜିଟାଲ ପେମେଣ୍ଟ ବ୍ୟବସ୍ଥା ସେମାନଙ୍କ ପାଇଁ ଏକ ବିକଳ୍ପ ଆଣିଛି। ସେମାନଙ୍କ ପାଇଁ ଏହା ମାଧ୍ୟମରେ ଋଣ କରିବା ମଧ୍ୟ ସହଜ ଓ ଜଞ୍ଜାଳମୁକ୍ତ ହୋଇଛି। ଏହାଦ୍ୱାରା ଆର୍ଥିକ ଅଭିବୃଦ୍ଧି ଓ ସମାବେଶୀକରଣ ପ୍ରକ୍ରିୟାକୁ ପ୍ରୋତ୍ସାହନ ମିଳିଛି। ଏବେ ସରକାର ଡିଜିଟାଲ ପେମେଣ୍ଟକୁ ଅଧିକ ସଂପ୍ରସାରିତ କରିବା ପାଇଁ ବିଭିନ୍ନ ପ୍ରକାର ବ୍ୟବସ୍ଥା ହାତକୁ ନେଇଛନ୍ତି। ଭାରତ ପାଇଁ ପେମେଣ୍ଟର ଡିଜିଟାଇଜେସନ୍ ଏକ ଅପରିହାର୍ଯ୍ୟ ଆବଶ୍ୟକତା। ଏହା ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ଲୋକଙ୍କ ଉପକାରରେ ଆସିବ। ଏହାଛଡ଼ା ମଧ୍ୟବିତ୍ତ, ବ୍ୟବସାୟୀବର୍ଗ ଓ ସରକାର ଏହାଦ୍ୱାରା ଉପକୃତ ହେବେ।

ଦ୍ୱିତୀୟ ଓ ତୃତୀୟ ଶ୍ରେଣୀଭୁକ୍ତ ସହରଗୁଡ଼ିକରେ ବିପିଓ ସ୍କିମ୍‌ରେ ସ୍ଥାନୀୟ ଭାଷାରେ ସେବା ଯୋଗାଇଦିଆଯାଉଛି। ଏହା ଫଳରେ ସ୍ଥାନୀୟ ଯୁବକଯୁବତୀ ଘର ପାଖରେ ନିଯୁକ୍ତିର ସୁବିଧା ପାଇପାରୁଛନ୍ତି। ମହିଳା ଓ ଭିନ୍ନକ୍ଷମମାନଙ୍କୁ ନିଯୁକ୍ତି ଦେଉଥିବା ସଂସ୍ଥାଗୁଡ଼ିକୁ ଏହି ସ୍କିମ୍‌ରେ ସ୍ୱତନ୍ତ୍ର ସହାୟତା ଯୋଗାଇ ଦିଆଯାଉଛି।

> ଟେକ୍‌ନୋଲୋଜିର ବ୍ୟବହାର କରି ଏକ ନୂଆ ପଦ୍ଧତି ପ୍ରସ୍ତୁତ ହୋଇଛି ଯାହା 'ଆଧାର' ନାମରେ ପରିଚିତ। ଏହି ବ୍ୟବସ୍ଥାରେ ଜଣେ ବ୍ୟକ୍ତିର ପରିଚୟ ନିର୍ଭୁଲ ଭାବେ ନିର୍ଣ୍ଣୟ କରିହେବ। ଏହି ବ୍ୟବସ୍ଥାରେ ଜାଲିଆତି କିମ୍ବା ଅନ୍ୟାନ୍ୟ ଅସାଧୁ ଉପାୟ ଅବଲମ୍ବନ କରି କୌଣସି ବ୍ୟକ୍ତି ଖସିଯାଇପାରିବ ନାହିଁ କିମ୍ବା ଏକାଧିକ ପରିଚୟ ଦେଇପାରିବ ନାହିଁ। ନାଗରିକଙ୍କ ପରିଚୟର ପ୍ରମାଣୀକରଣ ପାଇଁ ଗତ ଦଶନ୍ଧିରେ ଏକ ଅଦ୍ୱିତୀୟ ଅନୁପମ ପରିଚୟ ନିର୍ଦ୍ଧାରଣ ବ୍ୟବସ୍ଥା ବାହାର କରିବାର ଉଦ୍ୟମ ଆରମ୍ଭ ହୋଇଥିଲା। ଏହା ପଛରେ ଯେଉଁ ବୃହତ୍ତର ଉଦ୍ଦେଶ୍ୟ ନିହିତ ଥିଲା ତାହା ହେଲା ଭାରତକୁ ଡିଜିଟାଲ ଦୃଷ୍ଟିରୁ ଏକ ସଶକ୍ତ, ସକ୍ଷମ ସମାଜରେ ପରିବର୍ତ୍ତିତ କରି ଜ୍ଞାନ ଅର୍ଥନୀତିର ପ୍ରବର୍ତ୍ତନ କରିବା। ୨୦୧୫ରେ ସରକାର ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ସେବା ପ୍ରଦାନ / ଯୋଗାଣ କ୍ଷେତ୍ରରେ ନାଗରିକ କୈନ୍ଦ୍ରିକ ଦୃଷ୍ଟିକୋଣ ରଖି ସର୍ବଶେଷ ଓ ସର୍ବାଧୁନିକ ଟେକ୍‌ନୋଲୋଜିର ବ୍ୟବହାର କରିବାକୁ ସରକାର ନୀତି ପ୍ରସ୍ତୁତ କରି କାର୍ଯ୍ୟ କରିବା ପରେ ଶାସନର ଆଭିମୁଖ୍ୟ ଉଲ୍ଲେଖନୀୟ ଭାବେ ବଦଳିଯାଇଛି। ଡିଜିଟାଲ ଇଣ୍ଡିଆ ପ୍ରୋଗ୍ରାମ ଆରମ୍ଭ ହେବା ପରେ ଏହା ଆଧାରକୁ ପ୍ରେରଣା ଯୋଗାଇଲା। ଏହାଫଳରେ ୧୨୩ କୋଟି ଭାରତୀୟ ଆଧାର ତଥ୍ୟାବଳୀର ଅନ୍ତର୍ଭୁକ୍ତ ହୋଇପାରିଛନ୍ତି। ଆଧାର ଏକ ୧୨ଅଙ୍କ ବିଶିଷ୍ଟ ସଂଖ୍ୟା ଯାହା ଭାରତୀୟ ନାଗରିକଙ୍କୁ ଏକ ଅନୁପମ ପରିଚୟ ଦେଇଛି।

ଗାନ୍ଧିଜୀ ଅନ୍ତ୍ୟୋଦୟ ମାଧ୍ୟମରେ ଯେଉଁ ସର୍ବୋଦୟ କଥା କହିଥିଲେ ବା ଦୀନଦୟାଲ ଉପାଧ୍ୟାୟ ଶେଷ ବ୍ୟକ୍ତିଟିର ଉତ୍‌ଥାନର ଯେଉଁ ଅନ୍ତ୍ୟୋଦୟ ପରିକଳ୍ପନା ରଖିଥିଲେ ତାହାକୁ ଭାରତ ଭଳି ବିବିଧତାପୂର୍ଣ୍ଣ ୧୩୦କୋଟି ଜନସଂଖ୍ୟା ବିଶିଷ୍ଟ ଏକ ଦେଶରେ ହାସଲ କରିବାକୁ ହେଲେ ଆଧୁନିକ, ସୁଲଭ ଟେକ୍‌ନୋଲୋଜି ନିହାତି ଜରୁରୀ। ଏହାଦ୍ୱାରା ତାହା ସମ୍ଭବ ହୋଇପାରିବ। ଏହି ଲେଖାରେ ମୋଟାମୋଟି ସେ ବିଷୟରେ କିଞ୍ଚିତ ଆଲୋକପାତ ପ୍ରକାରାନ୍ତରେ କରାଯାଇଛି। ଏହା ସହିତ କେତେକ ଅଧିକାର ଯାହା ନାଗରିକଙ୍କୁ ସମ୍ବିଧାନ ଦେଇଛି ତାହାକୁ ମଧ୍ୟ ନିଶ୍ଚିତ କରିବାକୁ ହେବ। ସେଗୁଡ଼ିକ ହେଲା - ଶିକ୍ଷା ଅଧିକାର, ସ୍ୱାସ୍ଥ୍ୟ ଓ ନିରାପତ୍ତା ଅଧିକାର, ନିଯୁକ୍ତିର ଅଧିକାର ଏବଂ ବଞ୍ଚିବାର ସର୍ବନିମ୍ନ ଅଧିକାର। ଏହି ସାମାଜିକ-ଆର୍ଥିକ ଅଧିକାରଗୁଡ଼ିକ ନାଗରିକଙ୍କ ପାଇଁ ନିଶ୍ଚିତ ନ'ହେଲେ ଦେଶର ବିକାଶ ସମ୍ଭବ ନୁହେଁ। ପକ୍ଷପାତହୀନ ଭାବେ ଏସବୁକୁ କାର୍ଯ୍ୟକାରୀ କରିବାକୁ ହେଲେ ଡିଜିଟାଲ ଟେକ୍‌ନୋଲୋଜିର ବ୍ୟବହାରକୁ ଏଡ଼ାଇ ଦେଇହେବ ନାହିଁ। ଯେଉଁ ଟେକ୍‌ନୋଲୋଜି ସାମାଜିକ-ଆର୍ଥିକ ଅଧିକାରକୁ ନିଖୁଣ ଭାବେ ସାର୍ବଜନିକ ସ୍ତରରେ କାର୍ଯ୍ୟକାରୀ କରୁଛି । ସେଥିରେ ବଞ୍ଚିତ ଓ ଉପେକ୍ଷିତ ବର୍ଗଙ୍କୁ ସାମିଲ କରିବାକୁ ହେବ। ତେବେ ଯାଇଁ ଭାରତର ଡିଜିଟାଲ ଅନ୍ତ୍ୟୋଦୟ ଯାତ୍ରାର ଲକ୍ଷ୍ୟ ପୂରଣ ହୋଇପାରିବ। ଏହି ଯାତ୍ରା ଆରମ୍ଭ ହୋଇଛି। ତେବେ ଲକ୍ଷ୍ୟ ହାସଲ ପାଇଁ ଭାରତକୁ ଆହୁରି ବହୁ ପଥ ଅତିକ୍ରମ କରିବାକୁ ପଡ଼ିବ। ସେଥିପାଇଁ ଏହାର ଉପଯୁକ୍ତ ରୂପାୟନ ବିଶେଷ ଗୁରୁତ୍ୱ ରଖେ।

**କେନ୍ଦ୍ର ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରଣାଳୟରେ ଲେଖକ/ଲେଖିକା ବୈଜ୍ଞାନିକ ଭାବେ କାର୍ଯ୍ୟରତ।**

**Email ID: dsharma@mit.gov.in, kmalik@meity.gov.in, jay.verdhan@meity.gov.in**

# ମୁକ୍ତ ଫିନ୍‌ଟେକ୍ ପ୍ଲାଟ୍‌ଫର୍ମ ମାଧ୍ୟମରେ ନାଗରିକ ସେବାର ପୁନଃ ପରିକଳ୍ପନା

ଚୌଧୁରୀ ଅଭିନବ ଗୁପ୍ତା



ଭାରତରେ ୱାୟରଲେସ୍ ବ୍ୟବହାରକାରୀଙ୍କ ସଂଖ୍ୟା ୧.୧୬ ବିଲିୟନ ବା ୧୧୬ କୋଟିରୁ ଅଧିକ। ସେଥିମଧ୍ୟରୁ ସହରାଞ୍ଚଳରେ ୬୫ କୋଟି ଓ ଗ୍ରାମାଞ୍ଚଳରେ ୫୧କୋଟି ଗ୍ରାହକ ଅଛନ୍ତି। ଦେଶରେ ଇଣ୍ଟରନେଟ୍ ବ୍ୟବହାରକାରୀଙ୍କ ସଂଖ୍ୟା ୫୬ କୋଟି ଥିବାବେଳେ ୧୦୦ କୋଟିରୁ ଅଧିକ ଲୋକ ମୋବାଇଲ ଫୋନ୍ ବ୍ୟବହାର କରୁଛନ୍ତି। ଏହି ମୋବାଇଲ ବ୍ୟବହାରକାରୀଙ୍କ ମଧ୍ୟରୁ ଅଧିକାଂଶ ପ୍ରଥମ ଥର ପାଇଁ ସେମାନଙ୍କ ସ୍ମାର୍ଟ ଫୋନ୍‌ରେ ଇଣ୍ଟରନେଟ୍ ସେବା ପାଉଛନ୍ତି। ଏ କ୍ଷେତ୍ରରେ ଯେଉଁ ବୈପ୍ଳବିକ ଧାରା ସୃଷ୍ଟି ହୋଇଛି ତା' ପଛରେ ରହିଛି ୪ଜି ଭିତ୍ତିଭୂମିର ବିକାଶ, ସୁଲଭ ମୋବାଇଲ ଫୋନ୍ ଏବଂ ବିଭିନ୍ନ ଟେଲିକମ୍ କମ୍ପାନୀ ଦ୍ୱାରା ଯୋଗାଇ ଦିଆଯାଉଥିବା ଗ୍ରାହକ ଅନୁକୂଳ ସେବା। ଦୂରସଞ୍ଚାର ଯୋଗାଯୋଗ କ୍ଷେତ୍ରରେ ଏ ଯେଉଁ ପ୍ରଚଣ୍ଡ ପରିବର୍ତ୍ତନ ଘଟିଛି ତାହା ଅଭିନବ ବ୍ୟବସାୟ ନମୁନା ସୃଷ୍ଟି କରିବା ସହ ଲୋକଙ୍କୁ ବିଭିନ୍ନ ସେବା ଯୋଗାଇ ଦେବାରେ ସହାୟକ ହେଉଛି। ଏହି ବ୍ୟବସ୍ଥା ଏବେ ବିଶ୍ୱର ସବୁଠୁ ଅଧିକ ବଜାର ସମ୍ଭାବନା ସୃଷ୍ଟି କରିଛି ବୋଲି ହାର୍ଭାର୍ଡ ବିଜିନେସ୍ ରିଭ୍ୟୁ ତାହାର ସର୍ବଶେଷ ସଂସ୍କରଣର ୨୦୧୭ ଡିଜିଟାଲ ଇଭୋଲ୍ୟୁସନ ଇଣ୍ଡେକ୍ସରେ ଉଲ୍ଲେଖ କରିଛି।

ପୂର୍ବରୁ ସ୍ମାର୍ଟଫୋନ୍‌ରେ ମନୋରଞ୍ଜନ ପାଇଁ ଗ୍ରାହକ ମୁଖ୍ୟତଃ ଡାଟା ବ୍ୟବହାର କରୁଥିଲେ। ଏବେ କିନ୍ତୁ ସେଥିରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଦୃଷ୍ଟିଗୋଚର ହେଉଛି। ଲୋକେ ଏବେ ବିଭିନ୍ନ ସେବା ଓ ଆର୍ଥିକ କାରବାର ପାଇଁ ସ୍ମାର୍ଟଫୋନ୍‌କୁ ଅଧିକ ବ୍ୟବହାର କରୁଥିବା ଦେଖାଯାଉଛି। ଏ କ୍ଷେତ୍ରରେ ଭାରତ ସରକାର ମଧ୍ୟ ଆବଶ୍ୟକ ଭିତ୍ତିଭୂମି ସୃଷ୍ଟି କରି ଡିଜିଟାଲ ସେବାକୁ ପ୍ରୋତ୍ସାହିତ କରୁଛନ୍ତି। ଡିଜିଲକର, ଇ-ଗଭ୍, ମାଏଁ ଗଭ୍ ଓ ଉମଙ୍ଗ ଭଳି ସ୍ୱତନ୍ତ୍ର 'ଆପ୍' ମାଧ୍ୟମରେ ସର୍ବସାଧାରଣଙ୍କୁ ସେବା ଯୋଗାଇ ଦିଆଯାଉଛି। ସବୁ ସରକାରୀ ଦପ୍ତର ଓ ଅନୁଷ୍ଠାନକୁ ଯୁଦ୍ଧକାଳୀନ ଭିତ୍ତିରେ ଡିଜିଟାଇଜ୍ କରାଯାଇ ଏହାର ଦକ୍ଷତା ବୃଦ୍ଧି କରାଯାଉଛି। ଡିଜିଟାଲ ଚାନେଲର ଏହି ଉତ୍ପ୍ରେରଣ ନାଗରିକଙ୍କ ସୁଖସ୍ୱାଚ୍ଛନ୍ଦ୍ୟ ବୃଦ୍ଧି ତଥା ସେବା ପାଇବାର ଉତ୍ତମ ସୁବିଧା ହାସଲରେ ଯେ ସହାୟକ ହୋଇଛି ଏହା ନିଃସନ୍ଦେହ। ଗୋଟିଏ ଉଦାହରଣ ଯଥେଷ୍ଟ। ଆଗରୁ ନାଗରିକଙ୍କୁ ପାରମ୍ପରିକ ଉପାୟରେ ସରକାର ଯେଉଁସବୁ ଆର୍ଥିକ ଲାଭ ଯୋଗାଉଥିଲେ ତାହା ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର ବ୍ୟବସ୍ଥା ବା ଡିବିଟି ଦ୍ୱାରା ସିଧାସଳଖ ସେମାନଙ୍କ ବ୍ୟାଙ୍କ ଖାତାକୁ ଯାଉଛି। ଏଥିରେ ହେଉଥିବା ଆଧାର ଭିତ୍ତିକ ଇ-କାରବାର (ଇଲେକ୍‌ଟ୍ରୋନିକ ଟ୍ରାନ୍‌ଜାକ୍‌ସନ୍) ଦ୍ୱାରା ସରକାର ୧,୪୧,୬୭୭କୋଟି ଟଙ୍କା ସଞ୍ଚୟ କରିପାରିଛନ୍ତି। ଏହା ଫଳରେ ସରକାରୀ ଦକ୍ଷତା ବଢ଼ିଛି ଓ ବିନା ବାଟମାରଣାରେ ହିତାଧିକାରୀଙ୍କ ପାଖକୁ ଅର୍ଥ ଯାଉଛି। ଏ କ୍ଷେତ୍ରରେ ମଧ୍ୟ ସ୍ୱଚ୍ଛତା ରହୁଛି।

ଭାରତରେ ନାଗରିକମାନଙ୍କୁ ବିଭିନ୍ନ ପ୍ରକାର ସେବା ଯୋଗାଇ ଦେବା ପାଇଁ ଏବେ ଆଧାରର ଉପଯୋଗ ବେଶ୍ ସଫଳ ହୋଇଛି। ଏହା ଫଳରେ ସେବା ଯୋଗାଣର ଦକ୍ଷତା ବଢ଼ିଛି। ସରକାରଙ୍କ ଜାମ୍ (ଜନଧନ, ଆଧାର ଓ ମୋବାଇଲ ସଂଯୋଗ) ନୀତି ଏ କ୍ଷେତ୍ରରେ ନିର୍ଣ୍ଣାୟକ ହୋଇଛି। ଏହା ଫିନ୍‌ଟେକ୍ ଷ୍ଟାର୍ଟଅପ୍ ପାଇଁ ନୂଆ ସୁଯୋଗ ସୁବିଧା ଆଣିଛି। 'ଫିନ୍‌ଟେକ୍'ର ଅର୍ଥ ବ୍ୟାଙ୍କ ଓ ଆର୍ଥିକ କାରବାର / ସେବା ପାଇଁ ଉଦ୍ଦିଷ୍ଟ କମ୍ପ୍ୟୁଟର ପ୍ରୋଗ୍ରାମ ଓ ଅନ୍ୟାନ୍ୟ

ସେବା। ଡିଜିଟାଲ ଅର୍ଥନୀତି ଯୁଗରେ ଏହା ବିଶେଷ ଲୋକପ୍ରିୟ ହୋଇଛି। ଏହାଦ୍ୱାରା ରକ୍ଷଣଶୀଳ ଭାରତୀୟ ବ୍ୟାଙ୍କ ବ୍ୟବସ୍ଥା କାରବାର ଓ ସେବା କ୍ଷେତ୍ରରେ ନୂଆ ନୂଆ ଟେକ୍‌ନୋଲୋଜି ଉପଯୋଗ କରିବାକୁ ଉତ୍ସାହିତ ହେଉଛି। ଭାରତରେ ଏବେ ୫୦୦ରୁ ଅଧିକ ଫିନ୍‌ଟେକ୍ ଷ୍ଟାର୍ଟଅପ୍ କାର୍ଯ୍ୟ କରୁଛି। କେପିଏମ୍‌ଜି ଇଣ୍ଡିଆ ଓ ନାସକମ୍‌ର ଆକଳନ ଅନୁସାରେ ୨୦୨୦ସୁଦ୍ଧା ଏସବୁ ଷ୍ଟାର୍ଟଅପ୍‌ଙ୍କ କାରବାର ୨୪୦କୋଟି ଡଲାରରୁ ଅଧିକ ହେବ। ସବୁ ନାଗରିକଙ୍କୁ ଆର୍ଥିକ ଦୃଷ୍ଟିରୁ ସମାବେଶୀ କରିବା ଏହି ସବୁ ଫିନ୍‌ଟେକ୍‌ଙ୍କ ଲକ୍ଷ୍ୟ। ଫିନ୍‌ଟେକ୍ ଉଦ୍ୟୋଗରେ ଏବେ ବଡ଼ ଧରଣର ପରିବର୍ତ୍ତନ ଘଟୁଛି। ଭାରତରେ ନଗଦରହିତ ଅର୍ଥନୀତି (କ୍ୟାସଲେସ୍ ଇକୋନୋମି) ପ୍ରବର୍ତ୍ତନର ଯେଉଁ ଲକ୍ଷ୍ୟ ରହିଛି ତାହାକୁ ସାକାର କରିବା ଏହି ଉଦ୍ୟୋଗର ମୂଳ ଲକ୍ଷ୍ୟ।

ନଗଦ ରହିତ ଜ୍ଞାନକୌଶଳ (କ୍ୟାସ୍‌ଲେସ୍ ଟେକ୍‌ନୋଲୋଜି)କୁ ଭାରତ ସରକାର ବିଶେଷ ଆଗ୍ରହର ସହିତ ପ୍ରୋତ୍ସାହିତ କରୁଛନ୍ତି। ସେଥିମଧ୍ୟରେ ରହିଛି ଡିଜିଟାଲ ୱାଲେଟ୍, ଇଣ୍ଟରନେଟ୍ ବ୍ୟାଙ୍କିଂ, ପିଓଏସ୍ ଆଦି। ଏହା ବ୍ୟତୀତ ଆଧାର ଇକେୱାଇସି, ୟୁପିଆଇ ଓ ଭିମ୍ ଆଦି ବ୍ୟବସ୍ଥାକୁ ମଧ୍ୟ ଉପଯୋଗ କରାଯାଉଛି; ଯାହା ଆର୍ଥିକ କ୍ଷେତ୍ରର ପୁନର୍ବିନ୍ୟାସରେ ସହାୟକ ହେଉଛି। ଏହା ଫଳରେ ଲୋକଙ୍କୁ ଆଉ ବ୍ୟାଙ୍କକୁ ଦୌଡ଼ିବାକୁ ପଡୁନାହିଁ ଓ ଆର୍ଥିକ କାରବାର କ୍ଷେତ୍ରରେ ବ୍ୟାଙ୍କର ଏକଚାଟିଆ କାରବାର କମିଛି। ନୂଆଯୁଗର ସଫ୍ଟୱେୟାର ଉତ୍ପାଦଗୁଡ଼ିକର ପରୀକ୍ଷାନିରୀକ୍ଷା କରି ତାହାକୁ ଅନୁମୋଦନ କରିବାକୁ ପରୀକ୍ଷଣ ବ୍ୟବସ୍ଥା କରିବା ପାଇଁ ଭାରତୀୟ ରିଜର୍ଭବ୍ୟାଙ୍କ ଯେଉଁ ଘୋଷଣା କରିଛନ୍ତି ଏହା ସ୍ୱାଗତଯୋଗ୍ୟ। ଏହାଦ୍ୱାରା ଓପନ୍ ପ୍ଲାଟ୍‌ଫର୍ମ ବ୍ୟବସ୍ଥା ପ୍ରୋତ୍ସାହିତ ହେବ। ଉଭୟ ଆନୁଷ୍ଠାନିକ ଓ ନାଗରିକ ସ୍ତରରେ ଆର୍ଥିକ ବ୍ୟବସ୍ଥାକୁ ଅଧିକ ଟେକ୍‌ନୋଲୋଜି ଅନୁକୂଳ କରିବାକୁ ମଧ୍ୟ କେନ୍ଦ୍ରୀୟ ବ୍ୟାଙ୍କ ନିଷ୍ପତ୍ତି ନେଇଛି। ତାହା ଏକ ସ୍ୱାଗତଯୋଗ୍ୟ ବ୍ୟବସ୍ଥା।

**ଓପନ୍ ଫିନ୍‌ଟେକ୍ ପ୍ଲାଟ୍‌ଫର୍ମ ପରବର୍ତ୍ତୀ ଚିନ୍ତା:** ମାଇକ୍ରୋସଫ୍ଟର ସହ-ପ୍ରତିଷ୍ଠାତାଙ୍କ ଭାଷାରେ, ଡିଜିଟାଲ ଟେକ୍‌ନୋଲୋଜି ବିକାଶଶୀଳ ଦେଶରେ ଟଙ୍କା ପ୍ରେରଣ, ଜିନିଷପତ୍ର କ୍ରୟବିକ୍ରୟ, ଜମା ଓ କରଜ ଆଦି କ୍ଷେତ୍ରରେ ଅତି ଶସ୍ତା କାରବାର ସୁବିଧା ଯୋଗାଇଥାଏ। ଏହାର ଅର୍ଥ ଏହି ବ୍ୟବସ୍ଥାରେ କାରବାର ପାଇଁ ଅଧିକ ଖର୍ଚ୍ଚ ଭରିବାକୁ ପଡ଼ି ନ ଥାଏ।" ଅତଏବ ଆର୍ଥିକ କାରବାର ବିଶେଷ କରି ନଗଦ ନେଣଦେଣକୁ ନିୟନ୍ତ୍ରଣ କରିବା ପାଇଁ ଏହା ଏକ ଉତ୍ତମ ବ୍ୟବସ୍ଥା। ବ୍ୟାଙ୍କ ଓ ଟେଲିକମ୍ ଆଦି ଶିଳ୍ପ କ୍ଷେତ୍ରରେ ଏଯାବତ୍ ଆଧାର ଆର୍ଥିକ କାରବାରର ମେରୁଦଣ୍ଡ ଭାବେ ବିବେଚିତ ହେଉଥିଲା। ଏହା ମାଧ୍ୟମରେ ଚିହ୍ନଟ ବା ଭେରିଫିକେସନ୍ ପ୍ରକ୍ରିୟା ମୁଖ୍ୟତଃ କରାଯାଉଥିଲା। ତେବେ ଆଧାର ସମ୍ପର୍କରେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଯୁଗାନ୍ତକାରୀ ରାୟ ଦେବା ପରେ ଆଧାରର ଏକ ବିକଳ୍ପ ବିଶ୍ୱସନୀୟ ଢାଞ୍ଚା ନିର୍ମାଣ କରିବାର ଆବଶ୍ୟକତା ଏବେ ବିଶେଷ ଜରୁରୀ ହୋଇଛି।

ତେଣୁ ଏଥିପାଇଁ ଆଧାରର ଏକ ବିକଳ୍ପ ତିଆରି କରି ତାହାକୁ ନାଗରିକର ପରିଚୟ ଭାବେ ଆର୍ଥିକ କାରବାର କ୍ଷେତ୍ରରେ ବ୍ୟବହାର କରିବାକୁ ଚିନ୍ତା କରିବାର ସମୟ ଆସିଛି। ସଂଶୋଧିତ ପେମେଣ୍ଟ ସେବା ନିର୍ଦ୍ଦେଶାବଳୀ ବା ପିଏସ୍‌ଡି-୨ ଏ କ୍ଷେତ୍ରରେ ଏକ ଗ୍ରହଣଯୋଗ୍ୟ ବିକଳ୍ପ ହୋଇପାରେ। ପିଏସ୍‌ଡି-୨ ଏସ୍‌ଇପିଏ ବିତ୍ତୀୟ ପ୍ରତିଷ୍ଠାନର ଏକ ନିର୍ଦ୍ଦେଶାବଳୀ ଯାହା ସିଙ୍ଗଲ ୟୁରୋ ପେମେଣ୍ଟ ଏରିଆ ନାମରେ ପରିଚିତ। ୟୁରୋପୀୟ ସଂଘର ଆର୍ଥିକ କାରବାରରେ ଏହି ବ୍ୟବସ୍ଥା ସଫଳ ହୋଇଛି। ସେଇ ଢାଞ୍ଚାରେ ଭାରତରେ ଏକ ବ୍ୟବସ୍ଥା ଆରମ୍ଭ କରିବାକୁ ଉଦ୍ୟମ ଆରମ୍ଭ ହୋଇଛି। ଏହାଦ୍ୱାରା ବ୍ୟାଙ୍କ ଓ ନାଗରିକଙ୍କ ମଧ୍ୟରେ ଆର୍ଥିକ କାରବାର ସୁସଂହତ ଉପାୟରେ ସମ୍ପନ୍ନ ହୋଇପାରିବ। ପିଏସ୍‌ଡି-୨ ବ୍ୟବସ୍ଥାରେ ତୃତୀୟ ପକ୍ଷଙ୍କୁ ଗ୍ରାହକଙ୍କ ବ୍ୟାଙ୍କ ଆକାଉଣ୍ଟ ଡାଟା ଆକ୍‌ସେସ୍ କରିବାର ସୁବିଧା ଗ୍ରାହକଙ୍କ ଅନୁମତିକ୍ରମେ ମିଳେ। ଏହା ମାଧ୍ୟମରେ ପେମେଣ୍ଟ ସଂକ୍ରାନ୍ତ ମୂଲ୍ୟମିଶ୍ରିତ ସେବା ଗ୍ରାହକଙ୍କୁ ମିଳିଥାଏ। ଏହା ଏକ ମୁକ୍ତ ଆର୍ଥିକ ଢାଞ୍ଚା ଏବଂ ଏଥିରେ ଡାଟା ଶେୟାର କରିବାର ସୁବିଧା ରହିଛି। ଏହା






କାର୍ଯ୍ୟକାରୀ ହେଲେ ଗ୍ରାହକଙ୍କ ଡାଟା ବ୍ୟବହାରର ଏକଚାଟିଆ ଅଧିକାର ବ୍ୟାଙ୍କ ଭଳି ଯେଉଁ କିଛି ସ୍ୱଳ୍ପ ସଂସ୍ଥାଙ୍କର ରହିଛି ତାହାର ଅବସାନ ଘଟିବ।

ପିଏସ୍‌ଡି-୨ ଶ୍ରେଣୀର ନୂଆ ପେମେଣ୍ଟ ସେବା ଯୋଗାଣକାରୀଙ୍କ ପାଇଁ ଉପଲବ୍ଧ। ସେଥିରୁ ଗୋଟିଏ ପେମେଣ୍ଟ ଇନିସିଏସନ ସର୍ଭିସ ପ୍ରୋଭାଇଡର (ପିଆଇଏସ୍‌ପି) ଓ ଅନ୍ୟଟି ଆକାଉଣ୍ଟ ଇନ୍‌ଫର୍ମେସନ ସର୍ଭିସ ପ୍ରୋଭାଇଡର (ଏଆଇଏସ୍‌ପି)। ଏହି ଦୁଇ ସଂସ୍ଥା ପିଏସ୍‌ଡି-୨ ସେବା ଯୋଗାଇବେ। ଏଆଇଏସ୍‌ପି ବ୍ୟାଙ୍କ ଆକାଉଣ୍ଟ ସଂକ୍ରାନ୍ତ ସୂଚନା ପ୍ରଦାନ ଓ ଆନାଲିସିସ୍ ସେବା କାର୍ଯ୍ୟ କରିବ। ଏହା ବ୍ୟବହାରକାରୀର ଆକାଉଣ୍ଟରୁ ମର୍ଚ୍ଚାଣ୍ଟ (ବ୍ୟବସାୟୀ) ଆକାଉଣ୍ଟକୁ ଟଙ୍କା ଦେବ। ସେଥିପାଇଁ ଏକ 'ସଫ୍ଟୱେୟାର ବ୍ରିଜ୍' ତିଆରି କରିବାକୁ ପଡ଼ିବ। ଏହାଦ୍ୱାରା ବିଲ୍ ପେମେଣ୍ଟ ଓ ପିୟର-ଟୁ-ପିୟର ଦେୟ ଟ୍ରାନ୍ସଫର ସୁବିଧାରେ ହୋଇପାରିବ।

ଏହି ପିଆଇ ଭିତ୍ତିକ ବ୍ୟାଙ୍କ ପ୍ରଡକ୍ଟସ୍ ଆମକୁ ପ୍ରଥମ ଥର ପାଇଁ ଏକ ମୁକ୍ତ ଢାଞ୍ଚା ପ୍ରଦାନ କରିଛି। ଏହି ମୁକ୍ତ ବ୍ୟାଙ୍କିଙ୍ଗ୍ ଢାଞ୍ଚା ଦ୍ୱାରା ବିଭିନ୍ନ ବ୍ୟବସାୟ ଉଦ୍ୟୋଗ ବ୍ୟାଙ୍କିଙ୍ଗ ଓ ତତ୍‌ସଂଲଗ୍ନ ସେବା ଯୋଗାଇବାର ସୁବିଧା ପାଇବେ ଏବଂ ସେମାନଙ୍କୁ ବ୍ୟାଙ୍କିଙ୍ଗ୍ ଲାଇସେନ୍ସ ଦେବାକୁ ପଡ଼ିବ ନାହିଁ।

ବ୍ୟବସାୟ ବୃଦ୍ଧିରେ ଓପନ୍ ବ୍ୟାଙ୍କିଙ୍ଗ୍ (ମୁକ୍ତ ବ୍ୟାଙ୍କ) ବ୍ୟବସ୍ଥାର ଶକ୍ତି ଓ ପ୍ରଭାବ ଭାରତର ଅଧିକାଂଶ ବ୍ୟାବସାୟିକ ବ୍ୟାଙ୍କ ବୁଝିଲେଣି। ତେଣୁ ଏବେ ଦେଣନେଣ ଓ କାରବାର କ୍ଷେତ୍ରରେ ଯେଉଁ ସମସ୍ୟା ଦେଖାଦେଇଛି ତାହାର ସମାଧାନ ଏଆଇଏସ୍‌ପି ଭଳି ବ୍ୟବସ୍ଥା ସହଜରେ କରିପାରିବ। ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେଲେ ଫିନ୍‌ଟେକ୍ ଭଳି ତୃତୀୟ ପକ୍ଷ ଅନୁଷ୍ଠାନ ବା ସଂସ୍ଥା ଗ୍ରାହକର କେୱାଇସି ଡାଟା ବ୍ୟାଙ୍କରୁ ସଂଗ୍ରହ କରି ଅର୍ଥ ପୈଠ ଡିଜିଟାଲ ବ୍ୟବସ୍ଥାରେ ସହଜରେ କରିପାରିବେ। ଏହି ବ୍ୟବସ୍ଥାର ସଫଳତା ପାଇଁ ଗ୍ରାହକଙ୍କ ଅନୁମୋଦନ ଏବଂ ଆଧାର ଭଳି ଇ-କେୱାଇସି ବ୍ୟବସ୍ଥାର ଆବଶ୍ୟକତା ରହିଛି।

ମୁକ୍ତ ବ୍ୟାଙ୍କ ବ୍ୟବସ୍ଥା ଫିନ୍‌ଟେକ୍ସ ଅନୁଷ୍ଠାନ ଓ ଷ୍ଟାର୍ଟଅପଗୁଡ଼ିକୁ ବିଶେଷ ଶକ୍ତିଶାଳୀ କରିବା ସହ ଡାଟା ଶେୟାରିଂରେ ସେମାନଙ୍କ ସହଯୋଗ ଓ ଭୂମିକା ବଢ଼ାଇବ। ଏହି ବ୍ୟବସ୍ଥା ମଧ୍ୟ ବିଭିନ୍ନ ବ୍ୟାଙ୍କକୁ ସେମାନଙ୍କର ସେବା ପ୍ରଦାନ ଦକ୍ଷତା ବୃଦ୍ଧିରେ ସହାୟକ ହେବ। ଏବେ ଯେଉଁ ରିସ୍କ ସ୍କୋରିଂ ପ୍ରଣାଳୀ ରହିଛି ତାହାକୁ ଏହା ସଶକ୍ତ ଓ ପରିବର୍ଦ୍ଧିତ କରିବ। ପିଆଇଏସ୍‌ପି ବ୍ୟବସ୍ଥାରେ ଗ୍ରାହକ ନିଜର ଋଣକୁ ଗୋଟିଏ ବ୍ୟାଙ୍କରୁ ନେଇ ନିଜର ଇଚ୍ଛା ମୁତାବକ ଅନ୍ୟାନ୍ୟ ବ୍ୟାଙ୍କରେ ଜମା କରିବାର ସୁବିଧା ପାଇବେ।

ପୂର୍ବରୁ ସ୍ମାର୍ଟଫୋନ୍‌ରେ ମନୋରଞ୍ଜନ ପାଇଁ ଗ୍ରାହକ ମୁଖ୍ୟତଃ ଡାଟା ବ୍ୟବହାର କରୁଥିଲେ। ଏବେ କିନ୍ତୁ ସେଥିରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଦୃଷ୍ଟିଗୋଚର ହେଉଛି। ଲୋକେ ଏବେ ବିଭିନ୍ନ ସେବା ଓ ଆର୍ଥିକ କାରବାର ପାଇଁ ସ୍ମାର୍ଟଫୋନ୍‌କୁ ଅଧିକ ବ୍ୟବହାର କରୁଥିବା ଦେଖାଯାଉଛି। ଏ କ୍ଷେତ୍ରରେ ଭାରତ ସରକାର ମଧ୍ୟ ଆବଶ୍ୟକ ଭିତ୍ତିଭୂମି ସୃଷ୍ଟି କରି ଡିଜିଟାଲ ସେବାକୁ ପ୍ରୋତ୍ସାହିତ କରୁଛନ୍ତି। ଡିଜିଲକର, ଇ-ଗଭ୍, ମାଏଁ ଗଭ୍ ଓ ଉମଙ୍ଗ ଭଳି ସ୍ୱତନ୍ତ୍ର 'ଆପ୍' ମାଧ୍ୟମରେ ସର୍ବସାଧାରଣଙ୍କୁ ସେବା ଯୋଗାଇ ଦିଆଯାଉଛି। ସବୁ ସରକାରୀ ଦପ୍ତର ଓ ଅନୁଷ୍ଠାନକୁ ଯୁଦ୍ଧକାଳୀନ ଭିତ୍ତିରେ ଡିଜିଟାଇଜ୍ କରାଯାଇ ଏହାର ଦକ୍ଷତା ବୃଦ୍ଧି କରାଯାଉଛି। ଡିଜିଟାଲ ଚାନେଲର ଏହି ଉତ୍‌ପ୍ରେରଣ ନାଗରିକଙ୍କ ସୁଖସ୍ୱାଚ୍ଛନ୍ଦ୍ୟ ବୃଦ୍ଧି ତଥା ସେବା ପାଇବାର ଉତ୍ତମ ସୁବିଧା ହାସଲରେ ଯେ ସହାୟକ ହୋଇଛି ଏହା ନିଃସନ୍ଦେହ। ଗୋଟିଏ ଉଦାହରଣ ଯଥେଷ୍ଟ। ଆଗରୁ ନାଗରିକଙ୍କୁ ପାରମ୍ପରିକ ଉପାୟରେ ସରକାର ଯେଉଁସବୁ ଆର୍ଥିକ ଲାଭ ଯୋଗାଉଥିଲେ ତାହା ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର ବ୍ୟବସ୍ଥା ବା ଡିବିଟି ଦ୍ୱାରା ସିଧାସଳଖ ସେମାନଙ୍କ ବ୍ୟାଙ୍କ ଖାତାକୁ ଯାଉଛି। ଏଥିରେ ହେଉଥିବା ଆଧାର ଭିତ୍ତିକ ଇ-କାରବାର (ଇଲେକ୍‌ଟ୍ରୋନିକ ଟ୍ରାନ୍‌ଜାକ୍‌ସନ୍) ଦ୍ୱାରା ସରକାର ୧,୪୧,୬୭୭କୋଟି ଟଙ୍କା ସଞ୍ଚୟ କରିପାରିଛନ୍ତି। ଏହା ଫଳରେ ସରକାରୀ ଦକ୍ଷତା ବଢ଼ିଛି ଓ ବିନା ବାଟମାରଣାରେ ହିତାଧିକାରୀଙ୍କ ପାଖକୁ ଅର୍ଥ ଯାଉଛି। ଏ କ୍ଷେତ୍ରରେ ମଧ୍ୟ ସ୍ୱଚ୍ଛତା ରହୁଛି।




**ଏକୀକୃତ ପେମେଣ୍ଟ ବ୍ୟବସ୍ଥା (ୟୁପିଆଇ):**

ଏହାର ଆରମ୍ଭ କାଳରୁ ଏକୀକୃତ ପେମେଣ୍ଟ ବ୍ୟବସ୍ଥା (ୟୁପିଆଇ) ଭାରତରେ ପେମେଣ୍ଟ ଉଦ୍ୟୋଗକୁ ରୂପ ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଆସିଛି। ଏହି ଚମତ୍କାର ବ୍ୟବସ୍ଥା ଦ୍ୱାରା ବ୍ୟକ୍ତିବିଶେଷ ତୃତୀୟ ପକ୍ଷ ଆବେଦନକୁ ବ୍ୟବହାର କରି ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟ ଲିଙ୍କ୍ କରି ସହଜରେ ବିଭିନ୍ନ ବ୍ୟାଙ୍କ ଟ୍ରାନ୍‌ଜାକସନ୍ କରିପାରିବେ। ୨୦୧୯ ଏପ୍ରିଲ ସୁଦ୍ଧା ଭାରତରେ ୟୁପିଆଇ କାରବାର ୮୦୦ ନିୟୁତ ହୋଇଥିଲା। ଭାରତର ଫିନ୍‌ଟେକ୍ ବ୍ୟବସ୍ଥାରେ ଏହା ଏକ ଉଲ୍ଲେଖନୀୟ ଉପଲବ୍ଧି। ତୃତୀୟ ପକ୍ଷ ପେମେଣ୍ଟରେ ଗୁଗୁଲ୍ ପେ, ଫୋନ୍ ପେ, ପେଟିଏମ୍ ଭଳି ପେମେଣ୍ଟକାରୀ ବ୍ୟବସ୍ଥା ବ୍ୟାଙ୍କ ସେବା ବାହାରେ ଉଲ୍ଲେଖନୀୟ କାରବାର କରିଛନ୍ତି।

**ଟେକ୍‌ନୋଲୋଜି ଭିତ୍ତିକ ଗ୍ରାହକକୈନ୍ଦ୍ରିକ ଆଭିମୁଖ୍ୟ:**

ଏବେ ବିତ୍ତୀୟ ଉଦ୍ୟୋଗ ଅତ୍ୟନ୍ତ ପ୍ରତିଯୋଗିତାମୂଳକ। ଏଥିରେ ସଫଳତାର ମୂଳମନ୍ତ୍ର ହେଲା ଗ୍ରାହକଙ୍କୁ ଯିଏ

ବିଶ୍ୱଶ୍ରେଣୀର ଉତ୍ତମ ସେବା ଯୋଗାଇବ ସିଏ ତିଷ୍ଠିବ। ବ୍ୟାଙ୍କ ସେବା ଏବେ ଶାଖା ବା ଦପ୍ତର ପରିସରରୁ ବାହାରି ମୋବାଇଲ ଓ ୱେବକୁ ସଂପ୍ରସାରିତ ହେଲାଣି। ଏହାକୁ ଡିଜିଟାଲ ବ୍ୟାଙ୍କିଙ୍ଗ୍ କୁହାଯାଉଛି। ତେବେ ଏହି ଡିଜିଟାଲ ବ୍ୟାଙ୍କ ସେବା ସହରାଞ୍ଚଳର ଶିକ୍ଷିତ ଗ୍ରାହକ ଯେଉଁ ପରିମାଣରେ ପାଉଛନ୍ତି ଗ୍ରାମାଞ୍ଚଳର ଗ୍ରାହକଙ୍କୁ ତାହା ମିଳୁନାହିଁ। ଏଥିରେ ଗ୍ରାହକଙ୍କ ଡିଜିଟାଲ ସାକ୍ଷରତା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ଦ୍ୱିତୀୟତଃ ଗ୍ରାମାଞ୍ଚଳରେ ଡିଜିଟାଲ ବ୍ୟାଙ୍କ ସେବା ପାଇଁ ଭିତ୍ତିଭୂମି ସୀମିତ। ତେଣୁ ସେମାନେ ନିଜର ଶାଖା ମାଧ୍ୟମରେ ସେବା ଯୋଗାଉଛନ୍ତି। ଅତଏବ ଓପନବ୍ୟାଙ୍କିଂ ବ୍ୟବସ୍ଥା ଏ କ୍ଷେତ୍ରରେ ବ୍ୟାଙ୍କ ସମୂହଙ୍କ ପାଇଁ ନୂଆ ସୁଯୋଗ ସୃଷ୍ଟି କରିବ।

ଓପନ୍ ବ୍ୟାଙ୍କିଙ୍ଗ୍ ସହରାଞ୍ଚଳ ଭଳି ଗ୍ରାମାଞ୍ଚଳରେ ଏକପ୍ରକାର ସେବା ଗ୍ରାହକଙ୍କୁ ଯୋଗାଇବ। ଏହାଦ୍ୱାରା ଗ୍ରାମାଞ୍ଚଳ ଗ୍ରାହକଙ୍କ ବ୍ୟାଙ୍କିଙ୍ଗ୍ ଅନୁଭୂତି ବୃଦ୍ଧି ପାଇବ। ଏହା ଫଳରେ ବ୍ୟାଙ୍କ ସମୂହର ଗ୍ରାମାଞ୍ଚଳ ସେବା ବ୍ୟବସ୍ଥାରେ ବୈପ୍ଳବିକ ପରିବର୍ତ୍ତନ ଆସିବ। ଏହି ବ୍ୟବସ୍ଥାରେ ଗ୍ରାମାଞ୍ଚଳରେ ଗ୍ରାହକଙ୍କ ଜମାଖାତା ସମ୍ପର୍କରେ ତୃତୀୟ ପକ୍ଷଙ୍କ ଆକ୍ସେସ୍ ସେମାନଙ୍କ ଅନୁମତି ଭିତ୍ତିରେ ମିଳିବ। ଏପିଆଇ ବ୍ୟବସ୍ଥାରେ ଏହି ସୁବିଧା ପ୍ରଦାନ କରାଯିବ।

ଓପନ ବ୍ୟାଙ୍କିଙ୍ଗ୍ ଏକ ବଜାର ତିଆରି କରିବ ଯେଉଁଥିରେ ବ୍ୟାଙ୍କ, ଫିନ୍‌ଟେକ୍, ଅଣବ୍ୟାଙ୍କିଙ୍ଗ୍ ସଂସ୍ଥାମାନେ ସାମିଲ ହେବେ। ଏମାନେ ନିରାପଦ ଏପିଆଇ ବ୍ୟବସ୍ଥାରେ ଏହି ବଜାର ସହିତ ସଂଯୁକ୍ତ ହୋଇ ଗ୍ରାହକଙ୍କୁ ସେବା ଯୋଗାଇବେ। ଏହି ବଜାର ନିଜର ନିଜସ୍ୱ ସେବା ଢାଞ୍ଚା ପ୍ରସ୍ତୁତ କରିବ ଏବଂ ବ୍ୟାଙ୍କ ସମୂହଙ୍କ ପକ୍ଷରୁ ଗ୍ରାହକଙ୍କୁ ଉତ୍ତମ ସେବା ଯୋଗାଇଦେବ। ଓପନ ବ୍ୟାଙ୍କିଙ୍ଗ୍ ତୃତୀୟ ପକ୍ଷ (ଥାର୍ଡ ପାର୍ଟି)ଙ୍କୁ ଏପିଆଇ ମାଧ୍ୟମରେ ବିଭିନ୍ନ ବ୍ୟାଙ୍କ ସହ ସଂଯୁକ୍ତି କରିବ। ଏହା ଫଳରେ ଯେକୌଣସି ବ୍ୟାଙ୍କ ପକ୍ଷରୁ ଦେଶର ଯେକୌଣସି ଅଞ୍ଚଳରେ ଓପନ ବ୍ୟାଙ୍କିଙ୍ଗ୍ ଗ୍ରାହକଙ୍କୁ ସିଧାସଳଖ ସେବା ଯୋଗାଇବାକୁ ସକ୍ଷମ ହେବ।

ଗାଁରେ ଥିବା ଏକ ସେବାକେନ୍ଦ୍ର ଯେଉଁଠି କମ୍ପ୍ୟୁଟର ଓ ଇଣ୍ଟରନେଟ୍ ସଂଯୋଗ ରହିଛି ତାହା ସବୁ ବ୍ୟାଙ୍କ ସହ ସଂଯୁକ୍ତ ହୋଇପାରିବ। ଏହି କେନ୍ଦ୍ର ମାଧ୍ୟମରେ ସହଜରେ ଗ୍ରାହକଙ୍କ ଅଭିଯୋଗର ସମାଧାନ ସମ୍ଭବ ହେବ। ଏହି ସେବାକେନ୍ଦ୍ରର ମାଲିକ ଯେକୌଣସି ଥାର୍ଡପାର୍ଟିର ଏଜେଣ୍ଟ ହୋଇପାରନ୍ତି କିମ୍ବା ସେ ଯେକୌଣସି ବିଶ୍ୱସ୍ତ ଅଣବ୍ୟାଙ୍କିଂ ସଂସ୍ଥା, ବ୍ୟାଙ୍କର ଓପନ୍ ଏପିଆଇ ବ୍ୟବହାରକାରୀ, ଗ୍ରାହକ ସହାୟତା ପ୍ରଦାନକାରୀ ଏଜେଣ୍ଟ ହୋଇପାରନ୍ତି। ସେବା ପ୍ରଦାନକାରୀ ଏପିଆଇ ଥିବା ଓପନ ବ୍ୟାଙ୍କିଙ୍ଗ୍ ପ୍ଲାଟ୍‌ଫର୍ମ ବ୍ୟାଙ୍କ ପ୍ରତିନିଧିଙ୍କ ଭୂମିକା ନିର୍ବାହ କରିପାରିବେ। ଏହା ମାଧ୍ୟମରେ ଟିକସ ସଂଗ୍ରହ, ଅଭିଯୋଗ ଗ୍ରହଣ, ବିମା, ମ୍ୟୁଚୁଆଲ ଫଣ୍ଡ, ପେନ୍‌ସନ୍ ଯୋଜନା ଓ ଅନ୍ୟାନ୍ୟ ଆର୍ଥିକ କାରବାର ସେବା ମଧ୍ୟ ଯୋଗାଇଦେଇହେବ।

**ବିଶ୍ୱସ୍ତ ତୃତୀୟ ପକ୍ଷ ପରିତନ୍ତ୍ର ନିର୍ମାଣ:**

ଉପର ଲିଖିତ ପ୍ରସ୍ତାବନାଗୁଡ଼ିକ ଯେ ସମ୍ପୂର୍ଣ୍ଣ ତ୍ରୁଟିଶୂନ୍ୟ ଓ ବିପଦମୁକ୍ତ ତାହା ନୁହେଁ। ଗ୍ରାହକଙ୍କ କାମ ଠିକ୍ ସମୟରେ କରିବା ଏବଂ ଜମାକାରୀ ଓ କାରବାରକାରୀଙ୍କ ଅର୍ଥ ସୁରକ୍ଷିତ ରହିବା ସବୁଠୁ ବଡ଼ କଥା। ଏସମଗ୍ର କାରବାର, ବଜାର, ବ୍ୟବସ୍ଥା ଓ ପ୍ରକରଣରେ ତୃତୀୟ ପକ୍ଷର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତୃତୀୟ ପକ୍ଷ ଯିଏକି ସେବା ବ୍ୟାଙ୍କ ସମୂହଙ୍କ ପକ୍ଷରୁ ଯୋଗାଇବେ ସେ ଅତ୍ୟନ୍ତ ବିଶ୍ୱସ୍ତ ଓ ନୀତିନିଷ୍ଠ ହେବା ଆବଶ୍ୟକ। ତା' ନ'ହେଲେ ଠକାମିର ଆଶଙ୍କା ରହିଛି। କାରଣ ସେମାନେ ଗ୍ରାହକ ବା କାରବାରକାରୀଙ୍କ ଅର୍ଥ ସହ ସେମାନଙ୍କ ସମ୍ବେଦନଶୀଳ ତଥ୍ୟାବଳୀ ସମ୍ପର୍କରେ ଅବଗତ ହୋଇଥାନ୍ତି ଏବଂ ଏଥିରେ ହେର୍‌ଫେରର ଆଶଙ୍କା ରହିଛି। ତେଣୁ ଏଥିପାଇଁ ଏକ ଅତ୍ୟନ୍ତ ବିଶ୍ୱସ୍ତ ତୃତୀୟ ପକ୍ଷ ବ୍ୟବସ୍ଥା ନିର୍ମାଣର ବିଶେଷ ଆବଶ୍ୟକତା ରହିଛି। ଗ୍ରାହକଙ୍କ ଜମା ଓ କାରବାରର ସୁରକ୍ଷାକୁ ସବୁଠୁ ଗୁରୁତ୍ୱ ଦେଇ କାର୍ଯ୍ୟ କରିବାକୁ ହେବ।

**ଉପସଂହାର:**

କହିବା ଅନାବଶ୍ୟକ ଯେ ଏହି ପ୍ରସ୍ତାବନାର ସଫଳ ରୂପାୟନ ପାଇଁ ଆମ ବ୍ୟାଙ୍କ ଓ ବିତ୍ତୀୟ କାରବାର କ୍ଷେତ୍ରର ଯେଉଁ ନିୟନ୍ତ୍ରକ ବ୍ୟବସ୍ଥା ରହିଛି ସେଥିରେ ଉଚ୍ଚସ୍ତରୀୟ ପରିବର୍ତ୍ତନ ଲୋଡ଼ା। ସୁଖର କଥା ଏ କ୍ଷେତ୍ରରେ ଉତ୍ତମ ଓ ସଶକ୍ତ ନିୟନ୍ତ୍ରଣ ବ୍ୟବସ୍ଥା, ନୂଆ ନିୟମ, ତଦାରଖ ବ୍ୟବସ୍ଥା ଓ ଭିତ୍ତିଭୂମି ପ୍ରସ୍ତୁତ କରିବାକୁ ଭାରତୀୟ ରିଜର୍ଭ ବ୍ୟାଙ୍କ ଇତିମଧ୍ୟରେ ଘୋଷଣା କରିଛି। ସେଇଭଳି ଗ୍ରାହକଙ୍କ ସ୍ୱାର୍ଥ ରକ୍ଷା ପାଇଁ କର୍ତ୍ତୃପକ୍ଷ ସାଇବର ନିରାପତ୍ତା, ଗ୍ରାହକଙ୍କ ଆପତ୍ତି ଅଭିଯୋଗର ତୁରନ୍ତ ନିରାକରଣ ଏବଂ ସେବା ବାବଦ ଦେୟକୁ ଯୁକ୍ତିଯୁକ୍ତ କରିବା ଉପରେ ଧ୍ୟାନ ଦେବା ଜରୁରୀ। ତେବେ ଯାଇଁ ଏହି ବ୍ୟବସ୍ଥା ସଫଳ ହେବ। ଡିଜିଟାଲ ଯୁଗରେ ନାଗରିକଙ୍କ ଜୀବନ ବଦଳାଇବାରେ ଓପନ୍ ବ୍ୟାଙ୍କିଙ୍ଗ୍ ଓ ଫିନ୍‌ଟେକ୍ ପ୍ଲାଟଫର୍ମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେବେ ଆର୍ଥିକ ସମାବେଶୀକରଣ ବ୍ୟବସ୍ଥା ଅସମ ଥିବାବେଳେ ସହର ଓ ଗ୍ରାମାଞ୍ଚଳ ମଧ୍ୟରେ ପାର୍ଥକ୍ୟ, ଡିଜିଟାଲ ସାକ୍ଷରତା ଅଭାବ ଭଳି ସମସ୍ୟାଗୁଡ଼ିକୁ ପ୍ରଥମେ ଦୂର କରିବାକୁ ହେବ। ତେବେ ଯାଇ ଏହି ବ୍ୟବସ୍ଥା ସଫଳତାର ସହ କାର୍ଯ୍ୟ କରିବା ସହ ଲୋକଙ୍କ ଜୀବନରେ ପରିବର୍ତ୍ତନ ଆସିବ।

**ଲେଖକ ଫିନ୍‌ଟେକ୍ ଲିଡ୍, ଟି-ହବ୍ ସହ ସଂପୃକ୍ତ।**
**Email ID: Abhinavgupthach@gmail.com**

# ଦୂର ଓ ମୁକ୍ତ ଶିକ୍ଷା ବ୍ୟବସ୍ଥାରେ ସୂଚନା ପ୍ରଯୁକ୍ତି

ପ୍ରଦୀପ କୁମାର ଦାସ, ବସନ୍ତ କୁମାର ଦାସ

ଇନ୍ଦିରାଗାନ୍ଧି ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ ଆଜିର ମୁକ୍ତ ଶିକ୍ଷା କ୍ଷେତ୍ରରେ ସୂଚନା ପ୍ରଯୁକ୍ତି ବିଜ୍ଞାନର ବୈପ୍ଳବିକ ଧାରାରେ ପରିପୁଷ୍ଟ ଏକ ଅଗ୍ରଣୀ ଅନୁଷ୍ଠାନ ଯାହା ପଦ୍ଧତିରେ ମଧ୍ୟ ଅଗ୍ରଣୀ। କମ୍ପ୍ୟୁଟର ଓ ସୂଚନା ପ୍ରଯୁକ୍ତି ବିଜ୍ଞାନ ଯୋଗୁଁ ଦୂର ନିରନ୍ତର ଉଚ୍ଚଶିକ୍ଷା କ୍ଷେତ୍ରରେ ପଢ଼େଇବା ପଢ଼ିବା ଓ ଗବେଷଣାରେ ବିଦ୍ୟାର୍ଥୀ ସହାୟତା ସେବାରେ, ସାମର୍ଥ୍ୟ ବିକାଶରେ ଜଣାଶୁଣା oDeL ବା ମୁକ୍ତ ଡିଜିଟାଲ୍ ଲର୍ଣ୍ଣିଂରେ ମଧ୍ୟ ଅଗ୍ରଣୀ।

ଦୂରଶିକ୍ଷା ବ୍ୟବସ୍ଥାରେ ପ୍ରଥମ ଓ ପ୍ରମୁଖ ଅନ୍ତରାୟ ହେଉଛି ଶିକ୍ଷକ ଓ ଶିକ୍ଷାର୍ଥୀଙ୍କ ମଧ୍ୟରେ ଭୌତିକ ଦୂରତା। ଶିକ୍ଷକଙ୍କ ବିନା ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିକ୍ଷାର୍ଥୀମାନେ ନିଜସ୍ୱ ପ୍ରତିଭା ଓ ଅନ୍ୟାନ୍ୟ ପ୍ରତିଭା ସ୍ରୋତ ଉପରେ ଅଧିକ ନିର୍ଭରଶୀଳ ହୋଇଥାନ୍ତି । ଏହାଦ୍ୱାରା ସେମାନଙ୍କ ପାଇଁ ପାଠ୍ୟକ୍ରମ ଆହରଣ କରିବା କଷ୍ଟକର ହୋଇଥାଏ। ତେବେ ଆଜିକାଲିର ସୂଚନା ପ୍ରଯୁକ୍ତି ଯୁଗରେ ଏହି ସମସ୍ୟାକୁ ଅନେକାଂଶରେ ଦୂର କରାଯାଇପାରିଛି। ଏ ଦୃଷ୍ଟିରୁ ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ ସୂଚନା ପ୍ରଯୁକ୍ତି ବିଦ୍ୟାର ପର୍ଯ୍ୟାପ୍ତ ଉପଯୋଗ କରି ଛାତ୍ରଛାତ୍ରୀଙ୍କ ପାଠପଢ଼ାକୁ ଅଧିକ ସୁଗମ ଓ ସହଜ କରିପାରିଛି।

**ଶିକ୍ଷାର୍ଥୀଙ୍କ ପାଇଁ ଇ-ସହାୟତା (e-Support to Learners)**

ଆଞ୍ଚଳିକ କେନ୍ଦ୍ର ବା ଶିକ୍ଷାକେନ୍ଦ୍ରର ସହାୟତା ବ୍ୟତୀତ, ଇନ୍ଦିରାଗାନ୍ଧି ମୁକ୍ତ ବିଶ୍ୱବିଦ୍ୟାଳୟ ଗୁରୁତ୍ୱ ସହିତ ସହଜ ପ୍ରବେଶ (Easy Access) ଓ ସ୍ୱଚ୍ଛ ଅପରେସନ ପାଇଁ ଡିଜିଟାଲାଇଜେସନ୍‌କୁ ଉତ୍ସାହିତ କରୁଛି। ଇ-ସହାୟତା ବା e-Support ଏକ ଶିକ୍ଷାର୍ଥୀ କେନ୍ଦ୍ରିକ ୱେବ୍ ଭିତ୍ତିକ (Web Based) ଅନ୍‌ଲାଇନ୍ ପାରସ୍ପରିକ ଆଲୋଚନା ଭିତ୍ତିକ, ଡିଜିଟାଲ କ୍ଷେତ୍ର, ଏହା ଆଇ.ସି.ଟି ସରଞ୍ଜାମ ବ୍ୟବହାର କରି ତିଆରି କରାଯାଇଛି ଓ.ଡ଼ି.ଏଲ୍.ରେ ଶିକ୍ଷାର୍ଥୀଙ୍କୁ ସହାୟତା କରିବାକୁ । ଇ-ସହାୟତା ଶିକ୍ଷାର୍ଥୀ ନିଜ ପ୍ରୋଫାଇଲ୍ ଦେଖିବାକୁ ସାହାଯ୍ୟ କରେ ଏବଂ ଶିକ୍ଷା ସମୟରେ ଶିକ୍ଷାର୍ଥୀ ଜୀବନରେ ଅନ୍ୟାନ୍ୟ କାର୍ଯ୍ୟ କରିବାରେ ମଧ୍ୟ ସାହାଯ୍ୟ କରେ। ଯଥା:

- ଇ-ନାମ ଲେଖା ପଞ୍ଜିକରଣ (Online Registration for Admission)
- କାର୍ଯ୍ୟକ୍ରମ ଶେଷ (Term End Examination) ପରୀକ୍ଷା ଫର୍ମ ପୂରଣ ଓ ଜମାଦେବା।
- ଅନ୍-ଡିମାଣ୍ଡ ଭିୟୁ ଓ ପରୀକ୍ଷା ହଲ୍ ପ୍ରବେଶ ପତ୍ର, ଗ୍ରେଡ୍‌କାର୍ଡ, ଘରପାଠ ପାଇଁ ପାଠ୍ୟ ସାମଗ୍ରୀ, ପୁରୁଣା ପ୍ରଶ୍ନପତ୍ର ଇତ୍ୟାଦି ଡାଉନ୍‌ଲୋଡ କରିବା।
- ଶିକ୍ଷାର୍ଥୀଙ୍କ ପରିଚୟ ପତ୍ର।
- କନ୍‌ଭୋକେସନ ପଞ୍ଜିକରଣ।
- ଏମ୍.ଫିଲ୍ /ପି.ଏଚ୍.ଡ଼ି କାର୍ଯ୍ୟକ୍ରମର ପ୍ରବେଶିକା ପରୀକ୍ଷା ପାଇଁ ରେଜିଷ୍ଟ୍ରେସନ୍।
- (RDTS) ଡାଟା ଟ୍ରାନ୍ସଫର ସେବା ପାଇଁ ପଞ୍ଜିକରଣ।

**ଶିକ୍ଷାର୍ଥୀ ସାର୍ଟିଫିକେଟ୍ ୱେବ୍‌ସାଇଟ ଓ ଅନ୍ୟାନ୍ୟ ସେବା ପାଇଁ:**

ଅନ୍‌ଲାଇନ୍ ନାମ ଲେଖା ପଦ୍ଧତି ଦ୍ୱାରା ଛାତ୍ରଛାତ୍ରୀମାନେ ନିଜର ନାମଲେଖା ଦରଖାସ୍ତ ଆବଶ୍ୟକ ସାର୍ଟିଫିକେଟ୍ ଅନ୍‌ଲାଇନ୍‌ରେ ଜମା କରିପାରନ୍ତି । ନାମଲେଖା ଅର୍ଥ ମଧ୍ୟ କ୍ରେଡ଼ିଟ୍ କାର୍ଡ / ଡେବିଟ୍ କାର୍ଡ / ନେଟ୍ ବ୍ୟାଙ୍କିଙ୍ଗ ପି.ଓ.ଏସ୍ ମାଧ୍ୟମରେ ପଇଠ କରିପାରନ୍ତି ।

ଶିକ୍ଷାର୍ଥୀ ଇ-ମେଲ୍ ଓ ଏସ୍.ଏମ୍.ଏସ୍ ଦ୍ୱାରା ସେମାନଙ୍କର ଦରଖାସ୍ତ ଓ ଅନ୍ୟାନ୍ୟ ଆବଶ୍ୟକ

କାଗଜ ପତ୍ର ଓ ଅର୍ଥ ଗୃହୀତ ହୋଇଥିବା ସୂଚନା ମଧ୍ୟ ପାଇପାରୁଛନ୍ତି । ଅନ୍‌ଲାଇନ୍ ନାମଲେଖା ପଦ୍ଧତିରେ ବ୍ୟାଙ୍କ ଡ୍ରାଫ୍ଟର ଆବଶ୍ୟକତା ନାହିଁ ।

ଇନ୍ଦିରା ଗାନ୍ଧି ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟର ଏହିସବୁ ପ୍ରାରମ୍ଭିକ ଆଇ.ସି.ଟି ଅନ୍‌ଲାଇନ୍ ପ୍ରଚେଷ୍ଟାଗୁଡ଼ିକ ଖୁବ୍ ଲୋକପ୍ରିୟ ହୋଇପାରିଛି, ଯାହା ଜୁଲାଇ ୨୦୧୭ ପର୍ଯ୍ୟାୟର ୩,୭୧,୦୦୦ରୁ ଅଧିକ ନାମ ଲେଖା ପଞ୍ଜିକରଣ ଏବଂ ୨,୩୦,୦୦୦ରୁ ଅଧିକ ଅନ୍‌ଲାଇନ୍ ପୁନଃପଞ୍ଜିକରଣରୁ ପ୍ରମାଣିତ ହୁଏ ।

ବିଶ୍ୱର ସବୁଠାରୁ ବଡ଼ ବିଶ୍ୱବିଦ୍ୟାଳୟ ହେଉଛି ଇନ୍ଦିରା ଗାନ୍ଧି ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ । ଏଥିରେ ପ୍ରାରମ୍ଭିକ ଭାବେ ଯେଉଁସବୁ ଦୂରଶିକ୍ଷା ବିଭାଗ ଖୋଲାଯାଇଛି, ସେ ସବୁକୁ ସ୍ୱୟଂଚାଳିତ ପଦ୍ଧତି ଇ.ଆର୍.ପି ମାଧ୍ୟମରେ ଏକତ୍ରୀତ କରି 'ସରଳ ଲୋକ ଯୋଜନା' ୨୦୦୭ରେ ଆରମ୍ଭ ହୋଇଥିଲା ଏବଂ ୨୦୦୮ ମସିହା ଶେଷସୁଦ୍ଧା ଏହି ଉଦ୍ୟମ ସଫଳ ହେବାର ଗୌରବ ଲାଭ କରିଥିଲା । ଦୈନନ୍ଦିନ କାର୍ଯ୍ୟ ଯଥା: ଛୁଟି, ବେତନ, ସ୍ୱାସ୍ଥ୍ୟ, ତାଲିକା ପ୍ରସ୍ତୁତି, ପ୍ରଶାସନର ଶ୍ରମଶକ୍ତି ଏବଂ ଆର୍ଥିକ ହିସାବ କାରବାର ପାଇଁ ବିଶ୍ୱବିଦ୍ୟାଳୟର ମୁଖ୍ୟ ଓ ସମସ୍ତ ଶାଖା କାର୍ଯ୍ୟାଳୟମାନଙ୍କରେ କର୍ମଚାରୀମାନେ ଉପରୋକ୍ତ ପଦ୍ଧତି ଅନୁସାରେ କାର୍ଯ୍ୟ ସମ୍ପାଦନ କରନ୍ତି।

**ଛାତ୍ରଛାତ୍ରୀମାନଙ୍କ ଅଭିଯୋଗର ଶୁଣାଣି ଓ ସମାଧାନର ବ୍ୟବସ୍ଥା**

ଇନ୍ଦିରା ଗାନ୍ଧି ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ ୧୯୯୯ ମସିହାରେ ସ୍ଥାପିତ ହୋଇଥିଲା । ଏଥିରେ ଛାତ୍ରଛାତ୍ରୀଙ୍କ ଅଭିଯୋଗ ଓ ତହିଁର ସମାଧାନ ପାଇଁ 'ଛାତ୍ରସେବା କେନ୍ଦ୍ର' ସ୍ଥାପନ ଆରମ୍ଭରୁ କରାଯାଇଛି। ଶିକ୍ଷାର୍ଥୀ ଓ ଅନୁଷ୍ଠାନ ମଧ୍ୟରେ ତଫାତ୍ ବା ଦୂରତା ନ ରଖିବା ପାଇଁ ସଂଯୋଜକର ବ୍ୟବସ୍ଥା ଅଛି । ଛାତ୍ରସେବା କେନ୍ଦ୍ର, ଉପୁଜୁଥିବା ସମସ୍ୟାଗୁଡ଼ିକର ସମାଧାନ କରନ୍ତି । ଛାତ୍ରସେବା କେନ୍ଦ୍ର ଶିକ୍ଷାର୍ଥୀ ଓ ଅନୁଷ୍ଠାନ ମଧ୍ୟରେ ସଦ୍‌ଭାବ ରଖିବା ପାଇଁ ସର୍ବଦା ଉଦ୍ୟମ କରିଥାନ୍ତି ଏବଂ ସମସ୍ୟା ଦୂର କରିବା ପାଇଁ

> ଇନ୍ଦିରାଗାନ୍ଧି ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ ଆଜିର ମୁକ୍ତ ଶିକ୍ଷା କ୍ଷେତ୍ରରେ ସୂଚନା ପ୍ରଯୁକ୍ତି ବିଜ୍ଞାନର ବୈପ୍ଲବିକ ଧାରାରେ ପରିପୁଷ୍ଟ ଏକ ଅଗ୍ରଣୀ ଅନୁଷ୍ଠାନ ଯାହା ପଦ୍ଧତିରେ ମଧ୍ୟ ଅଗ୍ରଣୀ । କମ୍ପ୍ୟୁଟର ଓ ସୂଚନା ପ୍ରଯୁକ୍ତି ବିଜ୍ଞାନ ଯୋଗୁଁ ଦୂର ନିରନ୍ତର ଉଚ୍ଚଶିକ୍ଷା କ୍ଷେତ୍ରରେ ପଢ଼େଇବା ପଢ଼ିବା ଓ ଗବେଷଣାରେ ବିଦ୍ୟାର୍ଥୀ ସହାୟତା ସେବାରେ, ସାମର୍ଥ୍ୟ ବିକାଶରେ ଜଣାଶୁଣା oDeL ବା ମୁକ୍ତ ଡ଼ିଜିଟାଲ୍ ଲର୍ଣ୍ଣିରେ ମଧ୍ୟ ଅଗ୍ରଣୀ। ଦୂରଶିକ୍ଷା ବ୍ୟବସ୍ଥାରେ ପ୍ରଥମ ଓ ପ୍ରମୁଖ ଅନ୍ତରାୟ ହେଉଛି ଶିକ୍ଷକ ଓ ଶିକ୍ଷାର୍ଥୀଙ୍କ ମଧ୍ୟରେ ଭୌତିକ ଦୂରତା। ଶିକ୍ଷକଙ୍କ ବିନା ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିକ୍ଷାର୍ଥୀମାନେ ନିଜସ୍ୱ ପ୍ରତିଭା ଓ ଅନ୍ୟାନ୍ୟ ପ୍ରତିଭା ସ୍ରୋତ ଉପରେ ଅଧିକ ନିର୍ଭରଶୀଳ ହୋଇଥାନ୍ତି । ଏହାଦ୍ୱାରା ସେମାନଙ୍କ ପାଇଁ ପାଠ୍ୟକ୍ରମ ଆହରଣ କରିବା କଷ୍ଟକର ହୋଇଥାଏ। ତେବେ ଆଜିକାଲିର ସୂଚନା ପ୍ରଯୁକ୍ତି ଯୁଗରେ ଏହି ସମସ୍ୟାକୁ ଅନେକାଂଶରେ ଦୂର କରାଯାଇପାରିଛି। ଏ ଦୃଷ୍ଟିରୁ ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ ସୂଚନା ପ୍ରଯୁକ୍ତି ବିଦ୍ୟାର ପର୍ଯ୍ୟାପ୍ତ ଉପଯୋଗ କରି ଛାତ୍ରଛାତ୍ରୀଙ୍କ ପାଠପଢ଼ାକୁ ଅଧିକ ସୁଗମ ଓ ସହଜ କରିପାରିଛି।

ତତ୍‌କ୍ଷଣାତ୍ ସମାଧାନ କରନ୍ତି । ନିରାପତ୍ତା, ନ୍ୟାୟ ଓ ସ୍ୱଚ୍ଛତା ରକ୍ଷା ପାଇଁ ସେବାକେନ୍ଦ୍ର ସର୍ବଦା ଚେଷ୍ଟିତ । ଶାନ୍ତି, ମୈତ୍ରୀ, ସଦ୍‌ଭାବ, ସହିଷ୍ଣୁତା ସହ ନିର୍ମଳ ଶାନ୍ତ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ବଜାୟ ରଖାଯାଏ ।

ଏଠାରେ ବିଭିନ୍ନ ଭାବରେ ଶିକ୍ଷାର୍ଥୀଙ୍କ ଅଭିଯୋଗ ଗ୍ରହଣ କରାଯାଏ । ଯଥା - ସାମ୍ନାସାମ୍ନି, ଇ-ମେଲ୍, ପତ୍ରମାଧ୍ୟମ, ଫାକ୍ସ, ଟେଲିଫୋନ, ମୋବାଇଲଫୋନ୍, ପୋର୍ଟାଲ୍ସ (ଅନ୍‌ଲାଇନ୍ ପୋର୍ଟାଲ୍, ପିଜିପୋର୍ଟାଲ, ଆର.ଟି.ଆଇ, MIS, IGRAM, INGRAM, SSC (Students Service Centre) ଏସବୁକୁ ପରିଚାଳନା କରେ । ଶିକ୍ଷାର୍ଥୀ ସେବା କେନ୍ଦ୍ର ସମସ୍ତ ଅଭିଯୋଗର ଅନୁସନ୍ଧାନ ଓ ସମାଧାନ କରି ସମ୍ପୃକ୍ତ ଅଭିଯୋଗକାରୀଙ୍କୁ ଜଣାନ୍ତି ।

**'ଜ୍ଞାନବାଣୀ' ଦ୍ୱାରା ଶିକ୍ଷା ସମ୍ବନ୍ଧୀୟ ପରାମର୍ଶ ପ୍ରଦାନ**

ଇନ୍ଦିରା ଗାନ୍ଧି ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟର ନିଜସ୍ୱ ଇଲେକ୍ଟ୍ରୋନିକ ମିଡିଆ ପ୍ରଡକ୍ସନ୍ ସେଣ୍ଟର (EMPC) ୨୦୧୭ ଜାନୁଆରୀ ୧୧ ଠାରୁ ଆରମ୍ଭ ହୋଇଅଛି। ଦିଲ୍ଲୀ F.M. 105.6 MHZ ଦ୍ୱାରା ଜ୍ଞାନବାଣୀ ଶିକ୍ଷାଦାନ ସକାଳ ୮ଟାରୁ ରାତି ୮ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ପ୍ରଚଳନ ହେଉଛି । ଅନ୍ୟାନ୍ୟ କାର୍ଯ୍ୟକ୍ରମଗୁଡ଼ିକ ବିଭିନ୍ନ ଶିକ୍ଷାନୁଷ୍ଠାନ ଦ୍ୱାରା ପ୍ରଦାନ କରାଯାଇଥାଏ । ରେଡ଼ିଓ ମାଧ୍ୟମରେ ଜ୍ଞାନବାଣୀ, ଶିକ୍ଷାର୍ଥୀ ଓ ଶିକ୍ଷକଙ୍କ ମଧ୍ୟରେ ନିକଟତା ସୃଷ୍ଟି କରିଥାଏ ।

ଜ୍ଞାନଧାରା- ୨୦୧୬ ମସିହା ଅକ୍ଟୋବର ମାସରୁ ରେଡ଼ିଓ ମାଧ୍ୟମରେ ଜ୍ଞାନଧାରା କାର୍ଯ୍ୟକ୍ରମ ଚାଲୁଅଛି। ରେଡ଼ିଓ ଷ୍ଟେସନରେ ଶିକ୍ଷକ ଓ ବିଦ୍ୟାର୍ଥୀଙ୍କ ମଧ୍ୟରେ ଯେଉଁ ଆଲୋଚନା ହୁଏ, ତାହା ଉପସ୍ଥିତ ନଥିବା ଶିକ୍ଷାର୍ଥୀ ଇଣ୍ଟରନେଟ୍, ଟେଲିଫୋନ, ଇ-ମେଲ ବା ଚାର୍ଟ ମୋଡ ଜରିଆରେ ଜାଣିହେବ । ଏହା ଶିକ୍ଷାର୍ଥୀମାନଙ୍କ ଉତ୍ତମ ଫଳପ୍ରଦ ।

**କ୍ୟୁଆର୍ କୋଡ୍ ଆଧାରିତ ଶିକ୍ଷାର୍ଥୀ ପାଠ୍ୟ ସାମଗ୍ରୀ ଏବଂ ଅପ୍ଟିକାଲ୍ ଇଲେକ୍ଟ୍ରୋନିକ୍ ରିଡିଂ ଆକ୍ସେସ୍**

ସ୍କୁଲ ଅଫ କମ୍ପ୍ୟୁଟର ଓ ସୂଚନା ବିଜ୍ଞାନ, QR Code

based S.L.M. and OER Access ଯୋଗାଇଦେବା ପାଇଁ ହୋଇଛି । ଏହାଦ୍ୱାରା କାର୍ଯ୍ୟକ୍ରମ ସୂଚୀ, ଭିଡ଼ିଓ ଓ ଶିକ୍ଷାର୍ଥୀଙ୍କ ପାଇଁ ପୁରୁଣା ପ୍ରଶ୍ନପତ୍ର ପ୍ରଦାନ ସୁବିଧା ପାଇଁ ସୁବିଧା ଜ୍ଞାନବାଣୀ ଦ୍ୱାରା ଯୋଗାଇ ଦିଆଯାଉଛି ।

**ଶିକ୍ଷାର୍ଥୀଙ୍କ ସହାୟତା ପାଇଁ ସାମାଜିକ (Social Media) ମାଧ୍ୟମର ସହଯୋଗ**

ବିଶ୍ୱବିଦ୍ୟାଳୟ ତରଫରୁ ସାମାଜିକ ଗଣମାଧ୍ୟମ ସାହାଯ୍ୟରେ ମଧ୍ୟ ଶିକ୍ଷାର୍ଥୀମାନଙ୍କୁ ସହାୟତା ପ୍ରଦାନ କରାଯାଉଛି । ଏହି ପୃଷ୍ଠଭୂମିରେ କମ୍ପ୍ୟୁଟର କୋର୍ସ ଓ ସୂଚନା ବିଜ୍ଞାନ ଭଳି ଦୁଇଟି ସବୁଠାରୁ ଅଧିକ ଲୋକପ୍ରିୟ ପାଠ୍ୟକ୍ରମ ପାଇଁ ଟ୍ୱିଟର୍ ଆକାଉଣ୍ଟ ରହିଛି। ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟର ଅନେକ ଆଞ୍ଚଳିକ କେନ୍ଦ୍ରମାନଙ୍କରେ ଫେସ୍‌ବୁକ୍ ଜରିଆରେ ଶିକ୍ଷାର୍ଥୀମାନଙ୍କୁ ପ୍ରସାରିତ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକୁ ଛୋଟ ଛୋଟ ଭିଡ଼ିଓ ଆକାରରେ ଅପ୍‌ଲୋଡ୍ କରାଯାଇଥାଏ।

**ସର୍ଟ ମେସେଜ୍ ସିଷ୍ଟମ (SMS allert)**

ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟର ଆଞ୍ଚଳିକ କେନ୍ଦ୍ରମାଙ୍କରେ ପାଠ ସମ୍ବନ୍ଧୀୟ ଓ ପ୍ରଶାସିକ କାର୍ଯ୍ୟ ସମ୍ବନ୍ଧୀୟ ସୂଚୀ କ୍ଷୁଦ୍ର ବାର୍ତ୍ତା ପଦ୍ଧତି (SMS) ଦ୍ୱାରା ପଠା ଯାଇଥାଏ ।

**ଇ-ଜ୍ଞାନକୋଷ (e-Guanakosh)**

ଏହି ଜ୍ଞାକୋଷରେ ଇନ୍ଦିରାଗାନ୍ଧି ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ ପାଠ ସମ୍ବନ୍ଧୀୟ ଅକେ ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁ ସଂରକ୍ଷିତ କରି ରଖାଯାଇଥାଏ, ଯାହା ପର୍ଯ୍ୟାୟ କ୍ରମେ ଶିକ୍ଷାର୍ଥୀମାନଙ୍କୁ ଯୋଗାଇ ଦିଆଯାଏ।

**ସ୍ୱୟମ୍ (SWAYAM)**

ଭବିଷ୍ୟତ ବିଦ୍ୟାର କଳେବର ବିଶାଳ ଏବଂ ଏହା ଅନ୍‌ଲାଇନ୍‌ରେ ସଞ୍ଚିତ ହୋଇ ରହିବ । ବର୍ତ୍ତମାନର ଶିକ୍ଷାର୍ଥୀ ବା ଅନ୍ୟ କେହି ଯଦି ତାଙ୍କର ଜ୍ଞା ବୃଦ୍ଧି କରିବାକୁ ଚାହାନ୍ତି, ସେମାନେ ବିନା ଶୁଳ୍କରେ 'ସ୍ୱୟମ୍' ଯୋଜନାରେ ପଢ଼ିପାରିବେ।

> ଅନ୍‌ଲାଇନ୍ ନାମ ଲେଖା ପଦ୍ଧତି ଦ୍ୱାରା ଛାତ୍ରଛାତ୍ରୀମାନେ ନିଜର ନାମଲେଖା ଦରଖାସ୍ତ ଆବଶ୍ୟକ ସାର୍ଟିଫିକେଟ୍ ଅନ୍‌ଲାଇନ୍‌ରେ ଜମା କରିପାରନ୍ତି । ନାମଲେଖା ଅର୍ଥ ମଧ୍ୟ କ୍ରେଡ଼ିଟ୍ କାର୍ଡ / ଡେବିଟ୍ କାର୍ଡ / ନେଟ୍ ବ୍ୟାଙ୍କିଙ୍ଗ ପି.ଓ.ଏସ୍ ମାଧ୍ୟମରେ ପଇଠ କରିପାରନ୍ତି । ଶିକ୍ଷାର୍ଥୀ ଇ-ମେଲ୍ ଓ ଏସ୍.ଏମ୍.ଏସ୍ ଦ୍ୱାରା ସେମାନଙ୍କର ଦରଖାସ୍ତ ଓ ଅନ୍ୟାନ୍ୟ ଆବଶ୍ୟକ କାଗଜ ପତ୍ର ଓ ଅର୍ଥ ଗୃହୀତ ହୋଇଥିବା ସୂଚନା ମଧ୍ୟ ପାଇପାରୁଛନ୍ତି। ଅନ୍‌ଲାଇନ୍ ନାମଲେଖା ପଦ୍ଧତିରେ ବ୍ୟାଙ୍କ ଡ୍ରାଫ୍ଟର ଆବଶ୍ୟକତା ନାହିଁ ।

MHRD ପାଠ୍ୟକ୍ରମ Massive Open Online ପାଇଁ ସାର୍ଟିଫିକେଟ ଓ ଡିପ୍ଲୋମା ସ୍ତରରେ ସାର୍ଟିଫିକେଟ୍ ପ୍ରଦାନ କରାଯାଏ । ୨୦୧୭ ମସିହା ଜୁଲାଇ ଠାରୁ ସ୍ୱୟମ୍‌ର ୧୧ଟି ପାଠ୍ୟକ୍ରମ ଆରମ୍ଭ କରାଯାଇଅଛି ।

**ସ୍ୱୟଂପ୍ରଭା (SWAYAMPRABHA)**

GSAT-15 ମାଧ୍ୟମରେ 'ସ୍ୱୟଂପ୍ରଭା' ପ୍ରକଳ୍ପ ଆରମ୍ଭ କରାଯାଇଛି । ଏହା ଅଧିନରେ (୩୨) DTH ମୁକ୍ତ ଚ୍ୟାନେଲ୍ ଯୋଗାଇ ଦିଆଯାଇଛି, ଯେଉଁଥିରେ ୨୪ ଘଣ୍ଟିଆ ପାଠ୍ୟ ସମ୍ବନ୍ଧୀୟ କାର୍ଯକ୍ରମ ଟେଲିଭିଜନ ଜରିଆରେ ପ୍ରସାର କରାଯାଉଛି । ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ ୫ଟି ବିଭିନ୍ନ ଚ୍ୟାନେଲ୍‌ର ଜାତୀୟ ସହଯୋଗୀ ଭାବେ ଶିକ୍ଷାର ପ୍ରସାର କରୁଛି।

**Virtual Training Lounge (ତାଲିମ ପ୍ରକୋଷ୍ଠ)**

NCIDE ତାଲିମ୍ ଓ ପାରଦର୍ଶିତାର ଉତ୍କର୍ଷ ନିମନ୍ତେ ODL ଏକ ତାଲିମ ପ୍ରକୋଷ୍ଠ ବ୍ୟବସ୍ଥା କରାଯାଇଛି, ଯାହା Web Based Platformରେ କାର୍ଯକାରୀ ହେଉଛି । ଭର୍ଚୁଆଲ୍ ଟ୍ରେନିଂ ମାଧ୍ୟମରେ ବ୍ୟକ୍ତିଗତ ମୋବାଇଲ ଫୋନ୍ ଜରିଆରେ ତଥ୍ୟ ନିଆଯାଇଥାଏ।

**(Innovate) ଇନୋଭେଟ**

ଏହା ଏକ ଇଲେକ୍‌ଟ୍ରୋନିକ୍ ସମ୍ବାଦପତ୍ର ଅଟେ ଯାହା ବିଭିନ୍ନ ଢ଼ଙ୍ଗରେ ନୂଆ ଚିନ୍ତାଧାରା ଓ ଅଭ୍ୟାସ ବିତରଣ ପାଇଁ ଉଦ୍ଦିଷ୍ଟ। ଏହି ଇ-ନ୍ୟୁଜ୍‌ଲେଟର୍‌ରେ ଖ୍ୟାତନାମା ଶିକ୍ଷକମାନେ ସେମାନଙ୍କ ଶିକ୍ଷଣୀୟ ଅଭିଜ୍ଞତା ସମ୍ପର୍କରେ ଉଲ୍ଲେଖ କରିଥାନ୍ତି ।

ଇନୋଭେସନ୍ କ୍ଲବ୍ @ignou ୨୦୧୫ ମସିହାରେ ଆରମ୍ଭ ହୋଇଥିଲା । ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି ନୂଆ ଭାବର ସଂସ୍କୃତି ସୃଷ୍ଟି କରିବା ଓ ନୂଆ ଭାବର ପ୍ରବର୍ତ୍ତନ କରିବା ପାଇଁ ଶିକ୍ଷକ ଓ ଶିକ୍ଷାର୍ଥୀମାନଙ୍କୁ ପ୍ରେରଣା ଦେବା।

IGNOU student App ଶିକ୍ଷାର୍ଥୀମାନଙ୍କ ପାଇଁ ଏକ ନୂତନ ପଦକ୍ଷେପ। ଏହାଦ୍ୱାରା ଶିକ୍ଷାର୍ଥୀମାନେ ନିଜ ପରିଚୟପତ୍ର, ପାଠ୍ୟକ୍ରମ, ପରୀକ୍ଷା ଫଳ ଇତ୍ୟାଦି ସହଜରେ ଜାଣିପାରିବେ। ଏସବୁ ବ୍ୟତୀତ ବିଶ୍ୱବିଦ୍ୟାଳୟ ତରଫରୁ ସୂଚନା ଓ ପ୍ରଯୁକ୍ତି ଆଧାରିତ ଆହୁରି ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି । ଭାରତ ସରକାରଙ୍କ ଡିଜିଲକର୍ ଯୋଜନା ଓ ଜାତୀୟ ଭର୍ଚୁଆଲ୍ ପାଠାଗାର ବ୍ୟବସ୍ଥାକୁ ଦକ୍ଷ ଭାବରେ ଆପଣେଇବା ପାଇଁ ପ୍ରଚେଷ୍ଟା ଚାଲିଛି। ପୁନଶ୍ଚ ଶିକ୍ଷାର୍ଥୀକେନ୍ଦ୍ରିକ ଓ୍ୱେବ୍‌ସାଇଟ୍, ଓ୍ୱେବ୍ ଇଣ୍ଟରଫେସ୍, କ୍ୟାମ୍ପସ୍ ଓ୍ୱାଇଫାଇ ଆଦି ପଦକ୍ଷେପ ଦ୍ୱାରା ଶିକ୍ଷାର୍ଥୀଙ୍କ ଜ୍ଞାନ ଆହରଣ ପ୍ରକ୍ରିୟାକୁ ସହଜ ଓ ସୁଗମ କରାଯାଇପାରିଛି।

ଲେଖକ ଦ୍ୱୟ ଭୁବନେଶ୍ୱରସ୍ଥିତ ଇଗ୍‌ନୁ ଆଞ୍ଚଳିକ କାର୍ଯ୍ୟାଳୟରେ କାର୍ଯ୍ୟରତ।

# କୃଷି କ୍ଷେତ୍ରରେ ସୂଚନା ପ୍ରଯୁକ୍ତି ବିଦ୍ୟା ଉପଯୋଗ

ନଟବର ଖୁଣ୍ଟିଆ

ସଭ୍ୟତାର ଆରମ୍ଭରୁ ମାନବ ସମାଜର କ୍ରମାଗତ ଭାବରେ ପରିବର୍ତ୍ତନ ଚାଲିଛି । କୃଷି ସଭ୍ୟତାରୁ ଆରମ୍ଭ ହୋଇଥିବା ସମାଜରେ ଆସିଲା ଶିଳ୍ପ ବିପ୍ଳବ । ଏବେ ଆସିଛି କାରିଗରୀ କୌଶଳର ବିପ୍ଳବ । ମାନବ ସମାଜର ପରିବର୍ତ୍ତନ ପ୍ରତିଦିନ ଚାଲିଛି। ଏହି ପରିବର୍ତ୍ତନ ମାନବ ସମାଜର ଦୈନନ୍ଦୀନ ଜୀବନଯାପନ ପ୍ରଣାଳୀରେ ବ୍ୟାପକ ପରିବର୍ତ୍ତନ ଆଣିବା ସହିତ ସମାଜକୁ ବିଭିନ୍ନ ଭାବରେ ପ୍ରଭାବିତ କରିବାରେ ବ୍ୟାପକ ସୁଯୋଗ ସୃଷ୍ଟି କରିଛି।

ବର୍ତ୍ତମାନର ଡିଜିଟାଲ୍ ବିପ୍ଳବ ଭାରତର ଅର୍ଥନୈତିକ ବିକାଶକୁ ତ୍ୱରାନ୍ୱିତ କରିବା ସହିତ ଯୁବ ସମାଜକୁ କର୍ମଯୋଗାଣ ଠାରୁ ଆରମ୍ଭ କରି କୃଷି ଓ ଗ୍ରାମାଞ୍ଚଳ ବିକାଶ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଦେଶର ସମସ୍ତ ଅଞ୍ଚଳକୁ ଇଣ୍ଟରନେଟ୍‌ରେ ଯୋଡ଼ିବା ପାଇଁ ଆମର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୃଢ଼ ସଂକଳ୍ପ ନେଇ ଯେଉଁ କାର୍ଯ୍ୟ ଆରମ୍ଭ କରିଛନ୍ତି ସେଥିରୁ କେବଳ ସହରାଞ୍ଚଳର ଲୋକେ ନୁହଁନ୍ତି ଗ୍ରାମାଞ୍ଚଳରେ ବାସ କରୁଥିବା ଗରିବ ଓ ବଞ୍ଚିତବର୍ଗ କିପରି ଲାଭ ଉଠାଇବେ, ସେଥିପାଇଁ ବିଭିନ୍ନ ଯୋଜନ କାର୍ଯ୍ୟକାରୀ କରାଉଛନ୍ତି। କୃଷକ, କୃଷି ଶ୍ରମିକ, ଭୂମିହୀନମାନେ କିପରି ଆର୍ଥିକ ଅନ୍ତର୍ଭୁକ୍ତୀକରଣ ହେବେ ସେଥିପାଇଁ ବିଭିନ୍ନ ଯୋଜନା ପ୍ରସ୍ତୁତ କରି ସେମାନଙ୍କ ନିକଟରେ ଡିଜିଟାଲ୍ ଇଣ୍ଡିଆ ମାଧ୍ୟମରେ ପହଞ୍ଚାଇ ଦିଆଯାଉଛି ।

ଡିଜିଟାଲ୍ ଭାରତର ଯାତ୍ରା ସବୁବର୍ଗକୁ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ମାଧ୍ୟମରେ ଏକ ଉଜ୍ଜ୍ୱଳ ବିକଶିତ ଭାରତର ଭବିଷ୍ୟତ ଗତିପଥକୁ ପଥ ପ୍ରଦର୍ଶନ କରୁଛି, ଯାହା ଫଳରେ ୨୦୨୪ ସୁଦ୍ଧା ଭାରତର ଅର୍ଥନୀତି ବିଶ୍ୱର ବିଭିନ୍ନ ଦେଶର ଅର୍ଥନୀତି ମଧ୍ୟରେ ତୃତୀୟ ସ୍ଥାନ ଅଧିକାର କରି ଜିଡିପିର ମୂଲ୍ୟ ହେବ ୫ କୋଟି ଲକ୍ଷ ଡଲାର।

ବିଶ୍ୱସାରା ଏହା ସ୍ୱୀକୃତ ଯେ, ଅର୍ଥନୈତିକ ବିକାଶକୁ ଦୀର୍ଘସ୍ଥାୟୀ କରିବାକୁ ହେଲେ ସମାଜର ପ୍ରତ୍ୟେକ ବର୍ଗର ଲୋକେ ବିଶେଷକରି ଦରିଦ୍ର ଓ ବଞ୍ଚିତ ବର୍ଗ ଏହି ବିକାଶ ଯାତ୍ରାରେ ସାମିଲ୍ ହେବେ। ସମସ୍ତଙ୍କୁ ଅନ୍ତର୍ଭୁକ୍ତକରଣ କରି ଦରିଦ୍ର ଓ ବଞ୍ଚିତ ବର୍ଗ କିପରି ସୁବିଧା ସୁଯୋଗ ପାଇବେ ସେଥିପାଇଁ ଭାରତ ସରକାର ଯୋଜନା ପ୍ରସ୍ତୁତ କରି କାର୍ଯ୍ୟକାରୀ କରୁଛନ୍ତି।

୧୯୬୯ ମସିହାରେ ବ୍ୟାଙ୍କ୍ ଜାତୀୟକରଣ ହେବା ପରେ ଧୀରେ ଧୀରେ ବ୍ୟାଙ୍କ୍ ସେବା ଗ୍ରାମାଞ୍ଚଳରେ ବାସ କରୁଥିବା କୃଷକ ଓ କୃଷି ଶ୍ରମିକ ଆଦିଙ୍କ ପାଖରେ ପହଞ୍ଚିଲେ ବି ତାହା ଯଥେଷ୍ଟ ନଥିଲା। ଅଧିକାଂଶ ଗ୍ରାମାଞ୍ଚଳବାସୀଙ୍କ ବ୍ୟାଙ୍କ୍ ଆକାଉଣ୍ଟ ନଥିବାରୁ ସେମାନେ ବ୍ୟାଙ୍କ୍‌ରୁ ମିଳୁଥିବା ସୁବିଧା ସୁଯୋଗ ନପାଇ ନିଜ ନିଜର ଆର୍ଥିକ ବିକାଶକୁ ତ୍ୱରାନ୍ୱିତ କରିପାରୁ ନଥିଲେ। ଗ୍ରାମାଞ୍ଚଳବାସୀ କିପରି ବ୍ୟାଙ୍କ୍ ଦେଉଥିବା ବିଭିନ୍ନ ପ୍ରକାର ଋଣ ଓ ଋଣ ଯୋଜନାରେ ସାମିଲ୍ ହେବେ ସେଥିପାଇଁ ଚିନ୍ତା କରାଗଲା। ଫଳସ୍ୱରୂପ ପ୍ରଧାନମନ୍ତ୍ରୀ ୨୦୧୪ ମସିହା ଅଗଷ୍ଟ ୧୫ ତାରିଖ ଦିନ ଲାଲ୍‌କିଲ୍ଲାରୁ ତାଙ୍କ ସ୍ୱାଧୀନତା ଦିବସ ଭାଷଣରେ 'ପ୍ରଧାନମନ୍ତ୍ରୀ ଜନଧନ ଯୋଜନା' ଘୋଷଣା କଲେ, ଏହା ଏକ ଜାତୀୟ କାର୍ଯ୍ୟକ୍ରମ



ଥିଲା । ଏହି ଯୋଜନାର ଲକ୍ଷ୍ୟ ଥିଲା ଦେଶର ପ୍ରତ୍ୟେକ ପରିବାର କିପରି ଅର୍ଥନୈତିକ ବିକାଶର ଅନ୍ତର୍ଭୁକ୍ତୀକରଣ ହୁଅନ୍ତୁ । ଏହି ଯୋଜନା ମାଧ୍ୟମରେ ଦେଶର ପ୍ରତ୍ୟେକ ପରିବାରର ଅନ୍ତତଃ ଗୋଟିଏ ବ୍ୟାଙ୍କ୍ ଆକାଉଣ୍ଟ ରହିବ ଯାହାଦ୍ୱାରା ସେ ପରିବାରର ବ୍ୟାଙ୍କ୍‌ରେ ନେଣ ଦେଣ କରିପାରିବ । ବ୍ୟାଙ୍କ୍ ଋଣ ପାଇଁ ସୁଯୋଗ ପାଇପାରିବ । ଏହାବ୍ୟତୀତ ବ୍ୟାଙ୍କ୍‌ରେ ଆକାଉଣ୍ଟ ଖୋଲିବା ବ୍ୟକ୍ତି 'ରୂପେ ଡେବିଟ୍ କାର୍ଡ' ପାଇବେ, ଯେଉଁଥିରେ ଦୁର୍ଘଟଣା ବୀମା ୧ ଲକ୍ଷ ଟଙ୍କା ମିଳିବ ଏବଂ ଜୀବନ ବୀମା ୩୦ ହଜାର ଟଙ୍କା ପର୍ଯ୍ୟନ୍ତ ମିଳିବ ଯାହା ନାମରେ ରୂପେ କାର୍ଡ ଥିବ ।

ଏହି ଯୋଜନାରେ କେନ୍ଦ୍ର ସରକାର, ରାଜ୍ୟ ସରକାର, ସ୍ଥାନୀୟ ପୌର ପରିଷଦ ଦେଉଥିବା ବିଭିନ୍ନ ସାହାଯ୍ୟ ଜନଧନ ଆକାଉଣ୍ଟ ମାଧ୍ୟମରେ ଦିଆଯିବ ଅର୍ଥାତ୍ ସିଧାସଳଖ ସମ୍ପୃକ୍ତ ସଂସ୍ଥା ହିତାଧିକାରୀଙ୍କ ଆକାଉଣ୍ଟରେ ଅର୍ଥ ଜମା କରିବେ । ଏହାଫଳରେ ସରକାରୀ ଅନୁଦାନର ବାଟମାରଣା ଆଉ ହେବ ନାହିଁ ।

ପ୍ରଥମଥର ପାଇଁ ତିନିଗୋଟି ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମ ମଧ୍ୟ ପ୍ରବର୍ତ୍ତନ କରାଗଲା । ଏହି ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମଗୁଡ଼ିକ ହେଲା- ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଓ ଅଟଳ ପେନ୍‌ସନ ଯୋଜନା । ଏହି ଯୋଜନାଗୁଡ଼ିକ ସାଧାରଣ ଗରିବ ଲୋକଙ୍କ ନିକଟରେ ବ୍ୟାଙ୍କ୍ ମାଧ୍ୟମରେ ପହଞ୍ଚାଇ ଦିଆଗଲା । ଏହି ସବୁ ଯୋଜନା ହିତାଧିକାରୀଙ୍କ ପରିବାରକୁ ଆର୍ଥିକ ସୁରକ୍ଷା ଦେବାରେ ସମର୍ଥ ହେଉଛି । ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନା ଅନୁଯାୟୀ ଯେକୌଣସି କାରଣରୁ ମୃତ୍ୟୁ ହେଲେ ବି ଯେଉଁମାନେ ୧୮ରୁ ୫୦ ବର୍ଷ ମଧ୍ୟରେ ବୀମା କରିଥିଲେ ୫୫ ବର୍ଷ ପର୍ଯ୍ୟନ୍ତ ବୀମା ମିଳିବ ୨ ଲକ୍ଷ ଟଙ୍କା, ଯଦି ସେମାନଙ୍କର ବ୍ୟାଙ୍କ୍‌ରେ ଜମାଖାତା ଥିବ । ଏହି ବୀମା ପାଇଁ ବାର୍ଷିକ ୩୩୦ ଟଙ୍କା ବୀମା ପ୍ରିମିୟମ୍ ଦେବାକୁ ହେବ । ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ମାଧ୍ୟମରେ ୧୮ରୁ ୭୦ ବର୍ଷ ବୟସର ଯେଉଁ ଲୋକମାନଙ୍କର ବ୍ୟାଙ୍କ୍ ଖାତା ଥିବ ଆଉ ତାହା ଆଧାରକାର୍ଡ ସହିତ ଯୋଡ଼ା ଯାଇଥିବ ଓ ମାତ୍ର ୧୨ ଟଙ୍କା ପ୍ରିମିୟମ୍ ଦେଉଥିବ ଯାହା ମାସକୁ ମାତ୍ର ୧ ଟଙ୍କା, ସେ ସ୍ଥଳରେ ଦୁର୍ଘଟଣାରେ ମୃତ୍ୟୁ ହେଲେ କିମ୍ବା ସମ୍ପୂର୍ଣ୍ଣ ଭାବରେ ଅକର୍ମଣ୍ୟ ହେଲେ ବୀମାରାଶି ୨ ଲକ୍ଷ ଟଙ୍କା ମିଳିବ ଏବଂ ଅର୍ଦ୍ଧ ଅକର୍ମଣ୍ୟ ହେଲେ ୧ ଲକ୍ଷ ଟଙ୍କା ବୀମାରାଶି ମିଳିବ । ଅଟଳ ପେନ୍‌ସନ ଯୋଜନା ଅନୁସାରେ ୧୮ରୁ ୪୦ ବର୍ଷ ମଧ୍ୟରେ ଯେଉଁମାନେ ଅଣସଂଗଠିତ କ୍ଷେତ୍ରରେ କାମ କରନ୍ତି ସେମାନଙ୍କ ପାଇଁ ପେନ୍‌ସନ ବ୍ୟବସ୍ଥା ହୋଇଛି । ନିର୍ଦ୍ଧାରିତ ପରିମାଣର ଅର୍ଥ ସେମାନଙ୍କ ବ୍ୟାଙ୍କ୍ ଆକାଉଣ୍ଟରୁ କଟାହୋଇ ଜାତୀୟ ପେନ୍‌ସନ ପାଣ୍ଠିରେ ଜମା ହେବ । ସମୟ ଓ ଜମା କରୁଥିବା ଅର୍ଥକୁ ହିସାବକୁ ନେଇ ଜଣେ ଲୋକକୁ ୬୦ ବର୍ଷ ହେଲେ ମାସକୁ ୧୦୦୦ ଟଙ୍କାରୁ ୫୦୦୦ ଟଙ୍କା ପେନ୍‌ସନ୍ ମିଳିବ ।

ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଅନୁଯାୟୀ ଯେଉଁମାନେ ବ୍ୟାଙ୍କ୍‌ରେ ଜମାଖାତା ଖୋଲିଥିଲେ, ସେମାନଙ୍କ ମଧ୍ୟରୁ କେତେଜଣଙ୍କ ଆକାଉଣ୍ଟରେ ଦେଣ ନେଣ ନକରିବା ଯୋଗୁଁ ଅଚଳ ହୋଇ ପଡ଼ିଥିଲା । କିନ୍ତୁ ଯେତେବେଳେ ବିମୁଦ୍ରୀକରଣ ହେଲା ପ୍ରାୟ ପ୍ରତ୍ୟେକ ଖାତାରେ ଟଙ୍କା ଜମା ହେଲା । ଏତେ ସଂଖ୍ୟାରେ ଜନଧନ ଯୋଜନାରେ ଆକାଉଣ୍ଟ ଖୋଲିଛି ଯାହା ଗିନିଜ୍ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇଛି । ଏପ୍ରିଲ୍ ୩, ୨୦୧୯ ସୁଦ୍ଧା ଜନଧନ ବ୍ୟାଙ୍କ୍ ଆକାଉଣ୍ଟର ସଂଖ୍ୟା ହେଲା ୩୫.୩୯ କୋଟି ଏବଂ ଜମା ହୋଇଛି ୯୭୬୬୫.୬୬ କୋଟି ଟଙ୍କା ଏବଂ ନେସ୍‌ନାଲ୍ ପେମେଣ୍ଟ୍‌ସ କର୍ପୋରେସନ୍ ୨୪.୧୯ କୋଟିରୁ ଅଧିକ ରୂପେ ଡେବିଟ୍ କାର୍ଡ ଦେଇଛନ୍ତି ଜନଧନ ଆକାଉଣ୍ଟ ଖୋଲିଥିବା ଜମାକାରୀଙ୍କୁ । ଏହି ଯେଉଁ ସଫଳତା ଆସିଛି ତାହା କେନ୍ଦ୍ର ସରକାର ନେଇଥିବା ବିଭିନ୍ନ ପଦକ୍ଷେପ ଯୋଗୁଁ । ଏଥିରେ ବ୍ୟାଙ୍କ୍‌ମାନେ ସହଯୋଗର ହାତ ବଢ଼ାଇଛନ୍ତି । ବ୍ୟାଙ୍କ୍ ଆକାଉଣ୍ଟ ମାଧ୍ୟମରେ କିପରି ସାଧାରଣ ଲୋକ ଉଭୟ ଜମା କରିବାରେ ଓ ଋଣ ନେବାରେ ସଫଳ ହୋଇଛନ୍ତି, ଏହା ତାହାର ଉଦାହରଣ ।

ବିଭିନ୍ନ ଜାତୀୟ ଅନୁଷ୍ଠାନର ଏହି ଜନଧାନ ଯୋଜନାର ସମୀକ୍ଷା କଲାବେଳେ ଜଣାପଡ଼ିଛି ଯେ, ଗ୍ରାମାଞ୍ଚଳରେ ଗରିବ, ଭୂମିହୀନ, କ୍ଷୁଦ୍ର ଓ ନାମମାତ୍ର ଚାଷୀମାନେ ଜନଧନ ଆକାଉଣ୍ଟ ଖୋଲି ସେମାନଙ୍କର ଜମା କରିବା ଅଭ୍ୟାସକୁ ତ୍ୱରାନ୍ୱିତ କରିଛନ୍ତି । ମହିଳାମାନେ, ବିଶେଷକରି ସ୍ୱଂୟସହାୟକ ଗୋଷ୍ଠୀର ମହିଳାମାନେ ଏଥିରେ ଆଗୁଆ ଭୂମିକା ଗ୍ରହଣ କରିଛନ୍ତି । ଜନଧନ ଆକାଉଣ୍ଟ ସହ ଆଧାର କାର୍ଡ ଯୋଡ଼ିହେବା ଯୋଗୁଁ ପେନ୍‌ସନ, ସବ୍‌ସିଡି, ଇତ୍ୟାଦି ସିଧାସଳଖ ଆକାଉଣ୍ଟରେ ଜମା ହେଉଛି ଯାହାଫଳରେ ଅର୍ଥ ବାଟମାରଣା ହେଉନାହିଁ । ବୀମରାଶି ଟଙ୍କା ମଧ୍ୟ ଏହି ଆକାଉଣ୍ଟରେ ସିଧାସଳଖ ଜମା ହେଉଛି । ବ୍ୟାଙ୍କ୍ ଶାଖା ବ୍ୟତୀତ ଗ୍ରାମାଞ୍ଚଳରେ ବ୍ୟାଙ୍କ୍ ପ୍ରତିନିଧିମାନେ ଗାଁ ଗାଁ ବୁଲି ଜନଧନ ଆକାଉଣ୍ଟ ଥିବା ହିତାଧିକାରୀଙ୍କ ସହ ସମ୍ପର୍କ କରି ବିଭିନ୍ନ ସେବା ଯୋଗାଇ ଦେଉଛନ୍ତି । ଏହି ବ୍ୟାଙ୍କ୍ ପ୍ରତିନିଧିମାନେ ଦିନକୁ ଅନ୍ତତଃ ୪ ଘଣ୍ଟା ଗାଁ ଗାଁ ବୁଲି ସପ୍ତାହରେ ଅନ୍ତତଃ ୫ ଦିନ ହିତାଧିକାରୀମାନଙ୍କ ପାଖରେ ସେବା ଯୋଗାଇ ଦିଅନ୍ତି । ଜନଧନ ଯୋଜନା ବାସ୍ତବିକ ଏକ ଦୀର୍ଘସ୍ଥାୟୀ ସାର୍ବଜନୀନ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଯୋଜନା, ଯାହାକି ଡିଜିଟାଲ୍ ଭାରତ କାର୍ଯ୍ୟକ୍ରମ ଯୋଗୁଁ ସମାଜର ଏକ ମୁଖ୍ୟ ଅଂଶ- କ୍ଷୁଦ୍ର ଓ ନାମମାତ୍ର ଚାଷୀ, ଭୂମିହୀନ ଶ୍ରମିକ, ମହିଳାମାନେ ଉପକୃତ ହେଉଛନ୍ତି ।

ମହାତ୍ମାଗାନ୍ଧୀ ଜାତୀୟ କର୍ମ ନିଯୁକ୍ତି ନିଶ୍ଚିତ ଆଇନ ଅନୁଯାୟୀ ଗ୍ରାମାଞ୍ଚଳରେ ଆବଶ୍ୟକ ନିଯୁକ୍ତି ପାଉନଥିବା ଅବା ମୂଲମଜୁରୀ ପାଉଥିବା ନଥିବା ଗରିବ ଶ୍ରମିକମାନେ କିପରି କାମ ପାଇବେ ସେଥିପାଇଁ ଏହି ଯୋଜନାର ସୃଷ୍ଟି । ଗ୍ରାମାଞ୍ଚଳରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରିବା ପାଇଁ ଶ୍ରମିକମାନଙ୍କୁ ଉପଯୋଗ କରାଯାଏ, ଯେଉଁମାନେ କାମ ନପାଇ ବେକାର ହୋଇ ରହନ୍ତି ସେମାନେ ବିଭିନ୍ନ ଉନ୍ନୟନମୂଳକ କାମରେ ନିଯୁକ୍ତ ପାଇପାରନ୍ତି । ଏହି ଶ୍ରମିକମାନେ ନିର୍ଦ୍ଦିଷ୍ଟ ହାରରେ ମଜୁରୀ ପାଆନ୍ତି । ଅନୁଭୂତିରୁ ଜଣାଗଲା- ଅନ୍ୟ ଆକାଉଣ୍ଟରେ



ସେମାନଙ୍କ ମଜୁରୀ ଦେଲେ କେତେକ ଅସାଧୁ କର୍ମଚାରୀ ସେହି ମଜୁରୀ ଅର୍ଥରୁ ବାଟମାରଣା କରନ୍ତି। ଏହା ଅନୁଭବ କଲାପରେ ନିୟମ ହୋଇଛି ଯେ, ଯୋଜନାରେ କାମ କରୁଥିବା ଶ୍ରମିକମାନଙ୍କର ମଜୁରୀ ଅନ୍ୟ ଆକାଉଣ୍ଟରେ ନ ଦେଇ ବ୍ୟାଙ୍କ୍ ଆକାଉଣ୍ଟ ମାଧ୍ୟମରେ ପଇଠ ହେବ। ଏହାଦ୍ୱାରା ଗ୍ରାମାଞ୍ଚଳର ଦିନମଜୁରୀଆମାନେ ଉପକୃତ ହେଉଛନ୍ତି। ଏହି କାର୍ଯ୍ୟକ୍ରମରେ ମଧ୍ୟ ଅନେକ ଗ୍ରାମାଞ୍ଚଳ ମହିଳା ଶ୍ରମିକ ସାମିଲ୍ ହୋଇ ଶୋଷଣରୁ ମୁକ୍ତି ପାଇଛନ୍ତି।

ଭାରତ ଏକ କୃଷି ପ୍ରଧାନ ଦେଶ। ଏଠି ପ୍ରାୟ ତିନି ଚତୁର୍ଥାଂଶ ଗ୍ରାମାଞ୍ଚଳରେ ବସବାସ କରି କୃଷି ଓ କୃଷି ଆନୁସଙ୍ଗିକ ବୃତ୍ତି ଉପରେ ନିର୍ଭର କରି ଜୀବନଯାପନ କରନ୍ତି। ଯଦି ଏହି ଗ୍ରାମାଞ୍ଚଳରେ ବାସ କରୁଥିବା ଲୋକମାନଙ୍କୁ ଆମେ ଆର୍ଥିକ ସଶକ୍ତିକରଣ ନ କରିବା ତେବେ ଭାରତ ବର୍ଷର ସାମଗ୍ରିକ ବିକାଶ ସମ୍ଭବ ହେବନାହିଁ। ସୁତରାଂ ଡିଜିଟାଲ୍ ଭାରତ ମାଧ୍ୟମରେ ଯେଉଁସବୁ ସେବା ଓ ସୂଚନା ସାରା ଦେଶର ଲୋକଙ୍କୁ ଯୋଗାଇ ଦିଆଯାଉଛି ସେସବୁ ସେବା ଆଦି ଗ୍ରାମାଞ୍ଚଳବାସୀଙ୍କ ନିକଟରେ ପହଞ୍ଚାଇବା ପାଇଁ ଉଦ୍ୟମ ହେଉଛି। ଏହି ସେବା ଓ ସୂଚନା ଫଳରେ ଗ୍ରାମୀଣ ଭାରତବାସୀ ଆଜି ଉପକୃତ ହୋଇ ନିଜର ଆର୍ଥିକ ସ୍ଥିତିରେ ସୁଧାର ଆଣୁଛନ୍ତି।

କୃଷି ଆମ ଅର୍ଥନୀତିର ମେରୁଦଣ୍ଡ ହୋଇଥିବାରୁ କୃଷି କ୍ଷେତ୍ରରେ କିପରି ଉତ୍ପାଦନ ବଢ଼ିବ, ଉତ୍ପାଦିକା ଶକ୍ତି ବୃଦ୍ଧି ପାଇଁ କୃଷିଜାତ ଦ୍ରବ୍ୟ ଲାଭଜନକ ମୂଲ୍ୟରେ ବିକ୍ରି ହେବ, ସେଥିପାଇଁ ଡିଜିଟାଲ୍ କାରିଗରୀ କୌଶଳର ଉପଯୋଗ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି।

କୃଷିର ବିକାଶ ପାଇଁ ଗବେଷଣାଗାରରେ ଯାହାସବୁ ନୂତନ ତଥ୍ୟ ଏବଂ ଚାଷ ପ୍ରଣାଳୀ ଆବିଷ୍କୃତ ହେଉଛି ସେସବୁ ସୂଚନା କିପରି ଚାଷୀଙ୍କ ନିକଟରେ ପହଞ୍ଚିବ ସେଥିପାଇଁ ବିଭିନ୍ନ ଡିଜିଟାଲ୍ କାରିଗରୀ କୌଶଳ ମାଧ୍ୟମରେ ଚାଷୀମାନଙ୍କ ନିକଟରେ ପହଞ୍ଚାଇବା ଉଦ୍ୟମ ହେଉଛି। ସେହି ମାଧ୍ୟମଗୁଡ଼ିକ ହେଲା- ଗ୍ରାମାଞ୍ଚଳରେ ଟେଲିଫୋନ୍ ସେବା, ଇଣ୍ଟରନେଟ୍ ସେବା, ଚ୍ୟାନେଲ୍ ଟିଭି ସେବା, ରେଡିଓ ସେବା, ସାଟେଲାଇଟ୍ ସେବା, କମ୍ପ୍ୟୁଟର ସେବା, ମୋବାଇଲ୍ ଟେଲିଫୋନ୍ ସେବା। ଏହିସବୁ ସେବାକୁ ଗ୍ରାମାଞ୍ଚଳରେ ସମ୍ପ୍ରସାରଣ କରାଯାଉଛି। ଚାଷୀଙ୍କୁ ଯେଉଁ ସରକାରୀ ସାହାଯ୍ୟ- ପ୍ରାକୃତିକ ବିପତ୍ତି ସମୟରେ ଦିଆଯାଏ ଅବା ବୀମା ରାଶି ଦିଆଯାଏ କିମ୍ବା ବିଭିନ୍ନ ପ୍ରକାର ସବ୍‌ସିଡି ଦିଆଯାଏ ତାହାକୁ ଚାଷୀମାନଙ୍କର ବ୍ୟାଙ୍କ୍ ଆକାଉଣ୍ଟ୍ ମାଧ୍ୟମରେ ଯଥାଶୀଘ୍ର ପଇଠ ହେଉଛି। ଏହାଦ୍ୱାରା ଅତିଶୀଘ୍ର ଚାଷୀ ଅର୍ଥ ପାଉଥିବା ବେଳେ ବାଟମାରଣାରୁ ବର୍ତ୍ତି ଯାଉଛନ୍ତି।

ନିକଟରେ ଏକ ନୂତନ ଯୋଜନା ଚାଷୀମାନଙ୍କ ପାଇଁ କାର୍ଯ୍ୟକାରୀ ହେଉଛି। ସେ ହେଲା 'ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି' ଯୋଜନା। ଏହି ଯୋଜନା ମାଧ୍ୟମରେ ବାର୍ଷିକ ୬ ହଜାର ଟଙ୍କା କରି ଦେଶରେ ଥିବା ପ୍ରତ୍ୟେକ ଚାଷୀଙ୍କୁ ଦିଆଯିବ ବାର୍ଷିକ ତିନିଗୋଟି

କିସ୍ତିରେ। ଏହି ଟଙ୍କା ନେଇ ଚାଷୀ ଚାଷ କରିବା ପାଇଁ ଆବଶ୍ୟକ ନିବେଶ କିଣି ତାର ଉତ୍ପାଦନ ଖର୍ଚ୍ଚରେ କିଛି ଅଂଶ ମେଣ୍ଟାଇବ। ପ୍ରଥମେ ସରକାର ଘୋଷଣା କରିଥିଲେ ଯେ, କେତେକ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ଏହି ସୁବିଧା ଦେବେ। କିନ୍ତୁ ଏବେ ପୂର୍ଣ୍ଣାଙ୍ଗ ବଜେଟ୍‌ରେ ଘୋଷଣା କରିଛନ୍ତି ନାମମାତ୍ର ଚାଷୀଙ୍କ ଠାରୁ ଆରମ୍ଭ କରି ବଡ଼ ଚାଷୀ ପର୍ଯ୍ୟନ୍ତ ସମସ୍ତେ ଏହି ସୁବିଧା ପାଇବେ। ୧୫ କୋଟି ଚାଷୀଙ୍କୁ ବାର୍ଷିକ ୬ ହଜାର ଟଙ୍କା କରି ଦିଆଯିବ। ଏହିସବୁ ଅର୍ଥ ଚାଷୀମାନଙ୍କର ଆକାଉଣ୍ଟକୁ ସିଧାସଳଖ ପଠାଯିବ ବ୍ୟାଙ୍କ୍ ମାଧ୍ୟମରେ। ଏହି ଯୋଜନାରେ ଡିଜିଟାଲ୍ କାରିଗରୀ କୌଶଳ ଉପଯୋଗ ହେଉଥିବାରୁ ଚାଷୀ ସଙ୍ଗେ ସଙ୍ଗେ ପୂର୍ଣ୍ଣ ସାହାଯ୍ୟ ପାଇପାରିବ। ଅର୍ଥ ଆଉ ଅସାଧୁ କର୍ମଚାରୀଙ୍କ ଦ୍ୱାରା ବାଟମାରଣା ହେବ ନାହିଁ। ଏହି ଯୋଜନାରେ ବାର୍ଷିକ ଅର୍ଥ ହେବ ୭୮ ହଜାର କୋଟି ଟଙ୍କା।

ବିନା ଦେୟରେ କୃଷକ ସେମାନଙ୍କର ସମସ୍ୟାର କିପରି ସମାଧାନ କରିବେ ସେଥିପାଇଁ ଭାରତ ସରକାରଙ୍କ କୃଷି ଓ କୃଷକ ମଙ୍ଗଳ ମନ୍ତ୍ରଣାଳୟ ପକ୍ଷରୁ ପ୍ରତ୍ୟେକ ରାଜ୍ୟରେ କିଷାନ୍ କଲ୍ ସେଣ୍ଟର ଖୋଲାଯାଇଛି। ଏହି କଲ୍‌ସେଣ୍ଟର ସହିତ କୃଷକମାନେ ନିଜ ରାଜ୍ୟର ଭାଷାରେ କଥା ହୋଇ ତାଙ୍କ ସମସ୍ୟା ଜଣାଇଲେ ତାର ସମାଧାନର ସୂତ୍ର ବିଶେଷଜ୍ଞମାନେ ତତ୍‌କ୍ଷଣାତ ଜଣାଇବେ। ଏସ୍‌ଏମ୍‌ଏସ୍ ମାଧ୍ୟମରେ କୃଷକମାନେ ମଧ୍ୟ ନିଜର ସମସ୍ୟା ଜଣାଇଲେ ତାର ଉତ୍ତର ପାଇପାରିବେ।

ଏବେ ଟାଟା କମ୍ପାନୀ ତରଫରୁ 'ଟାଟା କିଷାନ କେନ୍ଦ୍ର' ଏବଂ ଆଇଟିସି ତରଫରୁ 'ଇ-ଚୌପାଲ' କେନ୍ଦ୍ର ଖୋଲାଯାଇ ଡିଜିଟାଲ୍ କାରିଗରୀ କୌଶଳ ମାଧ୍ୟମରେ କୃଷକମାନଙ୍କୁ ବିଭିନ୍ନ କୃଷି ପ୍ରଣାଳୀ ତଥ୍ୟ ଯୋଗାଇ ଦିଆଯାଉଛି। ଏମାନେ ରିମୋଟ୍ ସେନ୍‌ସିଂ କାରିଗରୀ କୌଶଳ ପ୍ରୟୋଗ କରି ମାଟି ପରୀକ୍ଷା, ଫସଲର ସ୍ଥିତି, ରୋଗ ପୋକ ଆକ୍ରମଣ ଓ ତା'ର ନିରାକରଣ ସମ୍ବନ୍ଧରେ ଆବଶ୍ୟକ ସୂଚନା ଦେଇ ପାରୁଛନ୍ତି। ଚାଷୀମାନେ ଏହି ପରାମର୍ଶ ଗ୍ରହଣ କରି

ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଅନୁଯାୟୀ ଯେଉଁମାନେ ବ୍ୟାଙ୍କ୍‌ରେ ଜମାଖାତା ଖୋଲିଥିଲେ, ସେମାନଙ୍କ ମଧ୍ୟରୁ କେତେଜଣଙ୍କ ଆକାଉଣ୍ଟରେ ଦେଣ ନେଣ ନକରିବା ଯୋଗୁଁ ଅଚଳ ହୋଇ ପଡ଼ିଥିଲା। କିନ୍ତୁ ଯେତେବେଳେ ବିମୁଦ୍ରୀକରଣ ହେଲା ପ୍ରାୟ ପ୍ରତ୍ୟେକ ଖାତାରେ ଟଙ୍କା ଜମା ହେଲା। ଏତେ ସଂଖ୍ୟାରେ ଜନଧନ ଯୋଜନାରେ ଆକାଉଣ୍ଟ ଖୋଲିଛି ଯାହା ଗିନିଜ୍ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇଛି। ଏପ୍ରିଲ୍ ୩, ୨୦୧୯ ସୁଦ୍ଧା ଜନଧନ ବ୍ୟାଙ୍କ୍ ଆକାଉଣ୍ଟର ସଂଖ୍ୟା ହେଲା ୩୫.୩୯ କୋଟି ଏବଂ ଜମା ହୋଇଛି ୯୭୬୬୫.୬୬ କୋଟି ଟଙ୍କା ଏବଂ ନେସ୍‌ନାଲ୍ ପେମେଣ୍ଟ୍‌ସ କର୍ପୋରେସନ୍ ୨୪.୧୯ କୋଟିରୁ ଅଧିକ ରୂପେ ଡେବିଟ୍ କାର୍ଡ ଦେଇଛନ୍ତି ଜନଧନ ଆକାଉଣ୍ଟ ଖୋଲିଥିବା ଜମାକାରୀଙ୍କୁ। ଏହି ଯେଉଁ ସଫଳତା ଆସିଛି ତାହା କେନ୍ଦ୍ର ସରକାର ନେଇଥିବା ବିଭିନ୍ନ ପଦକ୍ଷେପ ଯୋଗୁଁ। ଏଥିରେ ବ୍ୟାଙ୍କ୍‌ମାନେ ସହଯୋଗର ହାତ ବଢ଼ାଇଛନ୍ତି। ବ୍ୟାଙ୍କ୍ ଆକାଉଣ୍ଟ ମାଧ୍ୟମରେ କିପରି ସାଧାରଣ ଲୋକ ଉଭୟ ଜମା କରିବାରେ ଓ ଋଣ ନେବାରେ ସଫଳ ହୋଇଛନ୍ତି, ଏହା ତାହାର ଉଦାହରଣ।

ବିଭିନ୍ନ ଜାତୀୟ ଅନୁଷ୍ଠାନର ଏହି ଜନଧାନ ଯୋଜନାର ସମୀକ୍ଷା କଲାବେଳେ ଜଣାପଡ଼ିଛି ଯେ, ଗ୍ରାମାଞ୍ଚଳରେ ଗରିବ, ଭୂମିହୀନ, କ୍ଷୁଦ୍ର ଓ ନାମମାତ୍ର ଚାଷୀମାନେ ଜନଧନ ଆକାଉଣ୍ଟ ଖୋଲି ସେମାନଙ୍କର ଜମା କରିବା ଅଭ୍ୟାସକୁ ତ୍ୱରାନ୍ୱିତ କରିଛନ୍ତି। ମହିଳାମାନେ, ବିଶେଷକରି ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନେ ଏଥିରେ ଆଗୁଆ ଭୂମିକା ଗ୍ରହଣ କରିଛନ୍ତି।

ନିଜ ନିଜର ସମସ୍ୟା ସମାଧାନ କରିବା ସହିତ ଉତ୍ପାଦନ ବୃଦ୍ଧି କରି ପାରୁଛନ୍ତି। ବିଭିନ୍ନ କୃଷିଜାତ ଦ୍ରବ୍ୟର କେଉଁଠାରେ କି କି ମୂଲ୍ୟ ଅଛି ତାହା ମଧ୍ୟ ଜାଣି ପାରୁଛନ୍ତି। ଏହି ଦୁଇଟି ସଂସ୍ଥା ଛଡ଼ା ଆକାଶ ଗଙ୍ଗା ପରି ଅନ୍ୟ ଇ-ଡିଜିଟାଲ୍ ସଂସ୍ଥା ମଧ୍ୟ ଚାଷୀମାନଙ୍କ ବିଭିନ୍ନ ସମସ୍ୟାର ସମାଧାନର ଉପାୟ ବତାଇ ପାରୁଛନ୍ତି। ଫସଲର ବିହନ ବୁଣା ଠାରୁ ଅମଳ କରିବା ପର୍ଯ୍ୟନ୍ତ ଯାହା ଯାହା ଜ୍ଞାନକୌଶଳ ଆବଶ୍ୟକ ତା' ମଧ୍ୟ ଚାଷୀ ଏହି ଡିଜିଟାଲ୍ ସାଇଟ୍‌ରୁ ଜାଣିପାରୁଛି।

ସାଧାରଣତଃ କୃଷିଜାତ ଦ୍ରବ୍ୟ ବିକ୍ରୟ ବଜାର ସ୍ଥାନୀୟ ଅଞ୍ଚଳ ମଧ୍ୟରେ ସୀମିତ। କିନ୍ତୁ ସାରା ଦେଶର କୃଷି ବଜାର ସହିତ ପ୍ରତ୍ୟେକ ଅଞ୍ଚଳର ମଣ୍ଡି ସହିତ ଯୋଡ଼ିବା ପାଇଁ ବ୍ୟବସ୍ଥା ହେଲାଣି ଡିଜିଟାଲ୍ କାରିଗରୀ କୌଶଳ ମାଧ୍ୟମରେ। ଏହାଦ୍ୱାରା କେଉଁ ଅଞ୍ଚଳରେ କେଉଁ ଦ୍ରବ୍ୟର ଚାହିଦା ଅଛି ଅବା କେଉଁଠି ଅଧିକ ମୂଲ୍ୟ ମିଳୁଛି ତାହା ଜାଣି ହେଉଛି। ଗୋଟିଏ ରାଜ୍ୟର ମଣ୍ଡିରୁ ଅନ୍ୟ ରାଜ୍ୟର ମଣ୍ଡିକୁ କୃଷିଜାତ ଦ୍ରବ୍ୟ ପଠାଇ ଦିଆଯାଇପାରୁଛି। ଏବେ ଇଲେକ୍‌ଟ୍ରୋନିକ୍ ଜାତୀୟ କୃଷି ବଜାର ଖୋଲାଯାଉଛି, ଯାହାକୁ ସଂକ୍ଷେପରେ 'ଇ-ନାମ' କୁହାଯାଉଛି। ଏହାର ଲକ୍ଷ୍ୟ ହେଲା ଇଣ୍ଟରନେଟ୍ ମାଧ୍ୟମରେ ଦେଶରେ ଥିବା ବିଭିନ୍ନ ମଣ୍ଡି ସହିତ ପରସ୍ପରକୁ ଯୋଡ଼ି କୃଷିଜାତ ଦ୍ରବ୍ୟ ବିପଣନ ବ୍ୟବସ୍ଥାକୁ ଉନ୍ନତ କରି ଚାଷୀଙ୍କୁ ଉପଯୁକ୍ତ ମୂଲ୍ୟ ଦେବା ଓ ଖାଉଟିଙ୍କୁ ମଧ୍ୟ ଉପକୃତ କରିବା। ଗୋଟିଏ ମଣ୍ଡି ଯଦି 'ଇ-ନାମ' ବଜାର ସହ ଯୋଡ଼ିହୁଏ ତେବେ ସେହି ମଣ୍ଡିର ପରିଚାଳନା ମାଧ୍ୟମରେ ଅନ୍ୟ କୌଣସି ମଣ୍ଡିରେ କୃଷିଜାତ ଦ୍ରବ୍ୟର ଚାହିଦା ଓ ମୂଲ୍ୟ ସମ୍ପର୍କରେ ଜାଣି ହେବ। ସେହିପରି ଅନ୍ୟ କୌଣସି ମଣ୍ଡିରେ ସେଠାକାର ଖାଉଟିମାନଙ୍କର ଦ୍ରବ୍ୟ ଅପେକ୍ଷାକୃତ କମ୍ ମୂଲ୍ୟରେ ମିଳୁଥିଲେ ମଧ୍ୟ ସେଠାକୁ ଚାଷୀମାନଙ୍କର ସାମଗ୍ରୀ ନେଇପାରିବେ। ସେସବୁର ପରିବହନ ପାଇଁ ଦେୟ ଦେବାକୁ ଉପଯୁକ୍ତ ବ୍ୟବସ୍ଥା ହୋଇଛି। ଏହାଦ୍ୱାରା ଚାଷୀ ତା'ର ଉତ୍ପାଦିତ ଦ୍ରବ୍ୟର ଲାଭଜନକ ମୂଲ୍ୟ ପାଇବା ପାଇଁ ସକ୍ଷମ ହେଉଛି।

କୃଷକମାନଙ୍କ ନିକଟରେ ଡିଜିଟାଲ୍ କାରିଗରୀ

କୌଶଳ ପହଞ୍ଚାଇବା ପାଇଁ ଅନବରତ ଉଦ୍ୟମ ଆରମ୍ଭ ହୋଇଛି ଭାରତବର୍ଷରେ। ଏସବୁ ସୂଚନା ମୋବାଇଲ୍ ଫୋନ୍, ଇଣ୍ଟରନେଟ୍, ସାମାଜିକ ନେଟ୍ୱାର୍କ ଏବଂ କୃଷକ ଉତ୍ପାଦିତ ସଂଘ ମାଧ୍ୟମରେ ଚାଷୀମାନଙ୍କ ନିକଟରେ ପହଞ୍ଚାଇ ଦିଆଯାଉଛି। ଏବେ ସଂଶୋଧିତ କମ୍ପାନୀ ଆଇନ ବଳରେ ଯେଉଁ କୃଷକ ଉତ୍ପାଦନ ସଂଘ ସାରା ଦେଶର ଗ୍ରାମାଞ୍ଚଳରେ ଗଠିତ ହୋଇ ଚାଷୀମାନଙ୍କର ଉତ୍ପାଦନ କିପରି ବଢ଼ିବ ତା'ର ଉତ୍ପାଦିତ ଦ୍ରବ୍ୟର ପ୍ରକ୍ରିୟାକରଣ ହୋଇ କିପରି ସ୍ଥାନୀୟ ବଜାରରେ, ଅନ୍ୟ ରାଜ୍ୟର ବଜାରରେ, ଏପରିକି ବିଦେଶ ବଜାରରେ ବିକ୍ରି ହୋଇପାରିବ ସେସବୁ ପ୍ରତି ଧ୍ୟାନ ଦେବାବେଳେ ସେହି ସଂଘଗୁଡ଼ିକ ଅଧିକରୁ ଅଧିକ ଡିଜିଟାଲ୍ କାରିଗରୀ କୌଶଳ ମାଧ୍ୟମରେ ବିଭିନ୍ନ ଜ୍ଞାନ ଆହରଣ କରି ସେସବୁକୁ ଚାଷୀଙ୍କ ନିକଟରେ ପହଞ୍ଚାଇବା ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି। ଏହି କୃଷକ ଉତ୍ପାଦନ ସଂଘ ଭବିଷ୍ୟତରେ ଗ୍ରାମାଞ୍ଚଳରେ ଚାଷୀମାନେ କିପରି ଆଜିର ଡିଜିଟାଲ୍ କାରିଗରୀ କୌଶଳ ଦ୍ୱାରା ଉପକୃତ ହୋଇ ନିଜ ନିଜର ଆର୍ଥିକ ବିକାଶକୁ ତ୍ୱରାନ୍ୱିତ କରିପାରିବେ, ସେଥିରେ ମୁଖ୍ୟ ଭୂମିକା ନେବାକୁ ଯାଉଛନ୍ତି। ଉଭୟ କେନ୍ଦ୍ର ସରକାର ଓ ରାଜ୍ୟ ସରକାରମାନେ କୃଷକ ଉତ୍ପାଦକ ସଂଘକୁ ଅଧିକ କାର୍ଯ୍ୟକ୍ଷମ କରିବାକୁ ମିଳିତ ଉଦ୍ୟମ କଲେ ଚାଷୀକୂଳର ବିକାଶ ତ୍ୱରାନ୍ୱିତ ହେବ।

ଭାରତବର୍ଷ ଡିଜିଟାଲ୍ କାରିଗରୀ କୌଶଳ ପ୍ରୟୋଗ କରି ଗ୍ରାମ୍ୟ ଅର୍ଥନୀତିକୁ ପରିପୁଷ୍ଟ କରିବା ପାଇଁ ଯେଉଁ ଉଦ୍ୟମ ଆରମ୍ଭ କରିଛି ତାହା ସାରା ବିଶ୍ୱରେ ଦୃଷ୍ଟି ଆକର୍ଷଣ କରିଛି। ଭାରତବର୍ଷର ଆଇଟି ଟାସ୍କ ଫୋର୍ସ ଏବଂ ନେସ୍‌ନାଲ୍ ୱାର୍କିଂ ଗ୍ରୁପ୍, ସୂଚନା ବିଜ୍ଞାନକୁ ଗ୍ରାମାଞ୍ଚଳରେ ଚାଷୀମାନଙ୍କ ପାଖରେ ପହଞ୍ଚାଇବା ପାଇଁ ନିରନ୍ତର ଗବେଷଣା କରିଚାଲିଛନ୍ତି। ତାହା ଧୀରେ ଧୀରେ ଚାଷୀମାନଙ୍କ ନିକଟରେ ପହଞ୍ଚି ସେମାନଙ୍କର ଆର୍ଥିକ ବିକାଶକୁ ତ୍ୱରାନ୍ୱିତ କରିବାରେ ସାହାଯ୍ୟ କରୁଛି।

ଡିଜିଟାଲ୍ କାରିଗରୀ କୌଶଳର ଭୂମିକା ଦିନକୁ ଦିନ ଖାଦ୍ୟ ନିରାପତ୍ତାକୁ ସୁନିଶ୍ଚିତ କରିବା ସହିତ ଗ୍ରାମାଞ୍ଚଳରେ ଜୀବିକା ନିର୍ବାହ କରିବା ପାଇଁ ବିଭିନ୍ନ ବାଟ ଦେଖାଉଛି। ଏହି ନୂତନ ଜ୍ଞାନକୌଶଳ ଗ୍ରାମୀଣଙ୍କ ପାଖରେ ପହଞ୍ଚାଇବା ପାଇଁ ବିଶ୍ୱବିଦ୍ୟାଳୟମାନେ, ସ୍ୱେଚ୍ଛାସେବୀ ବେସରକାରୀ ଅନୁଷ୍ଠାନମାନେ, ସରକାରୀ ଗବେଷଣା କେନ୍ଦ୍ରମାନେ ଏବଂ କର୍ପୋରେଟ୍ ହାଉସ୍‌ମାନେ ଅନବରତ ଉଦ୍ୟମ କରନ୍ତୁ। ଏହି ସଂସ୍ଥାମାନେ ସ୍ଥାନୀୟ ସମସ୍ୟା ଓ ସମ୍ଭାବନାକୁ ବିଚାରକୁ ନେଇ ଏବଂ ସ୍ଥାନୀୟ ଲୋକମାନଙ୍କର ଅନୁଭୂତିକୁ ପାଥେୟ କରି ସେମାନଙ୍କର ତ୍ୱରିତ ବିକାଶ ପାଇଁ ଯୋଜନା ପ୍ରସ୍ତୁତ କରି କାର୍ଯ୍ୟକାରୀ କରାଇବାକୁ ଉଦ୍ୟମ କଲେ ଭାରତ ବର୍ଷର ଗ୍ରାମାଞ୍ଚଳରେ ଆଉ ଦାରିଦ୍ର୍ୟ ରହିବ ନାହିଁ- ସେମାନେ ମୁଖ୍ୟ ସ୍ରୋତ ସହିତ ମିଶି ସଗର୍ବେ ମଥାଟେକି ସମାଜରେ ବସବାସ କରିପାରିବେ।

ଲେଖକ ହେଉଛନ୍ତି ପୂର୍ବତନ ବରିଷ୍ଠ ବ୍ୟାଙ୍କ୍ ଅଧିକାରୀ, କୃଷି ବିଶେଷଜ୍ଞ ଓ ସ୍ତମ୍ଭକାର।


# Rates for Subscription of Journals

| S. No. | Name of the Journal | Subscription Price Per Copy Rs | Subscription for 1 Year Rs | Subscription for 2 Year Rs | Subscription for 3 Year Rs | Subscription for Special Issue Rs |
|---|---|---|---|---|---|---|
| 1. | Yojana* | 22 | 230 | 430 | 610 | 30 |
| 2. | Kurukshetra* | 22 | 230 | 430 | 610 | 30 |
| 3 | Ajkal* | 22 | 230 | 430 | 610 | 30 |
| 4. | Bal Bharti* | 15 | 160 | 300 | 420 | 20 |
| 5. | Employment News# | 12 | 530 | 1000 | 1400 | NA |

## ଆପଣ ଜାଣନ୍ତି କି ?

# ଇ-ସ୍ୱାସ୍ଥ୍ୟ ସେବା

ଜନ ସ୍ୱାସ୍ଥ୍ୟସେବା ପ୍ରଦାନକୁ ଅଧିକ ଦକ୍ଷ କରିବା ପାଇଁ କେନ୍ଦ୍ର ସରକାର ସୂଚନା ଓ ପ୍ରଯୁକ୍ତିବିଦ୍ୟା ଆଧାରିତ ଅନେକ ପଦକ୍ଷେପ ନେଇଛନ୍ତି। ଏହି ଦିଗରେ ସମ୍ପୃକ୍ତ ମନ୍ତ୍ରଣାଳୟ ନିରବଚ୍ଛିନ୍ନ ଭାବେ ପ୍ରୟାସ ଜାରି ରଖିଛି। ସେହି ପଦକ୍ଷେପଗୁଡ଼ିକ ମଧ୍ୟରୁ କେତେକ ନିମ୍ନରେ ପ୍ରଦତ୍ତ କରାଗଲା:-

**ଜାତୀୟ ସ୍ୱାସ୍ଥ୍ୟ ପୋର୍ଟାଲ୍:**

ସ୍ୱାସ୍ଥ୍ୟ ସମ୍ପର୍କିତ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ବାବଦରେ ଜନ ସଚେତନତା ସୃଷ୍ଟି ପାଇଁ ଜାତୀୟ ସ୍ୱାସ୍ଥ୍ୟ ପୋର୍ଟାଲ୍ ଆରମ୍ଭ କରାଯାଇଛି। ଏହା ମାଧ୍ୟମରେ ଜନସାଧାରଣଙ୍କୁ ବର୍ତ୍ତମାନ ହିନ୍ଦୀ, ଇଂରାଜୀ, ତାମିଲ, ଗୁଜରାଟୀ, ବେଙ୍ଗଲୀ ଓ ପଞ୍ଜାବୀ- ଏହିଭଳି ୬ଟି ଭାଷାରେ ସୂଚନା ପ୍ରଦାନ କରାଯାଉଛି। ଏତଦ୍‌ବ୍ୟତୀତ ୧୮୦୦-୧୮୦-୧୧୦୪ ନିଃଶୁଳ୍କ ଟେଲିଫୋନ୍ ନମ୍ବର ମାଧ୍ୟମରେ ଏଭଳି ସୂଚନା ଦିଆଯାଉଛି। ଏଥିପାଇଁ ଏକ ମୋବାଇଲ୍ ଆପ୍‌ର ବ୍ୟବସ୍ଥା ମଧ୍ୟ କରାଯାଇଛି। ୱେବ୍‌ସାଇଟ୍: http://www.nhp.gov.in

**ଇ-ହସ୍ପିଟାଲ୍:**

ସରକାରୀ ଚିକିତ୍ସାଳୟଗୁଡ଼ିକ ପାଇଁ e-Hospital@NIC ଏକ ସୂଚନା ପ୍ରଯୁକ୍ତିବିଦ୍ୟା ଆଧାରିତ ବ୍ୟବସ୍ଥା। ଏଥିରେ ଚିକିତ୍ସାଳୟ ପରିଚାଳନା, ଡାକ୍ତରୀ ଦସ୍ତାବିଜ୍, ମାନବ ସମ୍ବଳ, ରୋଗୀ ସେବା, ପରୀକ୍ଷାଗାର ସେବା ଆଦି ଅନ୍ତର୍ଭୁକ୍ତ।

**ଅନ୍‌ଲାଇନ୍ ପଞ୍ଜିକରଣ ବ୍ୟବସ୍ଥା**

ଜୁଲାଇ ୨୦୧୫ରେ ଏହି ବ୍ୟବସ୍ଥାଟିକୁ ଆରମ୍ଭ କରାଯାଇଥିଲା। ଏଥିରେ ନାଗରିକଙ୍କ ପାଇଁ ଅନ୍‌ଲାଇନ୍ ମାଧ୍ୟମରେ ପଞ୍ଜିକରଣ, ଡାକ୍ତରଙ୍କ ସହ ପରାମର୍ଶ ସକାଶେ ସମୟ, ଡାକ୍ତରୀ ଶୁଳ୍କ ପୈଠ, ଅନ୍‌ଲାଇନ୍ ମାଧ୍ୟମରେ ରୋଗ ପରୀକ୍ଷା ରିପୋର୍ଟ ଓ ରକ୍ତ ଉପଲବ୍ଧତା ଆଦି ସକାଶେ ବ୍ୟବସ୍ଥା କରାଯାଇଛି।




**ମେରା ଆସ୍‌ପାତାଲ୍ ଆପ୍:**

ଏହି ଆପ୍ ମାଧ୍ୟମରେ ଜନସାଧାରଣ ନିଜର ପ୍ରତିକ୍ରିୟା ଜଣାଇ ପାରିବେ। ଜନସାଧାରଣଙ୍କୁ ସରକାରୀ ସ୍ୱାସ୍ଥ୍ୟ ସେବା ସମ୍ପର୍କରେ ନିଜର ମତାମତ ଦେବା ପାଇଁ ଏହି ଆପ୍‌ଟିକୁ ଆରମ୍ଭ କରାଯାଇଛି। ଏହାଦ୍ୱାରା ସ୍ୱାସ୍ଥ୍ୟ ସେବାର ଉତ୍ତରଦାୟିତ୍ୱ ଓ ଦକ୍ଷତା ସୁନିଶ୍ଚିତ କରିବାର ପ୍ରୟାସ କରାଯାଇଛି। ଅବଶ୍ୟ ରୋଗୀଙ୍କ ସନ୍ତୋଷ/ଅସନ୍ତୋଷଜନିତ ପ୍ରତିକ୍ରିୟା ଜାଣିବା ପାଇଁ ଏହି ଆପ୍ ବ୍ୟତୀତ ଏସ୍‌ଏମ୍‌ଏସ୍, ଟେଲିଫୋନ୍ ଏବଂ ୱେବ୍ ପୋର୍ଟାଲ୍ ଆଦି ବ୍ୟବସ୍ଥା ମଧ୍ୟ ରହିଛି। ଏଭଳି ପ୍ରତିକ୍ରିୟାକୁ ନେଇ ସରକାରୀ ସ୍ୱାସ୍ଥ୍ୟସେବାକୁ ଅଧିକ ଲୋକାଭିମୁଖୀ ଓ ଦକ୍ଷତା ସମ୍ପନ୍ନ କରିବାକୁ ଉଦ୍ୟମ କରାଯାଇଥାଏ। ୱେବ୍‌ସାଇଟ୍: http://meraaspataal.nhp.gov.in/

**ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ କର୍ତ୍ତୃପକ୍ଷ**

ଖାଦ୍ୟ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବିଭିନ୍ନ ପକ୍ଷଙ୍କ ସୁବିଧା ସକାଶେ ଏହି କର୍ତ୍ତୃପକ୍ଷ ଅନ୍‌ଲାଇନ୍ ପଞ୍ଜିକରଣ, ଅନୁମୋଦନ ଆଦି ପ୍ରଦାନ କରିବାର ବ୍ୟବସ୍ଥା କରିଛନ୍ତି। ୱେବ୍‌ସାଇଟ୍: http://www.fssai.gov.in

**ଜାତୀୟ ଅଙ୍ଗ ଓ ଟିସୁ ପ୍ରତ୍ୟାରୋପଣ ସଂସ୍ଥା**

ଜନସାଧାରଣଙ୍କ ମଧ୍ୟରେ ଅଙ୍ଗଦାନ ପାଇଁ ଆଗ୍ରହ ସୃଷ୍ଟି ସକାଶେ ଏହି ସଂସ୍ଥା ୱେବ୍‌ସାଇଟ୍ ମାଧ୍ୟମରେ ବିଭିନ୍ନ ସୁବିଧା ସୃଷ୍ଟି କରିଛି। ସେଗୁଡ଼ିକ ମଧ୍ୟରେ ଅଙ୍ଗଦାନ/ପ୍ରତ୍ୟାରୋପଣ ପାଇଁ ଅନ୍‌ଲାଇନ୍ ପଞ୍ଜିକରଣର ବ୍ୟବସ୍ଥା ଅନ୍ତର୍ଭୁକ୍ତ।

ୱେବ୍‌ସାଇଟ୍:http://www.notto.nic.in/

ମୋବାଇଲ୍ ଯୋଗାଯୋଗ ବ୍ୟବସ୍ଥାକୁ ଆହୁରି ବ୍ୟାପକ କରିବା ପାଇଁ ଅନେକଗୁଡ଼ିଏ ମୋବାଇଲ୍ ଆପ୍ ଆରମ୍ଭ କରାଯାଇଛି। ସେଗୁଡ଼ିକ ହେଲା-

**ଭ୍ୟାକ୍ସିନ୍ ଟ୍ରାକର-(ଇନ୍ଦ୍ରଧନୁଶ୍ ଟିକାକରଣ କାର୍ଯ୍ୟକ୍ରମ):** ଏହା ମାଧ୍ୟମରେ ପିତାମାତାଙ୍କୁ ସେମାନଙ୍କ ସନ୍ତାନସନ୍ତତିଙ୍କ ଟିକାକରଣ ସମ୍ପର୍କରେ ସହାୟତା ପ୍ରଦାନ କରାଯାଏ।

ଗୁଗଲ୍ ପ୍ଲେ- http://www.nhp.gov.in/nhp-indradhanush_pg and https://play.google.com/store/apps/details?id=com.nhp.ui&hl=en

**ଏନ୍‌ଏଚ୍‌ପି ସ୍ୱାସ୍ଥ୍ୟ ଭାରତ:** ଏହା ଏକ ଆଣ୍ଡ୍ରଏଡ୍ ଆଧାରିତ ମୋବାଇଲ୍ ଆପ୍ଲିକେସନ୍ ଏବଂ ଏହାକୁ ଆଣ୍ଡ୍ରଏଡ୍ ଓଏସ୍ ୨.୩ ଭର୍ସନ୍ ଥିବା ଯେକୌଣସି ହ୍ୟାଣ୍ଡସେଟ୍‌ରେ ଇନ୍‌ଷ୍ଟଲ୍ କରିହେବ।

ସଠିକ୍ ସ୍ୱାସ୍ଥ୍ୟ ସୂଚନା ପାଇବା ହେଉଛି ନାଗରିକଙ୍କ ପ୍ରାଥମିକ ଅଧିକାର। ସ୍ୱାସ୍ଥ୍ୟସେବାର ସୁଫଳ ପାଇଁ ସାମାଜିକ ସ୍ତରରେ ସ୍ୱାସ୍ଥ୍ୟ ସୂଚନା ପ୍ରଦାନ କରିବା ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ। ଏହାର ଅଭାବରେ ସମାଜର ରୋଗ ବୋଝ ବଢ଼ିଯାଏ। ଏହି ଦୃଷ୍ଟିରୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ତରଫରୁ ଏହି ଆପ୍‌ଟିର ଶୁଭାରମ୍ଭ କରାଯାଇଛି। ଏହାଦ୍ୱାରା ଜନସାଧାରଣଙ୍କୁ ନିର୍ଭରଯୋଗ୍ୟ ଓ ଯୁକ୍ତିଯୁକ୍ତ ସ୍ୱାସ୍ଥ୍ୟ ସୂଚନା ମିଳିପାରୁଛି। ୱେବ୍‌ସାଇଟ୍: http://www.nhp.gov.in/nhp-swasth-bharat_pg

**ଜନନୀ ଓ ଶିଶୁଙ୍କ ପାଇଁ ଆପ୍:**

ଏହା ମାଧ୍ୟମରେ ଗର୍ଭାବସ୍ଥା ପୂର୍ବ ଓ ପରବର୍ତ୍ତୀ ସେବା ପ୍ରଦାନ ଓ ଶିଶୁ ଟିକାକରଣ ସୁନିଶ୍ଚିତ କରିବା ସକାଶେ ବ୍ୟବସ୍ଥା କରାଯାଇଛି। ଶିଶୁ ଓ ମାତୃ ମୃତ୍ୟୁହାର ରୋକିବା ହେଉଛି ଏହାର ଉଦ୍ଦେଶ୍ୟ। ଏହା ବ୍ୟତୀତ ସ୍ୱାସ୍ଥ୍ୟ ସମ୍ପର୍କିତ ବିଭିନ୍ନ ବାର୍ତ୍ତା ମଧ୍ୟ ଏହି ଆପ୍ ମାଧ୍ୟମରେ ପ୍ରଦାନ କରାଯାଉଛି। ବର୍ତ୍ତମାନ ସୁଦ୍ଧା ସମ୍ପୃକ୍ତ ପୋର୍ଟାଲ୍‌ରେ ୧୨ କୋଟି ଗର୍ଭବତୀ ମହିଳା ଓ ୧୧ କୋଟି ଶିଶୁ ପଞ୍ଜୀକୃତ ହୋଇସାରିଛନ୍ତି। ୱେବ୍‌ସାଇଟ୍: http://www.rch.nhm.gov.in/

**କିଲ୍‌କାରୀ:**

ଏହି କାର୍ଯ୍ୟକ୍ରମ ଅଧୀନରେ ସମ୍ପୃକ୍ତ ପରିବାରର ବ୍ୟକ୍ତିଙ୍କ ଗର୍ଭାବସ୍ଥା, ଶିଶୁ ଜନ୍ମ ଓ ଶିଶୁ ଯତ୍ନ ସମ୍ପର୍କରେ ମୋବାଇଲ୍ ଫୋନ୍ ମାଧ୍ୟମରେ ନିଃଶୁଳ୍କ ସାପ୍ତାହିକ ସମୟୋପଯୋଗୀ ୭୨ଟି ଶ୍ରାବ୍ୟ ବାର୍ତ୍ତା ପ୍ରଦାନ କରାଯାଇଥାଏ। ଉତ୍ତରାଖଣ୍ଡ, ଉତ୍ତରପ୍ରଦେଶ, ରାଜସ୍ଥାନ, ଓଡ଼ିଶା, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ, ହିମାଚଳପ୍ରଦେଶ, ହରିଆଣା, ଛତିଶଗଡ଼ ଓ ବିହାର ରାଜ୍ୟର ହିତାଧିକାରୀଙ୍କ ପାଖକୁ ପ୍ରାୟ ୬ କୋଟି ଏଭଳି କଲ୍ ସଫଳତାର ସହ କରାଯାଇସାରିଛି।

**ଯକ୍ଷ୍ମା ରୋଗୀ ପର୍ଯ୍ୟବେକ୍ଷଣ ବ୍ୟବସ୍ଥା 'ନିକ୍ଷୟ':**

ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ଯକ୍ଷ୍ମା ରୋଗୀଙ୍କ ଉପଚାର ସୁନିଶ୍ଚିତ କରିବା। ସମସ୍ତ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ଏହି କାର୍ଯ୍ୟକ୍ରମ ଅଧୀନରେ ପ୍ରାୟ ୮୦ ଲକ୍ଷ ରୋଗୀ ପଞ୍ଜୀକୃତ ହୋଇଛନ୍ତି। ଅପହଞ୍ଚ ଯକ୍ଷ୍ମା ରୋଗୀଙ୍କୁ ପରାମର୍ଶ ଓ ଉପଚାର ଯୋଗାଇବା ପାଇଁ ଏକ ନିଃଶୁଳ୍କ ମିସ୍‌ଡ କଲ୍ ସେଣ୍ଟର ରହିଛି, ଯାହାର ନମ୍ବର ହେଉଛି- ୧୮୦୦-୧୧-୬୬୬୬।

**ଟବାକୋ ନିୟନ୍ତ୍ରଣ କାର୍ଯ୍ୟକ୍ରମ:**

୦୧୧-୨୨୯୦୧୭୦୧ ଟେଲିଫୋନ୍ ନମ୍ବରକୁ ଫୋନ୍ କରି କୌଣସି ଧୂମପାନ ଆସକ୍ତ ବ୍ୟକ୍ତି ଏହି ନିଶାରୁ ନିବୃତ୍ତ ରହିବା ସକାଶେ ଆବଶ୍ୟକ ସହଯୋଗ ଓ ପରାମର୍ଶ ପାଇପାରିବେ। ଏଯାବତ୍ ଏହି ନମ୍ବରକୁ ୨୦ ଲକ୍ଷ କଲ୍ ଆସିଛି ଏବଂ ୧୫ ଲକ୍ଷ ଲୋକ ପଞ୍ଜୀକୃତ ହୋଇଛନ୍ତି। ୱେବ୍‌ସାଇଟ୍: http://www.nhp.gov.in/quit-tobacco

**ଚିକିତ୍ସାଳୟ ସୂଚନା ସେବା:**

ଏହି କାର୍ଯ୍ୟକ୍ରମ ଅଧୀନରେ ବିଭିନ୍ନ ଚିକିତ୍ସା ପ୍ରକ୍ରିୟାଗୁଡ଼ିକର ଯାନ୍ତ୍ରିକୀକରଣ କରାଯାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ସେବା ଯୋଗାଣରେ ଅଧିକ ଦକ୍ଷତା ଅଣାଯାଇପାରୁଛି। ଏହି କାର୍ଯ୍ୟକ୍ରମର ଦୁଇଟି ପ୍ରମୁଖ ଅଂଶ ହେଉଛି ଏନ୍‌ଆଇସି ଦ୍ୱାରା ବିକଶିତ ଇ-ହସ୍ପିଟାଲ। ଆଜି ସୁଦ୍ଧା ୧୦୦ଟି ହସ୍ପିଟାଲରେ ଏହି ପ୍ଲାଟ୍‌ଫର୍ମ କାର୍ଯ୍ୟକାରୀ ହେଉଛି ଏବଂ C-DAC ନୋଏଡା ଦ୍ୱାରା ବିକଶିତ ଇ-ଶୁଶ୍ରୁତ ଆପ୍ ବର୍ତ୍ତମାନ ରାଜସ୍ଥାନର ୮୦ଟି ଚିକିତ୍ସାଳୟ ସମେତ ଅନ୍ୟାନ୍ୟ ରାଜ୍ୟର ୧୫ଟି ହସ୍ପିଟାଲରେ କାମ କରୁଛି।

*ଉତ୍ସ: https://mohfw.gov.in/about-us/departments*











ପ୍ରକାଶନ ବିଭାଗ
ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ
ଭାରତ ସରକାର
ସୂଚନା ଭବନ, ସଜିଓ କମ୍ପ୍ଲେକ୍ସ, ଲୋଧି ରୋଡ୍ ନୂଆଦିଲ୍ଲୀ-୧୧୦୦୦୩
ୱେବ୍‌ସାଇଟ୍: **www.publicationsdivisions.nic.in**
ପୁସ୍ତକ କ୍ରୟ ପାଇଁ ଯୋଗାଯୋଗ ଠିକଣା
ଫୋନ୍ ନଂ: ୦୧୧-୨୪୩୬୭୨୬୦, ୨୪୩୬୫୬୧୦
ଇ-ମେଲ୍: **businesswng@gmail.com**

## ସାମ୍ପ୍ରତୀକି

# ସିଟି ଗ୍ୟାସ୍ ବିତରଣରେ ପୁଞ୍ଜି ନିବେଶ ପାଇଁ ରୁଷକୁ ଆମନ୍ତ୍ରଣ



ରୁଷର ଉପ-ପ୍ରଧାନମନ୍ତ୍ରୀ ଏଚ୍.ଇ ୟୁରି ପି ତୃଟନେଭ ଏବଂ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ମଧ୍ୟରେ ଜୁନ୍ ୧୯ ତାରିଖରେ ନୂଆଦିଲ୍ଲୀରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଭାରତ ଏବଂ ରୁଷ ମଧ୍ୟରେ ତୈଳ ଏବଂ ଗ୍ୟାସ କ୍ଷେତ୍ରରେ ନୂଆ ସମ୍ଭାବନା ଖୋଜିବା ସହ ସହଯୋଗ ପାଇଁ ଗୁରୁତ୍ୱଆରୋପ କରାଯାଇଥିଲା ।

ଆଗାମୀ ଦିନରେ ଭାରତରେ ସିଟି ଗ୍ୟାସ ବିତରଣରେ ପୁଞ୍ଜି ନିବେଶ କରିବା ପାଇଁ ରୁଷର କମ୍ପାନୀ ମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା ବୋଲି ଟ୍ୱିଟର ମାଧ୍ୟମରେ ଶ୍ରୀ ପ୍ରଧାନ ଜଣାଇଛନ୍ତି । ଏହାସହ ଭାରତ ତୈଳ ଏବଂ ଗ୍ୟାସ କ୍ଷେତ୍ରରେ ରୁଷରେ ପୁଞ୍ଜି ନିବେଶ କରିବା ପାଇଁ ଇଚ୍ଛୁକ ଥିବା ମଧ୍ୟ ବୈଠକରେ ଆଲୋଚିତ ହୋଇଥିଲା । ପୂର୍ବ ରୁଷରୁ ଭାରତର ପୂର୍ବତଟ ପର୍ଯ୍ୟନ୍ତ ନୌ-ମାର୍ଗ ପ୍ରତିଷ୍ଠା ହେଲେ ଉର୍ଜା କ୍ଷେତ୍ରରେ ନୂଆ ସୁଯୋଗ ସୃଷ୍ଟି କରାଯାଇପାରିବ ବୋଲି ବୈଠକରେ ଆଲୋକପାତ କରାଯାଇଥିଲା । ଏହାବ୍ୟତିତ ଏହି ବୈଠକରେ ରୁଷର ଉପ-ପ୍ରଧାନମନ୍ତ୍ରୀ ଏଚ.ଇ ତୃଟନେବ ସେପ୍ଟେମ୍ବର ୧୯ରେ ଭ୍ଲାଡିଭୋଷ୍ଟୋକରେ ଅନୁଷ୍ଠିତ ହେବାକୁ ଥିବା ୫ତମ ଇଷ୍ଟର୍ଣ୍ଣ ଇକୋନୋମିକ ଫୋରମ ଉପରେ ଅବଗତ କରାଇଥିଲେ ।

# ଭାରତ-ସାଉଦି ସମ୍ପର୍କ ବୃଦ୍ଧି ପାଇଁ ଉଦ୍ୟମ

ଗତ ଜୁନ୍ ମାସରେ ଭାରତ ଏବଂ ସାଉଦି ଆରବିଆ ମଧ୍ୟରେ ଶକ୍ତି କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇଁ ସାଉଦି ଶକ୍ତି, ଶିଳ୍ପ ଏବଂ ଖଣିଜ ସଂପଦ ମନ୍ତ୍ରୀ ଡ଼. ଖାଲିଦ୍ ଅଲ୍-ଫେଲିଙ୍କ ସହ ଟେଲିଫୋନ ଯୋଗେ ଆଲୋଚନ କରିଥିଲେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ। ହାଇଡ୍ରୋକାର୍ବନ କ୍ଷେତ୍ରରେ ଅଧିକ ସହଯୋଗ ସହ ଉଭୟ ଦେଶ ମଧ୍ୟରେ ରଣନୈତିକ ସଂର୍ପକକୁ ମଜଭୂତ କରିବା ପାଇଁ ପଦକ୍ଷେପ ନେଇ ଉଭୟ ମନ୍ତ୍ରୀ ସହମତି ପ୍ରକାଶ କରିଛନ୍ତି।

ବିଶ୍ୱ ଭୌଗଳିକ-ରାଜନୈତିକ ପରିସ୍ଥିତି ଏବଂ ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ନେଇ ଶ୍ରୀ ପ୍ରଧାନ ଭାରତର ଉଦ୍‌ବେଗ ସଂର୍ପକରେ ଅବଗତ କରାଇ ଥିଲେ। ଓପେକ ଏବଂ ଓପେକ ପ୍ଲାସ୍ ରାଷ୍ଟ୍ର ସମୂହ ସହ କଥାବାର୍ତା ଆଧାରରେ ଅଶୋଧିତ ତୈଳ ମୂଲ୍ୟକୁ ନିୟନ୍ତ୍ରଣରେ ରଖିବା ପାଇଁ ସାଉଦି ଆରବିଆ ଗୁରୁତ୍ୱ ଦେବା ନେଇ ଶ୍ରୀ ପ୍ରଧାନ ଆଲୋଚନ କରିଛନ୍ତି।

ଭାରତ ଶକ୍ତି କ୍ଷେତ୍ରରେ ସାଉଦି ଆରବିଆ ଯୋଗଦାନ ସହ ଦୁଇ ଦେଶ ମଧ୍ୟରେ ଥିବା ଦ୍ୱିପାକ୍ଷିକ ସଂର୍ପକ ମଜଭୁତ ହେବାନେଇ ଶ୍ରୀ ପ୍ରଧାନ ଗୁରୁତ୍ୱାରୋପ କରିଛନ୍ତି। ତୈଳ କ୍ଷେତ୍ରରେ ସାଉଦିର ପୁଞ୍ଜି ନିବେଶର ଟେଲିଫୋନ ଯୋଗେ ସମିକ୍ଷା କରିଥିଲେ ଦୁଇ ମନ୍ତ୍ରୀ । ହାଇଡ୍ରକାର୍ବନ କ୍ଷେତ୍ରରେ କ୍ରେତା-ବିକ୍ରେତାର ସଂର୍ପକକୁ ଉଭୟ ଦେଶ ଉପରକୁ ଉଠି ଏବଂ ସମନ୍ନିତ ସଂର୍ପକ ପ୍ରତିଷ୍ଠା ଦିଗରେ ଗୁରୁତ୍ୱାରୋପ କରିଛନ୍ତି ଦୁଇ ମନ୍ତ୍ରୀ।

# ନୂଆଦିଲ୍ଲୀରେ କେନ୍ଦ୍ରମନ୍ତ୍ରୀ ଓ ଓଡିଶା ମୁଖ୍ୟମନ୍ତ୍ରୀଙ୍କ ସାକ୍ଷାତ

ଆଗାମୀ ଦିନରେ ଓଡିଶାର ବିକାଶ ତଥା ସାଢେ ୪ କୋଟି ଓଡିଆଙ୍କ କଲ୍ୟାଣ ପାଇଁ ରାଜ୍ୟ ଓ କେନ୍ଦ୍ର ଉଭୟ ସରକାର ମିଶି କିପରି କାମ କରିବେ ସେ ନେଇ ସବିଶେଷ ଆଲୋଚନା କରାଗଲା ବୋଲି ନୂଆଦିଲ୍ଲୀ ସ୍ଥିତ ଓଡିଶା ଭବନରେ ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଆଲୋଚନା କରିବା ପରେ ଗଣମାଧ୍ୟମକୁ କହିଛନ୍ତି କେନ୍ଦ୍ର ପେଟ୍ରୋଲିୟମ ଓ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଗଣମାଧ୍ୟମର ବିଭିନ୍ନ ପ୍ରଶ୍ନର ଉତ୍ତରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଇସ୍ପାତ ବିଭାଗ ସହିତ ଓଡିଶାର ସମ୍ପର୍କ ବହୁ ପୁରୁଣା । ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକ କେନ୍ଦ୍ରରେ ଇସ୍ପାତ ବିଭାଗର ଦାୟିତ୍ୱରେ ଥିଲେ । ଓଡିଶାର ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ କେନ୍ଦ୍ର ସରକାରର ପ୍ରଶାସନିକ ଦାୟିତ୍ୱ ଇସ୍ପାତ ଓ ଖଣି ବିଭାଗରୁ ଆରମ୍ଭ କରିଥିଲେ । ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ ଓଡିଶା ଗୋଟିଏ ଇସ୍ପାତ ଉତ୍ପାଦନକାରୀ ରାଜ୍ୟ । ଇସ୍ପାତ ପଲିସିରେ ୩୦୦ ମିଲିୟନ ମେଟ୍ରିକ୍ ଟନ୍ ଷ୍ଟିଲ ଉତ୍ପାଦନ ହେବା ଲକ୍ଷ୍ୟ ରଖାଯାଇଥିବାବେଳେ ସେଥିମଧ୍ୟରୁ କେବଳ ଓଡିଶାରୁ ୧୦୦ ମିଲିୟନ ମେଟ୍ରିକ ଟନ ଷ୍ଟିଲ ଉତ୍ପାଦନ ହେବ ବୋଲି ପଲିସିରେ ଉଲ୍ଲେଖ ଅଛି । ଏ ସମ୍ପର୍କରେ ଅନୁଧ୍ୟାନ କରାଯାଉଥିବା ବେଳେ ଆଗାମୀ ଦିନରେ ବିଶେଷତଃ ଓଡିଶା ପାଇଁ କଣ କରାଯାଇପାରିବ ସେ ନେଇ ଉଦ୍ୟମ କରାଯିବ ବୋଲି ଶ୍ରୀ ପ୍ରଧାନ ଗଣମାଧ୍ୟମକୁ କହିଛନ୍ତି ।

କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ଆଜିର ଆଲୋଚନାରେ ସାମୁଦ୍ରିକ ବାତ୍ୟା ଫନୀ କ୍ଷୟକ୍ଷତି ସମ୍ପର୍କରେ ରାଜ୍ୟ ସରକାରଙ୍କ ଅପେକ୍ଷାକୁ ଭାରତ ସରକାର ପୂରା କରିବାର ଦାୟିତ୍ୱ ଉପରେ ଆଲୋଚନା କରାଯାଇଥିଲା ।

ସେହିପରି ଓଡିଆ ଲୋକଙ୍କ ସେବା କରିବା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିଜସ୍ୱ ଦାୟିତ୍ୱ ଅଛି । ସେହି ଦାୟିତ୍ୱ ଗୁଡିକୁ ଯେପରି ଅଧିକ ସମନ୍ୱୟ ଆଧାରରେ ପୂରା କରାଯାଇପାରିବ ସେ ବିଷୟରେ ଆଲୋଚନା କରାଗଲା ବୋଲି ସେ କହିଛନ୍ତି ।

## ଆନ୍ତର୍ଜାତିକ ନିଶା ନିବାରଣ ଦିବସ

ଆନ୍ତର୍ଜାତିକ ନିଶା ନିବାରଣ ଦିବସ ବା ନିଶାଦ୍ରବ୍ୟ ଏବଂ ଅବୈଧ ଚାଲାଣ ବିପକ୍ଷରେ ଆନ୍ତର୍ଜାତିକ ନିଶା ନିବାରଣ ଦିବସ ପ୍ରତିବର୍ଷ ଜୁନ୍ ୨୬ ତାରିଖରେ ପାଳନ କରାଯାଏ । ଏଥିପାଇଁ ଓଡ଼ିଶାରେ ୩୯ଟି ଇଣ୍ଟିଗ୍ରେଟେଡ୍ ରିହାବିଲିଟେସନ୍ ସେଣ୍ଟର ଫର୍ ଏଡିକ୍ଟସ୍ ଅର୍ଥାତ୍ ନିଶାଶକ୍ତ ବ୍ୟକ୍ତିଙ୍କ ଥଇଥାନ ପାଇଁ ସମନ୍ୱିତ କେନ୍ଦ୍ର ୨୯ଟି ଜିଲ୍ଲାରେ କାମ କରୁଛି । ସାମାଜିକ ସୁରକ୍ଷା ଏବଂ ସଶକ୍ତିକରଣ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଅନ୍ତର୍ଗତ ରିଜିଓନାଲ୍ ରିସର୍ଚ୍ଚ ଟ୍ରେନିଂ ସେଣ୍ଟର ଏହି କେନ୍ଦ୍ରଗୁଡ଼ିକୁ ତଦାରଖ କରିବା ସହ ସେମାନଙ୍କ ଦକ୍ଷତା ବିକାଶ ଏବଂ ନିଶା ନିବାରଣ ପାଇଁ ଅନେକ ସଚେତନତା କାର୍ଯ୍ୟକ୍ରମ ହାତକୁ ନେଇଥାନ୍ତି ।

## ଓଡ଼ିଶାରେ ଧାନ ସଂଗ୍ରହ

ଓଡ଼ିଶାରେ ସମୀକ୍ଷା ବୈଠକରୁ ଜଣାପଡ଼ିଛି ଯେ, ଚଳିତ ରବି ଋତୁ ପାଇଁ ଧାନ ସଂଗ୍ରହଣର ଧାର୍ଯ୍ୟ ଲକ୍ଷ୍ୟ ୧୩,୪୨,୮୫୪.୭୪୮ ମେଟ୍ରିକ୍ ଟନ୍ ଥିବାବେଳେ ଜୁନ୍ ୨୨ ତାରିଖ ସୁଦ୍ଧା ୧୨,୪୨,୭୬୮.୯୫ ମେଟ୍ରିକ୍ ଟନ୍ ଧାନ ପ୍ୟାକ୍ସଗୁଡ଼ିକ ଦ୍ୱାରା କ୍ରୟ କରାଯାଇଛି, ଯାହା ଧାର୍ଯ୍ୟ ଲକ୍ଷ୍ୟର ୯୩ ପ୍ରତିଶତ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଗତ ୨୦୧୭-୧୮ ରବି ଧାନ ସଂଗ୍ରହଣ ଋତୁରେ ୧୧,୬୪,୮୨୪ ମେଟ୍ରିକ୍ ଟନ୍ ଧାର୍ଯ୍ୟ ଲକ୍ଷ୍ୟ ଥିବାବେଳେ ଏହି ସମୟ ସୁଦ୍ଧା ୧୦,୧୬,୪୭୬.୫୧୦ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରାଯାଇଥିଲା, ଯାହା ଧାର୍ଯ୍ୟ ଲକ୍ଷ୍ୟର ୮୭ ପ୍ରତିଶତ ଥିଲା ।

# ଆନ୍ତର୍ଜାତିକ ଯୋଗ ଦିବସ



ସାରା ବିଶ୍ୱରେ ଯୋଗ ଗୋଟିଏ ଜନଆନ୍ଦୋଳନରେ ପରିଣତ ହୋଇସାରିଛି ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଗତ ଜୁନ୍ ୨୧ ତାରିଖରେ ନୂଆଦିଲ୍ଲୀର ତାଲକୋଟା ଷ୍ଟାଡିୟମରେ ଅନୁଷ୍ଠିତ ଆନ୍ତର୍ଜାତୀୟ ଯୋଗ ଦିବସରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ, ସାଧାରଣ ଲୋକମାନଙ୍କ ସହ ମିଶି ଯୋଗ କରିଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ, ଭାରତବର୍ଷର ହଜାର ହଜାର ବର୍ଷର ଏହି ସଂସ୍କୃତି ଓ ପରମ୍ପରା ବିଶ୍ୱରେ ଆଦୃତ ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ କାରଣରୁ ସାରା ବିଶ୍ୱ ଆଜି ଏହାକୁ ସ୍ୱୀକୃତି ଦେଇଛି। ୟୁଏନ ମଧ୍ୟ ଆଜିର ଦିନକୁ ବିଶ୍ୱ ଯୋଗଦିବସ ଭାବେ ପାଳନ କରୁଛି । ଭାରତ ଏହାର ନେତୃତ୍ୱ ନେଉଛି। ରୋଗ ପ୍ରତିରୋଧ କ୍ଷେତ୍ରରେ ଯୋଗ ଏକ ଉପକ୍ରମ ବୋଲି କହିଛନ୍ତି ଶ୍ରୀ ପ୍ରଧାନ।

# କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ପ୍ରୟାସ ଯୋଗୁଁ ୧୦ ଓଡ଼ିଆ ଶ୍ରମିକ ହେଲେ ଉଦ୍ଧାର

କେନ୍ଦ୍ର ପେଟ୍ରୋଲିୟମ ଓ ଇସ୍ପାତ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ହସ୍ତକ୍ଷେପ ପରେ ସାଉଦି ଆରବରେ ଫସିରହିଥିବା ସମସ୍ତ ୧୦ ଜଣ ଓଡିଆ ଶ୍ରମିକ ବୈଦେଶିକ ମନ୍ତ୍ରାଳୟ ସହଯୋଗରେ ସୁରକ୍ଷିତ ଭାବେ ଉଦ୍ଧାର ହୋଇ ଗତ ଜୁନ୍ ୨୬ ତାରିଖରେ ଦିଲ୍ଲୀ ଫେରିଛନ୍ତି। ନୂଆଦିଲ୍ଲୀ ସ୍ଥିତ ସରକାରୀ ବାସଭବନରେ ସମସ୍ତ ଓଡିଆ ଶ୍ରମିକଙ୍କୁ ଶ୍ରୀ ପ୍ରଧାନ ସ୍ୱାଗତ କରିବା ସହ ଉଦ୍ଧାର କାର୍ଯ୍ୟ ପାଇଁ କେନ୍ଦ୍ର ବୈଦେଶିକ ବ୍ୟପାର ମନ୍ତ୍ରୀ ଶୁଭ୍ରମଣ୍ୟମ ଜୟଶଙ୍କର ଏବଂ ଦୁବାଇ ସ୍ଥିତ ଭାରତୀୟ ଦୂତବାସକୁ ଧନ୍ୟବାଦ ଜଣାଇଛନ୍ତି।

ଏ ସମ୍ପର୍କିତ ପ୍ରଶ୍ନରେ ଶ୍ରୀ ପ୍ରଧାନ ଗଣମାଧ୍ୟମକୁ କହିଛନ୍ତି ଯେ ଓଡିଶାର ଖୋର୍ଦ୍ଧା, ନୟାଗଡ ଓ ଗଞ୍ଜାମ ଜିଲ୍ଲାର ୧୦ ଜଣ ଓଡିଆ ଶ୍ରମିକଙ୍କୁ ଦୁବାଇର ଶାରଜାହାଁରେ ରଡ ବାନ୍ଧିବା କାମରେ ଲଗାଯାଇଥିଲା । ଅଧିକ ରୋଜଗାର କରିବା ଆଶାରେ ସେମାନେ ଦୁବାଇକୁ ଯାଇଥିଲେ । ସେମାନଙ୍କୁ ସେଠାରେ ନିର୍ଯ୍ୟାତନା ଦିଆଯାଉଥିବା ଗଣମାଧ୍ୟମରୁ ସୂଚନା ମିଳିବା ପରେ ଏ ସମ୍ପର୍କରେ ସେ ନବନିଯୁକ୍ତ ବୈଦେଶିକ ମନ୍ତ୍ରୀ ଏସ.ଜୟଶଙ୍କରଙ୍କୁ ପତ୍ର ଲେଖିଥିଲେ । ଶ୍ରୀ ଜୟଶଙ୍କର ଖୋଦ୍ ଏହାକୁ ତଦାରଖ କରୁଥିଲେ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ଭାରତୀୟମାନେ ବିଭିନ୍ନ ମଧ୍ୟସ୍ଥି ମାନଙ୍କ ନେତୃତ୍ୱରେ କିମ୍ବା ଦଲାଲ ମାନଙ୍କ ହାବୁଡରେ ପଡି ବିଦେଶରେ ଫସି ରହି ଅସୁବିଧାରେ ପଡୁଛନ୍ତି । ଭାରତୀୟ ଦୂତବାସ ଗୁଡିକ ବଡ ସକ୍ରିୟତା ସହକାରେ ସେମାନଙ୍କୁ ଉଦ୍ଧାର କରୁଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିଗତ ୫ ବର୍ଷ ହେବ ଏକ ସମ୍ବେଦନଶୀଳ ସରକାର ଭାରତବର୍ଷରେ ଦାୟିତ୍ୱରେ ରହିଛି। ପୁର୍ନବାର ମୋଦି ସରକାରକୁ ଦାୟିତ୍ୱ ମିଳିଥିବାରୁ ଅନେକ ସମ୍ବେଦନଶୀଳ ପଦକ୍ଷେପ ମଧ୍ୟରୁ ଏହା ଅନ୍ୟତମ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ।

ଉଲ୍ଲେଖନୀୟ ଯେ, ଗତ ୬ ତାରିଖରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦୁବାଇରେ ଫସି ରହିଥିବା ୧୦ ଓଡିଆ ଶ୍ରମିକଙ୍କ ଉଦ୍ଧାର ଲାଗି କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରୀ ଡାକ୍ତର ଶୁଭ୍ରମଣ୍ୟମ ଜୟଶଙ୍କରଙ୍କୁ ପତ୍ର ଲେଖି ଏହି ସମ୍ବେଦନଶୀଳ ଘଟଣାରେ ତାଙ୍କ ବ୍ୟକ୍ତିଗତ ଭାବେ ହସ୍ତକ୍ଷେପ କରି ଓଡିଆ ଯୁବକଙ୍କ ଉଦ୍ଧାର ପାଇଁ ଅନୁରୋଧ କରିଥିଲେ ।











**ପ୍ରକାଶନ ବିଭାଗ**

ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ

ଭାରତ ସରକାର

ସୂଚନା ଭବନ, ସଜିଓ କମ୍ପ୍ଲେକ୍ସ, ଲୋଧି ରୋଡ୍ ନୂଆଦିଲ୍ଲୀ-୧୧୦୦୦୩

ୱେବ୍‌ସାଇଟ୍: **www.publicationsdivisions.nic.in**

ପୁସ୍ତକ କ୍ରୟ ପାଇଁ ଯୋଗାଯୋଗ ଠିକଣା

ଫୋନ୍ ନଂ: ୦୧୧-୨୪୩୬୭୨୬୦, ୨୪୩୬୫୬୧୦

ଇ-ମେଲ୍: **businesswng@gmail.com**

# ସଂଘୀୟ ସହଯୋଗ ପାଇଁ ନୀତି ଆୟୋଗର
# ପରିଚାଳନା ପରିଷଦର ଗୁରୁତ୍ୱକୁ ରେଖାଙ୍କିତ କଲେ ପ୍ରଧାନମନ୍ତ୍ରୀ

ନୀତି ଆୟୋଗର ପରିଚାଳନା ପରିଷଦର ପଞ୍ଚମ ବୈଠକରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ଏହି ପରିଷଦକୁ ସଂଘୀୟ ସହଯୋଗ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ଭାବେ ଅଭିହିତ କରିଥିଲେ। ଏହି ଅବସରରେ ସେ ଦାରିଦ୍ର୍ୟ, ବେରୋଜଗାରୀ, ମରୁଡି ଓ ପ୍ରଦୂଷଣ ବିଷୟ ସମେତ ଭାରତର ଅଗ୍ରଗତିକୁ ପ୍ରତିହତ କରୁଥିବା ଏମିତି ସମସ୍ତ ବିଷୟ ବିରୋଧରେ ସାମୂହିକ ଭାବେ ସଂଗ୍ରାମ କରିବା ପାଇଁ ଆହ୍ୱାନ ଦେଇଥିଲେ। ୨୦୨୨ ମସିହା ସୁଦ୍ଧା ଏକ ନୂତନ ଭାରତର ନିର୍ମାଣ ଓ ୨୦୨୪ ମସିହା ସୁଦ୍ଧା ଭାରତକୁ ୫ ଟ୍ରିଲିଅନ୍ ଆମେରିକୀୟ ଡଲାର ଅର୍ଥନୀତି ଭାବେ ଗଢ଼ିତୋଳିବା ପାଇଁ ଦେଶର ସାମର୍ଥ୍ୟ ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ।

ରପ୍ତାନି ବୃଦ୍ଧି ସମେତ କର୍ମଯୋଗାଣ ସୁନିଶ୍ଚିତ କରିବା ପାଇଁ ଆବଶ୍ୟକ ପଦକ୍ଷେପଗୁଡ଼ିକୁ ସ୍ଥିର କରିବା ସକାଶେ ଏବଂ ଦେଶର ସକଳ ଘରୋଇ ଉତ୍ପାଦନରେ ନିଜ ନିଜର ଯୋଗଦାନ ବୃଦ୍ଧି ପାଇଁ ପ୍ରଧାନମନ୍ତ୍ରୀ ରାଜ୍ୟଗୁଡ଼ିକୁ ଆହ୍ୱାନ ଦେଇଥିଲେ। ଏହି ବୈଠକରେ ମୁଖ୍ୟମନ୍ତ୍ରୀମାନେ ଦେଇଥିବା ଗଠନମୂଳକ ପ୍ରସ୍ତାବ ଓ ଆଲୋଚନାକୁ ନିଷ୍ପତ୍ତି ନେବା ପ୍ରକ୍ରିୟାରେ ଗୁରୁତ୍ୱର ସହ ସାମିଲ୍ କରାଯିବ ବୋଲି ସେ କହିଥିଲେ।

ଜଳ ସଂରକ୍ଷଣ ପାଇଁ ବିଭିନ୍ନ ରାଜ୍ୟ ସରକାର ନେଉଥିବା ପଦକ୍ଷେପଗୁଡ଼ିକୁ ପ୍ରଶଂସା କରି ପ୍ରଧାନମନ୍ତ୍ରୀ ଜଳ ପରିଚାଳନାରେ ଅଭିନବ ଉପାୟ ଚିନ୍ତା କରିବାକୁ ରାଜ୍ୟଗୁଡ଼ିକୁ ଆହ୍ୱାନ ଦେଇଥିଲେ। ଜଳକୁ ବିକାଶର ଏକ ଗୁରୁତ୍ୱପୂର୍ଣ୍ଣ ସମ୍ପଦ ଭାବେ ବିବେଚନା କରିବା ସକାଶେ ଏକ ସାମଗ୍ରିକ ଦୃଷ୍ଟିଭଙ୍ଗୀ ପାଇଁ ଜଳ ଶକ୍ତି ମନ୍ତ୍ରଣାଳୟର ଗଠନ ଏକ ବିଶେଷ ପଦକ୍ଷେପ।




ଦେଶର କୃଷି ଅର୍ଥନୀତିରେ ବ୍ୟାପକ ପରିବର୍ତ୍ତନ ଆଣିବା ପାଇଁ ଆବଶ୍ୟକୀୟ ସଂସ୍କାରଧର୍ମୀ ପଦକ୍ଷେପ ନେବାକୁ ମଧ୍ୟ ସେ ଏହି ବୈଠକରେ ଆହ୍ୱାନ ଦେଇଥିଲେ। ଏସ୍‌ପିରେସନାଲ୍ ଡିଷ୍ଟ୍ରିକ୍ଟ ପ୍ରୋଗ୍ରାମ୍‌ର ସମୀକ୍ଷା କରାଯାଇଥିବା ଏହି ବୈଠକରେ ବାମପନ୍ଥୀ ଉଗ୍ରବାଦର ମୁକାବିଲା ଉପରେ ପ୍ରଧାନମନ୍ତ୍ରୀ ଜୋର୍ ଦେଇଥିଲେ। ସେ କହିଥିଲେ ଯେ ଏହି ଜିଲ୍ଲାଗୁଡ଼ିକ ବାମପନ୍ଥୀ ଉଗ୍ରବାଦରେ ବିଶେଷ ଭାବେ ପୀଡ଼ିତ। ସେ ପରିଷଦକୁ ପ୍ରତିଶ୍ରୁତି ଦେଇଥିଲେ ଯେ କେନ୍ଦ୍ର ସରକାର ପ୍ରଭାବିତ ରାଜ୍ୟ ସରକାରଙ୍କ ସହ ମିଶି ବାମପନ୍ଥୀ ଉଗ୍ରବାଦ ଓ ହିଂସାର ସମୂଳ ବିଲୋପ ସାଧନ ପାଇଁ ପ୍ରୟାସ ଜାରି ରଖିବେ ଏବଂ ସମ୍ପୃକ୍ତ ଅଞ୍ଚଳରେ ବିକାଶକୁ ତ୍ୱରାନ୍ୱିତ କରିବେ।

୨୦୨୨ ମସିହା ସୁଦ୍ଧା ସ୍ୱାସ୍ଥ୍ୟ କ୍ଷେତ୍ରରେ ଅନେକ ଲକ୍ଷ୍ୟ ନିର୍ଦ୍ଧାରଣ କାର୍ଯ୍ୟ କରିବାକୁ ଅଛି। ପ୍ରଧାନମନ୍ତ୍ରୀ କହିଥିଲେ ଯେ ୨୦୨୫ ମସିହା ସୁଦ୍ଧା ଯକ୍ଷ୍ମା ନିରାକରଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଯେଉଁ ରାଜ୍ୟ ସରକାରଗୁଡ଼ିକ ଏପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଏବଂ ଆୟୁଷ୍ମାନ ଭାରତ ଯୋଜନାରେ ସାମିଲ୍ ହୋଇନାହାନ୍ତି ସେମାନେ ତୁରନ୍ତ ଏଥିରେ ଯୋଗଦେବା ପାଇଁ ସେ ଆହ୍ୱାନ ଦେଇଥିଲେ। କେନ୍ଦ୍ର ସରକାରଙ୍କ 'ସବ୍‌କା ସାଥ୍, ସବ୍‌କା ବିଶ୍ୱାସ୍, ସବ୍‌କା ବିକାଶ' ଆଦର୍ଶ ଉପରେ ଜୋର୍ ଦେଇ ପ୍ରଧାନମନ୍ତ୍ରୀ କହିଥିଲେ ଯେ ସରକାରଙ୍କ ବିଭିନ୍ନ ଯୋଜନାର ସୁଫଳ କୌଣସି ସମ୍ପ୍ରଦାୟ ବା ଅଞ୍ଚଳ ମଧ୍ୟରେ ସୀମିତ ନରହି ସନ୍ତୁଳିତ ଭାବରେ ସମସ୍ତଙ୍କ ପାଖରେ ପହଞ୍ଚିପାରୁଛି।

କୃଷି କ୍ଷେତ୍ରରେ ଢାଞ୍ଚାଗତ ପରିବର୍ତ୍ତନ ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଥିବା କଥା ପ୍ରଧାନମନ୍ତ୍ରୀ କହିଥିଲେ। ସେ କହିଥିଲେ ଯେ ଭାରତ ବାଣିଜ୍ୟ କାରବାରରେ ସୁଗମତା ବା ଇଜ୍ ଅଫ୍ ଡୁଇଙ୍ଗ୍ ବିଜ୍‌ନେସ ଭଳି ବିଷୟରେ ବିଶ୍ୱସ୍ତରୀୟ ମାନକ ହାସଲ ପାଇଁ ଚେଷ୍ଟା କରୁଛି। ଦେଶର ଅର୍ଥନୀତିକୁ ୨୦୨୪ ମସିହା ସୁଦ୍ଧା ୫ ଟ୍ରିଲିଅନ୍ ଡଲାର ପର୍ଯ୍ୟନ୍ତ ପହଞ୍ଚାଇବାର ଲକ୍ଷ୍ୟ ସମ୍ପର୍କରେ ପ୍ରଧାନମନ୍ତ୍ରୀ ରାଜ୍ୟଗୁଡ଼ିକୁ ଆହ୍ୱାନ ଦେଇ କହିଥିଲେ ଯେ ସେମାନେ ନିଜ ନିଜର ଅର୍ଥନୀତିକୁ ଦୁଇରୁ ଅଢ଼େଇ ଗୁଣା ପର୍ଯ୍ୟନ୍ତ ବୃଦ୍ଧି କରିବା ଦିଗରେ କାର୍ଯ୍ୟ କରନ୍ତୁ, ଯଦ୍ଦ୍ୱାରା ସାଧାରଣ ବ୍ୟକ୍ତିଙ୍କ କ୍ରୟଶକ୍ତି ବୃଦ୍ଧି ପାଇବ। ରାଜ୍ୟଗୁଡ଼ିକ ନିଜ ନିଜର ରପ୍ତାନି କ୍ଷମତା ବୃଦ୍ଧି ପାଇଁ ମଧ୍ୟ କାର୍ଯ୍ୟ କରନ୍ତୁ ବୋଲି ସେ କହିଥିଲେ। ପ୍ରଧାନମନ୍ତ୍ରୀ ରାଜ୍ୟଗୁଡ଼ିକୁ ଧନ୍ୟବାଦ ଦେଇ କହିଥିଲେ ଯେ ଦେଶର ବିକାଶ ପାଇଁ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକ ସହ ମିଶି କାର୍ଯ୍ୟ କରିବାକୁ ଅତ୍ୟନ୍ତ ଆଗ୍ରହୀ।

**YOJANA (Odia) : Monthly** **July 2019** **RNI No. 57203/93**
**ISSN 0971-8346** **Total Number of Pages (56)**

# କେନ୍ଦ୍ରୀୟ ତଥା ରାଜ୍ୟ ସିଭିଲ୍ ସର୍ଭିସ୍
# ଆଶାୟୀ ପ୍ରତିଯୋଗୀମାନଙ୍କୁ ଏକ ଆହ୍ୱାନ

ସମ୍ମାନଜନକ ସିଭିଲ୍ ସର୍ଭିସ୍ ଓ ଅନ୍ୟାନ୍ୟ ନିଯୁକ୍ତି ସଂକ୍ରାନ୍ତ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ନିଜ ନିଜକୁ ଉପଯୁକ୍ତ ପ୍ରତିଯୋଗୀ ରୂପେ ଗଢ଼ିତୋଳନ୍ତୁ ।

## ଯୋଜନା ପଢ଼ନ୍ତୁ ଏବଂ ଜ୍ଞାନ ପରିସର ପରିବ୍ୟାପ୍ତ କରନ୍ତୁ ।

ଯୋଜନା, ଦେଶର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ପ୍ରତି ସମର୍ପିତ, ଜାତୀୟ ତଥା ସାମ୍ପ୍ରତିକ ଜ୍ୱଳନ୍ତ ସମସ୍ୟାବଳୀ, ଅର୍ଥନୈତିକ ଓ ସାମାଜିକ ବିକାଶ, କୃଷି, ଶିଳ୍ପ, ବାଣିଜ୍ୟ, ପରିବହନ, ଯୋଗାଯୋଗ, ଖାଉଟି ସୁରକ୍ଷା, ପରିବେଶ ସଂରକ୍ଷଣ, ପଞ୍ଚାୟତିରାଜ ଏବଂ ଗ୍ରାମ୍ୟ ଉନ୍ନୟନ ବିଷୟ ସାଙ୍ଗକୁ ସାଂସ୍କୃତିକ ତଥା ମହିଳା, ଯୁବ ଏବଂ ଶିଶୁ ବିକାଶ ଇତ୍ୟାଦି ବିଷୟରେ ସୁପ୍ରତିଷ୍ଠିତ ଗବେଷକ ତଥା ବିଶେଷଜ୍ଞମାନଙ୍କ ଦ୍ୱାରା ଲିଖିତ ବିଶ୍ଳେଷଣାତ୍ମକ ପ୍ରବନ୍ଧମାନ ପ୍ରକାଶ କରିଥାଏ । ଯୋଜନା ନିୟମିତ ପଠନ ଦ୍ୱାରା ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାର ପରୀକ୍ଷାର୍ଥୀ, ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ, ଗବେଷକ, ବୁଦ୍ଧିଜୀବୀ ତଥା ଜ୍ଞାନପିପାସୁ ସାଧାରଣ ପାଠକ ପାଠିକା ଉପକୃତ ହେଉଛନ୍ତି ।

### ଆପଣ ମଧ୍ୟ କାହିଁକି ଉପକୃତ ହେବେ ନାହିଁ ?

ଯୋଜନାର ଗ୍ରାହକ ହୁଅନ୍ତୁ ଏବଂ ନିଯୁକ୍ତି କ୍ଷେତ୍ର ଲାଗି ନିଜକୁ ଉପଯୁକ୍ତ ପ୍ରତିଯୋଗୀ ରୂପେ ଗଢ଼ି ତୋଳନ୍ତୁ ।

### ଓଡ଼ିଶାରେ ଯୋଜନା ପତ୍ରିକାର ମୁଖ୍ୟ ଏଜେଣ୍ଟ

● ଅକ୍ଷୟ କୁମାର ନାୟକ, ବସ୍‌ଷ୍ଟାଣ୍ଡ୍ ବୁକ୍ ଷ୍ଟଲ୍, ଭୁବନେଶ୍ୱର-୯ ● ମାଧବ ବୁକ୍ ଷ୍ଟୋର୍, ବାଦାମବାଡ଼ି, କଟକ-୯ ● ମୂର୍ତ୍ତି ନ୍ୟୁଜ୍ ଏଜେନ୍ସି, ଓଲ୍ଡ ବସ୍‌ଷ୍ଟାଣ୍ଡ୍, ବ୍ରହ୍ମପୁର, ଗଞ୍ଜାମ ● ଗାୟତ୍ରୀ ଭଣ୍ଡାର, ବସନ୍ତ ବିହାର, ଯୁବଲୀଟାଉନ୍, ଭାପୁର- ଶଙ୍କରପୁର ରୋଡ୍, ଢେଙ୍କାନାଳ ଏବଂ ସମସ୍ତ **Employment News** ବିକ୍ରେତା

### "ଯୋଜନା"ର ଗ୍ରାହକ ଦେୟ

ପ୍ରତି ଖଣ୍ଡ- ୨୨/-ଟଙ୍କା, ବାର୍ଷିକ- ୨୩୦/-ଟଙ୍କା, ଦ୍ୱିବାର୍ଷିକ- ୪୩୦/- ଟଙ୍କା, ତ୍ରୈବାର୍ଷିକ-୬୧୦/- ଟଙ୍କା, ବିଶେଷାଙ୍କ- ୩୦/-

### ଗ୍ରାହକ ଦେୟ ପଠାଇବା ଠିକଣା:

**Advertisement & Circulation Manager, YOJANA**
**Publications Division, Min. of I & B,**
**Soochna Bhawan, Room 48-53, CGO Complex, Lodi Road, New Delhi - 110003**
**The Subscription may by sent through IPO/MO or Bank Draft in favour of the**
**"Director, Publications Division, Ministry of Information & Broadcasting, New Delhi"**

**Printed and Published by Dr. Sadhana Rout, Director General & Head, on behalf of Publications Division, Ministry of I & B, Govt. of India, Published from Soochana Bhavan, CGO Complex, Lodhi Road, New Delhi-110003 and Printed at: M/s MGK Printing Works Pvt. Ltd. MGK House, 14, Rama Road, Nazafgarh Road Industrial Area, New Delhi-110015** **Editor : Dr. Girish Chandra Dash**